# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୯/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, January 29/2026 | Page 14 | ₹ 7.00

୫୨ଶ ଭାଗ ୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 66 | ମୂଲ୍ୟ ₹୭/-







# ୧୨ କୋଟିଆ ଗ୍ରାମ ଆନ୍ଧ୍ରର: ଜନସେନା

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆକୁ ନେଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସହ ସୀମା ବିବାଦ ଲାଗି ରହିଛି। ଏହି ପଞ୍ଚାୟତର ୧୨ ଗ୍ରାମକୁ ଆନ୍ଧ୍ରର ବୋଲି ଦାବି କରିଛି ସେହି ରାଜ୍ୟର ଜନସେନା ଦଳ। ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ନେତୃତ୍ୱାଧୀନ ଏହି ଦଳ ପକ୍ଷରୁ ମଙ୍ଗଳବାର କୋଟିଆ ପଞ୍ଚାୟତର ଉପରସେମ୍ଭିରେ ୧୨ ଗ୍ରାମର ଲୋକଙ୍କୁ ନେଇ ବୈଠକ କରାଯାଇଛି। ଗତ ୨୫ ତାରିଖରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କୋଟିଆ ଗସ୍ତକରି ବିଦ୍ୟୁତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ଦିନକ ପରେ ଆନ୍ଧ୍ରର ଏକ ରାଜନୈତିକ ଦଳ ଏଭଳି ଉପାୟରେ ଓଡ଼ିଶା ସରକାରଙ୍କୁ ଏକପ୍ରକାର ଚ୍ୟାଲେଞ୍ଜ କରିଛି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ନିୟମିତ ଭାବେ କୋଟିଆ ଗ୍ରାମପୁଞ୍ଜକୁ ଦଖଲ ପାଇଁ ଅଭିଯାନ ଜାରି ରହିଥିବାବେଳେ ସେମାନେ ବିଭିନ୍ନ ଯୋଜନା ଓ ପ୍ରଲୋଭନ ମାଧ୍ୟମରେ ସେଠାକାର ବାସିନ୍ଦାଙ୍କ ମନ ଜିଣିନେଉଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ନିକଟରେ କୋଟିଆ ପାଇଁ ୨୯୦ କୋଟିର ବିକାଶ ନକ୍ସା ଘୋଷଣା କରାଯାଇଥିବାବେଳେ ଦୁଇ ମାସ ମଧ୍ୟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟମନ୍ତ୍ରୀ ସିଂଦେଓ ସେଠାକୁ ଗସ୍ତ କରିଛନ୍ତି। କିନ୍ତୁ ଆନ୍ଧ୍ର ଅଧିକାରୀ, ଏଜେଣ୍ଟ ଓ ବିଭିନ୍ନ ସଂସ୍ଥା ଷଡ଼ଯନ୍ତ୍ର କରି ସେହି ଅଞ୍ଚଳକୁ ନିଜ ଭୂଖଣ୍ଡରେ ଦର୍ଶାଇବାକୁ ଲାଗିପଡ଼ିଛନ୍ତି।



ଉପରସେମ୍ଭିରେ ଆନ୍ଧ୍ରର ଜନସେନା ଦଳ ସଦସ୍ୟମାନେ କୋଟିଆର ୧୨ ଗ୍ରାମର ବାସିନ୍ଦାଙ୍କ ସହ ଆଲୋଚନା କରୁଛନ୍ତି।

**ପଟ୍ଟାଙ୍ଗି, ୨୮।୧ (ଶରତ କୁମାର ଧଳ)**

କୋଟିଆ ପଞ୍ଚାୟତର ଉପରସେମ୍ଭି ଗ୍ରାମରେ ୧୨ ଗ୍ରାମର ଲୋକଙ୍କୁ ଏକତ୍ର କରାଯାଇ ଜନସେନା ଦଳ ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରର ଗ୍ରାମଗୁଡ଼ିକ ଦୀର୍ଘ ବର୍ଷ ହେବ ରହିଯାଇଛି। ଏହା ଆନ୍ଧ୍ରର ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଦୃଷ୍ଟି ଆକର୍ଷଣକରି ସମାଧାନ ପାଇଁ ଦାବି କରିବ ବୋଲି ସୀମାନ୍ତବାସୀଙ୍କୁ ପ୍ରତିଶ୍ରୁତି ଦେଇଛି ଜନସେନା ଦଳ। ଗତ ଡିସେମ୍ବର ୧୯ରେ ଓଡ଼ିଶାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ☞ପୃଷ୍ଠା-୪

# ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ

## ■ ମମତା ବାରିଲେ ଷଡ଼ଯନ୍ତ୍ର ଗନ୍ଧ

**ବାରାମତି/ମୁମ୍ବାଇ/ନୂଆଦିଲ୍ଲୀ, ୨୮।୧**

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବୁଧବାର ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଫେବୃଆରୀ ୫ରେ ହେବାକୁ ଥିବା ପୁଣେ ଜିଲା ପରିଷଦ ନିର୍ବାଚନ ପ୍ରଚାର ପାଇଁ ଅଜିତ ମୁମ୍ବାଇରୁ ସକାଳେ ବିମାନ ଯାତ୍ରା କରିଥିଲେ। ତାଙ୍କ ସହ ଆଉ ୪ ଜଣ ଉକ୍ତ ବିମାନରେ ଥିଲେ। ତେବେ ଏୟାରକ୍ରାଫ୍ଟ ବାରାମତି ଏୟାରପୋର୍ଟରେ ଅବତରଣ କରିବା ଠିକ୍ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଫଳରେ ଅଜିତଙ୍କ ସହ ସେଥିରେ ଥିବା କ୍ୟାପ୍ଟେନ ସୁମିତ କୁମାର, କୋ-ପାଇଲଟ କ୍ୟାପ୍ଟେନ୍ ଶମ୍ଭାବୀ ପାଠକ, ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ଭିଦିପ ଯାଦବ ଓ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ପିଙ୍କି ମାଲି ପ୍ରାଣ ହରାଇଛନ୍ତି। ଅଜିତଙ୍କ କର୍ମଭୂମି ବାରାମତିରେ ଗୁରୁବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ☞ପୃଷ୍ଠା-୪



ଅଜିତ ପାୱାର

**ଆଜିର ସମ୍ପାଦକୀୟ** ରାମାୟଣରେ ସତୀ ସିଦ୍ଧାନ୍ତ


## KALINGA INSTITUTE OF INDUSTRIAL TECHNOLOGY (KIIT)

Deemed to be University

(Established U/S 3 of UGC Act 1956), Bhubaneswar, Odisha, India

A++ Grade Accredited by NAAC | THE World University Rankings 2026: 501+ Cohort Globally, 5th India Rank | QS World University Rankings 2026: 1st in Odisha, 9th in India among pvt. universities | nirf 2025: 17th Among Indian Universities | NBA Tier 1 Re-accredited by NBA | ABET (US) Accreditation | IET Accredited Programme, The Institute of Engineering and Technology | Special Consultative Status by the UN-ECOSOC | Partnership with UN VOLUNTEERS

KIITEE 2026

APPLY NOW

through KIIT Websites

www.kiitee.ac.in / www.kiit.ac.in

No Examination Fee (Computer-Based Test)



Scan to Apply

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes

[All 4 years Programmes are with Honors/Research]

B.Tech Programmes

- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication
- Biotechnology

UG Programmes in other Disciplines

- B.Design (Automobile/Graphic/Product)
- B.Design (Fashion / Textile)
- Integrated M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- B.Sc.(Fintech & Business Analytics)
- B.Sc.(Statistics & Data Analytics)
- BA LLB (Hons) (5 Years)
- BBA LLB (Hons) (5 Years)
- B.Sc LLB (Hons) (5 Years)

PG (1 year/2 years)/Integrated (5 years) Programmes

- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- MBA (2 Years)
- MBA-Rural Management (2 Years)
- MBA -Agribusiness (2 Years)
- Integrated M.Tech & Ph.D
- Ph.D

2025 Placement Highlights

750+ Companies | 6000+ Job Offers | ₹53 LPA Highest Salary Offered | ₹8.50 LPA Average CTC | 1500+ Paid Internships

Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024 | admission@kiit.ac.in | kiitee.ac.in | 8080 735 735

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ତଦନ୍ତ ଦାବି, ତେଜିଲା ରାଜନୀତି



ବାରାମତି ବିମାନବନ୍ଦରରେ ବୁଧବାର ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ଚାରିପଟେ ଉଦ୍ଧାରକାରୀ ଦଳ ଓ ଦେଖଣାହାରିଙ୍କ ଗହଳି। (ଫଟୋ: ପି.ଟି.)



ଅଜିତ ପାୱାର
୨୨.୭.୧୯୫୯-୨୮.୧.୨୦୨୬

**ମୁମ୍ବାଇ/ନୂଆଦିଲ୍ଲୀ,୨୮।୧**

ମହାରାଷ୍ଟ୍ରରେ ସର୍ବାଧିକ ୬ ଥର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ଏନ୍‌ସିପି ମୁଖ୍ୟ ଅଜିତ ପାୱାର। ଯେଉଁ ଦଳ କ୍ଷମତାକୁ ଆସୁନା କାହିଁକି ଅଜିତଙ୍କ ସମର୍ଥନ ସବୁବେଳେ ଲୋଡ଼ା ପଡୁଥିଲା। ତାଙ୍କୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି ପ୍ରତିଷ୍ଠାତା ଶରଦ ପାୱାରଙ୍କ ପରେ ମହାରାଷ୍ଟ୍ର ରାଜନୀତିକୁ ସବୁଠୁ ଅଧିକ ବୁଝିଥିବା ନେତା ବୋଲି ମନେକରାଯାଉଥିଲା। ଏପରି କି ଶରଦଙ୍କ ବିରୋଧରେ ବିଦ୍ରୋହକରି ସଂଖ୍ୟାଧିକ ବିଧାୟକ, ଏମ୍‌ପିଙ୍କ ସମର୍ଥନ ହାସଲକରି ନିଜ ଗୋଷ୍ଠୀ ପାଇଁ ଅସଲ ଏନ୍‌ସିପି ମାନ୍ୟତା ହାସଲ କରିବାରେ ଅଜିତ ଦାଦା ସକ୍ଷମ ହୋଇଥିଲେ। କିଛିଦିନ ପରେ ସେ ହୁଏତ ଭାଜପା ନେତୃତ୍ୱାଧୀନ ଶାସକ ମହାଯୁତି ମେଣ୍ଟ ଛାଡ଼ି ଦାଦା ଶରଦଙ୍କ ଏନ୍‌ସିପି(ଏସ୍‌ପି) ସହ ନିଜ ଏନ୍‌ସିପିର ମିଶ୍ରଣ କରାଇଥାଆନ୍ତେ, ଯାହାକି ମହାରାଷ୍ଟ୍ର ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଥାଆନ୍ତା। ଏଭଳି ଜଣେ ବହୁଚର୍ଚ୍ଚିତ ବ୍ୟକ୍ତିଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁକୁ ରାଜ୍ୟବାସୀ ଓ ବିରୋଧୀ ଦଳଗୁଡ଼ିକର ନେତାମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ ଆସୁଥିବା ଏଜେନ୍ସିଗୁଡ଼ିକ ଉପରେ ଭରସା ନ ଥିବାରୁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏହାକୁ ନେଇ କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତି ମଧ୍ୟ ସରଗରମ ହୋଇଛି।

ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ପରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଏଆଇବି) ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଟିମ୍ ତଦନ୍ତ ପାଇଁ ବାରାମତିରେ ପହଞ୍ଚିଥିବାବେଳେ ସର୍ବପ୍ରଥମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସନ୍ଦେହ ବ୍ୟକ୍ତ କରିଛନ୍ତି। ଅଜିତଙ୍କ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର ରହିଥିବା ମନେକରି ମମତା ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ଦାବି କରିଥିବାବେଳେ ଅନେକ ରାଜନେତା ଏହାକୁ ସମର୍ଥନ କରିଛନ୍ତି। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଅନେକ ଭିଆଇପି ଅନୁରୂପ ଭାବେ ଦୁର୍ଘଟଣାରେ ପ୍ରାଣ ହରାଇଲେଣି। ଦୁର୍ଘଟଣା ପଛର ପ୍ରକୃତ କାରଣ ଜାଣିବା ପାଇଁ ଏହାର ନିରପେକ୍ଷ ତଦନ୍ତ କରାଯାଉ। ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ଏମ୍‌ପି ଅନିଲ ଦେଶାଇ ଏବଂ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ମଧ୍ୟ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷେ ମମତା ଶସ୍ତା ରାଜନୀତି କରୁଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଶରଦ ପାୱାର ଏଭଳି କୌଣସି ଷଡ଼ଯନ୍ତ୍ର ହୋଇ ନ ଥିବା କହି ଏହାକୁ ନେଇ ରାଜନୀତି କରା ନ ଯାଉ ବୋଲି ଅନୁରୋଧ କରିଛନ୍ତି।

## ସଞ୍ଜୀୟ ଗାନ୍ଧୀଙ୍କଠାରୁ ଅଜିତ ପାୱାରଙ୍କ ଯାଏ...

### ବିମାନ ଦୁର୍ଘଟଣା ନେଇଛି ନେତାଙ୍କ ଜୀବନ

**ସଞ୍ଜୟ ଗାନ୍ଧୀ(୧୯୮୦)**



ଦେଶରେ ଜରୁରିକାଳୀନ ସ୍ଥିତି ଲାଗି ରହିଥିଲା ବେଳେ ୧୯୮୦ ଜୁନ୍ ୨୩ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ସଞ୍ଜୟ ଗାନ୍ଧୀ ଦିଲ୍ଲୀସ୍ଥିତ ସଫଦରଜଙ୍ଗ ବିମାନ ବନ୍ଦରରେ ଏକ ପରୀକ୍ଷଣମୂଳକ ଉଡ଼ାଣ ସମୟରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

**ମାଧବରାଓ ସିନ୍ଧିଆ (୨୦୦୧)**



ଗ୍ୱାଲିୟର ରାଜ ପରିବାରର ସଦସ୍ୟ ଏବଂ କଂଗ୍ରେସର ପ୍ରଭାବଶାଳୀ ନେତା ମାଧବରାଓ ସିନ୍ଧିଆ ୨୦୦୧ , ସେପ୍ଟେମ୍ବର ୩୦ରେ ଏକ ଘରୋଇ ବିମାନରେ ଯାତ୍ରା କରୁଥିଲା ବେଳେ ଉତ୍ତରପ୍ରଦେଶର ମୈନପୁରୀ ନିକଟରେ ଦୁର୍ଘଟଣା ଯୋଗୁ ପ୍ରାଣ ହରାଇଥିଲେ।

**ବିଜୟ ରୂପାନୀ(୨୦୨୫)**



ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅନ୍ୟ ପ୍ରଭାବଶାଳୀ ନେତାଙ୍କ ମଧ୍ୟରେ ରହିଛନ୍ତି ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ। ୨୦୨୫ ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ଏଥିରେ ଯାତ୍ରା କରୁଥିବା ୨୪୧ ଯାତ୍ରୀଙ୍କ ସମେତ ବିଜୟ ରୂପାନୀଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

**ଜିଏମ୍‌ସି ବାଲାଯୋଗୀ(୨୦୦୨)**



ତେଲୁଗୁ ଦେଶମ ପାର୍ଟି ନେତା ତଥା ତତ୍କାଳୀନ ଲୋକସଭା ବାଚସ୍ପତି ଜିଏମ୍‌ସି ବାଲାଯୋଗୀ ୨୦୦୨ ମାର୍ଚ୍ଚ ୩ରେ ଆନ୍ଧ୍ରପ୍ରଦେଶରେ ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

**ଦୋରଜୀ ଖାଣ୍ଡୁ (୨୦୧୧)**



ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦୋରଜୀ ଖାଣ୍ଡୁ ୨୦୧୧ ଏପ୍ରିଲ ୩୦ରେ ଏକ ହେଲିକପ୍ଟରରେ ଯାତ୍ରା କରୁଥିଲା ବେଳେ ଭାରତ–ଚାଇନା ସୀମାବର୍ତ୍ତୀ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ।

**ୱାଇ.ଏସ୍. ରାଜଶେଖର ରେଡ୍ଡୀ (୨୦୦୯)**



ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀ ୨୦୦୯ ସେପ୍ଟେମ୍ବର ୨ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

**ଓ.ପି. ଜିନ୍ଦଲ ଓ ସୁରେନ୍ଦର ସିଂ(୨୦୦୫)**



ହରିୟାଣାର ପୂର୍ବତନ ଶକ୍ତିମନ୍ତ୍ରୀ ଓ.ପି. ଜିନ୍ଦଲ ଏବଂ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସୁରେନ୍ଦର ସିଂ ୨୦୦୫ ମେ’ ୩୧ରେ ଉତ୍ତରପ୍ରଦେଶ ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

**ଗୁରୁନାମ ସିଂ(୧୯୭୩)**



ପୂର୍ବତନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଗୁରୁନାମ ସିଂ ୧୯୭୩ ମେ ’ ୩୧ରେ ଦିଲ୍ଲୀ ନିକଟରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।



ବାରାମତିରେ ଅଜିତ ପାୱାରଙ୍କ ସ୍ତ୍ରୀଙ୍କୁ ଭେଟି ସମବେଦନା ଜଣାଉଛନ୍ତି ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ। (ଫଟୋ: ପି.ଟି.)

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ମାମଲାର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮।୧**

ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ମାମଲାରେ ଦାଏର ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସହମତି ପ୍ରକାଶ କରିଛନ୍ତି। ୨୦୨୫ ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏକ ବିମାନ ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କରି ଉଡ଼ାଣ ଭରିଥିଲା ବେଳେ ମାତ୍ର କିଛି ମୁହୂର୍ତ୍ତ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଏଥିରେ ୨୪୧ ଯାତ୍ରୀଙ୍କ ସମେତ ବିମାନ କର୍ମଚାରୀଙ୍କୁ ମିଶାଇ ମୋଟ ୨୬୦ ଜଣଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ଏହି ଦୁର୍ଘଟଣାକୁ ନେଇ ସରକାରୀ ସ୍ତରରେ ଯେଭଳି ଯାଞ୍ଚ କରାଯାଇଛି ,ତଦ୍ୱାରା ନାଗରିକଙ୍କ ଜୀବନ ସହ ଖେଳାଯିବା, ମୌଳିକ ଅଧିକାର କ୍ଷୁଣ୍ଣ ହେବା ଏବଂ ଠିକ ତଥ୍ୟ ଦେବା କ୍ଷେତ୍ରରେ ଉଚିତ ପଦକ୍ଷେପ ନିଆଯାଇ ନାହିଁ ବୋଲି ଅଭିଯୋଗ ଆଣି ‘ସେଫ୍ଟି ମାଟର୍ସ ଫାଉଣ୍ଡେଶନ’ ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ଅନୁଷ୍ଠାନର ପକ୍ଷ ରଖି ଆଇନଜୀବୀ ପ୍ରଶାନ୍ତ ଭୂଷଣ ବୁଧବାର ପ୍ରଧାନବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠଙ୍କ ନିକଟରେ ଆବେଦନ କରିବା ପରେ ସମ୍ପୃକ୍ତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାକୁ ସହମତି ପ୍ରକାଶ କରିଛନ୍ତି।

## ଶୂନ୍ୟରେ ପ୍ରାସାଦ ଗଢ଼ୁଛନ୍ତି ରାଜ୍ୟ



### ବୁଲା କୁକୁର ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୨୮।୧(ପି.ଟି.)**

ବୁଲା କୁକୁର ନିୟନ୍ତ୍ରଣ ଓ ବନ୍ଧ୍ୟାକରଣ କରିବା ଦିଗରେ ଦକ୍ଷତା ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶର ଅନୁପାଳନ କରି ଅଗ୍ରଗତି ସମ୍ପର୍କିତ ରିପୋର୍ଟ ଦେବାକୁ କହିଥିଲେ। ହେଲେ ଓଡ଼ିଶା ଓ ବିହାର ସମେତ ଅନ୍ୟ ରାଜ୍ୟ ସରକାରମାନେ ଉକ୍ତ ରିପୋର୍ଟ ଦାଖଲ କରି ନ ଥିବାରୁ ବୁଧବାର ସୁପ୍ରିମକୋର୍ଟ କଡ଼ା ଭର୍ତ୍ସନା କରିଛନ୍ତି। ସେହିପରି ଝାଡ଼ଖଣ୍ଡ ଦାଖଲ କରିଥିବା ରିପୋର୍ଟକୁ ସୁପ୍ରିମକୋର୍ଟ ଅବାସ୍ତବ କହିଥିବାବେଳେ ଆସାମର ରିପୋର୍ଟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ତେବେ ରାଜ୍ୟଗୁଡ଼ିକର ଦାୟିତ୍ୱହିନତାକୁ ନେଇ ସର୍ବୋଚ୍ଚ ଅଦାଲତ ‘ଆକାଶେ କୁସୁମ’ ବୋଲି ଟିପ୍ପଣୀ ଦେବା ସହ ସେମାନେ ସମସ୍ତେ ଶୂନ୍ୟରେ ଦୁର୍ଗ ନିର୍ମାଣ କରୁଛନ୍ତି ବୋଲି କହିଛନ୍ତି।

ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ଅନୁପାଳନର ଅଗ୍ରଗତି ସମ୍ପର୍କରେ ରାଜ୍ୟଗୁଡ଼ିକ ପକ୍ଷରୁ ଦାଖଲ ସତ୍ୟପାଠ ଉପରେ ଶୁଣାଣି ବେଳେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ରାଜ୍ୟ ସରକାରମାନେ କାହାଣୀ ଶୁଣାଇବାରେ ବ୍ୟସ୍ତ। ଏହି ପ୍ରସଙ୍ଗରେ ଅଦାଲତ ଆମିକସ୍ କ୍ୟୁରି ନିଯୁକ୍ତ କରିଥିବା ବରିଷ୍ଠ ଆଇନଜୀବୀ ସୌରଭ ଅଗ୍ରୱାଲ ବିଭିନ୍ନ ରାଜ୍ୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ରାଜ୍ୟଗୁଡ଼ିକର ରିପୋର୍ଟ ସମ୍ପୂର୍ଣ୍ଣ ନୁହେଁ। ପ୍ରାଣୀ ଜନ୍ମ ନିୟନ୍ତ୍ରଣ (ଏବିସି) ସୁବିଧାକେନ୍ଦ୍ର, କୁକୁରଙ୍କ ବନ୍ଧ୍ୟାକରଣ, ପ୍ରାଣୀ ଆଶ୍ରୟସ୍ଥଳ ନିର୍ମାଣ, ରାସ୍ତା ଓ ରାଜପଥରୁ କୁକୁରଙ୍କୁ ହଟାଇବା ଆଦି କ୍ଷେତ୍ରରେ ସରକାରଗୁଡ଼ିକୁ ଆହୁରି ଅଧିକ ପଦକ୍ଷେପ ନେବାକୁ ପଡ଼ିବ ବୋଲି କହିଥିଲେ। ବିହାର ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆମିକସ୍ କ୍ୟୁରି କହିଥିଲେ, ରାଜ୍ୟରେ ୩୪ ଏବିସି ସେଣ୍ଟର ରହିଛି, ଯେଉଁଠି ୨୦,୬୪୮ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି। କିନ୍ତୁ ସେମାନେ ବନ୍ଧ୍ୟାକରଣ କରାଇବା ନେଇ ନିଜ ସାମର୍ଥ ଏବଂ ଅବଧି ସମ୍ପର୍କରେ ଉଲ୍ଲେଖ କରିନାହାନ୍ତି। ଏହା ଶୁଣିବା ପରେ ଖଣ୍ଡପୀଠ କହିଛନ୍ତି, ସେମାନେ ସମସ୍ତେ ଶୂନ୍ୟରେ ପ୍ରାସାଦ ନିର୍ମାଣ କରୁଛନ୍ତି। ଆସାମ ବ୍ୟତୀତ କୌଣସି ଗୋଟିଏ ବି ରାଜ୍ୟ କୁକୁର କାମୁଡ଼ା ଉପରେ ତଥ୍ୟ ଦେଇନାହାନ୍ତି। ଆସାମର ତଥ୍ୟ ମଧ୍ୟ ବିସ୍ମୟକର। ୨୦୨୪ରେ ୧.୬୬ ଲକ୍ଷ ଲୋକଙ୍କୁ କୁକୁର କାମୁଡ଼ିଥିବା ସେମାନେ କହିଛନ୍ତି। ୨୦୨୫ ଜାନୁଆରୀରେ କେବଳ ୨୦,୯୦୦ ଜଣଙ୍କୁ କୁକୁର କାମୁଡ଼ିଥିବା ନେଇ ସତ୍ୟପାଠରେ ରିପୋର୍ଟ ଦାଖଲ କରିଛନ୍ତି, ଯାହାକି ଚକିତ କରିଦେଇଛି। ରାଜ୍ୟଗୁଡ଼ିକ ଅସ୍ପଷ୍ଟ ବିବୃତି ଦେଇପାରିବେ ନାହିଁ। ଏହା ବିରୋଧରେ ଆମେ କଡ଼ା ନିର୍ଦ୍ଦେଶ ଦେବାକୁ ଯାଉଛୁ ବୋଲି ଖଣ୍ଡପୀଠ କହିଛନ୍ତି।

## ଟ୍ରେନ୍‌କୁ ରୁଷିଆର ଟାର୍ଗେଟ: ୧୨ ୟୁକ୍ରେନୀୟ ମୃତ

**କିଭ୍,୨୮।୧**

ୟୁକ୍ରେନ୍‌ର ଏକ ପାସେଞ୍ଜର ଟ୍ରେନ୍ ଉପରେ ରୁଷିଆ ସେନା ଡ୍ରୋନ୍ ଆକ୍ରମଣ କରିବାରୁ ଅନ୍ୟୂନ ୧୨ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଦୀର୍ଘ ୪ ବର୍ଷ ହେଲା ଲାଗି ରହିଥିବା ଯୁଦ୍ଧ ବନ୍ଦ କରିବାକୁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲେ ହେଁ ମଙ୍ଗଳବାର ବିଳମ୍ବିତ ରାତିରେ ରୁଷିଆ ସେନା ୟୁକ୍ରେନ୍‌ର ଖାରକିଭ୍ ଅଞ୍ଚଳର ଉତ୍ତରପୂର୍ବାଞ୍ଚଳ ଇଲାକାରେ କେତେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମେତ ଏକ ପାସେଞ୍ଜର ଟ୍ରେନ୍‌କୁ ଲକ୍ଷ୍ୟ କରି ଏଭଳି ଆକ୍ରମଣ କରିଛି। ଏହି ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ହେବା ସହିତ ଆଉ କେତେଜଣ ଲୋକ ଆହତ ହୋଇଛନ୍ତି ବୋଲି ୟୁକ୍ରେନ୍ ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ ଏକ୍ସ’ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରୁଷିଆ ସେନା ସାଧାରଣ ନାଗରିକଙ୍କ ଉପରେ ଯେଭଳି ଦମନଲୀଳା ଚଳାଇଛି ତାହା ଆଦୌ ସମୀଚୀନ ନୁହେଁ ବୋଲି ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି।



## ଯୁଦ୍ଧ ମୃତ୍ୟୁସଂଖ୍ୟା ୨୦ ଲକ୍ଷ ଛୁଇଁପାରେ

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଗତ ୪ ବର୍ଷ ହେଲା ଲାଗି ରହିଥିବା ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ବୋଲି ଏକ ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି। ଉଭୟ ପକ୍ଷର ମୃତାହତ ସେନା ସମେତ ସାଧାରଣ ନାଗରିକ ଏବଂ ନିଖୋଜ ଥିବା ଲୋକଙ୍କ ସଂଖ୍ୟା ୨୦ ଲକ୍ଷ ଛୁଇଁପାରେ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ସର୍ବାଧିକ ଭାବେ ରୁଷିଆ ସୈନିକଙ୍କ ମୃତ୍ୟୁ ହୋଇଥିଲା ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କୌଣସି ଏକ ଶକ୍ତିଶାଳୀ ରାଷ୍ଟ୍ରରେ ବହୁ ସଂଖ୍ୟକ ସୈନିକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି।

## ଆମେରିକା–ଇରାନ ଯୁଦ୍ଧ ଆଶଙ୍କା ବଢ଼ିଲା

**ତେହରାନ୍,୨୮।୧**

ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ଉତ୍ତେଜନା ବଢ଼ିଛି। ମଧ୍ୟପ୍ରାଚ୍ୟରେ ଆମେରିକାର ଶକ୍ତିଶାଳୀ ଯୁଦ୍ଧପୋତ ଆବ୍ରାହମ ଲିଙ୍କନ୍ ସମେତ ଅନ୍ୟ ବହୁ କ୍ଷେପଣାସ୍ତ୍ର ନିକ୍ଷେପକାରୀ ପୋତ ମୁତୟନ ହୋଇଥିବା ବେଳେ କୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ ବୋଲି ଆଶଙ୍କା କରାଯାଉଛି। ଦୁଇ ପ୍ରମୁଖ ଇସ୍‌ଲାମିକ ରାଷ୍ଟ୍ର ସାଉଦି ଆରବ ଏବଂ ୟୁଏଇ ସେମାନଙ୍କ ଆକାଶପଥ ଆମେରିକାକୁ ଉପଯୋଗ କରିବାକୁ ଦେବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ ମଧ୍ୟ ଆମେରିକା ସେନା ସମୁଦ୍ର ପଟୁ ଇରାନ ଉପରେ ଆକ୍ରମଣ କରିବା ଆଶଙ୍କା ବଢ଼ିଛି। ତେବେ ଆମେରିକାର ଯେକୌଣସି ଦୁଃସାହସ ପାଇଁ ଇରାନ ପ୍ରସ୍ତୁତ ରହିଛି ଏବଂ ଠିକଣା ଜବାବ ଦେବ ବୋଲି ଇରାନର ଜଣେ ବରିଷ୍ଠ ସେନାଧିକାରୀ କହିଛନ୍ତି। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଆଲୋଚନା କରିବାକୁ କହୁଥିବା ବେଳେ ଇରାନ ଏଥିପାଇଁ ପ୍ରସ୍ତୁତ ରହିଛି। କିନ୍ତୁ ଏହାସତ୍ତ୍ୱେ ଆମେରିକା ଆକ୍ରମଣ କଲେ ଇରାନ ନିଜର ସୁରକ୍ଷା ପାଇଁ ଠିକଣା ଜବାବ ଦେବ ବୋଲି ସମ୍ପୃକ୍ତ ଅଧିକାରୀ ଜଣକ କହିଛନ୍ତି। ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟ ସ୍ଥିତି ଆଗକୁ ଜଟିଳ ହୋଇପାରେ ବୋଲି ଆନ୍ତର୍ଜାତିକ ସ୍ତରରେ ଆଶଙ୍କା ବଢ଼ିଛି।

ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୯/୨୦୨୬ | Bhubaneswar, Thursday, January 29/2026





ରାଉରକେଲାଠାରେ ଆୟୋଜିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା'କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଶିଳ୍ପୋଦ୍ୟୋଗୀ।

# ଶିଳ୍ପ ଅଭିବୃଦ୍ଧିରେ ପଶ୍ଚିମ ଓଡ଼ିଶା ହେବ ମୂଳ ଇଞ୍ଜିନ: ମୁଖ୍ୟମନ୍ତ୍ରୀ

- ୮୮୦୦ କୋଟିର ୨୦ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ
- ୫୨,୦୨୬ କୋଟି ନିବେଶ; ୨୦,୪୨୭ ନିଯୁକ୍ତି ସୁଯୋଗ ସୃଷ୍ଟି
- ରାଉରକେଲାରେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା'ର ରୌପ୍ୟ ଜୟନ୍ତୀ

**ଭୁବନେଶ୍ୱର/ରାଉରକେଲା,୨୮।୧ (ରବିନାରାୟଣ ଜେନା/ସଙ୍ଗୀତା ଜେନା)**

ରାଜ୍ୟର ବିକାଶକୁ ଶୀର୍ଷରେ ପହଞ୍ଚାଇବା ରାଜ୍ୟ ସରକାରଙ୍କ ଏକମାତ୍ର ଲକ୍ଷ୍ୟ। ଏହି ବିକାଶ ପାଇଁ ପଶ୍ଚିମ ଓଡ଼ିଶା ଆଉ କେବଳ ଭବିଷ୍ୟତର ସୀମାଭିତରେ ଆବଦ୍ଧ ହୋଇ ରହିବ ନାହିଁ, ଏହା ଓଡ଼ିଶା ବିକାଶର ମୂଳ ଇଞ୍ଜିନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଉରକେଲାରେ ଅନୁଷ୍ଠିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬'ର ୨୫ତମ ସଂସ୍କରଣକୁ ବୁଧବାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମ କେବଳ ଯେ ପଶ୍ଚିମ ଓଡ଼ିଶାର ଶିଳ୍ପକ୍ଷେତ୍ରକୁ ସୁଦୃଢ଼ କରିବ ତାହା ନୁହେଁ, ବରଂ ରାଜ୍ୟ ବିକାଶର ଗତିକୁ ତ୍ୱରାନ୍ୱିତ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୮,୮୮୪ କୋଟି ଟଙ୍କାର ୨୦ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, ଯେଉଁଥିରେ କି ୬,୮୩୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବାର ସମ୍ଭାବନା ରହିଛି। ଏଥିସହ ୫୨,୦୨୬ କୋଟି ଟଙ୍କାର ପୁଞ୍ଜି ନିବେଶ ଲାଗି ବୁଝାମଣାପତ୍ର ଓ ନିବେଶ ଇଚ୍ଛାପତ୍ର ସମ୍ପାଦିତ ହୋଇଛି, ଯାହାଦ୍ୱାରା ଆଗାମୀ ଦିନରେ ୨୦,୪୨୭ ଯୁବବର୍ଗଙ୍କୁ ନିଯୁକ୍ତି ମିଳିପାରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଣ୍ଟରପ୍ରାଇଜ୍ ଓଡ଼ିଶାର ରୌପ୍ୟ ଜୟନ୍ତୀ ସଂସ୍କରଣ ଆମ ପାଇଁ ଏକ ନୂଆ ଦିଗ୍‌ଦର୍ଶନ ଦେଉଛି। ଓଡ଼ିଶା ଏବେ ସମସ୍ତଙ୍କ ପ୍ରଥମ ତଥା ସର୍ବୋତ୍ତମ ପସନ୍ଦ। ଏଠାରେ ବସବାସ କରିବା, କାମ କରିବା ଓ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ରହିଛି। ଏହା ଆମ ଦୂରଦୃଷ୍ଟିକୁ ପ୍ରତିଫଳିତ କରିବା ସହିତ ଅର୍ଥନୈତିକ ବିକାଶ କରିବ ଏବଂ ଜୀବନଶୈଳୀରେ ସୁଧାର ଆଣିବ। ଶିଳ୍ପର ବିକାଶ ହେଲେ ନିଯୁକ୍ତି ସୃଷ୍ଟି ହେବା ସହ ଲୋକେ ଉନ୍ନତମାନର ଜୀବନଯାପନ କରିପାରିବେ। ସହଜ ବ୍ୟବସାୟ ଦ୍ୱାରା ସରଳ ଜୀବନଯାପନ ସମ୍ଭବ ହୋଇପାରିବ। ରାଉରକେଲାରେ ଏହି ଶିଳ୍ପ ସମାବେଶ କରିବା ପ୍ରାସଙ୍ଗିକତା ରହିଛି। ଦେଶର ପ୍ରଥମ ରାଷ୍ଟ୍ରାୟତ୍ତ କମ୍ପାନୀ ସେଲ୍ ଆର୍‌ଏସ୍‌ପିର ମୂଳଦୁଆ ଏଠାରେ ପଡ଼ିଥିଲା। ଇଞ୍ଜିନିୟରିଂର ଦକ୍ଷତା, ବୈଷୟିକ ବିଜ୍ଞାନର ସମନ୍ୱୟ ରହିଛି। ରାଜ୍ୟରେ ବିସ୍ତୃତ ଉପକୂଳ, ୩ଟି ବନ୍ଦର, ପାଣି, ଜମି, ଗମନାଗମନ, ପରିବହନ, ଦକ୍ଷ ଯୁବବର୍ଗ ଉପଲବ୍ଧ ରହିଛି। ୩୦ଟି ଜିଲାରୁ ୨୯ଟି ଜିଲାରେ ନିବେଶକଙ୍କ ପ୍ରବେଶ ହୋଇସାରିଛି। ଗୁଜରାଟ ମଡେଲ ଅନୁସରଣୀୟ ହେବ। ଏମ୍‌ଏସ୍‌ଏମ୍‌ଇର ବିକାଶ ପାଇଁ ଦୃଢ଼ତା ସହ ଅନୁପାଳନ ହେବ। ସମ୍ବଲପୁର, ବ୍ରହ୍ମପୁର ଅଞ୍ଚଳରେ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ହେବ। ଏହି କାର୍ଯ୍ୟକ୍ରମରେ ୫,୭୦୮ କୋଟି ନିବେଶର ୧୧ଟି ଔଦ୍ୟୋଗିକ ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବାବେଳେ ୪,୧୮୩ ଜଣଙ୍କୁ ନିଯୁକ୍ତି ମିଳିଛି। ଏହାପରେ ୩,୧୭୬ କୋଟି ମୂଲ୍ୟର ୯ଟି ପ୍ରକଳ୍ପର ଭିତ୍ତି ପ୍ରତିଷ୍ଠା ହୋଇ ୨,୬୪୯ ଜଣଙ୍କ ଚାକିରି ସୃଷ୍ଟି ହୋଇଛି। ରାଉରକେଲା ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ରାଉରକେଲା ଚାମ୍ବର ଅଫ୍ କମର୍ସ, ଓଡ଼ିଶା ସ୍ପଞ୍ଜ ଆଇରନ୍ ମ୍ୟାନୁଫାକ୍ଚରିଂ ଆସୋସିଏଶନ ଏବଂ ରାଞ୍ଚି-ରାଇପୁର ପ୍ରତିନିଧିମଣ୍ଡଳ ସହ ୩ଟି ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡ ଟେବୁଲ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳର କାମାକ୍ଷାନଗରଠାରେ ବେଦାନ୍ତ ଆଲୁମିନିଅମ୍ ଲିମିଟେଡ୍‌କୁ ୧,୪୪୭.୯୨୭ ଏକର ଜମି ସମ୍ପର୍କିତ ପତ୍ର ହସ୍ତାନ୍ତର କରିଥିଲେ।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬ରେ ଶିଳ୍ପପତିଙ୍କ ଆଗ୍ରହ ବୁଝାମଣାପତ୍ରରେ ପରିଣତ ହୋଇଛି। ତେବେ ରାଜ୍ୟ ସରକାରଙ୍କ ପ୍ରାଥମିକତା ହେଉଛି, ଖୁବ୍‌ଶୀଘ୍ର ଜମି ବଣ୍ଟନକରି ଉତ୍ପାଦନ ଆରମ୍ଭ କରିବା। ଏଣ୍ଟରପ୍ରାଇଜ୍ ଓଡ଼ିଶାର ୨୫ତମ ସଂସ୍କରଣ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଯାତ୍ରାରେ ଏକ ମାଇଲଖୁଣ୍ଟ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା ଓ ବିଶିଷ୍ଟ ଶିଳ୍ପପତିମାନେ ଉପସ୍ଥିତ ଥିଲେ।

# ଏଚ୍-୧ବି ଭିଜା ଉପରେ ରୋକ ଲଗାଇଲା ଟେକ୍ସାସ

**ହ୍ୟୁଷ୍ଟନ, ୨୮।୧ (ପି.ଟି.)**

ଆମେରିକାର ଟେକ୍ସାସ ସରକାର ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସଂସ୍ଥାଗୁଡ଼ିକରେ ଏଚ୍-୧ବି ଭିଜା ଆବେଦନ ଉପରେ ରୋକ ଲଗାଇଛନ୍ତି। ଏହି ନିଷ୍ପତ୍ତି ମୁଖ୍ୟତଃ ସେଠାରେ କାର୍ଯ୍ୟରତ ଭାରତୀୟ ବୃତ୍ତିଗତ ଏବଂ ଗବେଷକମାନଙ୍କୁ ବହୁଭାବରେ ପ୍ରଭାବିତ କରିବ। ମଙ୍ଗଳବାର ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଟେକ୍ସାସ ୱର୍କଫୋର୍ସ କମିଶନଙ୍କ ଲିଖିତ ଅନୁମତି ବିନା କୌଣସି ସରକାରୀ ସଂସ୍ଥା କିମ୍ବା ବିଶ୍ୱବିଦ୍ୟାଳୟ ନୂଆ ଏଚ୍-୧ବି ଭିଜା ଆବେଦନ କରିପାରିବେ ନାହିଁ। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଭିଜା କାର୍ଯ୍ୟକ୍ରମରେ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ଟେକ୍ସାସ ଗଭର୍ନର ଗ୍ରେଗ୍ ଆବଟଙ୍କ ଏହି ନିଷ୍ପତ୍ତି ସାମ୍ନାକୁ ଆସିଛି। ଏହି କଟକଣା ୩୧ ମେ ୨୦୨୭ ପର୍ଯ୍ୟନ୍ତ ବଲବତ୍ତର ରହିବ ବୋଲି ଜଣାପଡ଼ିଛି। ଟେକ୍ସାସ୍ କରଦାତାଙ୍କ ଅର୍ଥରେ ଦିଆଯାଉଥିବା ଚାକିରି ପ୍ରଥମେ ସ୍ଥାନୀୟ ଲୋକଙ୍କୁ ମିଳିବା ଉଚିତ ବୋଲି ଗଭର୍ନର ଆବଟ କହିଛନ୍ତି। ଏହାସହ ସମସ୍ତ ଅନୁଷ୍ଠାନକୁ ସେମାନଙ୍କ ପାଖରେ ଥିବା ଏଚ୍-୧ବି କର୍ମଚାରୀଙ୍କ ସଂଖ୍ୟା, ଦେଶ ଏବଂ ଭିସା ଅବଧି ସମ୍ପର୍କରେ ରିପୋର୍ଟ ଦେବାକୁ କୁହାଯାଇଛି।

ଆମେରିକାରେ ଏଚ୍-୧ବି ଭିସା ପାଇଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୭୧% ଭାରତୀୟ। ଟେକ୍ସାସର ଏହି ନିଷ୍ପତ୍ତି ଯୋଗୁ ଉଚ୍ଚଶିକ୍ଷା, ଗବେଷଣା, ଡାକ୍ତରୀ ସେବା, ଆଇଟି କ୍ଷେତ୍ର ଗୁରୁତର ପ୍ରଭାବିତ ହେବ। ଟେକ୍ସାସର ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ (ଯଥା: ୟୁନିଭର୍ସିଟି ଅଫ୍ ଟେକ୍ସାସ, ଟେକ୍ସାସ ଏ ଆଣ୍ଡ୍ ଏମ୍)ରେ ପ୍ରଫେସର, ବୈଜ୍ଞାନିକ ଏବଂ ଗବେଷକ ଭାବେ କାମ କରିବାକୁ ଚାହୁଁଥିବା ଭାରତୀୟମାନେ ନୂଆ ଭିଜା ପାଇପାରିବେ ନାହିଁ। ଅନେକ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ କାର୍ଯ୍ୟରତ ଭାରତୀୟ ଡାକ୍ତର ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବେ। ଯଦିଓ ଏହି କଟକଣା ସରକାରୀ ସଂସ୍ଥା ପାଇଁ, ତଥାପି ଏହା ନକାରାତ୍ମକ ବାତାବରଣ ସୃଷ୍ଟି କରୁଛି, ଯାହା ଘରୋଇ ସଂସ୍ଥାଗୁଡ଼ିକୁ ମଧ୍ୟ ପ୍ରଭାବିତ କରିପାରେ। ସୂଚନାଥାଉ କି, ଗତ ସେପ୍ଟେମ୍ବରରେ ଆମେରିକାର କେନ୍ଦ୍ରୀୟ ପ୍ରଶାସନ ତଥା ଟ୍ରମ୍ପ୍ ପ୍ରଶାସନ ମଧ୍ୟ ଏଚ୍-୧ବି ଭିଜା ପାଇଁ ୧ ଲକ୍ଷ ଡଲାର (ପ୍ରାୟ ୯୨ ଲକ୍ଷ ଟଙ୍କା) ର ନୂଆ ଫି ଘୋଷଣା କରିଛନ୍ତି, ଯାହା ଭାରତୀୟଙ୍କ ପାଇଁ ଏକ ବଡ଼ ଆର୍ଥିକ ବୋଝ ସଦୃଶ।

# ମଧୁମେହ ଚିହ୍ନଟ କରିବ ଏଆଇ ଚକ୍ଷୁ ସ୍କାନ୍

**ନୂଆଦିଲ୍ଲୀ, ୨୮।୧ (ଆଇଏଏନ୍‌ଏସ୍)**

ଭାରତୀୟ ଏବଂ ଆମେରିକୀୟ ଗବେଷକମାନଙ୍କର ଏକ ଦଳ ପାରମ୍ପରିକ ରକ୍ତ ପରୀକ୍ଷା ବିନା ମଧୁମେହ ଚିହ୍ନଟ କରିବା ପାଇଁ ଏକ କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ କୌଶଳ ବିକଶିତ କରିଛନ୍ତି। ଏହି କୌଶଳରେ ରେଟିନା (ଆଖିର ପଛ ଭାଗ)ର ଏକ ଉଚ୍ଚ-ଗୁଣବତ୍ତାସମ୍ପନ୍ନ ଫଟୋ ନେଇ ଜଣେ ବ୍ୟକ୍ତିଙ୍କର ରକ୍ତରେ ଶର୍କରା ଅଧିକ ଅଛି କି ନାହିଁ ତାହା ଜାଣିହେବ। 'ଡାଇବେଟିସ୍ ଟେକ୍ନୋଲୋଜି ଆଣ୍ଡ୍ ଥେରାପ୍ୟୁଟିକ୍ସ' ଜର୍ନାଲରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡିଛି ଯେ, ଏଆଇ ଆଖିର ରକ୍ତ ନଳୀରେ ଥିବା ସେହି ସୂକ୍ଷ୍ମ ସତର୍କ ସୂଚନାଗୁଡ଼ିକୁ ଚିହ୍ନଟ କରିପାରିବ, ଯାହା ମଣିଷ ଆଖିକୁ ଦୃଶ୍ୟମାନ ହୁଏ ନାହିଁ। ଏହାଦ୍ୱାରା ରକ୍ତ ପରୀକ୍ଷା ପାଇଁ ଆଙ୍ଗୁଠି ଫୋଡ଼ିବା ଆବଶ୍ୟକ ନ ପଡ଼ି ମଧ୍ୟ ମଧୁମେହ ରୋଗୀଙ୍କୁ ଚିହ୍ନଟ କରାଯାଇପାରିବ।

ଚେନ୍ନାଇର ବିଶିଷ୍ଟ ମଧୁମେହ ରୋଗ ବିଶେଷଜ୍ଞ ତଥା ପଦ୍ମଶ୍ରୀ ଡ. ଭି. ମୋହନ କହିଛନ୍ତି, ଭାରତରେ ୧୦ କୋଟିରୁ ଅଧିକ ମଧୁମେହ ରୋଗୀ ଅଛନ୍ତି ଏବଂ ଅନେକେ ଏ ବିଷୟରେ ଜାଣନ୍ତି ନାହିଁ। ଏହି ଏଆଇ ଟୁଲ୍ ଶୀଘ୍ର ରୋଗ ନିରୂପଣରେ ସହାୟକ ହେବ। ଆମେରିକାର ଏମୋରି ୟୁନିଭର୍ସିଟିର ଡ.ସୁଦେଷ୍ଣା ସିଲ୍ କର କହିଛନ୍ତି,



ଗବେଷକମାନେ ଏଆଇକୁ ଶିରାର ନିର୍ଦ୍ଦିଷ୍ଟ ଆକୃତି ଏବଂ ଶୈଳୀ ଦେଖିବା ପାଇଁ ପ୍ରଶିକ୍ଷିତ କରିଛନ୍ତି। ଏହି ଏଆଇ କୌଶଳ ପରୀକ୍ଷଣ ସମୟରେ ୯୫ ପ୍ରତିଶତ ସଠିକତା ସହ ମଧୁମେହ ଚିହ୍ନଟ କରିପାରିଛି। ଏପରି କି ଏହା 'ପ୍ରି-ଡାଇବେଟିସ୍' ଅବସ୍ଥାକୁ ମଧ୍ୟ ଜାଣିପାରୁଛି, ଯେଉଁ ସମୟରେ ଜୀବନଶୈଳୀରେ ପରିବର୍ତ୍ତନ ଅଣାଯାଇ ରୋଗକୁ ରୋକାଯାଇପାରିବ। ଏହା ଏକ ଯନ୍ତ୍ରଣାହୀନ ପଦ୍ଧତି, ଯେଉଁଥିରେ ଶରୀରରୁ ରକ୍ତ କାଢ଼ିବା ଦରକାର ନାହିଁ।

**ରାଜ୍ୟ ସଭା ଭୋଟ ପ୍ରସଙ୍ଗ**

# ନବୀନଙ୍କୁ ସମୟ ମାଗିଲେ ଭକ୍ତ

**ଭୁବନେଶ୍ୱର,୨୮।୧ (ରବିନାରାୟଣ ଜେନା)**

ଦୀର୍ଘବର୍ଷ ଧରି ରାଜ୍ୟ ସଭା ନିର୍ବାଚନରୁ ପଛରେ ରହୁଥିବା କଂଗ୍ରେସ ଏଥର ଟିକେ ସମ୍ମୁଖ ଭାଗକୁ ଆସିବାକୁ ଚେଷ୍ଟା କରିଛି। ଏପ୍ରିଲ ୨ରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନର କାର୍ଯ୍ୟକାଳ ଶେଷ ହେବ। ବିଧାନସଭାରେ ଦଳର ସଂଖ୍ୟା ଦୃଷ୍ଟିରୁ ଏଥିରୁ ୨ଟି ଆସନକୁ ଭାଜପା ଏବଂ ଗୋଟିଏକୁ ବିଜେଡି ଦଖଲ କରିନେବା ପ୍ରାୟ ସୁନିଶ୍ଚିତ। ଆଉ ଗୋଟିଏ ଆସନ ପାଇଁ କାହା ପାଖରେ ସଂଖ୍ୟା ନ ଥିବାରୁ ଏହାର ଫାଇଦା ନେବା ପାଇଁ କଂଗ୍ରେସ ଉଦ୍ୟମ ଆରମ୍ଭ କରିଛି। ଏହି କ୍ରମରେ ବୁଧବାର ପିସିସି ସଭାପତି ଭକ୍ତ ଚରଣ ଦାସ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ପିସିସି ସଭାପତି ସମୟ ମାଗିଛନ୍ତି।

ଭକ୍ତ ଗଣମାଧ୍ୟମକୁ କହିଛନ୍ତି, ଫେବୃଆରୀ ପ୍ରଥମ ସପ୍ତାହରେ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ରହିଛି। ଏହି ସମୟରେ ରାଜ୍ୟ ସଭା ଆସନ ପାଇଁ ବିଜେଡିକୁ ସମର୍ଥନ ମାଗିବୁ। ରାଜ୍ୟ ହିତରେ କାମ କରିଥିବା ସଫଳ ବ୍ୟକ୍ତିତ୍ୱଙ୍କୁ ରାଜ୍ୟ ସଭା ପଠାଇବାକୁ କଂଗ୍ରେସ ଚିନ୍ତା କରୁଛି। ଏଥିରେ ବିଜେଡିର ସହଯୋଗ କାମନା କରୁଛୁ ବୋଲି ଭକ୍ତ କହିଛନ୍ତି।

ଗତ ବିଧାନସଭା ମୌସୁମୀ ଅଧିବେଶନ କାଳରେ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଜୋର୍‌ସୋର ଉଦ୍ୟମ ଚଳାଇଥିଲା। ଏହାକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବିଧାନସଭାରେ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଦୁଇଥର ନୋଟିସ ପ୍ରଦାନ କରିଥିଲେ। ଏହି ଅନାସ୍ଥା ପ୍ରସ୍ତାବରେ ସାମିଲ ହେବା ପାଇଁ କଂଗ୍ରେସ ପକ୍ଷରୁ ବିଜେଡିର ସହଯୋଗ ଲୋଡ଼ାଯାଇଥିଲା। ହେଲେ ସ୍ଥିତି ଏପରି ଉପୁଜିଥିଲା ଯେ ଅନାସ୍ଥା ପ୍ରସ୍ତାବ ଗ୍ରହଣ ହୋଇ ନ ଥିଲା। ବିଜେଡି ତା' ବାଟରେ ରହିଲା, କଂଗ୍ରେସ ଉଦ୍ୟମ ସଫଳ ହୋଇ ନ ଥିଲା। ମାତ୍ର ଏଥର ରାଜ୍ୟ ସଭା ଆସନ ପାଇଁ ଭକ୍ତ ଯେଉଁ ଉଦ୍ୟମ କରୁଛନ୍ତି ତାହା କେତେଦୂର ସଫଳ ହେଉଛି ତାହାକୁ ନେଇ ରାଜନୈତିକ ମହଲରେ ଉତ୍ସୁକତା ଲାଗିରହିଛି।

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟ ସଭା ନିର୍ବାଚନରେ ବିଜେଡି ସମର୍ଥନ ଦେବ ବୋଲି କଂଗ୍ରେସ ଭାବୁଛି। ସେଥିପାଇଁ ପିସିସି ସଭାପତି ଏଭଳି ମନ୍ତବ୍ୟ ରଖିଛନ୍ତି। ବିଧାନସଭାରେ ଅନେକ ସମୟରେ ଭାଜପାକୁ ଘେରିବା ପାଇଁ ନିଜକୁ ଅଣକଂଗ୍ରେସ କହୁଥିବା ବିଜେଡି କଂଗ୍ରେସ ସହ ହାତ ମିଳାଇଥାଏ। ବିଗତ ନିର୍ବାଚନରେ ମଧ୍ୟ କଂଗ୍ରେସ ସହ ବିଜେଡି ମ୍ୟାଚ୍ ଫିକ୍ସିଂ କରିଥିଲା। ନବୀନବାବୁ ଆଗେ ନିଷ୍ପତ୍ତି ନିଅନ୍ତୁ କଂଗ୍ରେସକୁ ସମର୍ଥନ ଦେବେ କି ନାହିଁ। ଘୋଡ଼ାବେପାର ନା ଯେଉଁମାନେ ବିଚାରଧାରାର ବିରୋଧୀ ସେମାନଙ୍କୁ ନବୀନ ବାବୁ ସମର୍ଥନ ଦେବେ, ତାହା ତାଙ୍କ ବିଚାରଧାରାକୁ ପ୍ରମାଣିତ କରିବ। ନିର୍ବାଚନ ବେଳେ ସମସ୍ତେ ଭୋଟ ଭିକ୍ଷା କରିଥା'ନ୍ତି। ଯେଉଁମାନେ ଭାଜପାକୁ ସାହାଯ୍ୟ କରିବେ ଆମେ ତାଙ୍କୁ ସମର୍ଥନ ମାଗିବୁ। ନବୀନବାବୁ ସମର୍ଥନ ଦେବେ କି ନାହିଁ ଜଣାନାହିଁ, ତଥାପି ସେ ତାଙ୍କ ନିଷ୍ପତ୍ତି ନେବେ। ସମୟ ଆସୁ, ଆମର ଶକ୍ତି କେତେ ଜଣାପଡ଼ିବ ବୋଲି ସୁରେଶ କହିଛନ୍ତି।

# ମୃତକଙ୍କ ନାଁରେ ଚାଉଳ ଉଠାଇଲେ ଦେଢ଼ଗୁଣା ଆଦାୟ ହେବ: ମନ୍ତ୍ରୀ

**ଭୁବନେଶ୍ୱର, ୨୮।୧(ସୁନିତ୍ ମିଶ୍ର)**

ମୃତକଙ୍କ ନାଁରେ ଚାଉଳ ଉଠାଉଥିଲେ ଏଣିକି କାର୍ଯ୍ୟାନୁଷ୍ଠାନ ହେବ। ଯଦି ରାଜ୍ୟରେ ସେମିତି କେହି ଚାଉଳ ଉଠାଉଥିବା ନେଇ ଜଣାପଡ଼େ ତେବେ ସରକାର କ୍ଷତିପୂରଣ ଆଦାୟ କରିବେ। ମୃତକଙ୍କ ନାଁରେ ଯେତିକି ଚାଉଳ ଉଠାଇଥିବେ ତା'ର ଦେଢ଼ଗୁଣା କ୍ଷତିଭରଣା ଆଦାୟ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବୁଧବାର ମନ୍ତ୍ରୀ ପାତ୍ର କହିଛନ୍ତି, ଇ-କେୱାଇସି ଜରିଆରେ ୬ ଲକ୍ଷ ୯୫ ହଜାରରୁ ଅଧିକ ମୃତ ହିତାଧିକାରୀ ଚିହ୍ନଟ ହୋଇଥିଲେ। ମୃତ ହିତାଧିକାରୀଙ୍କ ବିଷୟରେ ତଥ୍ୟ ଜଣାଇ ସେମାନଙ୍କ ନାଁ କାଟିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଭୂତ ହିତାଧିକାରୀଙ୍କୁ ଚିହ୍ନଟକରିବା ଲାଗି ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଡିସେମ୍ବର ୩୧ରେ ଇ-କେୱାଇସି ସମୟ ଶେଷ ହେଉଥିବା ବେଳେ ଏହାର ଅବଧି ପୁଣି ଥରେ ସରକାର ବୃଦ୍ଧି କରିଛନ୍ତି। ଏବେ ମଧ୍ୟ ବହୁ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ରାଜ୍ୟ ବାହାରେ ରହୁଥିବା ଶ୍ରମିକମାନେ ଇ-କେୱାଇସି କରିପାରୁ ନ ଥିବା ଚର୍ଚ୍ଚା ହେଉଛି।

**ଖଣି ଖନନକୁ ବିରୋଧ**

# ମରିବୁ ପଛେ ମାଟି ଛାଡ଼ିବୁ ନାହିଁ

**ପଟ୍ଟାଙ୍ଗି,୨୮।୧(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ସେରୁବନ୍ଧ ସୁରକ୍ଷା ସମିତିର ଆହ୍ୱାନକ୍ରମେ ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ବ୍ଲକ୍‌ର ୬ ପଞ୍ଚାୟତର ୮୬ ଗ୍ରାମରୁ କ୍ଷତିଗ୍ରସ୍ତ ଗ୍ରାମବାସୀ ଏକତ୍ର ହୋଇ ନାଲ୍‌କୋ, ବେଦାନ୍ତ ସମେତ ଅନ୍ୟ କମ୍ପାନୀଗୁଡ଼ିକର ଖଣି ଖନନକୁ ମଙ୍ଗଳବାର ବିରୋଧ କରିଛନ୍ତି। ମରିବୁ ପଛେ ଆମ ମାଟି ଛାଡ଼ିବୁ ନାହିଁ ବୋଲି ସ୍ଲୋଗାନ ଦେଇ ଖଣି କମ୍ପାନୀଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି।

ସମିତିର ସଭାପତି ରବି ଖରାଙ୍କ ସଭାପତିତ୍ୱରେ ବିଶାଳ ଜନସମାବେଶ ଆୟୋଜିତ ହୋଇଥିଲା। ରାଜ୍ୟ ସରକାରଙ୍କ ଆଦିବାସୀ ମାରଣନୀତିକୁ କଡ଼ା ବିରୋଧ କରିବାକୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଲୋକଶକ୍ତି ଅଭିଯାନ ଆବାହକ ପ୍ରଫୁଲ୍ଲ ସାମନ୍ତରାୟ ପଲ୍ଲିସଭା ଓ ଗ୍ରାମସଭାକୁ ଗୁରୁତ୍ୱ ଦେଉଥିବା



ଲୋକଶକ୍ତି ଅଭିଯାନ ଆବାହକ ପ୍ରଫୁଲ୍ଲ ସାମନ୍ତରାୟ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି।

ସରକାର ଲୋକଙ୍କ ଜନମତ ନ ନେଇ ଅଞ୍ଚଳରେ ରହିଥିବା ଖଣି ନେବାକୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ। ଏ ନେଇ ବିରୋଧୀ ଦଳଗୁଡ଼ିକ କାହିଁକି ଚୁପ୍ ରହିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ପଞ୍ଚପଟମାଳି ଆହୁରି ୩୦ ବର୍ଷ ଯାଏ କାର୍ଯ୍ୟକ୍ଷମ ରହିବ। ଉକ୍ତ ଖଣି ସରିବା ନ ଯାଏ ଆମେ ଅନ୍ୟ ଖଣି ପାହାଡ଼କୁ ହାତ ମାରିବାକୁ ଦେବୁ ନାହିଁ। ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବା ବେଳେ ଆଦିବାସୀଙ୍କ ଦୁଃଖ ନିହାତି ବୁଝିବା ଆବଶ୍ୟକ। ଆଦାନୀକୁ କେଉଁ ସ୍ୱାର୍ଥରେ ନାଗେଶ୍ୱରୀ ଖଣି ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। କଂଗ୍ରେସର କେନ୍ଦ୍ର ସ୍ତରର ନେତା ଖଣି ବିରୋଧୀରେ କହୁଛନ୍ତି। ଓଡ଼ିଶାରେ କଂଗ୍ରେସ ନେତା ଓ ବିଧାୟକ କାହିଁକି ଚୁପ୍ ରହିଛନ୍ତି ପ୍ରଶ୍ନ ଉଠାଇଥିଲେ। ସେରୁବନ୍ଧ, ଦେଓମାଳି, ନାଗେଶ୍ୱରୀ ଭଳି ବକ୍ସାଇଟ ପାହାଡ଼ରେ ଖଣି ଖନନ ହେଲେ କୋରାପୁଟ ଜିଲା ଶେଷ ହୋଇଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ନିୟମଗିରି ସମିତି ଆବାହକ ଲିଙ୍ଗରାଜ ଆଜାଦ ଯୋଗଦେଇଥିଲେ। ଦୀର୍ଘ ବର୍ଷ ଧରି ସେରୁବନ୍ଧ ସମିତି ପକ୍ଷରୁ ହୋଇ ଆସୁଥିବା ଏହି ବିରୋଧକୁ ସମସ୍ତେ ଏକଜୁଟ୍ ହୋଇ ଲଢ଼େଇ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେରୁବନ୍ଧ ବକ୍ସାଇଟ ଖଣି ପାହାଡ଼କୁ ସୁରକ୍ଷା ଦେବା ପାଇଁ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ପଦଯାତ୍ରା ଶେଷ ହୋଇଛି। କୋରାପୁଟିଆ ଜନସୁରକ୍ଷା ସମିତି ସଭାପତି ଦାସୀ ନନ୍ଦିବାଲି ମରିବା ପଛେ ପଛକୁ ହଟିବା ନାହିଁ, ଖଣି ଦଲାଲମାନଙ୍କୁ ପ୍ରଶ୍ରୟ ଦେବା ନାହିଁ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁନିଗୁଡ଼ାର ବିନତି କାଡ୍ରାକା, ବ୍ଲକ୍‌ର ୨ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସଭ୍ୟ ଲଇଚନ ଖରା, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଠା, କୋଟିଆ ସରପଞ୍ଚ ଲିଉ ଗେମେଲ, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ନୂଆଗାଁ ସରପଞ୍ଚ ସୁବାସ ଖରା ପ୍ରମୁଖ ଯୋଗଦେଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କ ସହ ସ୍ୱର ମିଶାଇ ସମସ୍ତେ ଏକ ହୋଇ ରହିବାକୁ ଆହ୍ୱାନ ଦେଇଥିଲେ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସର୍ବଭାରତୀୟ ସାମ୍ରାଜ୍ୟବାଦ ବିରୋଧୀ ମଞ୍ଚ, ଓଡ଼ିଶା ଶାଖା ପକ୍ଷରୁ 'ସାମ୍ରାଜ୍ୟବାଦ ଆକ୍ରମଣ ଓ ଯୁଦ୍ଧ ପୃଷ୍ଠ ଭୂମିରେ ଜନଗଣଙ୍କ ଐକ୍ୟ' ସେମିନାର, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନ୍ ପକ୍ଷରୁ କର୍ମଚାରୀଙ୍କ ବିଭିନ୍ନ ଦାବିକୁ ନେଇ ବିକ୍ଷୋଭ, ସ୍ଥାନ: ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ, ପାୱାର ହାଉସ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ୨୧୨ତମ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ସମୟ: ସନ୍ଧ୍ୟା ୫ଟା ୩୦।
- ୩୪ତମ ବାର୍ଷିକ ନାମ ସଂକୀର୍ତ୍ତନ, ସ୍ଥାନ: ଏକଡ଼ାଲିଆ ଗ୍ରାମ, ମାଝିସାହିସ୍ଥିତ ଭଗବତ ବାସୁଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଉତ୍ତର ପୁରୁଷ ପକ୍ଷରୁ ନାଟ୍ୟ ଉତ୍ସବ ଉପଲକ୍ଷେ ନାଟକ ରାଜଜେମା ମଞ୍ଚସ୍ଥ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## କଟକ
- ଆମ୍ ଆଦମୀ ପାର୍ଟିର ୧୪ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଏସ୍‌ପି ଅଫିସ ଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀର ଦ୍ୱିତୀୟ ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ
- ଜାତୀୟ ଖବରକାଗଜ ଦିବସ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ବିଶାଳ ଝୋଟି ପ୍ରତିଯୋଗିତା ଓ ପ୍ରଦର୍ଶନୀ, ସ୍ଥାନ: ପୋଲିସ ଲାଇନ ଛକରୁ ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଯୁବ ମହୋତ୍ସବ 'ଉତ୍ସାହ –୨୦୨୬'ର ତୃତୀୟ ଦିବସ, ସ୍ଥାନ: ଏଫଏମ୍ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଖଣ୍ଡ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବାଲିଖଣ୍ଡ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ରେମୁଣା ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡିଆ, ହାତୀଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ବାଗୁରାଇ ବିନ୍ଦୁମାଧବ ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ସାଇଧାମ, କଚେରି ବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: କାଳୀମେଘା ମେଳଣ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଜୀବନଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।
- ମଦନ ମୋହନଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ସିଙ୍ଗିଟି, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।
- ଉତ୍କଳ କଳାକାର ସଂଘର ବାର୍ଷିକୋତ୍ସବ, ସ୍ଥାନ: ମନ୍ଦୋଦରୀ ମାର୍କେଟ କମ୍ପ୍ଲେକ୍ସ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ମାରାଥନ, ସ୍ଥାନ: ଭଦ୍ରାସାହି ଠାରୁ ଉତ୍ସବ ପଡିଆ, ବଡ଼ବିଲ, ସମୟ : ସକାଳ ୭ଟା ୩୦।
- ୨୬ତମ ବଡ଼ବିଲ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ଉତ୍ସବ ପଡ଼ିଆ, ବଡ଼ବିଲ, ସମୟ : ସନ୍ଧ୍ୟା ୭ଟା ୩୦।

## ମୟୂରଭଞ୍ଜ
- ୨୭ତମ ଆନ୍ତଃକଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ 'ୟୁଫୋରିଆ–୨୦୨୬', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ:ଖୁଣ୍ଟା ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁନଗର, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- କୃଷ୍ଣ ସାର ମୃଗ ଗଣନା, ସ୍ଥାନ: ଆସିକା ବନାଞ୍ଚଳର କୃଷ୍ଣ ସାର ବସତି ଅଞ୍ଚଳ, ସମୟ: ସକାଳ ୬ ଟା।
- ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ : ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା ୩୦।

## କନ୍ଧମାଳ
- ମଣ୍ଡଳ ସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ସାରଙ୍ଗଗଡ଼, ବାଲିଗୁଡ଼ା, ସମୟ: ସକାଳ ୮ ଟା।
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉତ୍ସବ ଉପଲକ୍ଷେ ବ୍ଲକସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ସରକାରୀ ଆଶ୍ରମ ବିଦ୍ୟାଳୟ, ଦଣ୍ଡପଦର, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଗଜପତି
- ଜିଲାସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ, ମଶାଲ ଶୋଭାଯାତ୍ରା, ସ୍ଥାନ: ମୋହନା ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ ଟା।

## ଅନୁଗୋଳ
- ଶ୍ରୀମଦ ଭାଗବତ ପାରାୟଣ ଜ୍ଞାନଯଜ୍ଞର ଚତୁର୍ଥ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ମା' ସନ୍ତୋଷୀ ମନ୍ଦିରର ଜନ୍ମୋତ୍ସବ, ଚତୁର୍ଥ ପ୍ରହର ନାମଯଜ୍ଞ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୬ ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ସହଯୋଗ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରଘୁନାଥପୁର ବ୍ଲକ ରେଡୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ସାଳିଜଙ୍ଗା ସାଇ ମନ୍ଦିର ନବମ ବାର୍ଷିକୋତ୍ସବ, ୨ୟ ଦିବସ ଉପଲକ୍ଷେ ମହାପୂଜା ଓ ଆହୁତି ପ୍ରଦାନ, ସ୍ଥାନ ତାରପୁର ନିକଟସ୍ଥ ସାଳିଜଙ୍ଗା ସାଇନାଥ ମନ୍ଦିର, ରଘୁନାଥପୁର, ସମୟ: ସକାଳ ୮ଟା।
- ସର୍ବ ଭାରତୀୟ ଫତେପୁର କପ୍ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ ଝାଡ଼ଖଣ୍ଡ ସହ ରାଉରକେଲା, ସ୍ଥାନ: ନିମସୁନ୍ଦରୀ ଖେଳ ପଡିଆ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୧ ଟା।

## କେନ୍ଦ୍ରାପଡ଼ା
- ବିରାଟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶ୍ରୀଧ୍ୟାନଦାସ ମହାପୁରୁଷ ମଠ, ବାରଡାଙ୍ଗ, ମହାକାଳପଡା, ସମୟ: ସକାଳ ୯ଟା।
- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡା, ସମୟ: ମଧ୍ୟାହ୍ନ ୧୨ଟା।
- ମା'ବନ୍ଧମଙ୍ଗଳାଙ୍କର ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବ୍ୟାସ ମାରାଥନ, ସ୍ଥାନ: ବ୍ୟାସନଗର ସହରର ରାଜୀବ ଗାନ୍ଧୀ ଷ୍ଟାଡିୟମରୁ ବ୍ୟାସ ସରୋବର ମହୋତ୍ସବ ସ୍ଥଳ, ସମୟ: ସକାଳ ୭ଟା।
- ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ବରିଷ୍ଠ ଶିକ୍ଷକ ନେତ୍ରାନନ୍ଦ ଦାସଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବରୀ ଉଦୟନାଥପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବ୍ୟାସ ସରୋବର ମେଳା ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ବ୍ୟାସ ସରୋବର ପରିସର, ସମୟ : ଅପରାହ୍ନ ୪ଟା।

## ନୟାଗଡ଼
- ଜାମାଲାଗି ବେଶର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଭୈମୀ ଏକାଦଶୀ ମେଳା, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଯମ, ସମୟ: ପୂର୍ବାହ୍ନ ୧୧ଟା।
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ଚତୁର୍ଥ ଦିବସ ସଭା, ସ୍ଥାନ:ନୟାଗଡ଼ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ସନ୍ଧ୍ୟା ୭ଟା।
- କୃଷ୍ଣଚନ୍ଦ୍ର କ୍ଲବ ଶତ ବାର୍ଷିକୀ ଜୟନ୍ତୀ ସମାରୋହର ଚତୁର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ରାତି ୮ଟା।

## ରାୟଗଡ଼ା
- ହୋମଯଜ୍ଞ, ଅନ୍ନ ପ୍ରସାଦ ସେବନ, ସ୍ଥାନ: ଗୁଣପୁର ସରକାରୀ ବାଳିକା ବିଦ୍ୟାଳୟ ନିକଟ ତ୍ରିନାଥ ମନ୍ଦିର, ସମୟ: ପ୍ରାତଃ ୩ଟା ୩୦ରୁ ଆରମ୍ଭ।
- ଅଷ୍ଟପ୍ରହରୀ, ସ୍ଥାନ: ଗୁଣପୁର କୋର୍ଟ ନିକଟ ତ୍ରିନାଥ ମନ୍ଦିର, ସମୟ: ପ୍ରାତଃ ୪ଟା।
- ହୋମ ଯଜ୍ଞ, ପ୍ରସାଦ ସେବନ, ସ୍ଥାନ: ଗୁଣପୁର ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର, ସମୟ: ପ୍ରାତଃ ୫ଟା।

## ନବରଙ୍ଗପୁର
- ଆଦିବାସୀଙ୍କ ପାରମ୍ପାରିକ ମାଘ ମଣ୍ଡେଇ ଉତ୍ସବ, ସ୍ଥାନ: ଡାବୁଗାଁ ଭୈରବ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଗଣେଶ ମନ୍ଦିର ନିକଟ ଚୌଧୁରୀ ଷ୍ଟଲ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ବାବା ଭବାନୀ ଶଙ୍କର ମନ୍ଦିରର ରତ୍ନମୂଦ ଉତ୍ସବ, ସ୍ଥାନ: ବରେଇପାଲି ଶିଳ୍ପାଞ୍ଚଳ, ସମୟ: ସକାଳ ୯ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜନରେ କୁଦୋପାଲି ଶୀର୍ଷକ କର୍ମଶାଳା, ସ୍ଥାନ : ଜିଏମ୍‌ୟୁସ୍ଥିତ ଭିସି ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୪୫।।
- ଧନୁଯାତ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ,ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର,ସମୟ: ଅପରାହ୍ଣ ୨ଟା।

## ବରଗଡ଼
- ବରଗଡ଼ ଶ୍ରୀ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ଗୋବିନ୍ଦପୁର, ବରଗଡ଼, ସମୟ: ସକାଳ ୮ଟା।

## ବୌଦ୍ଧ
- ଅସୁରଗଡ଼ ଲୋକ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ସୁବର୍ଣ୍ଣମେରୁ ପଡିଆ, ମନମୁଣ୍ଡା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଏବଂ କୃଷି ମହୋତ୍ସବ, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ବଡ ଗୋପାଳଜୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ବିଷ୍ଣୁ ସହସ୍ର ନାମଯଜ୍ଞ ଓ ପୂଜାର୍ଚ୍ଚନା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଦାଦରପାଲି କ୍ରିକେଟ କପ୍‌ର ଚତୁର୍ଥ ଦିବସ, ସ୍ଥାନ: ଦାଦରପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ରାଜୀମ ମାତା ଜୟନ୍ତୀ ମହୋତ୍ସବ ଓ ଶପଥ ଗ୍ରହଣ ସମାରୋହ, ସ୍ଥାନ: ସାହୁ ସମାଜ ଭବନ ଖରିଆର ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ୩ୟ ଶ୍ରାଦ୍ଧ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ନବ ଦାସ ଅଡିଟୋରିୟମ, ବେହେରାମାଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ ସହ ସବୁସମୟରେ ମିଶୁଥିବା ବନ୍ଧୁମାନେ ମୁହଁ ସାମ୍ନାରେ ମିଠାକଥା କହି ପଛରେ ଓଲଟା କଥା କହିବୁଲିବେ। କର୍ମାରମ୍ଭ ସକାଶେ ବିଜାତୀୟ ବନ୍ଧୁଙ୍କ ସହାୟତାରେ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ଅକୁହା କଥାକୁ ସହକର୍ମୀଙ୍କ ଆଗରେ ବଖାଣି ବସି ସମସ୍ୟାକୁ ନିମନ୍ତ୍ରଣ କରିବେ। ପରିଜନଙ୍କ ସହିତ ନୂଆ ସ୍ଥାନକୁ ବୁଲିଯାଇ ପାରନ୍ତି।

**ବୃଷ** ନୂତନ କର୍ମାରମ୍ଭ ପରିପ୍ରେକ୍ଷୀରେ ବନ୍ଧୁ ଓ ପଡ଼ୋଶୀଙ୍କ ସହଯୋଗରୁ ବିଶେଷ ଖୁସି ହେବେ। ଆଜିର ଯାତ୍ରା, ବାଣିଜ୍ୟ, ଗମନାଗମନ କ୍ଷେତ୍ରରେ ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କଥାରେ କଳହରୁ ଦୂରେଇ ରହିବା ଭଲ ହେବ। ମାନସିକ ସ୍ତରରେ ଅଶାନ୍ତଗ୍ରସ୍ତ ହୋଇ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି।

**ମିଥୁନ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ ସକାଶେ ପ୍ରତିବନ୍ଧକର ସାମ୍ନା କରିବେ। କର୍ମକ୍ଷେତ୍ରର ବିଫଳତା ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଧାତୁଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଦୂରସମ୍ପର୍କୀୟଙ୍କ ସାହାଯ୍ୟରୁ ଜମିଜମା, ଯାନବାହନ, ଲେଖାପଢ଼ା କ୍ଷେତ୍ରରୁ ଉପକୃତ ହେବେ।

**କର୍କଟ** କର୍ମକ୍ଷେତ୍ରରେ ପ୍ରତୀକ୍ଷିତ ଖବର ପାଇ ଭାବବିହ୍ୱଳ ହୋଇପାରନ୍ତି। ବନ୍ଧୁଙ୍କ ପ୍ରଶଂସା ସହ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ମନୋବଳକୁ ଦ୍ୱିଗୁଣିତ କରିବ। ଆଜିର ବାଣିଜ୍ୟ, ବନ୍ଧୁ ସମ୍ପର୍କ ସ୍ଥାପନ ସହିତ ସାହିତ୍ୟ, ସଂସ୍କୃତି, କାରିଗରି କାମରେ ଉତ୍ସହିତ ହେବେ। ଯାନବାହନ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କ୍ରୟ କରିବାକୁ ମନ ବଳାଇବେ।

**ସିଂହ** ପରିବାରର ସହମତି ଅଭାବରୁ ଟଣାଓଟରା ଭିତିରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ସନ୍ତୋଷଜନକ ସ୍ଥିତି ଆସିବ ନାହିଁ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ଭଲ ସମ୍ପର୍କ ରହିଥିବା ପ୍ରିୟବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବ୍ୟସ୍ତବିବ୍ରତ ହୋଇପାରନ୍ତି।

**କନ୍ୟା** ଉପରିସ୍ଥଙ୍କ ବ୍ୟକ୍ତିଗତ ଆକ୍ରୋଶ କାରଣରୁ ଆପଣଙ୍କ ସପକ୍ଷରେ ଯାଉଥିବା ନିଷ୍ପତ୍ତି ବଦଳିଯାଇପାରେ। ବନ୍ଧୁଙ୍କର ପକ୍ଷପାତିତା କାମକୁ ଅପସନ୍ଦ କଲେ ମଧ୍ୟ କିଛି କରିପାରିବେ ନାହିଁ। ଗୃହ ନିର୍ମାଣ, ପରିବହନ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ଅବଶ୍ୟ ସାହିତ୍ୟ, କଳା ଓ ରଚନାତ୍ମକ କାମ ଯୋଗୁ ସାମାଜିକ ସ୍ତରରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** କର୍ମଜଞ୍ଜାଳ ବୃଦ୍ଧିରୁ ଆଜି ଘରର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଭୁଲି ଯାଇପାରନ୍ତି। ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିବ କିନ୍ତୁ ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ସନ୍ତାନ ହେତୁକ କେତେକ ସମସ୍ୟା ମନକୁ ବିବ୍ରତ କରିବା ସୂଚନା ରହିଛି।

**ବିଛା** ସବୁ କିଛି ଭଲ ଥିଲେ ମଧ୍ୟ ପଡ଼ୋଶୀଙ୍କ ଶତ୍ରୁତା ଏବଂ କ୍ରନିକ୍ ରୋଗପୀଡ଼ାଜନିତ ବ୍ୟସ୍ତତା ଅନୁଭବ କରିବେ। ଯେତେ ଚେଷ୍ଟା କଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ଅଭିଳାଷ ପୂରଣ ନ ହେବାରୁ ଅସନ୍ତୁଷ୍ଟ ରହିପାରନ୍ତି। ଅସାବଧାନତାରୁ ଧନ ହାନି ଘଟିପାରେ। ଅନୁରାଧା ନକ୍ଷତ୍ର ସାହିତ୍ୟ ଓ ସଙ୍ଗୀତ, ବକ୍ତୃତା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ କରି ଆଶ୍ୱସ୍ତିଲାଭ କରିବେ। ଆନୁଷ୍ଠାନିକ କାମରେ ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଅସମୟରେ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର** ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ ଚେଷ୍ଟା କରୁଥିବା କାମ ଅଟକି ରହିପାରେ। ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ, ଶିକ୍ଷାରେ ସଫଳତା ଲାଭ କରିପାରନ୍ତି। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରି ମାନସିକ ଅସ୍ଥିରତା ସୃଷ୍ଟି କରିପାରେ।

**କୁମ୍ଭ** ଆଜି ପୁରାତନ ରୋଗର ପ୍ରାଦୁର୍ଭାବ କର୍ଯ୍ୟହାସଲ ପାଇଁ ପ୍ରତିବନ୍ଧକ ସାଜିପାରେ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷ କ୍ରୟ କିମ୍ବା ଜମିଜମା କ୍ରୟବିକ୍ରୟ ନେଇ ଆଲୋଚନା କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ବେଶି ସମୟ ରହିବା ସମସ୍ୟାର କାରଣ ହୋଇପାରେ।

**ମୀନ** ବନ୍ଧୁଙ୍କ ସହୃଦୟତା ଅଭାବ ରହିଥିଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପଡ଼ୋଶୀଙ୍କ ସହାୟତାରେ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କର୍ମକ୍ଷେତ୍ରରେ ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ଅନୁତପ୍ତ ହୋଇପାରନ୍ତି।

ଆଜି ଜାନୁଆରୀ ୨୯ ତାରିଖ, ମାଘ ଶୁକ୍ଳପକ୍ଷର ସର୍ବସମ୍ମତ ଭୈମୀ (ବଡ଼) ଏକାଦଶୀ ଯୁକ୍ତ ବରାହ ଦ୍ୱାଦଶୀ ଗୁରୁବାର। କପୋତେଶ୍ୱର ଓ ବ୍ୟାସ ସରୋବର ଯାତ୍ରା, ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ଭକ୍ତ ଦାସିଆଙ୍କ ତିରୋଧାନ ତିଥି, ବର୍ଣ୍ଣବୋଧ ଦିବସ, ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ। ରାଶିନକ୍ଷତ୍ର– ସକାଳ ଘ. ୦୭।୩୧ମି. ଗତେ ମୃଗଶିରା/ବୃଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସକାଳ ଘ.୦୬।୨୬ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୫୩ମି. ଗତେ ଘ.୦୧।୦୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୩ମି. ଗତେ ଘ.୦୨।୪୬ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଆଁ ମୁଣ୍ଡ ଘର ଚୋରକୁ**
**ଅଦିନ ଚାଷ କରକୁ**
**ରାତି ଦହି ଖିଆ ଜରକୁ**
**ବୁଢ଼ା କାଳେ ବିଭା ପରକୁ।**

ସାଇ ପଡ଼ିଶା ପାଖ ଛାଡ଼ି ଗାଁ ମୁଣ୍ଡର ଏକୁଟିଆ ସ୍ଥାନରେ ଘର କରି ରହିଲେ ମନ ମଧ୍ୟରେ ଚୋରି ଯିବାର ଭୟ ଦେଖାଦେଇଥାଏ। ଅଦିନରେ କରାଯାଇଥିବା ଚାଷ ପାଇଁ ରାଜା ଘର କିମ୍ବା ସରକାର କର ନେବା ଲାଗି ମନ ବଳେଇଥାନ୍ତି। ରାତିରେ ଦହି ଖାଇଲେ ଜ୍ୱର ବା ଦେହ ଅସୁସ୍ଥ ହୋଇଥାଏ। ସେହିପରି ବୃଦ୍ଧକାଳେ ତରୁଣୀଟିଏକୁ ବାହାହେଲେ ସେ ସ୍ତ୍ରୀ ଭବିଷ୍ୟତରେ ପରପୁରୁଷର ପ୍ରୀତିରେ ଯେ ମଜ୍ଜି ନ ରହିବ ଏ ପ୍ରକାରର ଆଶଙ୍କା ସର୍ବଦା ମନକୁ ଆନ୍ଦୋଳିତ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗଛରୁ ପଡ଼ିଲା ଓଉ,**
**ଝିଅ ଜନମ ତ ପର ଘରକୁ**
**କାହିଁ କି କାନ୍ଦୁ ତୁ ବୋଉ ?**

ଝିଅଟିକୁ ବାପା ମା' କାଖେଇ କୋଳେଇ ବଡ଼ କରିଥାନ୍ତି। ଶେଷରେ ସେ ବୋହୂ ହୋଇଯାଏ ଆଉ ଗୋଟିଏ ଘରକୁ। ଏହା ହିଁ ଦୁନିଆର ରୀତି। ଶାଶୁଘରକୁ ବିଦା ହୋଇ ଯାଉଥିବା ଝିଅର ବିଚ୍ଛେଦଜନିତ ଦୁଃଖକୁ ସହ୍ୟ କରିବା ଜନ୍ମଦାତ୍ରୀ ମା'ପକ୍ଷେ ଅତୀବ କଷ୍ଟକର ହୋଇପଡୁଥିବା ବେଳେ ଏଥିରୁ କ୍ଷାନ୍ତ ରହିବା ପାଇଁ ସାନ୍ତ୍ୱନା ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ୧୨ କୋଟିଆ ଗ୍ରାମ ...

କୋଟିଆ ଗସ୍ତ ସମୟରେ ସ୍ଥାନୀୟ ବ୍ଲକ୍ ପ୍ରଶାସନକୁ ପଞ୍ଚାୟତରେ ଅନୁପ୍ରବେଶକାରୀଙ୍କୁ ରୋକିବାରେ ଭଲ ପଦକ୍ଷେପ ନେଉଥିବାରୁ ଧନ୍ୟବାଦ ଦେବା ଆବଶ୍ୟକ ବୋଲି କହିଥିଲେ। କିନ୍ତୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସୀମା ଜଗିବା ଓ ଅନୁପ୍ରବେଶ ରୋକିବାରେ କ'ଣ ପଦକ୍ଷେପ ନିଆଯାଉଛି ଏହା ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଜନସେନା ପ୍ରତିନିଧିମାନେ ଉପରସେମ୍ଭି ଗ୍ରାମରେ ଅନୁପ୍ରବେଶକରି କୋଟିଆ ପଞ୍ଚାୟତର ୧୨ ଗ୍ରାମର ମୁଖିଆ ଓ ଉକ୍ତ ଗ୍ରାମବାସୀଙ୍କୁ ଏକତ୍ର କରିଥିଲେ। ସୀମା ବିବାଦ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଥିଲେ ମଧ୍ୟ ଓଡ଼ିଶାର ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଜନପ୍ରତିନିଧିମାନେ କାହିଁକି ଅନୁପ୍ରବେଶକରି ସୀମାନ୍ତବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। କୋଟିଆ ପଞ୍ଚାୟତର ୧୨ ଗ୍ରାମ ଦୀର୍ଘ ୬୦ବର୍ଷ ହେବ ଓଡ଼ିଶା ସୀମା ଭିତରେ ରହିଯାଇଛି। ଏହି ଗ୍ରାମର ଲୋକେ ଓଡ଼ିଶାରେ ରହିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା କହିଛନ୍ତି। ଏହାକୁ ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଦାବି କରିବା ସହ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସେମାନେ ତେଲୁଗୁ ଭାଷାରେ ବୁଝାଇଥିଲେ। ଏହାପରେ ପ୍ରତିନିଧି ଦଳ ଉପରସେମ୍ଭି ଗ୍ରାମରେ ଶନିବାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନର ସହଯୋଗରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରାଥମିକ ବିଦ୍ୟୁତ୍ ସବ୍‌ଷ୍ଟେଶନ ପାଇଁ ଭିତ୍ତିପ୍ରସ୍ତର ନିମନ୍ତେ ଆୟୋଜନ ହୋଇଥିବା ଘଟଣାସ୍ଥଳରେ ଭଙ୍ଗାରୁଜା ସହ ଉକ୍ତ ସ୍ଥାନ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନକରି ଫେରିଯାଇଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଗସ୍ତ ପୂର୍ବରୁ ଅର୍ଥାତ୍ ୨୪ ତାରିଖ ଦିନ ବିଦ୍ୟୁତ୍ ପ୍ରକଳ୍ପ ଭିତ୍ତିପ୍ରସ୍ତର ସମ୍ପର୍କିତ ନାମଫଳକକୁ ଭଙ୍ଗାଯାଇଥିଲା। ଏଥିରୁ ନିଜ ମୁଣ୍ଡରୁ ଦୋଷ ହଟାଇବାକୁ ଯାଇ ବ୍ଲକ ପ୍ରଶାସନ ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟୁତ୍ ବିଭାଗର ବୋଲି କହିଥିଲା।

କୋଟିଆ ପଞ୍ଚାୟତର ସରପଞ୍ଚ ଲିଉ ଗେମେଲ କହିଛନ୍ତି, ଆନ୍ଧ୍ରର ସରକାରୀ ଅଧିକାରୀ, କର୍ମଚାରୀ ଓ ରାଜନୈତିକ ଦଳଗୁଡିକର ଅନୁପ୍ରବେଶ ରୋକିବାରେ ସ୍ଥାନୀୟ ପ୍ରଶାସନ ଆନ୍ତରିକତା ଦେଖାଉ ନାହିଁ। ପଞ୍ଚାୟତରେ ଦୀର୍ଘଦିନ ହେବ ଉନ୍ନୟନମୂଳକ କାର୍ଯ୍ୟ କାହିଁକି ବନ୍ଦ ହୋଇ ରହିଥିଲା ବୋଲି ବୈଠକରେ ପ୍ରଶ୍ନ ଉଠାଇଥିଲୁ। କିନ୍ତୁ ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ପଞ୍ଚାୟତ ପକ୍ଷରୁ କାମ କରାଯାଉଛି, କିନ୍ତୁ ସରକାର ବର୍ତ୍ତମାନ ପ୍ୟାକେଜ ଘୋଷଣା କରିଛନ୍ତି, ଏହାର ଲାଭ ଅଫିସର ଓ ଠିକାଦାର ଉଠାଇବେ। ପଞ୍ଚାୟତବାସୀଙ୍କ କିଛି ଲାଭ ହେବା ଭଳି ଲାଗୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ଉପରସେମ୍ଭି ଗ୍ରାମର ପିଲୁକୁ ତାଡ଼ିଙ୍ଗି, ରାଜେଶ ତାଡ଼ିଙ୍ଗି ଓ ସାନାମା ତାଡିଙ୍ଗି କହିଛନ୍ତି, ଓଡ଼ିଶାର ବ୍ଲକ୍ ପ୍ରଶାସନ ସୀମାନ୍ତବାସୀ ରୋଜଗାରକ୍ଷମହେବା ନେଇ କୌଣସି ତତ୍ପରତା ଦେଖାଉନାହାନ୍ତି। ଆନ୍ଧ୍ର ସରକାର ପ୍ରତି କ୍ଷେତ୍ରରେ ଆମମାନଙ୍କୁ ବିଭିନ୍ନ ସହାୟତା ଯୋଗାଇବା ସହ ପିଲାମାନେ ଉଚ୍ଚଶିକ୍ଷା ଲାଭକରିବା ନେଇ ଭଲ ପଦକ୍ଷେପ ନେଉଛନ୍ତି। ଗଞ୍ଜେଇପଦର ଗ୍ରାମରେ ଓଡ଼ିଶା ପକ୍ଷରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। କିନ୍ତୁ ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। କାରଣ ଆନ୍ଧ୍ର ସରକାର ଏହି ସେବା ମାଗଣାରେ ଯୋଗାଇ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ଆନ୍ଧ୍ରର ଜନସେବା ଦଳ ବୈଠକ କରିଥିବା ନେଇ ପଚାରିବାରୁ ତାଙ୍କ ପାଖରେ ଖବର ରହିଛି ବୋଲି କହିଥିଲେ।

## ବିମାନ ଦୁର୍ଘଟଣାରେ ...

ଅଜିତଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ମୋଦି ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ସେଲିବ୍ରିଟିମାନେ ଶୋକବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଏଆଇବି) ପକ୍ଷରୁ ବିମାନ ଦୁର୍ଘଟଣାର ତଦନ୍ତ କରାଯିବାକୁ ଥିବାବେଳେ ଅନେକେ ଉକ୍ତ କେନ୍ଦ୍ରୀୟ ଏଜେନ୍ସି ଉପରେ ଭରସା କରିପାରୁନାହାନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିମାନ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ମହାରାଷ୍ଟ୍ର ରାଜନୀତିରେ 'ଦାଦା' ନାମରେ ପରିଚିତ ଅଜିତ ପାୱାର ବୁଧବାର ସକାଳେ ମୁମ୍ବାଇରେ ଏକ କ୍ୟାବିନେଟ ବୈଠକରେ ଯୋଗଦେଇଥିଲେ। ଜିଲା ପରିଷଦ ନିର୍ବାଚନ ପୂର୍ବରୁ ସେ ପୁଣେରେ ୪ଟି ରାଲିକୁ ସମ୍ବୋଧିତ କରିବା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ଅଜିତ ମୁମ୍ବାଇସ୍ଥିତ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସକାଳ ୮ଟା ୧୦ରେ ଭିଏସ୍‌ଆର୍ ଆଭିଏଶନ୍ ଦ୍ୱାରା ପରିଚାଳିତ ବମ୍ବାର୍ଡିଅର ଲିଅରଜେଟ୍ ୪୫ଏକ୍ସଆର୍ (ରେ.ଭିଟି-ଏସ୍‌ଏସ୍‌କେ) ଯୋଗେ ପୁଣେ ଜିଲାର ବାରାମତିରେ ଥିବା ବିମାନବନ୍ଦର ଅଭିମୁଖେ ଯାତ୍ରା କରିଥିଲେ। ତାଙ୍କ ସହ ପାଇଲଟ, କୋ-ପାଇଲଟ, ପିଏସ୍‌ଓ ଏବଂ ଆଟେଣ୍ଡାଣ୍ଟ ମଧ୍ୟ ଉକ୍ତ ବିମାନରେ ଥିଲେ। ୮ଟା ୧୮ ମିନିଟ୍‌ରେ ବିମାନଟି ବାରାମତି ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରି ଦୁର୍ବଳ ଦୃଶ୍ୟମାନତା ଯୋଗୁ ରନ୍‌ୱେ ଦେଖାଯାଉ ନ ଥିବା ବିଷୟ ଜଣାଇଥିଲା। ୮ଟା ୩୦ରେ ପାଇଲଟ ବିମାନ ଅବତରଣ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ୮ଟା ୪୩ରେ ଏଟିସି ପକ୍ଷରୁ ଅବତରଣ ପାଇଁ ଦ୍ୱିତୀୟ ଥର କ୍ଲିଅରାନ୍ସ ମିଳିବାର କିଛି ମୁହୂର୍ତ୍ତ ପରେ ବିମାନଟି ୧୧ ନମ୍ବର ରନ୍‌ୱେକୁ ଓହ୍ଲାଇବା ମାତ୍ରେ ସେଥିରେ ବିସ୍ଫୋରଣ ଘଟିଥିଲା। ଚାହୁଁ ଚାହୁଁ ବିମାନଟିରେ ନିଆଁ ଲାଗିଯାଇଥିଲା। ବିମାନ ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ଦୁର୍ଘଟଣାସ୍ଥଳରେ ଅଜିତଙ୍କ ସମେତ ସମସ୍ତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ମୃତକମାନଙ୍କ ମୃତଦେହରୁ ପରିଚୟ ଚିହ୍ନଟ କରିବା ଅସମ୍ଭବ। ଅଜିତ ପିନ୍ଧିଥିବା ହାତଘଣ୍ଟାରୁ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଚିହ୍ନଟ କରାଯାଇଛି।

ଇତିମଧ୍ୟରେ ଏଏଆଇବି ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଟିମ୍‌କୁ ବାରାମତି ଏୟାରପୋର୍ଟକୁ ଦୁର୍ଘଟଣାର ତଦନ୍ତ ପାଇଁ ପଠାଯାଇଛି। କିଛି ଦେଖାଯାଉ ନ ଥିବାବେଳେ ବିମାନଟି ଅବତରଣ ଉଦ୍ୟମ କରିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ପୁଣେରେ ରିପୋର୍ଟରମାନଙ୍କୁ କହିଛନ୍ତି। ଅଜିତଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଜାନୁଆରୀ ୧୫ରେ ଅନୁଷ୍ଠିତ ମହାନଗର ନିଗମ ନିର୍ବାଚନରେ ପୁଣେ ଓ ପିମ୍ପ୍ରି ଚିଞ୍ଚୱାଡରେ ଦାଦା ଶରଦ ପାୱାରଙ୍କ ଏନ୍‌ସିପି(ଏସ୍‌ପି) ସହ ମେଣ୍ଟକରି ଲଢ଼ିଥିଲା। ଅଜିତ ନିକଟ ଭବିଷ୍ୟତରେ ଭାଜପା ନେତୃତ୍ୱାଧୀନ ଶାସକ ମହାଯୁତି ମେଣ୍ଟ ଛାଡ଼ି ଶରଦ ପାୱାରଙ୍କ ସହ ଏନ୍‌ସିପି(ଏସ୍‌ପି)କୁ ଫେରିବା ପାଇଁ ଯୋଜନା କରୁଥିଲେ। ଏଭଳି ସମୟରେ ତାଙ୍କ ବିମାନ ଦୁର୍ଘଟଣାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ପ୍ରଶ୍ନ ଉଠାଇଛନ୍ତି। ମମତା କହିଛନ୍ତି, କେନ୍ଦ୍ର କିମ୍ବା ରାଜ୍ୟର କୌଣସି ତଦନ୍ତକାରୀ ଏଜେନ୍ସି ଉପରେ ତାଙ୍କର ଭରସା ନାହିଁ। ସବୁ ଏଜେନ୍ସି ସମ୍ପୂର୍ଣ୍ଣ ରୂପେ ସାଲିସ କରୁଛନ୍ତି। ଦେଶରେ ରାଜନେତାମାନେ ଯଦି ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କୁ କିଏ ପଚାରେ। ଶାସକ ମେଣ୍ଟରେ ଥିବା ଲୋକେ ବି ଆଜି ଅସୁରକ୍ଷିତ। ତେଣୁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହି ଦୁର୍ଘଟଣାର ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି। ମମତାଙ୍କ ଦାବିକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସମେତ ଅନେକ ବିରୋଧୀ ନେତା ସମର୍ଥନ କରିଛନ୍ତି।

ଅଜିତଙ୍କ ସ୍ତ୍ରୀ ସୁନେତ୍ରା ପାୱାର ରାଜ୍ୟ ସଭା ସଦସ୍ୟା ଥିବାବେଳେ ତାଙ୍କ ୨ ପୁଅ ପାର୍ଥ ଓ ଜୟ ଅଛନ୍ତି। ଅଜିତଙ୍କ ପରଲୋକ ଖବର ପାଇବା ପରେ ସୁନେତ୍ରା ଦିଲ୍ଲୀରୁ ଫେରିଛନ୍ତି। ଫଡ୍‌ନବିସ ଓ ଶିନ୍ଦେ ସେମାନଙ୍କୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି। ମହାରାଷ୍ଟ୍ର ସରକାର ଜାନୁଆରୀ ୩୦ ପର୍ଯ୍ୟନ୍ତ ୩ଦିନିଆ ଶୋକ ଦିବସ ଘୋଷଣା କରିଛନ୍ତି। ଗୁରୁବାର ବାରାମତିସ୍ଥିତ ବିଦ୍ୟା ପ୍ରତିଷ୍ଠାନ ପଡ଼ିଆରେ ଅଜିତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଦାଦା ଶରଦ ପାୱାର ମଧ୍ୟ ବାରାମତି ମେଡିକାଲ କଲେଜକୁ ଯାଇ ପୁତୁରା ଅଜିତଙ୍କ ଶେଷଦର୍ଶନ କରିଛନ୍ତି।

# ପୋର୍ଟାଲରେ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଦେଖିପାରିବେ ଜନସାଧାରଣ



ରାଜ୍ୟ ଓ କେନ୍ଦ୍ର ୬ଷ୍ଠ ଅର୍ଥ କମିଶନଙ୍କ ପ୍ରଦତ୍ତ ଚୂଡ଼ାନ୍ତ ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କମିଶନ ଅଧକ୍ଷ ଅରୁଣ କୁମାର ପଣ୍ଡା ପ୍ରମୁଖ ପ୍ରଦର୍ଶନ କରୁଛନ୍ତି।

■ ସମୀକ୍ଷା ପୋର୍ଟାଲର ଉନ୍ମୋଚନକଲେ ମୁଖ୍ୟମନ୍ତ୍ରୀ

■ ରାଜ୍ୟ ଓ କେନ୍ଦ୍ର ୬ଷ୍ଠ ଅର୍ଥ କମିଶନଙ୍କ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ

ଭୁବନେଶ୍ୱର, ୨୮।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସମୀକ୍ଷା ପୋର୍ଟାଲର ଉନ୍ମୋଚନ କରିଛନ୍ତି। ଏହି ପୋର୍ଟାଲ ରାଜ୍ୟ ଅର୍ଥ କମିଶନ ଏବଂ କେନ୍ଦ୍ର ଅର୍ଥ କମିଶନ ଅନୁଦାନ ଅଧୀନରେ ହେଉଥିବା ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗିତା ଆଦି ପ୍ରକଳ୍ପର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ଦେବ। ଏହାଦ୍ୱାରା ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି ପୋର୍ଟାଲକୁ ଯାଇ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପ୍ରଗତି ବିଷୟରେ ତଦାରଖ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବା ଭବନଠାରେ ୬ଷ୍ଠ ରାଜ୍ୟ ଅର୍ଥ କମିଶନ ପକ୍ଷରୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, କମିଶନ ପ୍ରଦାନ କରିଥିବା ରିପୋର୍ଟରେ ପୂର୍ବାନୁମାନଯୋଗ୍ୟ ଏବଂ ସୂତ୍ରଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଓ ଅଣଆର୍ଥିକ ଉଭୟ ସୁପାରିସ କରିଛନ୍ତି।

ବୈଠକରେ ଅଧ୍ୟକ୍ଷତାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତସ୍ତରର ଢାଞ୍ଚା ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନଧାରଣାର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସ୍ଥିତି ସୁଧାରିବା ସହ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର , ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ସଚିବ ବିକାଶ ଦେବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବ ଗିରିଶ ଏସ୍ଏନ୍ ପ୍ରମୁଖ ଉପସ୍ଥିତ ଥିଲେ। କମିଶନ ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ୬ଷ୍ଠ ରାଜ୍ୟ ଅର୍ଥ କମିଶନ ସଦସ୍ୟ ଅସିତ ରଞ୍ଜନ ମହାନ୍ତି, ବିଭୁପ୍ରସାଦ ନାୟକଙ୍କ ସହ ସଦସ୍ୟ ସଚିବ ସତ୍ୟପ୍ରିୟ ରଥ, ପଦାଧିକାରୀ ସଦସ୍ୟ ତଥା ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାଜିକ କ୍ଷେତ୍ରକୁ ସରକାରଙ୍କ ଗୁରୁତ୍ୱ

## ମିଶନ ଶକ୍ତି ବିଭାଗ ୨୨୩% ଅଧିକ ଖର୍ଚ୍ଚ କରିଛି

ଭୁବନେଶ୍ୱର,୨୮।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଆର୍ଥିକବର୍ଷ ସାମାଜିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଉଛି, ଯେଉଁଥି ପାଇଁ ପୂର୍ବବର୍ଷ ତୁଳନାରେ ୨୦୨୫-୨୬ ଆର୍ଥିକବର୍ଷରେ ହାରାହାରି ୨୨ପ୍ରତିଶତ ଅଧିକ ଖର୍ଚ୍ଚ ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ନିର୍ଦ୍ଦେଶକୁ ନେଇ ଯୋଜନା ଓ ସଂଯୋଜନା ବିଭାଗ ସ୍ୱତନ୍ତ୍ର ସଚିବ ଡି. କେ. ଜେନା ଜାନୁଆରୀ ୨୨ରେ ସବୁ ବିଭାଗକୁ ପ୍ରଦାନ କରିଥିବା ପତ୍ର ଅନୁଯାୟୀ, ୨୦୨୪-୨୫ ଡିସେମ୍ବର ୩୧ ତୁଳନାରେ ୨୦୨୫-୨୬ ଆର୍ଥିକବର୍ଷର ଏହି ଅବଧି ମଧ୍ୟରେ ମିଶନ ଶକ୍ତି ବିଭାଗ ୨୨୩ % ଅଧିକ ଖର୍ଚ୍ଚ କରିଛି। ସେହିପରି ପଞ୍ଚାୟତିରାଜ ବିଭାଗ ୫୯% ଅଧିକ ଖର୍ଚ୍ଚ କରିଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗତବର୍ଷର ଏହି ଅବଧି ତୁଳନାରେ ଅଧିକ ୨୮ପ୍ରତିଶତ ଖର୍ଚ୍ଚ କରିଛି।

ଅନୁରୂପ ଭାବେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ୪୨ପ୍ରତିଶତ ଅଧିକ ଖର୍ଚ୍ଚ କରିଥିବାବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ୨୭%, ମହିଳା ଓ ଶିଶୁ କଲ୍ୟାଣ ୧୭ %, ଶ୍ରମ ଓ ନିୟୋଜନ ୯%, ସ୍ୱାସ୍ଥ୍ୟ ଏବଂ ଉଚ୍ଚଶିକ୍ଷା ଅଧିକ ୫ପ୍ରତିଶତ ଲେଖାଏ ଖର୍ଚ୍ଚ କରିଛନ୍ତି। ଏହି ଅବଧି ମଧ୍ୟରେ କ୍ୟାପିଟାଲ ଏକ୍ସପେଣ୍ଡିଚର ୨୨ହଜାର ୮୩୫କୋଟି ଟଙ୍କା ହୋଇଛି; ଯାହା କି ବଜେଟରେ ବ୍ୟୟବରାଦ ସମୁଦାୟ ଘରୋଇ ଉତ୍ପାଦ(୬.୧%)ର ୨.୯ ପ୍ରତିଶତ ରହିଛି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, କୌଣସି ବିଭାଗ ବିଭିନ୍ନ ଯୋଜନା ବାବଦ ଟଙ୍କା ବ୍ୟାଙ୍କରେ ଠୁଳ(ପାର୍କିଂ) କରିପାରିବେ ନାହିଁ। ଯଦି କୌଣସି ଯୋଜନାରେ କୌଣସି ବ୍ୟାଙ୍କରେ ଟଙ୍କା ପାର୍କିଂ ହୋଇଥିବା ଦୃଷ୍ଟିକୁ ଆସିବ ତେବେ ତାକୁ 'ମପ୍ପିଂ' ପଦ୍ଧତିରେ ଉଠାଣ କରାଯାଇ ରାଜକୋଷକୁ ଫେରାଇ ଅଣାଯିବ। ସେହିପରି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍ଏସ୍)ରେ ବିଭାଗର ଯୋଜନା ଅନୁଯାୟୀ ଯେଉଁ ଟଙ୍କା କେନ୍ଦ୍ରଠାରୁ ପାଇବା ପାଇଁ ରହିଛି ତାହା କିଭଳି ଆସିପାରିବ ସେନେଇ ବିଭାଗୀୟ ସଚିବମାନେ ସମ୍ପୃକ୍ତ ବିଭାଗର ମନ୍ତ୍ରୀଙ୍କ ସହିତ ଯୋଗସୂତ୍ର ରକ୍ଷାକରିବାକୁ ମୁଖ୍ୟସଚିବ ପରାମର୍ଶ ଦେଇଛନ୍ତି। ଏହାସହିତ ରାଜସ୍ୱ ଅଭିବୃଦ୍ଧି ଦିଗରେ ସମ୍ପୃକ୍ତ ବିଭାଗ ଗୁରୁତ୍ୱ ଦେବାକୁ ମୁଖ୍ୟସଚିବ ଦେଇଥିବା ନିର୍ଦ୍ଦେଶରୁ ଜଣାଯାଇଛି।

# ବିଧାନସଭାରେ ଶହୀଦ ଦିବସ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ

ଭୁବନେଶ୍ୱର,୨୮।୧(ରବିନାରାୟଣ ଜେନା)

ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟସ୍ତରୀୟ ଶହୀଦ ଦିବସ ବିଧାନସଭା ପରିସରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳନ କରାଯିବା ପାଇଁ ରହିଛି। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ସ୍ୱାଧୀନତା ସଂଗ୍ରାମର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦାନ କରି ରାଷ୍ଟ୍ରପିତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଅନୁରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଜାନୁଆରୀ ୩୦ ପୂର୍ବାହ୍ନ ୧୦ଟା ୪୮ ମିନିଟ୍‌ରେ ବିଧାନସଭା ପରିସରରେ ଅନୁଷ୍ଠିତ ହେବାକୁଥିବା ଶହୀଦ ଦିବସରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀମାନେ, ମନ୍ତ୍ରୀ, ବିଧାୟକମାନେ ଏବଂ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ ରହିବେ ବୋଲି ଜଣାଯାଇଛି।

# ବାଣ ବିସ୍ଫୋରଣରେ ୧୦ ବରଯାତ୍ରୀ ଆହତ

ନାଉଗାଁ, ୨୮।୧(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଗଜରାଜପୁର ଗ୍ରାମକୁ ବୁଧବାର ଆସିଥିବା ୧୦ ଜଣ ବରଯାତ୍ରୀ ବାଣ ବିସ୍ଫୋରଣରେ ଆହତ ହୋଇଛନ୍ତି। ବରଯାତ୍ରୀଙ୍କ ଘର କଟକ ଜଗତପୁର ବୋଲି ଜଣାଯାଇଛି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ଘନଶ୍ୟାମ ଦାସଙ୍କ ଝିଅ ବିବାହ ଲାଗି ଅପରାହ୍ନରେ ବରପକ୍ଷରୁ କନ୍ୟାଘରକୁ ବରଯାତ୍ରୀଙ୍କୁ ନେଇ ଶୋଭାଯାତ୍ରାରେ ଯାଉଥିଲେ। ଶୋଭାଯାତ୍ରା ବେଳେ ବାଣ ନ ଫୁଟିବାରୁ ଜଣେ ବରଯାତ୍ରୀ ବାଣ ବାକ୍ସକୁ ଗୋଡ଼ରେ ଫୋପାଡି ଦେଇଥିଲେ। ସେହି ସମୟରେ ହଠାତ୍ ବାଣ ବିସ୍ଫୋରଣ ଯୋଗୁ ଉପସ୍ଥିତ ୧୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ ଆହତ ହୋଇ ପଡିଥିଲେ।

# ପିଟିହୋଇ ଚାଲିଗଲା ଶିଶୁର ଜୀବନ

## ଭ୍ୟାନ୍ ଧକ୍କାରେ ଓଭରବ୍ରିଜ୍ ତଳକୁ ଖସିପଡ଼ିଲେ ମା'ବାପା

ଭଦ୍ରକ,୨୮।୧(ସନାତନ ରାଉତ)

ଭ୍ୟାନ୍ ଧକ୍କାରେ ବାଇକ୍‌ରୁ ଓଭରବ୍ରିଜ୍ ତଳକୁ ଖସିପଡ଼ି ମା'ବାପା ଗୁରୁତର ହୋଇଥିବା ବେଳେ ସେଥିରେ ପିଟିହୋଇ ୫ ବର୍ଷ ପୁଅର ଜୀବନ ଚାଲିଯାଇଛି। ଭଦ୍ରକ ଜିଲା ୧୬ନଂ. ଜାତୀୟ ରାଜପଥର ଡାହାଣିଗଡ଼ିଆ ଓଭରବ୍ରିଜ୍ ନିକଟରେ ବୁଧବାର ସକାଳେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତ ଶିଶୁ ହେଲେ ମୟୂରଭଞ୍ଜ ଜିଲା ଝିଙ୍କିରିଆର ରଜତ ଜେନା ଓ ମିଲି ସିଂଙ୍କ ପୁଅ ଆକାଶ। ଗୁରୁତର ରଜତ ଓ ମିଲି ଏବେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ଝିଙ୍କିରିଆରୁ ରଜତ ସ୍ତ୍ରୀ ଓ ପୁଅଙ୍କୁ ସାଙ୍ଗରେ ଧରି ବାଇକ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଡାହାଣିଗଡ଼ିଆ ଓଭରବ୍ରିଜ୍ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେବାରୁ ବାଇକ୍‌ଟି ବ୍ରିଜ୍ ବାଡ଼ାରେ ପିଟିହୋଇ ଜାତୀୟ ରାଜପଥ ଉପରେ ରହିଥିବା ବେଳେ ଆକାଶଙ୍କର ମୃତ୍ୟୁ ଘଟିଥିଲା। ରଜତ ଓ ମିଲି ପ୍ରାୟ ୧୮ ଫୁଟ ତଳ ସର୍ଭିସ୍ ରୋଡ୍‌କୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଚରମ୍ପା ୫ନଂ. ୱାର୍ଡର ଧର୍ମେନ୍ଦ୍ର ଦାସ ଓ ବ୍ରହ୍ମ ବେହେରା ଉଦ୍ଧାର କରି କାର୍‌ରେ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଭଦ୍ରକ କଂଗ୍ରେସର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୨୮।୧ (ରବିନାରାୟଣ ଜେନା)

ଭଦ୍ରକରେ କଂଗ୍ରେସ ସାଙ୍ଗଠନିକ ସ୍ଥିତି ସୁଦୃଢ଼ କରିବା ଲାଗି ବୁଧବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ନୂତନ କମିଟି ଘୋଷଣା କରାଯାଇଛି। ଏନେଇ ପିସିସି ପକ୍ଷରୁ ପ୍ରଶାସକ ସମୀର କୁମାର ରାଉତରାୟ ଭଦ୍ରକ ଜିଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ନୂତନ କମିଟିରେ ୧୫ ଜଣଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ, ୮ଜଣଙ୍କୁ ଉପସଭାପତି, ବିଜୟ କୁମାର ବାରିକଙ୍କୁ କୋଷାଧ୍ୟକ୍ଷ, ୨୧ଜଣଙ୍କୁ ସାଧାରଣ ସମ୍ପାଦକ, ୨୬ଜଣଙ୍କୁ ସମ୍ପାଦକ ଏବଂ ୪୪ଜଣଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ବ୍ଲକ୍ ଓ ନଗର କଂଗ୍ରେସ କମିଟି ଲାଗି ନୂତନ ସଦସ୍ୟ ନିଯୁକ୍ତ କରାଯାଇଛି।

# ନୋ-ଫ୍ଲାଇଂ ଜୋନ୍ ଘୋଷଣା

## ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ

ବାରିପଦା,୨୮।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି। ଫେବୃଆରୀ ୨ରୁ ୭ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଥିବା ସ୍ଥାନଗୁଡ଼ିକୁ ନୋ-ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି। ନିୟମ ଅବମାନନା କରାଗଲେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋଇନ୍ଦା ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର,ଯାଜପୁର, ବାଲେଶ୍ୱର, ପୁରୀ ଓ ମୟୂରଭଞ୍ଜ ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ସହ ଆସୁଥିବା ଭିଭିଆଇପିମାନେ ମଧ୍ୟ ଗସ୍ତ ସମୟରେ ଉପସ୍ଥିତ ରହିବେ। ଏଥି ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇ ପର୍ଯ୍ୟାୟକ୍ରମେ ନିରୀକ୍ଷଣ କରାଯାଉଛି। ସମସ୍ତ ପରିଦର୍ଶନ ସ୍ଥାନ, କାର୍ଯ୍ୟସ୍ଥଳୀ, ରାତ୍ରକାଳୀନ ସଭା ଓ ରାତ୍ରିଯାପନ ସ୍ଥାନଗୁଡ଼ିକୁ ନୋ-ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି। ଏପରିକି ଆଖପାଖ ସ୍ଥାନଗୁଡ଼ିକରେ ମଧ୍ୟ ଏହାକୁ ବାରଣ କରାଯାଇଛି। ଏହି ସ୍ଥାନଗୁଡ଼ିକରେ ଗଣମାଧ୍ୟମ କର୍ମଚାରୀ, ଆୟୋଜକ କିମ୍ବା ଇଭେଣ୍ଟ ମ୍ୟାନେଜମେଣ୍ଟ ଦଳ ଦ୍ୱାରା ଡ୍ରୋନ୍ ଉଡ଼ାଣକୁ ନିଷିଦ୍ଧ କରାଯାଇଛି। ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମ କର୍ମଚାରୀମାନେ ଏଥିପ୍ରତି ସଜାଗ ରହି କାର୍ଯ୍ୟକରିବାକୁ କୁହାଯାଇଛି।

# ବିଳମ୍ବିତ ପ୍ରକଳ୍ପର ସମାଧାନ କର: ମନ୍ତ୍ରୀ

## ୫୦ କୋଟି ଟଙ୍କା ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର,୨୮।୧(ସୁନିତ୍ ମିଶ୍ର)

ରାସ୍ତାଘାଟଠାରୁ ଆରମ୍ଭ କରି କୋଠାବାଡ଼ି, ଐତିହ୍ୟ କୀର୍ତ୍ତିରାଜି ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଦିଗରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଚାଲୁରହିଥିବା ଭିତ୍ତିଭୂମି ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ କରି ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ଠିକା ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନେକ ପ୍ରକଳ୍ପର ନିର୍ମାଣ ଅଗ୍ରଗତି ସନ୍ତୋଷଜନକ ଅଟେ। ବିଳମ୍ବିତ ହେଉଥିବା ପ୍ରକଳ୍ପର କାରଣ ସମାଧାନ କରି ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆମକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ଲୋକସେବା ଭବନସ୍ଥିତ କନ୍‌ଭେନ୍‌ଶନ ହଲ୍‌ରେ ନିର୍ମାଣ ବିଭାଗ ପକ୍ଷରୁ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୃଥ୍ୱୀରାଜ କହିଛନ୍ତି, ପୁରୀ-କୋଣାର୍କ ରୋଡ୍, ଖୋର୍ଦ୍ଧା ବାଇପାସ୍ ରୋଡ୍, ନୟାଗଡ଼ ଟାଉନ୍ ବାଇପାସ୍, ଜୟପୁର ଟାଉନ ବାଇପାସ୍, କନ୍ଦରପୁର-ବାଲିକୁଦା ରାସ୍ତା, ବଲାଙ୍ଗୀର ବାଇପାସ୍ ରୋଡ୍ ସମେତ ପୁରୀ ଐତିହ୍ୟ ପ୍ରକଳ୍ପ, ଏକାମ୍ର କ୍ଷେତ୍ର ଉନ୍ନୟନ ପ୍ରକଳ୍ପ, ମା'ତାରିଣୀ ଓ ଶାରଳା ପୀଠର ଉନ୍ନତୀକରଣ, ଏସ୍‌ସିବି ପ୍ରକଳ୍ପ, ବିଧାୟକ କଲୋନୀ ନିର୍ମାଣ ସହ ବୈତରଣୀ, ବ୍ରାହ୍ମଣୀ, ତେଲ ଆଦି ବିଭିନ୍ନ ନଦୀରେ ହାଇଲେଭଲ୍ ସେତୁ ନିର୍ମାଣ କାର୍ଯ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି। ଏହିସବୁ ପ୍ରକଳ୍ପ ରାଜ୍ୟର ବିକାଶ ଓ ସାଧାରଣ ଜନତାଙ୍କ ଲାଗି ବେଶ୍ ଗୁରୁତ୍ୱ ବହନ କରୁଛି। ତେଣୁ ଏହିସବୁ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବା ନେଇ ପଦକ୍ଷେପ ନେବାକୁ ସେ ବିଭାଗୀୟ ଇଞ୍ଜିନିୟର ଓ ଠିକା ସଂସ୍ଥାକୁ ମନ୍ତ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି, ଲକ୍ଷ୍ୟ କରାଯାଉଛି କି ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ଅନୁମୋଦନ ଏବଂ ଅନ୍ୟାନ୍ୟ ଅନୁମୋଦନ ପ୍ରକ୍ରିୟା ପାଇଁ ଅନେକ ପ୍ରକଳ୍ପ ବିଳମ୍ବିତ ହେଉଛି। ତେଣୁ ନିୟମିତ ବ୍ୟବଧାନରେ ସମ୍ପୃକ୍ତ ବିଭାଗ ସହ ଯୋଗସୂତ୍ର ରଖି ଅନୁମୋଦନ ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା ଉପରେ ଇଞ୍ଜିନିୟରମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ପ୍ରକଳ୍ପ କାର୍ଯ୍ୟକୁ ଅହେତୁକ ବିଳମ୍ବ କରୁଥିବା ଠିକା ସଂସ୍ଥାର ତାଲିକା ପ୍ରସ୍ତୁତ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି ବୈଠକରେ ଜାତୀୟ ରାଜପଥର ୨୯ଟି ପ୍ରକଳ୍ପ, ଓବିସିସିର ୨୧ଟି ପ୍ରକଳ୍ପ, ୧୨ଟି ରାସ୍ତା ପ୍ରକଳ୍ପ, ୧୨ଟି ସେତୁ ଏବଂ ୧୨ଟି କୋଠାବାଡ଼ି ପ୍ରକଳ୍ପ ଆଦିର ନିର୍ମାଣ ସ୍ଥିତି ସମ୍ପର୍କରେ ଆଲୋଚନା କରାଯିବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଶଦ ଆଲୋଚନା ହୋଇଛି।




# 'ଡିଜିଟାଲ ଯୁଗରେ ମୁଦ୍ରିତ ଗଣମାଧ୍ୟମର ଭୂମିକା'

## ଭାରତୀୟ ଖବରକାଗଜ ଦିବସ ଆଜି

ପ୍ରତିବର୍ଷ ଜାନୁଆରୀ ୨୯ ତାରିଖକୁ ଭାରତୀୟ ଖବରକାଗଜ ଦିବସ ଭାବରେ ପାଳନ କରାଯାଇଆସୁଛି। ୧୭୮୦ ମସିହାର ଏହି ଦିନରେ ଭାରତର ପ୍ରଥମ ଖବରକାଗଜ ଭାବେ ହିକି'ସ ବେଙ୍ଗଲ ଗେଜେଟ କଲିକତାଠାରେ ପ୍ରକାଶ ପାଇଥିଲା। ଏହି ଦିବସ ଜନମତ ସୃଷ୍ଟି, ଗଣତନ୍ତ୍ରକୁ ସୁଦୃଢ଼ କରିବା ଏବଂ ନାଗରିକଙ୍କୁ ସୂଚନା ଦେବାରେ ଖବରକାଗଜ ଏବଂ ସାମ୍ବାଦିକତାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ମରଣ କରାଏ। ଏଥିସହ ଭାରତୀୟ ଖବରକାଗଜ ଦିବସ ଡିଜିଟାଲ ମିଡିଆ ଯୁଗରେ, ସମାଜରେ ଖବରକାଗଜଗୁଡ଼ିକ ବଜାୟ ରଖିଥିବା ବିଶ୍ୱସନୀୟତା ଏବଂ ସାମାଜିକ ଦାୟିତ୍ୱକୁ ମନେ ପକାଇ ଦିଏ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଡିଜିଟାଲ ଯୁଗରେ ମୁଦ୍ରିତ ଗଣମାଧ୍ୟମର ଭୂମିକା'। ଏଆଇ (AI)ର ପ୍ରାଧାନ୍ୟ ବଢ଼ିବା ସମୟରେ ଏହା ବିଶ୍ୱସନୀୟ ତଥା ମନୁଷ୍ୟ ଦ୍ୱାରା ଯାଞ୍ଚ ହୋଇଥିବା ରିପୋର୍ଟିଂର ଆବଶ୍ୟକତାକୁ ଗୁରୁତ୍ୱାରୋପ କରେ। ଏଥିସହ ଉକ୍ତ ଦିବସ 'ଏକ ସୂଚିତ ଏବଂ ସଶକ୍ତ ସମାଜ ପାଇଁ ବିଶ୍ୱସନୀୟ ସାମ୍ବାଦିକତା' ମାଧ୍ୟମରେ ମୁଦ୍ରିତ ଗଣମାଧ୍ୟମ ଏବଂ ପାରମ୍ପରିକ ସାମ୍ବାଦିକତା କିପରି ଗଣତନ୍ତ୍ରର ଏକ ସ୍ତମ୍ଭ ହୋଇ ରହିଛି, ଡିଜିଟାଲ ଯୁଗରେ ଗଭୀର ବିଶ୍ଳେଷଣ ଏବଂ ଦାୟିତ୍ୱ ପ୍ରଦାନ କରୁଛି ତାହା ଉପରେ ମଧ୍ୟ ଆଲୋକପାତ କରେ।


HICKY's
BENGAL GAZETTE;
Calcutta General Advertiser.

# ଶାଶ୍ୱତ, ଉଷା, ବିଶାଳଙ୍କୁ ମିଳିବ ଏସିଏସ୍ ପାହ୍ୟା

ଭୁବନେଶ୍ୱର,୨୮।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ୩ ଜଣ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ ଖୁବ୍‌ଶୀଘ୍ର ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ପାହ୍ୟା ମିଳିବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଗୋପବନ୍ଧୁ ଏକାଡେମୀର ଡାଇରେକ୍ଟର ଜେନେରାଲ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଜି. ମାଥିଭାଥନନ୍ ଜାନୁଆରୀ ୩୧ରେ ଅବସର ଗ୍ରହଣ କରିବା ପରେ ନୂତନ ଏସିଏସ୍ ନିଯୁକ୍ତି ଲାଗି ବାଟ ଖୋଲିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମାଥିଭାଥନନ୍‌ଙ୍କ ଅବସର ପରେ ରାଜ୍ୟ ସରକାରଙ୍କ ପାଖରେ ଗୋଟିଏ ଏସିଏସ୍ ପଦ ରହିବ। ଏହି ପରିପ୍ରେକ୍ଷୀରେ ୧୯୯୬ ବ୍ୟାଚ୍ ଆଇଏଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦେବା ପାଇଁ ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ୨ଟି ଅସ୍ଥାୟୀ ଏସିଏସ୍ ପାହ୍ୟା ଅନୁମତି ରାଜ୍ୟକୁ ମିଳିଛି। ଫଳରେ ଓଡ଼ିଶାର ୩ ଆଇଏଏସ୍‌ଙ୍କୁ ଏସିଏସ୍ ପାହ୍ୟା ପ୍ରଦାନ କରାଯାଇପାରିବ। ଏହି କ୍ରମରେ ୧୯୯୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତାଲିକାର ସର୍ବାଗ୍ରେ ରହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର। ଶାଶ୍ୱତଙ୍କ ପରେ ରହିଛନ୍ତି ସେହି ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ନଗର ଉନ୍ନୟନ, ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ। ଉଷାଙ୍କ ପରେ ବରିଷ୍ଠ ଆଇଏଏସ୍ ତାଲିକାରେ ବୀର ବିକ୍ରମ ଯାଦବ ଓ ପରେ ଶକ୍ତି ଏବଂ ବୈଦ୍ୟୁତିକ, ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ ରହିଛନ୍ତି। ବୀର ବିକ୍ରମ ଯାଦବ କେନ୍ଦ୍ରୀୟ ଡେପୁଟେଶନରେ ରହିଥିବାରୁ ଏସିଏସ୍ ତାଲିକାରେ ଶାଶ୍ୱତ, ଉଷାଙ୍କ ପରେ ବିଶାଲଙ୍କୁ ଏହି ପାହ୍ୟାକୁ ପଦୋନ୍ନତି ମିଳିବ ବୋଲି ଜଣାଯାଇଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଡିସେମ୍ବର ୩୧ରେ ୧୯୯୬ ବ୍ୟାଚ୍‌ର ଆଇଏଏସ୍ ଅଫିସର ତଥା କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏବଂ କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୯୫ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ସୁଶୀଲ କୁମାର ଲୋହାନୀଙ୍କୁ ଏସିଏସ୍ ପାହ୍ୟା ମିଳିଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଜୁଲାଇରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ମଧ୍ୟ ଅବସର ଗ୍ରହଣ କରିବାକୁ ରହିଛି। ତେବେ ମାଥିଭାଥନନ୍‌ଙ୍କ ଅବସର ପରେ ଉକ୍ତ ପଦ ଖାଲିପଡ଼ିବ। ଏହାସହିତ ପୂର୍ବରୁ କୃଷି ଉତ୍ପାଦନ କମିଶନର(ଏପିସି) ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ବହୁ ଆଇଏଏସ୍‌ଙ୍କ ହାତରେ ଏକାଧିକ ବିଭାଗ ଏବଂ ଦାୟିତ୍ୱ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡିସେମ୍ବର ୩୦ରେ ୨୦୧୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ସୁଧାଂଶୁ ମୋହନ ସାମଲ, ରଶ୍ମିତା ପଣ୍ଡା, ଡ. ବୃନ୍ଦା ଡି., ସାଦିକ୍ ଆଲାମ, ମାନସୀ ନିମ୍ଭାଲ ଏବଂ ପ୍ରେମ୍‌ଚନ୍ଦ୍ର ଚୌଧାରୀଙ୍କୁ ସୁପରଟାଇମ୍ ସ୍କେଲ୍ ଅର୍ଥାତ୍ କମିଶନର ପାହ୍ୟାକୁ ପଦୋନ୍ନତି ମିଳିଛି। ଏସବୁକୁ ଦୃଷ୍ଟିରେ ରଖି ଆଇଏଏସ୍‌ସ୍ତରରେ ଖୁବ୍‌ଶୀଘ୍ର ବଡ଼ଧରଣର ଅଦଳବଦଳ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ୨ରୁ ଓଇଆର୍‌ସିଙ୍କ ଜନଶୁଣାଣି

ଭୁବନେଶ୍ୱର,୨୮।୧
(ରବିନାରାୟଣ ଜେନା)

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଆସନ୍ତା ୨ରୁ ୨୧ ତାରିଖ ପର୍ଯ୍ୟନ୍ତ ଜନଶୁଣାଣି କରିବେ। ୨୦୨୬-୨୭ ବର୍ଷ ପାଇଁ ବିଦ୍ୟୁତ୍ ମୂଲ୍ୟ ଧାର୍ଯ୍ୟ କରିବା ସକାଶେ ଜନଶୁଣାଣି ସମୟ ଓ ସ୍ଥାନ ସମ୍ପର୍କରେ ଓଇଆର୍‌ସିଙ୍କ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନକାରୀ, ଅପିଲକର୍ତ୍ତା ଓ ରାଜ୍ୟ ସରକାରଙ୍କୁ ବ୍ୟକ୍ତିଗତ ଭାବେ କିମ୍ବା ପ୍ରତିନିଧିଙ୍କ ଜରିଆରେ ଆସନ୍ତା ୨୨ରେ ହାଇବ୍ରିଡ୍ ମୋଡ୍‌ରେ ଉପସ୍ଥିତ ରହିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୨ରେ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନରେ ଜନଶୁଣାଣିର ପ୍ରଥମ ଦିନ ପାଇକାରୀ ବିଦ୍ୟୁତ୍ ମୂଲ୍ୟ ନିର୍ଦ୍ଧାରଣ ସଂକ୍ରାନ୍ତରେ ମତାମତ ଉପରେ ବିଚାର କରିବେ। ବିଭିନ୍ନ ପ୍ରସଙ୍ଗରେ ସରକାର ଓ ବିଦ୍ୟୁତ୍ ବିତରଣ କମ୍ପାନୀ ସମେତ ଭିନ୍ନ ଭିନ୍ନ ପକ୍ଷଙ୍କ ଆବେଦନ ଓ ଆପତ୍ତି ଉପରେ ଜନଶୁଣାଣି ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

# କଶ୍ମୀରରେ ହୃଦ୍‌ଘାତରେ ଓଡ଼ିଆ ଯବାନଙ୍କ ମୃତ୍ୟୁ

ନୟାଗଡ଼,୨୮।୧ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ଆନନ୍ଦପଲ୍ଲୀ ଗାଁର ଯବାନ ଜିତୁ ବେହେରା(୩୧) ଜାନୁଆରୀ ୨୬ରେ କଶ୍ମୀରରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଜିତୁଙ୍କ ମରଶରୀର ବୁଧବାର ସନ୍ଧ୍ୟାରେ ଆନନ୍ଦପଲ୍ଲୀରେ ପହଞ୍ଚିବା ପରେ ଶୋକ ପ୍ରକାଶ ପାଇଥିଲା। ମରଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ଇଟାମାଟି ଓ ନୟାଗଡ଼ ଜିଲା ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ମରଶରୀରକୁ ଦାହ କରାଯାଇଥିଲା। କଶ୍ମୀରର ମାହାରରେ ଆର୍ମିର ଏନ୍‌କେ ର୍‍ୟାଙ୍କ୍‌ରେ ଜିତୁ କାମ କରୁଥିଲେ। ସୋମବାର ସାଧାରଣତନ୍ତ୍ର ଦିବସ ଡ୍ୟୁଟି ସାରି ଘରକୁ ଆସି ବିଶ୍ରାମ ନେଇଥିଲେ। ପୁଣି ଡ୍ୟୁଟିକୁ ଗଲାବେଳେ ହୃଦ୍‌ଘାତ ହେବାରୁ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

❝ ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟଲାଭ କରିବାକୁ।–ଶ୍ରୀମା

-ଭୈମୀ (ବଡ଼) ଏକାଦଶୀ, ବ୍ୟାସସରୋବର ମେଳା, ଲକ୍ଷ୍ମୀନାରାୟଣ ବ୍ରତ, ବରାହ ଦ୍ୱାଦଶୀ ଓ ହଳ ନିଷେଧ

# ରାମାୟଣରେ ସତୀ ସିଦ୍ଧାନ୍ତ



ଦେବଦତ୍ତ ପଟ୍ଟନାୟକ

ରାମାୟଣର ଏକ ଓଡ଼ିଆ ସଂସ୍କରଣରେ ବର୍ଣ୍ଣନା କରାଯାଇଛି ଯେ, ଋଷି ଗୌତମ ତାଙ୍କ କନ୍ୟା ଅଞ୍ଜନି ଓ ଦୁଇ ପୁତ୍ରଙ୍କ ସହ ସମୁଦ୍ରକୂଳରେ ଚାଲୁଥିଲେ। ବାଲି ତାତି ଥିଲା, ଏଣୁ ଗୌତମ ଋଷି ଦୁଇ ବାଳକଙ୍କୁ ଉଠାଇ ନେଇ କାଖେଇ ଧରି ଚାଲିଲେ। ଏଥିରେ ଗୌତମଙ୍କ ଝିଅ ଅସନ୍ତୁଷ୍ଟ ହୋଇ ପଚାରିଲେ, ତୁମର ନିଜ ପିଲା ତତଲା ବାଲିରେ ଚାଲୁଥିବା ବେଳେ କାହିଁକି ସାବତପୁଅଙ୍କୁ କାଖେଇ ନେଉଛ? ଗୌତମ ଋଷି ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହା ତାଙ୍କ ସ୍ତ୍ରୀଙ୍କ ସମ୍ପର୍କରେ କୁହାଯାଉଥିବା ବ୍ୟଭିଚାର ବା ଅସତୀ କାର୍ଯ୍ୟର ଏକ ପ୍ରତ୍ୟକ୍ଷ ଟିପ୍ପଣୀ ବୋଲି ଭାବି ଦ୍ୱନ୍ଦ୍ୱରେ ପଡ଼ିଗଲେ। ସେ ଦୁଇ ପୁତ୍ରଙ୍କୁ ସମୁଦ୍ରକୁ ଫିଙ୍ଗି ଦେଲେ ଏବଂ ଘୋଷଣା କଲେ ଯେ, ଯଦି ସେମାନେ ବାସ୍ତବରେ ତାଙ୍କ ପୁଅ ହୋଇଥିବେ, ତେବେ ମଣିଷ ରୂପରେ ଫେରି ଆସିବେ ଏବଂ ଯଦି ହୋଇ ନ ଥିବେ ତେବେ ସେମାନେ ଦୁଇ ମାଙ୍କଡ଼ ହୋଇ ଫେରିବେ। ସମୁଦ୍ରକୁ ଫିଙ୍ଗି ଦେଇଥିବା ଦୁଇ ପୁଅ ସଙ୍ଗେ ସଙ୍ଗେ ବାଳି ଓ ସୁଗ୍ରୀବ ନାମକ ମାଙ୍କଡ଼ ରୂପକୁ ପରିବର୍ତ୍ତନ ହୋଇଗଲେ। ଏହା ଦେଖି ଗୌତମ ଅନୁଭବ କରିଛନ୍ତି ଯେ, ସେ ବାହାରେ ଥିବା ସମୟରେ ତାଙ୍କ ସ୍ତ୍ରୀ ଅହଲ୍ୟାଙ୍କର ବୈଦିକ ଦେବଗଣ ଯଥା ଇନ୍ଦ୍ର ଓ ସୂର୍ଯ୍ୟଙ୍କ ସହ ସମ୍ପର୍କ ଥିଲା। ଅହଲ୍ୟାଙ୍କ ଅସତୀ କାର୍ଯ୍ୟ ସମ୍ପର୍କରେ ଏଭଳି ବର୍ଣ୍ଣନା ମଧ୍ୟ ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆରେ ରଚିତ ରାମାୟଣ ସଂସ୍କରଣରେ ଦେଖିବାକୁ ମିଳେ। ତେବେ ଅଧିକ ଗ୍ରହଣୀୟ ହେଉଥିବା ରାମାୟଣ ସଂସ୍କରଣଗୁଡ଼ିକରେ ଅହଲ୍ୟା ଅଭିଶପ୍ତ ହେବା ପରେ ଅଦୃଶ୍ୟ ହୋଇଯାଇଛନ୍ତି କିମ୍ବା ପଥର ପାଲଟି ଯାଇଥିବା ବର୍ଣ୍ଣନା କରାଯାଇଛି। ତାଙ୍କୁ ପୁଣି ସ୍ୱରୂପକୁ ଫେରାଇ ଆଣିବା ପାଇଁ ରାମଙ୍କୁ କହିଛନ୍ତି ବିଶ୍ୱାମିତ୍ର। ଅହଲ୍ୟାଙ୍କୁ ପୁନର୍ଜୀବନ ଦେଇଛନ୍ତି ରାମ ଏବଂ ତାଙ୍କୁ ଗ୍ରହଣ କରିବା ପାଇଁ ଗୌତମଙ୍କୁ ବୁଝାଇଛନ୍ତି। ବାଲ୍ମୀକି ରାମାୟଣର ପ୍ରଥମ ଅଧ୍ୟାୟ ବାଲ୍‌ଖଣ୍ଡରେ କାହିଁକି ଏଭଳି ଅସତୀଙ୍କ କାହାଣୀ ରହିଲା ତାହାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ହୋଇଥାନ୍ତି। ସୀତାଙ୍କୁ ଅପହରଣ କରି ନେଇ ରାବଣ ଲଙ୍କାରେ ରଖିବା ସମୟରେ ତାଙ୍କ ଉପରେ ଉଠିଥିବା ଅସତୀ ଅଭିଯୋଗ ପରେ ତାଙ୍କ ପ୍ରତି ହୋଇଥିବା ବ୍ୟବହାର ସମ୍ପର୍କରେ ଏହା ସୂଚିତ କରିଥାଇ ପାରେ କି? ପ୍ରତ୍ୟକ୍ଷ ଭାବେ



ନ ଦେଖି ଅସତୀ କାର୍ଯ୍ୟକୁ ପ୍ରମାଣ କରିବା ଅସମ୍ଭବ ଥିଲା।

ରାମୟଣ ତିନି ପ୍ରକାର ଅସତୀ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଛି। ଅହଲ୍ୟା ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଶାରୀରିକ ସମ୍ପର୍କ ରଖିଛନ୍ତି। ଋଷି ଯମଦଗ୍ନିଙ୍କ ସ୍ତ୍ରୀ ରେଣୁକା କିଛି କ୍ଷଣ ପାଇଁ ଆଉ ଜଣେ ପୁରୁଷଙ୍କ କଥା ଭାବିଛନ୍ତି, ଯାହା ମାନସିକ ଅସତୀ କାର୍ଯ୍ୟକୁ ପ୍ରତିପାଦନ କରେ। ଏହା ସହ ସୀତା ଉଭୟ ଶରୀର ଓ ମାନସିକ ସ୍ତରରେ ତାଙ୍କ ସ୍ୱାମୀଙ୍କ ପ୍ରତି ସମ୍ପୂର୍ଣ୍ଣ ବିଶ୍ୱସ୍ତ ରହିଥିଲେ ମଧ୍ୟ ଜଣେ ରାକ୍ଷସ ରାଜାଙ୍କ ଦ୍ୱାରା ଅପହୃତ ହେବା ପରେ ତାଙ୍କ ଖ୍ୟାତି ଧୂଳିସାତ୍ ହୋଇଯାଇଛି। ପ୍ରତ୍ୟେକ ମହିଳା ବିଭିନ୍ନ ଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଅହଲ୍ୟା ପାଷାଣ ପାଲଟି ଯାଇଛନ୍ତି। ସ୍ୱାମୀ ଯମଦଗ୍ନି ତାଙ୍କ ପୁତ୍ର ପର୍ଶୁରାମଙ୍କୁ ରେଣୁକାଙ୍କ ମୁଣ୍ଡ କାଟିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରେ ପର୍ଶୁରାମ ରେଣୁକାଙ୍କ ଜୀବନ ଫେରାଇ ଆଣିବା ପାଇଁ ଯମଦଗ୍ନିଙ୍କୁ ପ୍ରାର୍ଥନା କରିଛନ୍ତି। ରାମ ରାଜକୀୟ ପ୍ରତିଷ୍ଠା ରକ୍ଷା କରିବା ପାଇଁ ସୀତାଙ୍କୁ ତ୍ୟାଗ କରିଛନ୍ତି। ପର୍ଶୁରାମ ତାଙ୍କ ମା'ଙ୍କୁ ହତ୍ୟା କରିବା ପରେ ମାତୃହତ୍ୟା ଦୋଷରେ ସେ ଆର୍ଯ୍ୟବ୍ରତ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି ଓ ଦ୍ରାବିଡ ଭୂମିରେ ଶରଣ ନେବା ଲାଗି ଚାହିଁଛନ୍ତି। ଏବେକାର ରାଜନୀତିଜ୍ଞମାନେ ଅନେକ ସମୟରେ ପର୍ଶୁରାମଙ୍କ ଏଭଳି ଦୃଷ୍ଟିକୋଣକୁ ଅଣଦେଖା କରିଛନ୍ତି। ପର୍ଶୁରାମଙ୍କୁ ଜଣେ ଗୋରକ୍ଷକ ଭାବେ ପ୍ରତିପାଦନ କରାଯାଉଛି, ଯିଏ କି ବିଦେଶୀଙ୍କ ସହ ଲଢ଼େଇ କରିଛନ୍ତି, କିନ୍ତୁ ଏ ବିଷୟ କୌଣସି ପବିତ୍ର ଗ୍ରନ୍ଥରେ ଦେଖିବାକୁ ମିଳେ ନାହିଁ। ପର୍ଶୁରାମ ତାଙ୍କ ମାତାଙ୍କ ମୁଣ୍ଡ ଛେଦନ କରିବାକୁ ପିତାଙ୍କ ନିର୍ଦ୍ଦେଶ ପାଳନ କରିଛନ୍ତି ବୋଲି ଦର୍ଶାଯାଏ। ତେବେ ରେଣୁକା ପୁନର୍ଜୀବନଲାଭ କରିଥିବାରୁ ସେ ପୂଜ୍ୟା, ଯାହା ଜୀବନ-ମୃତ୍ୟୁ, ଅତୁଟ ବିଶ୍ୱାସ ଓ ସତୀତ୍ୱ ଏବଂ ବ୍ରାହ୍ମଣବାଦ ପବିତ୍ରତା ଓ ଅଣ- ବ୍ରାହ୍ମଣବାଦ ଅପବିତ୍ରତା ମଧ୍ୟରେ ପରିବର୍ତ୍ତନର କ୍ଷଣକୁ ସୂଚିତ କରେ। ଉତ୍ତର କର୍ନାଟକ ଏବଂ ଦକ୍ଷିଣ ମହାରାଷ୍ଟ୍ରରେ ପୂଜା ପାଉଥିବା ୟେଲ୍ଲେମାଙ୍କର ରେଣୁକାଙ୍କ ସ୍ୱାମୀ ଯମଦଗ୍ନିଙ୍କ ସହ ସମ୍ପର୍କ ରହିଛି। ସାରା ଭାରତରେ ବିଭିନ୍ନ ସ୍ଥାନରେ ପଇତାଧାରୀ ପର୍ଶୁରାମଙ୍କ ବିରାଟକାୟ ପ୍ରତିମୂର୍ତ୍ତି ପବିତ୍ରତାକୁ ସୂଚିତ କରେ। ଅନ୍ୟପକ୍ଷରେ ମସ୍ତକ କଟାଯାଇ ପରେ ପୁନର୍ଜୀବନ ଲାଭ କରିଥିବା ମା' ଏବଂ ଘୃଣ୍ୟ କାର୍ଯ୍ୟ କରି ପବିତ୍ର ସ୍ଥାନ ଲାଭ କରିଥିବା ୟେଲ୍ଲେମାଙ୍କୁ କମ୍ ସ୍ୱୀକୃତି ମିଳିଛି।

ରାମାୟଣର ପୁରୁଣା ସଂସ୍କରଣ ସତୀ ପ୍ରଥା ସମ୍ପର୍କରେ କିଛି ଉଲ୍ଲେଖ କରିନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଆଞ୍ଚଳିକ ଭାଷାରେ ଲିଖିତ ରାମାୟଣରେ ସତୀର ଧାରଣାକୁ ଉଲ୍ଲେଖ କରାଯିବା ଆରମ୍ଭ ହୋଇଥିଲା। ମେଘନାଦଙ୍କ ଶରୀର ଉଦ୍ଧାର କରାଯିବା ପରେ ରାବଣଙ୍କ ବୋହୂ ସୁଲୋଚନା ସତୀ ପ୍ରଥା ପାଳନ କରିଛନ୍ତି। ତାଙ୍କୁ ଜଣେ ସତୀ କିମ୍ବା ପ୍ରକୃତରେ ପବିତ୍ର ନାରୀ ଭାବେ ଘୋଷଣା କରାଯାଇଛି। ୧୮୬୧ରେ ମାଇକେଲ ମଧୁସୂଦନ ଦତ୍ତଙ୍କ ରଚିତ ମେଘନାଦ ବଧ କାବ୍ୟରେ ଉଲ୍ଲେଖ କରାଯାଇଛି ଯେ, ମେଘନାଦ (ଇନ୍ଦ୍ରଜିତ)ଙ୍କ ସ୍ତ୍ରୀ ସୁଲୋଚନା ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ଉଦ୍ଧାର କରିବା ସହ ସତୀପ୍ରଥା ପାଳନ କରିଛନ୍ତି। ଏଭଳି ଘୃଣ୍ୟ କାର୍ଯ୍ୟକୁ ନିନ୍ଦା କରାଯାଇନାହିଁ। ଏହା ପରିବର୍ତ୍ତେ ସେ ସମୟର ହିନ୍ଦୁ ପୁନର୍ଗଠନ ଯୁଗରେ ଦତ୍ତ ସମ୍ପୂର୍ଣ୍ଣ ଭାବେ ତାଙ୍କୁ ଜଣେ ପ୍ରକୃତ ପତିବ୍ରତା, ପ୍ରକୃତ ସତୀ ତଥା ସମର୍ପିତ ସ୍ତ୍ରୀ ଭାବେ ଦର୍ଶାଇଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ଆତ୍ମାହୁତିକୁ ସାହସକତା, ଦୁଃଖଦ ତଥା ନୈତିକ ରୂପରେ ମହାନ୍ ବୋଲି ଉଲ୍ଲେଖ କରାଯାଇଛି।

ବାଲ୍ମୀକି ରାମାୟଣରେ ବର୍ଣ୍ଣନା କରାଯାଇଛି ଯେ, ବାଳିଙ୍କ ସ୍ତ୍ରୀ ତାରା ବିଧବା ହେବା ପରେ ତାଙ୍କ (ବାଳିଙ୍କ) ସାନଭାଇ ସୁଗ୍ରୀବଙ୍କୁ ପୁନର୍ବିବାହ କରିଥିଲେ। ଠିକ୍ ସେହିଭଳି ରାବଣଙ୍କ ସ୍ତ୍ରୀ ମନ୍ଦୋଦରୀ ବିଧବା ହେବା ପରେ ରାବଣଙ୍କ ସାନଭାଇ ବିଭୀଷଣଙ୍କୁ ବାହା ହୋଇଥିଲେ। ମୂଳ ବୈଦିକ ପରମ୍ପରାରେ ପୁନର୍ବିବାହର ଏଭଳି ପ୍ରଥା ରାକ୍ଷସ ଓ ମାଙ୍କଡ଼ଙ୍କ ସହ ଜଡ଼ିତ ଥିଲା, ଯେଉଁଥିରେ ବିଧବାଙ୍କୁ ଜୀବିତ ଲୋକଙ୍କ ହାତ ଧରି ପୁନର୍ବାର ଜୀବନ କ୍ଷେତ୍ରକୁ ଫେରିବା ସକାଶେ ସ୍ତୋତ୍ରରେ କୁହାଯାଇଛି। ସେତେବେଳେ ବିଧବାଙ୍କୁ ପୁନର୍ବିବାହ କରିବା ପାଇଁ କିଏ ରୋକିଥିଲେ? କିଏ ହିନ୍ଦୁ ଧର୍ମରେ କଡ଼ା ସତୀ ପ୍ରଥା ଆରମ୍ଭ କରିଥିଲେ? ସେ କ'ଣ ମନୁ ଥିଲେ କି?

–devduttofficial@gmail.com

# ମଦ ବନ୍ୟା



ବିପ୍ଲବ

ମାନବସମାଜ ପ୍ରତି ମଦର ଉପଯୋଗିତା ସମ୍ବନ୍ଧରେ କୌଣସି ପୁସ୍ତକ ଆଜିଯାଏଁ ପ୍ରକାଶିତ ହୋଇନାହିଁ। କୌଣସି ବୈଜ୍ଞାନିକ ତଥ୍ୟ ଆବିଷ୍କୃତ ହୋଇନାହିଁ। କୌଣସି ଡାକ୍ତର ପଥ୍ୟ ଭାବରେ ଗ୍ରହଣ ପାଇଁ ପରାମର୍ଶ ଦେଇନାହାନ୍ତି। କୌଣସି ବୁଦ୍ଧିଜୀବୀ ମଦ ସପକ୍ଷରେ ସଭାରେ ତର୍କ ରଖିନାହାନ୍ତି। ତେବେ କ'ଣ ପାଇଁ ସମାଜରେ ମଦର ପ୍ରଚାର, ପ୍ରସାର ଏବଂ ବ୍ୟବହାର ଭୟଙ୍କର ଭାବରେ ବୃଦ୍ଧି ପାଉଛି। ପ୍ରତିଟି ଆନନ୍ଦରେ, ପ୍ରତିଟି ନିରାନନ୍ଦରେ ମଦ ଆବଶ୍ୟକ ହେଉଛି? ମଦ ପାଇଁ ସ୍ୱତନ୍ତ୍ର ଉତ୍ସବ ବନାହେଉଛି। ଜନ୍ମରୁ ଜୁଇ ଯାଏଁ, ଏକୋଇଶାରୁ ମଶାଣି ଯାଏଁ, ବାହାଘର, ଶୁଦ୍ଧିଘର, ଭାଗବତ, ସଂକୀର୍ତ୍ତନ, ପୂଜା, ପାର୍ବଣ ସବୁଠି ମଦର ପ୍ରାବଲ୍ୟ! ସୃଷ୍ଟିର ଉତ୍କୃଷ୍ଟ ଜୀବ ଗୋଟିଏ ନିକୃଷ୍ଟ ପାନୀୟ ପଛରେ ପାଗଳପ୍ରାୟ ହୋଇ ଧନ, ଜୀବନ, ଯୌବନ, ସମ୍ମାନ ସବୁ ହାରିଯିବା ପରେ ବି ସେଥିରୁ ମୁକୁଳି ପାରୁନି? ଏ ପ୍ରଶ୍ନ ଆଜି ଅନେକଙ୍କ ମନରେ।

ମଦ ସେବନକାରୀ ସାରା ଜୀବନ ଦରିଦ୍ର ହୋଇ ଅଶାନ୍ତିରେ ବଞ୍ଚେ ଆଉ ଅସମୟରେ ମରିଯାଏ। ତିରିଶ ବର୍ଷ ପଛକୁ ଫେରିଗଲେ ମନେପକେଇ ହେବ ଯେ ଗାଁ ଗୋଟିକେ ଅତିବେଶୀରେ ଦି' ତିନି ଜଣ ମଦ ପିଉଥିଲେ ପୁଣି ଲୁଚିକରି। ମଦ ପିଇଲେ ସମ୍ମାନହାନିର ଭୟ ରହୁଥିଲା। ଆଜିକାଲି ନ ପିଇଲେ ସମ୍ମାନ ଚାଲିଯାଉଛି। ଗାଁ ଗୋଟାକେ ଦି' ଚାରିଜଣ ମଦ କବଳରୁ ବର୍ତ୍ତିଥିବେ କି ନାଇଁ ସନ୍ଦେହ, କାରଣ ମଦ ଏବେ ସହଜ ଲଭ୍ୟ। ସରକାର ଲାଇସେନ୍ସ ଦେଇ ବିକ୍ରିକଲେ ଆଉ ଥାନାବାଲା, ଅବକାରୀବାଲାଙ୍କୁ ବଟିଦେଇ ବେପାରୀ ଗାଁ ଗହଳିରେ ଚୋରାରେ ବିକ୍ରିକଲେ। ସେଥିପାଇଁ ଗାଁ ଗହଳିର ବନ୍ଧ, ହୁଡ଼ା, ନଦୀ, ପୋଖରୀ କୂଳଠୁଁ ଆରମ୍ଭ କରି ବିଦ୍ୟାଳୟ, ଦେବାଳୟ, ମଠ, ଅଙ୍ଗନୱାଡ଼ି କେନ୍ଦ୍ରଯାଏଁ ମଦ କବଳରୁ କେହି ମୁକ୍ତ ନୁହନ୍ତି। ଯୁଆଡ଼େ ଚାହିଁବ ସିଆଡ଼େ ମାଲମାଲ ବୋତଲ।

ଚଳିତ ଇଂଲିଶ୍ ନୂଆବର୍ଷ ପାଳନର ପ୍ରାକ୍ ପ୍ରସ୍ତୁତି ସମୟରେ ଅର୍ଥାତ୍ ଡିସେମ୍ବର ପଚିଶରୁ ଏକତିରିଶ ମଧ୍ୟରେ କେବଳ ରାଜଧାନୀ ଭୁବନେଶ୍ୱରରେ ୩୨ କୋଟି ୫୫ ଲକ୍ଷ ୧୨ ହଜାର ୫୬୦ ଟଙ୍କାର ମଦ ଉଠାଯାଇଛି। ଏହା ସରକାରୀ ହିସାବ। ବେସରକାରୀ ହିସାବ ଆଉ ଚୋରା ହିସାବ ସହିତ ସାରା ଓଡ଼ିଶାର ହିସାବ ଆପଣ କଳନା କରନ୍ତୁ! ଜଣେ ମଦ ବେପାରୀଙ୍କ ବାଇଟ୍ ଶୁଣୁଥିଲି। ସରକାର ତାଙ୍କୁ ଟାର୍ଗେଟ୍ ଦେଉଛନ୍ତି। ପୂରଣ କଲେ ଉପହାର ନହେଲେ ଲାଇସେନ୍ସ ରଦ୍ଦ; ଆଶ୍ଚର୍ଯ୍ୟ କଲା ପରି ଖବର। ସରକାରଙ୍କ ଲକ୍ଷ୍ୟ ଛତୁ ଫୁଟିଲା ପରି ସବୁଆଡ଼େ ମଦ ଦୋକାନ ଖୋଲିବେ। ପିଇକି ଆସିଲେ ବାଟରେ ପୋଲିସ ଦ୍ୱାରା ଫାଇନ ଆଦାୟ କରେଇବେ। ମଦ ପିଇ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହେଲେ ମାଗଣା ଆମ୍ବୁଲାନ୍ସ ସେବା ଦ୍ୱାରା ତାକୁ ମେଡିକାଲ ନେବେ ଆଉ ତାଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଆୟୁଷ୍ମାନ୍ କାର୍ଡରେ ଚିକିତ୍ସା କରେଇବେ। ଯଦି ଦୈବାତ୍ ମରିଗଲା, ତେବେ ହରିଶ୍ଚନ୍ଦ୍ର ଯୋଜନାରେ ଶବ ଦାହ କରେଇବେ, ତା'ଙ୍କ ସ୍ତ୍ରୀକୁ ବିଧବା ଭତ୍ତା ଦେବେ। ଶେଷରେ ତାଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ଅଛି ଘୋଷଣାକରି ମାଗଣା ଚାଉଳ ବ୍ୟବସ୍ଥା କରିବେ। ସବୁଠୁଁ ଆଶ୍ଚର୍ଯ୍ୟଜନକ କଥାଟି ହେଉଛି, ନିଶା ସେବନ ନ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସରକାର ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ଦେବେ, ପଥପ୍ରାନ୍ତ ସଭା ଆୟୋଜନ କରି ଲୋକଙ୍କୁ ସଚେତନ କରିବେ। ମୋଟାମୋଟି ଭାବରେ କହିବାକୁ ଗଲେ ଏ ଏକ ନିର୍ଲ୍ଲଜ ବ୍ୟବସ୍ଥା ନୁହେଁ କି!

ଏଥିରୁ ନିସ୍ତାର ପାଇବାର ଉପାୟ କ'ଣ? ମଦର ବହୁଳ ପ୍ରସାର ସପକ୍ଷରେ ସରକାରୀ ଯୁକ୍ତିହେଲା ଏଥିରୁ ପ୍ରବଳ ରାଜସ୍ୱ ମିଳୁଛି। ଏଇ ମଦବିକା ପଇସାରେ ବିଭିନ୍ନ ମାଗଣା ଯୋଜନା ଚାଲୁଚି। ମଦ ନ ବିକିଲେ ତଜ୍ଜନିତ କ୍ଷତି ସରକାର ଅନ୍ୟ କୌଣସି ସୂତ୍ରରୁ ଭରଣା କରିପାରିବେନି। କିନ୍ତୁ ଲକ୍ଷ୍ୟ କଲେ ଜଣାପଡ଼ିବ ଯେ, ଅନେକ ସରକାରୀ ଯୋଜନା ଭୋଟ ବ୍ୟାଙ୍କ ରାଜନୀତିର ଅଂଶ ଓ ପଥଭ୍ରଷ୍ଟ ହୋଇଛି ଏବଂ ଯେଉଁମାନଙ୍କ ପାଇଁ କରାଯାଇଛି, ସେମାନେ ଏହାର ସୁଫଳ ପାଇବାରୁ ବଞ୍ଚିତ। ବରଂ ଏଗୁଡ଼ିକ ବନ୍ଦ କରାଯାଇ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇଦେଲେ ସମାଜର ମଙ୍ଗଳ ହେବ। ଆମେ ଏମିତି ଏକ ସମୟରେ ପହଞ୍ଚିଛେ, ଯେଉଁଠି ମାନବିକତାକୁ ସରକାର ବେଶି ଗୁରୁତ୍ୱ ଦେଉଛନ୍ତି। ଯେଉଁଠି ନ୍ୟାୟିକ ବ୍ୟବସ୍ଥାରେ କୁହାଯାଉଛି ହଜାରେ ଦୋଷୀ ଖସିଗଲେ ଚଳିବ, ମାତ୍ର ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ, ସେଠି ମଦର ପ୍ରସାର କ'ଣ କୋଟି କୋଟି ନିର୍ଦ୍ଦୋଷଙ୍କ ପ୍ରତି ଅବିଚାର ନୁହେଁ?

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ଏଇ ଭାରତରେ

ଡ. ରୁବି ମୁଖାର୍ଜୀ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି। ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାରରେ ରହୁଥିବା ୨୫୦ ପରିବାରରୁ ପ୍ରତିଦିନ ରୋଷେଇଘରୁ ବାହାରୁଥିବା ବର୍ଜ୍ୟକୁ ଡ. ମୁଖାର୍ଜୀ ସଂଗ୍ରହ କରୁଛନ୍ତି। ଏହାସହ ଅନ୍ୟାନ୍ୟ ଅଦରକାରୀ ଜିନିଷକୁ ପୁନଃ ବ୍ୟବହାରଯୋଗ୍ୟ କରିପାରିଛନ୍ତି। ପ୍ରତିଦିନ ମିଳୁଥିବା ରୋଷଘର ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତ କରାଯାଉଛି। ପ୍ଲାଷ୍ଟିକ୍, କାଗଜ ଓ କାଚ ଆଦି ବର୍ଜ୍ୟକୁ ରିସାଇକେଲ ସେଣ୍ଟରକୁ ପଠାଉଛନ୍ତି ରୁବି। ସେ ଏବେ ସୁଦ୍ଧା କଲୋନିରୁ ମୋଟ୍ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରିସାରିଛନ୍ତି, ଯେଉଁଥିରୁ ୧୭ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି। ସେ ଟ୍ରିପଲ୍ ଆର୍ ସେଣ୍ଟର ନାମକ ଏନ୍‌ଜିଓ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, କଲୋନିର ପରିବାରଗୁଡ଼ିକରୁ ପୁରୁଣା ଲୁଗା, ଫର୍ନିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହକରି ସେ ଅସହାୟ ଲୋକଙ୍କୁ ବାଣ୍ଟି ଦେଉଛନ୍ତି। ରୁବି ତାଙ୍କ ଚେଷ୍ଟାରେ ଗତ ୬ ବର୍ଷ ଭିତରେ ନବଜୀବନ ବିହାରକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରିସାରିଲେଣି। ଏବେ କଲୋନି ବାହାରେ କୌଣସି ସ୍ଥାନରେ ବର୍ଜ୍ୟ ଦେଖିବାକୁ ପାଇବେ ନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜାନୁଆରୀ ୧୯୭୭

- ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ନୃତ୍ୟପ୍ରବୀଣା ସଂଯୁକ୍ତା ପାଣିଗ୍ରାହୀ ଏବଂ ତାଙ୍କର ସଙ୍ଗୀତଜ୍ଞ ସ୍ୱାମୀ ସୁରମଣି ରଘୁନା ପାଣିଗ୍ରାହୀଙ୍କୁ ସଂଯୁକ୍ତ ଭାବେ କେନ୍ଦ୍ରୀୟ ସଙ୍ଗୀତ-ନାଟକ ଏକାଡ଼େମୀ ପୁରସ୍କାର ପ୍ରଦାନ।
- ରାଜ୍ୟର ବିଶିଷ୍ଟ ନାରୀକବି, ସୁସାହିତ୍ୟିକା ବିଦ୍ୟୁତପ୍ରଭା ଦେବୀଙ୍କ ୫୨ ବର୍ଷ ବୟସରେ ପରଲୋକ।
- ଗୁଜରାଟରେ ୯୬ ଯାତ୍ରୀଙ୍କୁ ନେଇ ମହାନଦୀରେ ଯାଉଥିବା ଗୋଟିଏ ଡଙ୍ଗା ଥାନ୍‌ସାଭାଲି ଓ ଅଗରୱାଡା ମଧ୍ୟବର୍ତ୍ତୀ ଅଞ୍ଚଳରେ ବୁଡ଼ିଯିବା ଯୋଗୁ ୬୧ ଜଣଙ୍କ ସଲିଳ ସମାଧି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 4 | | 5 | | | 7 | 9 |
| 7 | 9 | | | | 3 | | | 4 |
| | | 5 | | | 7 | | | 8 |
| 8 | | 3 | 5 | | 9 | | | |
| | 5 | | | | | | 1 | |
| 9 | | | 3 | | 1 | 8 | | |
| | 3 | | 6 | | 5 | | | |
| 5 | | | 1 | | | | | |
| | 2 | 1 | 4 | 3 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 3 | 6 | 8 | 9 | 4 | 2 | 7 |
| 7 | 8 | 6 | 3 | 2 | 4 | 9 | 1 | 5 |
| 4 | 2 | 9 | 1 | 7 | 5 | 8 | 3 | 6 |
| 3 | 5 | 8 | 7 | 9 | 1 | 6 | 4 | 2 |
| 6 | 9 | 1 | 2 | 4 | 3 | 5 | 7 | 8 |
| 2 | 4 | 7 | 8 | 5 | 6 | 1 | 9 | 3 |
| 1 | 6 | 2 | 9 | 3 | 8 | 7 | 5 | 4 |
| 9 | 3 | 5 | 4 | 6 | 7 | 2 | 8 | 1 |
| 8 | 7 | 4 | 5 | 1 | 2 | 3 | 6 | 9 |

ଗତକାଲିର ଉତ୍ତର

# ନାରୀ ପାଇଁ ଭୋଟ ଅଧିକାର



ପ୍ରତାପ ଚନ୍ଦ୍ର ସାମଲ

ପୁରାଣରୁ ଜଣାଯାଏ ମଦ୍ର ଦେଶର ନରପତି ଅଶ୍ୱପତି କନ୍ୟା ସନ୍ତାନଟିଏ ଲାଭକରିବା ଉଦ୍ଦେଶ୍ୟରେ ସହସ୍ରାଧିକ ଯଜ୍ଞ କରିଥିଲେ। ସେହିଭଳି ମିଥିଳାର ରାଜା ଜନକ ଏକଦା ଆକାଶରେ ସୁନ୍ଦରୀ ଅପ୍ସରା ମେନକାଙ୍କୁ ଦେଖି ତାଙ୍କ ପରି କନ୍ୟାର ପିତା ହେବାକୁ ପ୍ରୟାସ କରିଥିଲେ ଓ ଦକ୍ଷିଣ ସିନ୍ଧୁ ତୀରରେ ବିଶିଷ୍ଟ ମୁନିଋଷିମାନଙ୍କୁ ନିମନ୍ତ୍ରଣକରି ତାଙ୍କ ଦ୍ୱାରା ଯଜ୍ଞ କରାଇଥିଲେ। ଉପରୋକ୍ତ ଦୁଇ ରାଜାଙ୍କର କନ୍ୟା ଥିଲେ ଯଥାକ୍ରମେ ସାବିତ୍ରୀ ଓ ସୀତା। ତତ୍କାଳୀନ ଭାରତୀୟମାନଙ୍କ ଭାବନା ଥିଲା ଅତି ପୁଣ୍ୟ। ଏପରିକି କନ୍ୟାକୁ ରତ୍ନ ସହ ସମାନ ଚକ୍ଷୁରେ ଦେଖି କହୁଥିଲେ କନ୍ୟାରତ୍ନ। ଏପରି ଭାବନାର ବଶବର୍ତ୍ତୀ ହୋଇ ସେ ସମୟର ରାଜା ଓ ପ୍ରଜାଗଣ କନ୍ୟାପିତା ହେବାକୁ ସୌଭାଗ୍ୟ ବୋଲି ବିବେଚନା କରୁଥିଲେ।

ରାତି ପାହିଲା ବେଳକୁ ଗାଁ ଦାଣ୍ଡ ନିକଟ ଗାଁର ଗୋପାଳଘରର ସ୍ତ୍ରୀ ଲୋକଟି ଯେତେବେଳେ ଡାକଦିଏ 'ଦହି ନେବ ଦହି' ସେହି ଡାକରେ ଗାଁର ଆବାଳ ବୃଦ୍ଧବନିତାଙ୍କ ନିଦ ଭାଙ୍ଗିଯାଏ ଏବଂ ତାଟିଆଟିଏ ଧରି ଧାଇଁଯାଆନ୍ତି ଗୋପାଳୁଣୀ ନିକଟକୁ ଦହିନେବା ପାଇଁ। ଦହି ବିକ୍ରି କରୁଥିବା ମାଉସୀଟି ସମସ୍ତଙ୍କ ନିକଟରେ ଥାଏ ଆଦରଣୀୟ। ଆଉ ତା'ର ଡାକ ଓ ଦହି ବ୍ୟବସାୟରେ ଥାଏ ସ୍ନେହଭରା ଆଦର। ମାତ୍ର କେତେଜଣ ଚାଟୁକାରଙ୍କ ଲାଭଖୋର ମନୋବୃତ୍ତିରେ ଭାରତକୁ ବ୍ୟବସାୟ କରିବାକୁ ଆସିଥିବା ଇଂରେଜମାନଙ୍କ କବଳରେ ଶାସନଭାର ପଡ଼ିଯିବାରୁ ଭାରତ ହେଲା ପରାଧୀନ। ନାରୀମାନଙ୍କ ସ୍ୱାଧୀନତା ଛଡ଼ାଇ ନିଆଗଲା। ବ୍ରିଟିଶ ଶାସନ କାଳରେ ଭାରତରେ ନାରୀ ଜାତିକୁ ସର୍ବନିମ୍ନ ଭୋଟ ଅଧିକାରରୁ ବଞ୍ଚିତ କରାଯାଇଥିଲା।

ସେହି ବ୍ରିଟିଶ ଶାସନ ସମୟରେ ମଧୁସୂଦନ ଦାସ ୧୯୨୧ରୁ ୧୯୨୩ ମସିହା ପର୍ଯ୍ୟନ୍ତ ବିହାର ଏବଂ ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ, ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଥିଲେ। ସେ ସମୟରେ ନାରୀଜାତି ପାଇଁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କଥା ଚିନ୍ତାକରି ଉତ୍କଳ ଗୌରବ ମଧୁସୂଦନ ଦାସ ୨୩ ନଭେମ୍ବର୧୯୨୧ରେ ସର୍ବପ୍ରଥମେ ବିହାର ଏବଂ ଓଡ଼ିଶା ବିଧାନ କାଉନସିଲ୍‌ରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗରିମାମୟ ପ୍ରସ୍ତାବ 'ନାରୀଜାତି ପାଇଁ ଭୋଟ ଅଧିକାର' ଆଗତ କରିଥିଲେ। ଏହା ଏକ ଐତିହାସିକ ପ୍ରସ୍ତାବ ରୂପେ ସୁଖ୍ୟାତି ଲାଭ କରିଥିଲା।

ନାରୀଜାତି ପାଇଁ ଭୋଟ ଅଧିକାର ପ୍ରସ୍ତାବଟି ଆଗତ କରି ମଧୁସୂଦନ ଦାସ ବିହାର, ଓଡ଼ିଶା ବିଧାନ କାଉନ୍‌ସିଲ୍‌କୁ ସ୍ତବ୍ଧ କରିଦେଇଥିଲେ। ସେହି ପ୍ରସ୍ତାବ ଆଗତ ବେଳେ ମଧୁସୂଦନ ଦାସ ଅନର୍ଗଳ ଇଂରାଜୀରେ ଭାଷଣ ଦେଇଥିଲେ। ପରବର୍ତ୍ତୀ କାଳରେ ୧୯୨୩ ମସିହାରେ ମଧୁସୂଦନଙ୍କ ଅଦମ୍ୟ ପ୍ରଚେଷ୍ଟାରେ ଭାରତୀୟ ନାରୀ ଆଇନଜୀବୀ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ପାଇଥିଲେ। ସେ କହିଥିଲେ, ପୁରୁଷମାନଙ୍କ ମଣିଷପଣିଆର କେବଳ ଦୃଢ଼ ଅଭିନୀତ ସ୍ୱଭାବ ରହିଥାଏ। ଆଉ ଥାଏ ପୁରୁଷପଣିଆର କଠୋରତା। ମାତ୍ର ନାରୀଜାତି ସମସ୍ତ ଅଧ୍ୟାତ୍ମ୍ୟ ଗୁଣର ଅଧିକାରୀ ଯାହା ଭାଗବତ



ଆଧାରିତ, ଯାହା ପ୍ରେମପୂର୍ଣ୍ଣ ଆଉ ଉଦାର, ଯହିଁରେ ପ୍ରକୃତ ମଣିଷପଣିଆର ସ୍ୱରୂପ ପ୍ରକାଶିତ ହୁଏ। ସମଗ୍ର ଭାରତ ଭ୍ରମଣକର, ଆକାଶଟି ତାରା ଖଚିତ ହେଲା ଭଳି ସମସ୍ତ ରାଜ୍ୟ ମନ୍ଦିରମାନଙ୍କରେ ପରିପୂର୍ଣ୍ଣ। ଧର୍ମ ପାଇଁ ଭାରତ କେତେ ତ୍ୟାଗ ନ କରିଛି? ମାତାମାନେ ସେମାନଙ୍କର ସନ୍ତାନ ପାଇଁ ସ୍ୱାର୍ଥ ତ୍ୟାଗ ଆଉ ବଳୀଦାନର ଉର୍ଦ୍ଧ୍ୱରେ କ'ଣ ବା ଥାଇପାରେ? ତୁମେ ଯେତେ ଯାହା କୁହ, ଯେଉଁ କଣ୍ଠସ୍ୱରରେ ନାରୀମାନଙ୍କର ଭୋଟ ଅଧିକାର ପ୍ରତି ବିରୋଧ କରୁଛ ଏହାହିଁ ସତ୍ୟ ଯେ ତୁମର ଶରୀର ଯେଉଁ କଣ୍ଠସ୍ୱର ଓ ଜିହ୍ୱା ସାହାଯ୍ୟରେ ନାରୀଜାତି ବିରୋଧରେ ଏକ ଶବ୍ଦ ଉଚ୍ଚାରିତ କରୁଛ ଏ ସମସ୍ତ ନାରୀଜାତିର ଦାନ ହିଁ ତୁମର ଜନନୀଙ୍କର ପ୍ରଦତ୍ତ। ଏ ସମସ୍ତ ତୁମ୍ଭ ଜୀବନର ଇତିହାସ। ଯାହାର ପ୍ରାରମ୍ଭ ମାତୃଗର୍ଭରୁ ହିଁ ହୋଇଛି। ସେ ମାତୃଗର୍ଭ ହେଉଛି ଜୀବନ୍ତ ଦେବାଳୟ। ଯେଉଁଠାରେ ଭଗବାନ୍ ମଣିଷ ସହ ସମ୍ମିଳିତ ଆଉ ସଂଯୁକ୍ତ ହୁଅନ୍ତି। ମାତୃଗର୍ଭରୁ ଶିଶୁ ଜନ୍ମହେଲା ପରେ ପ୍ରଥମେ ମାତା ହିଁ ଶିକ୍ଷାଦାତ୍ରୀ ରୂପେ ମନୁଷ୍ୟର ମାନବୀୟ ଗୁଣଗୁଡ଼ିକର ବିକଶିତ କରାନ୍ତି। ଶିଶୁ ଜନ୍ମହେଲା ପରେ ତାହାର ଅତୁଟ ବିଶ୍ୱାସ ମାତାଙ୍କ ଉପରେ ସ୍ଥାପିତ କରିଥାଏ। ମାତା ଶିଶୁଟିକୁ ବିଶ୍ୱାସ ପ୍ରତି ନିବଦ୍ଧ ରହିବାକୁ ଶିଖାନ୍ତି।

ଫରାସୀ ଦାର୍ଶନିକ କମ୍‌ଟେ କହନ୍ତି, 'ମାନବିକତା ମାତା, ପତ୍ନୀ ଓ କନ୍ୟାମାନଙ୍କଠାରେ ପ୍ରତିନିଧିତ୍ୱ କରିଥାଏ'। ପ୍ରାଚୀନ କାଳରେ ଏ ଦେଶ ବହୁତ ଉନ୍ନତି କରିଥିଲା ଓ ନାରୀମାନେ ଉଚ୍ଚ ସ୍ଥାନର ଅଧିକାରିଣୀ ଥିଲେ। ମାତ୍ର ବ୍ରିଟିଶ ଶାସନକାଳରେ ପୁରୁଷମାନେ ସ୍ତ୍ରୀ ଜାତି ପ୍ରତି ଘୃଣିତ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ନାରୀମାନେ ବିଚାରାଳୟରେ ବିଭିନ୍ନ ଦଣ୍ଡରେ ଦଣ୍ଡିତ ହେଉଛନ୍ତି ଏବଂ ପାଶ୍ଚାତ୍ୟ ଦେଶରେ ନାରୀର କ୍ଷମତାହୀନତା ଓ ଅଧିକାର ହୀନତା ବିଷୟ ଚିନ୍ତାକଲେ ମଧୁସୂଦନଙ୍କ କ୍ରୋଧ ପ୍ରଜ୍ୱଳିତ ହୁଏ ବୋଲି କହିଥିଲେ। ଆଜି ପାଶ୍ଚାତ୍ୟ ବିଧି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ନାରୀଜାତିକୁ ଭୋଟ ଅଧିକାରରୁ ବଞ୍ଚିତକରି ଆମେ ଅପରାଧ କରି ଚାଲିଛୁ। ଆମ୍ଭେମାନେ କାଉନ୍‌ସିଲ୍ ଗଢ଼ି ୨୦୦ ଲୋକଙ୍କୁ ଯୋଡ଼ି ଯେଉଁ ଆଲୋଚନା କରୁଛେ ତାହା ଜାତି ପାଇଁ ନୁହେଁ। ଯେଉଁ ଭାରତୀୟ ସଭ୍ୟତାର ସୂର୍ଯ୍ୟର ପ୍ରଖର ଜ୍ୟୋତିରେ ପ୍ରଜ୍ୱଳିତ ଥିଲା ଆଜି ତାହା ନିର୍ବାପିତ ଓ ଅସ୍ତମିତ। ନାରୀ ଜାତିର ଅପରାଧ କ'ଣ ଯେ ସେ ଆଜି ସର୍ବନିମ୍ନ ଭୋଟ ଅଧିକାରରୁ ବଞ୍ଚିତ। ରାମାୟଣ ଓ ମହାଭାରତରେ ସୀତା କିମ୍ବା ଦ୍ରୌପଦୀ ଚରିତ୍ର ନ ଥିଲେ ତା'ର କ'ଣ ବା ମୂଲ୍ୟ ଥାଆନ୍ତା?

ମଧୁସୂଦନ କହିଥିଲେ, ମୁଁ ବିଚାରକରେ ଯେ, ନାରୀଜାତିକୁ ଭୋଟ ଅଧିକାରରୁ ବଞ୍ଚିତକରିବା ଏକ କଳଙ୍କ ଓ ମହାନ୍ ଅପରାଧ। ମୋର ଧମନୀରେ ସତୀ ରକ୍ତ ପ୍ରବାହିତ। ତାହା ହିଁ ମୋତେ ଉଜ୍ଜୀବିତକରି ରଖିଛି ଓ ନାରୀଜାତିକୁ ଭୋଟ ଅଧିକାର ପ୍ରଦାନ ଲାଗି ଅନୁପ୍ରେରିତ କରୁଛି। ଶେଷରେ ୧୯୨୩ରେ ମଧୁସୂଦନଙ୍କ ଅନର୍ଗଳ ଭାଷଣରେ ବିହାର ଓଡ଼ିଶା କାଉନ୍‌ସିଲର ଶେଷ ବିଚାରରେ ଭାରତୀୟ ନାରୀ ଆଇନଜୀବୀ ବୃତ୍ତି ଗ୍ରହଣ ଯୁଗାନ୍ତକାରୀ ଅଧିକାର ପାଇଁ ବ୍ରିଟିଶ ଇମ୍ପେରିଆଲ କାଉନ୍‌ସିଲ୍‌ର ଅନୁମୋଦନ ପାଇଲା। ଏହା ଥିଲା ନାରୀ ଜାତିର ବ୍ରିଟିଶ ଶାସନରେ ଓଡ଼ିଆମାନଙ୍କ ଜିତାପଟ। ଏ ଜିତାପଟଟି ମଧୁସୂଦନଙ୍କର ନ ଥିଲା, ଏହା ଥିଲା ସମଗ୍ର ଓଡ଼ିଆ ଜାତିର ବୋଲି ମଧୁସୂଦନ କହିଥିଲେ।

ବରିଷ୍ଠ ସମବାୟବିତ୍
ମୋ: ୯୦୯୦୩୨୫୮୦୨

## ପାଠକ ଶ୍ରେଷ୍ଠ ବିଚାରକ

### ଅଗ୍ନି ନିରାପତ୍ତା ଯାଞ୍ଚରେ ନିଷ୍କ୍ରିୟତା

ମହାଶୟ,

ଆମ ଦେଶରେ ହୋଟେଲ, ରେଷ୍ଟୁରାଣ୍ଟ, ସିନେମା ହଲ୍, ଡାକ୍ତରଖାନା, ବିଶ୍ୱବିଦ୍ୟାଳୟ, ବଡ଼ ବଡ଼ କୋଠା, କ୍ଲବ୍, କଲେଜ, ସ୍କୁଲ, ଯାତ୍ରୀବାହୀ ବସ୍, ଆପାର୍ଟମେଣ୍ଟ ଆଦି ସର୍ବସାଧାରଣ ସ୍ଥାନରେ ଅଗ୍ନିକାଣ୍ଡ ଏବଂ ମୃତାହତ ଘଟଣା ନୂଆ ନୁହେଁ। ଗୋଆର ଆରୁପୁରାରେ ଏକ ନାଇଟ୍ କ୍ଲବ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ଜୀବନ୍ତ ଦଗ୍ଧହେବା ଓ ଏହି ଦୁଃଖଦ ଘଟଣାରେ ୪ ଜଣ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟରେ ପ୍ରକାଶ ଯେ, ନାଇଟ୍ କ୍ଲବ୍ ପାଇଁ ପ୍ରଶାସନିକ ଅନୁମତି ନ ଥିଲା। ଦିଲ୍ଲୀର ବିଭିନ୍ନ ହସ୍ପିଟାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟି ଅନେକଙ୍କ ମୃତ୍ୟୁ ଘଟିବା ସହ ଆହତ ହେଉଛନ୍ତି। ଗତବର୍ଷ ରାଜକୋଟ୍‌ରେ, ନିକଟରେ ଜୟପୁରର ସ୍ୱାମୀ ମାନସିଂହ ହସ୍ପିଟାଲରେ, ତାମିଲନାଡୁର ବିରୁଦ୍ଧୁନଗରସ୍ଥିତ ଏକ ବାଣ କାରଖାନାରେ, କୋଲକାତାର ଏକ ଆପାର୍ଟମେଣ୍ଟରେ, ଆନ୍ଧ୍ରପ୍ରଦେଶର କୁର୍ନୁଲରେ ରାତ୍ରକାଳୀନ ଏକ ଯାତ୍ରୀବାହୀ ବସ୍‌ରେ, ବିଭିନ୍ନ ହସ୍ପିଟାଲ, ଶପିଂମଲ୍‌ରେ ଅଗ୍ନିକାଣ୍ଡ ଦେଶବାସୀଙ୍କ ମନରୁ ଲିଭିନାହିଁ। କହିବା ବାହୁଲ୍ୟ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଆମ ଦେଶ ତଥା ରାଜ୍ୟଗୁଡ଼ିକରେ ସ୍ୱତନ୍ତ୍ର ମାନଦଣ୍ଡ ଏବଂ କଠୋର ଆଇନ ରହିଛି। ମାତ୍ର ତାହା କାର୍ଯ୍ୟକାରୀ ହେଉନାହିଁ କିମ୍ବା ତଦାରଖ ହେଉନାହିଁ। କଟକ ଓ ଭୁବନେଶ୍ୱରର ହସ୍ପିଟାଲଠାରୁ ଶପିଂମଲ୍‌ରେ ମଧ୍ୟ ଅଗ୍ନିକାଣ୍ଡ ଘଟୁଛି। ଏଥିରେ ଅବହେଳା ପାଇଁ ଆଇନରେ କଠୋର ଦଣ୍ଡର ବ୍ୟବସ୍ଥା ରହିଥିଲେ ମଧ୍ୟ ପ୍ରଶାସନ, ପୋଲିସ କେହି ଗୁରୁତ୍ୱ ଦେଇ ନ ଥାନ୍ତି। ତେବେ ପ୍ରଶାସନ କେବଳ କିଛିଦିନ ପାଇଁ ସଜାଗ ହୋଇଥାଏ ଓ ଧରପଗଡ଼ କରିଥାଏ। ପୁଣି ସବୁ କିଛି ନୀରବିଯାଇଥାଏ। ତେବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚରେ ସବୁ ସମୟରେ ପ୍ରଶାସନିକ ସକ୍ରିୟତା ପ୍ରକାଶ ପାଇଲେ ବିପଦକୁ ଏଡ଼ାଇ ଦିଆଯାଇପାରିବ।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଲୋଡ଼ିତ କରେ ପ୍ରାଣ
ସକଳ ଏ ଦିଶା,
ସବୁ ପଥେ ଘାଟେ ଜାଗି
ଉଠେ କୁହୁ-ନିଶା। –(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଷ୍ଟ୍ରପତିଙ୍କ ଅଭିଭାଷଣ ବେଳେ 'ଜି ରାମ ଜି'କୁ ବିରୋଧ

**ନୂଆଦିଲ୍ଲୀ,୨୮।୧(ପି.ଟି.)**





ସଂସଦର ଉଭୟ ଗୃହକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିବା ସହ ବୁଧବାର ବଜେଟ ଅଧିବେଶନ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଅଭିଭାଷଣରେ ସାମାଜିକ ନ୍ୟାୟ, ସମାବେଶୀ ଅଭିବୃଦ୍ଧି ଓ ବିକଶିତ ଭାରତ ଉପରେ କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟି ଉପରେ ରେଖାଙ୍କିତ

**ସଂସଦର ବଜେଟ ଅଧିବେଶନ: ଆଜି ଆସିବ ଅର୍ଥନୈତିକ ସର୍ଭେ ରିପୋର୍ଟ**

କରିବାବେଳେ ବିରୋଧୀ ଦଳଗୁଡ଼ିକ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିଶେଷକରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆଇଜିଏ)ରୁ ଗାନ୍ଧିଜୀଙ୍କ ନାମ ହଟାଇ ଏହି ଯୋଜନାକୁ ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଭିବି-ଜି ରାମ ଜି) କରାଯିବା, ଭୋଟର ତାଲିକାର ଶୁଦ୍ଧୀକରଣ ନାମରେ ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଭଳି ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଏଭଳି ଆଚରଣକୁ ନେଇ କ୍ଷୁବ୍ଧ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ବିରୋଧୀଙ୍କଠାରୁ କ୍ଷମା ଦାବି କରିଛନ୍ତି।

ରାଷ୍ଟ୍ରପତି ପାର୍ଲାମେଣ୍ଟରେ ପହଞ୍ଚିବା ପରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ଅଭିଭାଷଣ ଆରମ୍ଭ କରି କହିଥିଲେ, ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷପୂର୍ତ୍ତିକୁ ସାରା ଦେଶ ପାଳନ କରୁଛି। ନାଗରିକମାନେ ଏହାର ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ବିଗତ ୨୫ ବର୍ଷରେ ବିଭିନ୍ନ କ୍ଷେତ୍ରରେ ମୂଳଦୁଆ ପଡ଼ିଥିବାବେଳେ ୨୦୨୬ 'ବିକଶିତ ଭାରତ'ର ଯାତ୍ରା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରପତି ଭିବି-ଜି ରାମ ଜି ଆଇନ ସମ୍ପର୍କରେ ଅବତାରଣା କରିବାବେଳେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ (ରାଜ୍ୟ ସଭା) ଓ ରାହୁଲ ଗାନ୍ଧୀ (ଲୋକ ସଭା)ଙ୍କ ସମେତ ବିପକ୍ଷର ଅନେକ ସଦସ୍ୟ ନିଜ ଆସନରୁ ଉଠି ନାରାବାଜି ଦେବା ସହ ବିକ୍ଷୋଭ କରିଥିଲେ। ଏପରି କି ଏଥିଲାଗି ରାଷ୍ଟ୍ରପତିଙ୍କୁ ନିଜ ଅଭିଭାଷଣ ମଝିରେ ଅଟକିବାକୁ ପଡ଼ିଥିଲା। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ନଡ୍ଡା କହିଥିଲେ, କଂଗ୍ରେସ ସମେତ ବିରୋଧୀ ଦଳ ନେତାମାନେ ଅଭ୍ୟାସଗତ ଭାବେ ସଂସଦୀୟ ମର୍ଯ୍ୟାଦାକୁ ଭଙ୍ଗ କରୁଛନ୍ତି। ଏପରି ଆଚରଣ ପାଇଁ ସେମାନେ କ୍ଷମା ମାଗିବା ଉଚିତ। ତେବେ ଏମ୍‌ଜିଏନ୍‌ଆଇଜିଏର ପୁନଃ ଅବସ୍ଥାପନ ପାଇଁ ବିରୋଧୀ ପକ୍ଷ ଗଣତାନ୍ତ୍ରିକ ଉପାୟରେ ଦାବି ଜାରି ରଖିବ ବୋଲି ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ X ରେ ପୋଷ୍ଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଏବଂ ଫେବୃଆରୀ ୧ରେ ୨୦୨୬-୨୭ ଆର୍ଥିକବର୍ଷର କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଏହା ହେବ ସୀତାରାମନ୍‌ଙ୍କ ଲଗାତର ନବମ ଥର ବଜେଟ ଉପସ୍ଥାପନ। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୮ ଯାଏ ଚାଲିବାକୁ ଥିବାବେଳେ ମାର୍ଚ୍ଚ ୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଚାଲିବା ନେଇ ଧାର୍ଯ୍ୟ କରାଯାଇଛି।

## ଟ୍ରମ୍ପଙ୍କ 'ବୋର୍ଡ ଅଫ୍ ପିସ୍'ରେ ୨୬ ରାଷ୍ଟ୍ର

**ନ୍ୟୁୟର୍କ,୨୮।୧**

ଇସ୍ରାଏଲର ଯୁଦ୍ଧ ପ୍ରପୀଡ଼ିତ ଗାଜା ଅଞ୍ଚଳକୁ ଆତଙ୍କବାଦୀମୁକ୍ତ କରି ଏହାର ପୁନଃ ନିର୍ମାଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଠନ କରିଛନ୍ତି ବୋର୍ଡ ଅଫ୍ ପିସ୍(ବିଓପି)। ଆନ୍ତର୍ଜାତିକ ସ୍ତରରେ ରାଜନୈତିକ କାରଣକୁ ନେଇ ଉପୁଜିଥିବା କୌଣସି ବିବାଦର ସମାଧାନ ଲାଗି ଜାତିସଂଘ ବ୍ୟବସ୍ଥା ରହିଥିଲେ ମଧ୍ୟ ରାଷ୍ଟ୍ରପତି ଟ୍ରମ୍ପ ବିଓପି ଭଳି ଏକ ପରିଷଦ ଗଠନ କରିଛନ୍ତି। ହେଲେ ବୁଧବାର ସୁଦ୍ଧା ଏହି ପରିଷଦରେ ମାତ୍ର ୨୬ଟି ରାଷ୍ଟ୍ର ସାମିଲ ହୋଇଥିବା ଜଣାପଡ଼ିଛି। ପାକିସ୍ତାନ ସମେତ ଆଉ କିଛି ଛୋଟ ଛୋଟ ରାଷ୍ଟ୍ର ଯୋଗଦେଇଥିଲେ ହେଁ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ,ଇଟାଲୀ, କାନାଡା, ୟୁରୋପୀୟ ସଂଘ, ଜାପାନ ଭଳି ଜି-୭ ରାଷ୍ଟ୍ର ଏବଂ ଅନ୍ୟ ପ୍ରମୁଖ ରାଷ୍ଟ୍ର ଏହି ପରିଷଦରେ ସାମିଲ ହୋଇନାହାନ୍ତି।

## କାମ ସରିଲେ କାଲି କଥା ହେବି

**ମୁମ୍ବାଇ,୨୮।୧**

ମହାରାଷ୍ଟ୍ରର ବାରାମତିରେ ବୁଧବାର ଘଟିଥିବା ବିମାନ ଦୁର୍ଘଟଣାରେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସମେତ ୫ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ରହିଛନ୍ତି ୨୯ ବର୍ଷୀୟା ଫ୍ଲାଇଟ୍ ଆଟେଣ୍ଡାଣ୍ଟ ପିଙ୍କି ମାଲି। ପିଙ୍କି ବୁଧବାର ସକାଳେ ଅଜିତଙ୍କ ସହ ଉଡାଣ ଭରିବା ପୂର୍ବରୁ ମୁମ୍ବାଇର ୱର୍ଲି ଅଞ୍ଚଳରେ ରହୁଥିବା ତାଙ୍କ ବାପା ଶିବକୁମାର ମାଲିଙ୍କ ସହ କଥା ହୋଇଥିଲେ। ପିଙ୍କି ବାରାମତିରେ ପହଞ୍ଚିବା ପରେ ସେଠାରୁ ନାନ୍ଦେଡ୍ ଯିବେ ଏବଂ ହୋଟେଲରେ ପହଞ୍ଚିବା ପରେ କଥା ହେବେ ବୋଲି ବାପାଙ୍କୁ କହିଥିଲେ। କିନ୍ତୁ ବାରାମତିରେ ବିମାନ ଅବତରଣ କରିବାର ମାତ୍ର କିଛି ମୁହୂର୍ତ୍ତ ପୂର୍ବରୁ ସବୁକିଛି ଶେଷ ହୋଇଗଲା। ପିଙ୍କିଙ୍କ ପାଇଁ ଆଉ 'କାଲି' ଫେରିଲା ନାହିଁ। ବିମାନ ଦୁର୍ଘଟଣା ଖବର ସାମ୍ନାକୁ ଆସିବା ପରେ ବାପା ଶିବକୁମାର କୋହଭରା କଣ୍ଠରେ ଏହି କଥା କହୁଥିବା ଦେଖାଯାଇଛି।

**ବାପାଙ୍କୁ ପିଙ୍କି ମାଲିଙ୍କ ଶେଷ କଲ୍**




## ୪ ଦିନିଆ ଚାଇନା ଗସ୍ତରେ ଷ୍ଟାର୍ମର



ବେଜିଂ ଅନ୍ତର୍ଜାତୀୟ ବିମାନବନ୍ଦରରେ ବ୍ରିଟେନ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମରଙ୍କୁ ସ୍ୱାଗତ କରାଯାଉଛି।

**ବେଜିଂ/ଲଣ୍ଡନ,୨୮।୧**

ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠୁ ଆମେରିକା ସହ ପାଶ୍ଚାତ୍ୟର ସମ୍ପର୍କ ବିଗିଡ଼ିବାରେ ଲାଗିଥିବାବେଳେ ଏଥିରୁ ଚାଇନା ଲାଭ ଉଠାଇବାକୁ ଚାହୁଁଛି। ଏଭଳି ସ୍ଥଳେ ବ୍ରିଟେନ୍ ସମେତ ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ବିକଳ୍ପ ସନ୍ଧାନ ଉଦ୍ୟମ ଚଳାଇଛନ୍ତି। ଏହିକ୍ରମେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ବୁଧବାର ସନ୍ଧ୍ୟାରେ ବେଜିଂରେ ପହଞ୍ଚିଛନ୍ତି। ୨୦୧୮ ପରେ କୌଣସି ବ୍ରିଟିଶ୍ ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ପ୍ରଥମ ଚାଇନା ଗସ୍ତ। ଏହି ଅବସରରେ ସେ ଚାଇନା କମ୍ପାନୀଗୁଡ଼ିକୁ ବ୍ରିଟେନ୍‌ରେ ସୁଯୋଗ ଖୋଜି ବ୍ୟବସାୟ କରିବାକୁ ନିମନ୍ତ୍ରଣ କରିଛନ୍ତି। ଷ୍ଟାର୍ମରଙ୍କ ୪ ଦିନିଆ ଗସ୍ତକାଳରେ ବାଣିଜ୍ୟିକ ଓ ସାଂସ୍କୃତିକ କ୍ଷେତ୍ରରେ କେତେକ ଚୁକ୍ତିନାମା ହୋଇପାରେ। ଚାଇନା ବୈଶ୍ୱିକସ୍ତରରେ ରାଜନୈତିକ, କୂଟନୈତିକ ଓ ଅର୍ଥନୈତିକ ପ୍ରଭାବ ବିସ୍ତାର ଉଦ୍ୟମ ଚଳାଇଥିବାବେଳେ ଷ୍ଟାର୍ମରଙ୍କ ସହ ପ୍ରତିନିଧି ଦଳରେ ୬୦ ସଦସ୍ୟ ବେଜିଂ ଯାଇଛନ୍ତି। ଷ୍ଟାର୍ମର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ତେବେ ବ୍ରିଟେନର ଜାତୀୟ ନିରାପତ୍ତା ଓ ଜିନ୍‌ପିଙ୍ଗଙ୍କ ମାନବାଧିକାର ରେକର୍ଡକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ନିଜ ଦେଶରେ ସମାଲୋଚନାର ଶିକାର ହେବାକୁ ପଡ଼ିଛି।

## ଆମାଜନରୁ ଆଉ ୧୬ ହଜାର ଛଟେଇ




**ନ୍ୟୁୟର୍କ,୨୮।୧**

୩ ମାସ ମଧ୍ୟରେ ସମୂହ ଛଟେଇ ପ୍ରକ୍ରିୟାରେ ଆମାଜନ ପୁଣି ୧୬ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। କରୋନା କାଳରୁ ଛଟେଇ ଆରମ୍ଭ କରିଥିବା ବିଶ୍ୱର ସର୍ବବୃହତ୍ ଇ-କମର୍ସ କମ୍ପାନୀ ଆମାଜନ ଗତ ଅକ୍ଟୋବର ମାସରେ ୧୪ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। ଏହାପରେ ଏବେ ଆଉ ୧୬ ହଜାର କର୍ମଚାରୀଙ୍କ ଛଟେଇ ସମ୍ପର୍କରେ ଘୋଷଣା କରିଛି। ବର୍ତ୍ତମାନ କମ୍ପାନୀର ବିଭିନ୍ନ ବିଭାଗରେ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଉପଯୋଗ କରାଯାଇ କାର୍ଯ୍ୟ କରିବାକୁ ଅଗ୍ରାଧିକାର ଦିଆଯାଉଛି ଏବଂ ଅଧିକ କର୍ମଚାରୀଙ୍କ ଆବଶ୍ୟକତା ପଡ଼ିବ ନାହିଁ ବୋଲି ଆମାଜନର ସିନିୟର ଭାଇସ୍ ପ୍ରେସିଡେଣ୍ଟ ବେଥ୍ ଗାଲେଟି କହିଛନ୍ତି।

## ହରିୟାଣାରେ ଉଚ୍ଚବର୍ଗଙ୍କୁ ଲଘୁ ସମ୍ପ୍ରଦାୟ ପ୍ରମାଣପତ୍ର

# ନୂଆ ଜାଲିଆତି କହିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮।୧**

ଜାତି ପ୍ରମାଣପତ୍ରକୁ ନେଇ ହରିୟାଣାରେ ଯେଭଳି ଚାଲ ଚାଲିଛି ତାହାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକଟ କରିଛନ୍ତି। ଏଠାକାର ପ୍ରଭାବଶାଳୀ ଏବଂ ଉଚ୍ଚ ଜାତିର ଲୋକଙ୍କୁ ଲଘୁ ସମ୍ପ୍ରଦାୟ ପ୍ରମାଣପତ୍ର ଦିଆଯାଉଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ନୂଆ ଧରଣର ଜାଲିଆତି ବୋଲି କହିଛନ୍ତି। ହରିୟାଣାର ଉଚ୍ଚ ବର୍ଗର ଲୋକ ସେମାନଙ୍କ ଧର୍ମ ପରିବର୍ତ୍ତନ କରି ବୌଦ୍ଧ ଧର୍ମ ଗ୍ରହଣ କରୁଛନ୍ତି ଏବଂ ସେମାନଙ୍କୁ ସଂଖ୍ୟାଲଘୁ ପ୍ରମାଣପତ୍ର ମିଳିଯାଉଛି। ଏହାଦ୍ୱାରା ସେମାନେ ବିଭିନ୍ନ କ୍ଷେତ୍ରରେ ରହିଥିବା ସଂରକ୍ଷଣ ସୁବିଧା ହାସଲ କରିବାକୁ ଦାବି କରୁଛନ୍ତି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏସମ୍ପର୍କିତ ଏକ ମାମଲାର ବିଚାର ପରିପ୍ରେକ୍ଷୀରେ କହିଛନ୍ତି। ହରିୟାଣାର ହିସାର ଅଞ୍ଚଳର ନିଖିଳ କୁମାର ପୁନିଆ ନାମକ ଯୁବକ ନିଜକୁ ବୌଦ୍ଧ ଧର୍ମାବଲମ୍ବୀ ଦର୍ଶାଇ ସଂଖ୍ୟାଲଘୁ ସଂରକ୍ଷଣ ଆଧାରରେ କଲେଜରେ ନାମ ଲେଖାଇବାକୁ ଆବେଦନ କରିଥିଲେ। କିନ୍ତୁ ତାହା ହୋଇ ନପାରିବାରୁ ସେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏହି ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନିଖିଳଙ୍କ ସାମାଜିକ ପୃଷ୍ଠଭୂମି ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ସେ ନିଜେ ଏହି ଅଞ୍ଚଳରୁ ଆସିଥିଲା ବେଳେ ପୁନିଆ ସାଙ୍ଗିଆ ଥିବା ବ୍ୟକ୍ତିବିଶେଷ କିଭଳି ଲଘୁ ସମ୍ପ୍ରଦାୟର ହୋଇପାରିବେ ବୋଲି ନିଖିଳଙ୍କ ଓକିଲଙ୍କୁ ପଚାରିଥିଲେ। ନିଖିଳ ଜାଠ ପୁନିଆ ସମ୍ପ୍ରଦାୟର ହୋଇଥିବା ତାଙ୍କ ଓକିଲ କହିବା ପରେ ସେ ନିଜକୁ କେମିତି ଲଘୁ ସମ୍ପ୍ରଦାୟର ଦାବି କରୁଛନ୍ତି ବୋଲି ସିଜେଆଇ ପୁଣି ପ୍ରଶ୍ନ ଉଠାଇଥିଲେ। ହରିୟାଣାରେ ଚାଲିଥିବା ଏଭଳି ବିଷୟକୁ ଖଣ୍ଡପୀଠ ନୂଆ ଧରଣର ଜାଲିଆତି କହିବା ସହିତ ଏହି ରାଜ୍ୟରେ କିଭଳି ସଂଖ୍ୟାଲଘୁ ପ୍ରମାଣପତ୍ର ଦିଆଯାଉଛି ସେଥିନେଇ ମୁଖ୍ୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି।

**ରାଜ୍ୟ ଖବର**

# ଆଲୋଚନା ପାଇଁ ଆସିଲାନି କମ୍ପାନୀ, ପ୍ରଶାସନ

**ରାୟଗଡ଼ା/ଟିକିରି,୨୮।୧(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)**

**ଶେୟାର ଦାବି ସହ ମୌଳିକ ସମସ୍ୟା ପାଇଁ ତେଜିଲା ଆନ୍ଦୋଳନ**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ କମ୍ପାନୀ ଆରମ୍ଭବେଳେ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ବିଭିନ୍ନ ମୌଳିକ ସୁବିଧା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ସମୟରେ ସେସବୁକୁ ଅଣଦେଖା ଅଭିଯୋଗ ବାରମ୍ବାର ଏନେଇ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବା କାରଣରୁ ଶେଷରେ ବାଗିରିଝୋଲାସ୍ଥିତ ଆର୍‌ଏମ୍‌ପି(ରେଡ୍‌ମଡ୍ ପଣ୍ଡ) ଗେଟ୍ ସମ୍ମୁଖରେ ଲୋକେ ମଙ୍ଗଳବାରଠାରୁ ଧାରଣା ଦେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ୨ ଦିନ ବିତିଯାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ କାହାରି ଦେଖାନାହିଁ ବୋଲି ଉତ୍କଳ ଆଲୁମିନା କମ୍ପାନୀ ଜମିହରା ପ୍ରଭାବିତ ସଂଘ ସଭାପତି ନାଥ ମାଝି ଓ ଅନ୍ୟ ସଦସ୍ୟମାନେ କହିଛନ୍ତି।

ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ ଓ ବିଶୁଦ୍ଧ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବକ୍ସାଇଟ ଖଣି ଭଳି ମୂଲ୍ୟବାନ୍ ଖଣିଜ ସମ୍ପଦ ଭରା ଅଞ୍ଚଳବାସୀ ଏବେବି ବଞ୍ଚିତ। କାରଖାନାରୁ ନିର୍ଗତ ଧୂଆଁ ଓ ରେଡ୍‌ମଡ୍ ପଣ୍ଡ କାରଣରୁ ଅଞ୍ଚଳବାସୀ ବିଭିନ୍ନ ଚର୍ମ ଓ ଶ୍ୱାସଜନିତ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ହିଣ୍ଡାଲ୍‌କୋର ଶତ ପ୍ରତିଶତ ସବ୍‌ସିଡିଆରି କମ୍ପାନୀ ଉତ୍କଳ ଆଲୁମିନା ବ୍ୟତୀତ ବର୍ତ୍ତମାନ କଂସାରିଗୁଡ଼ାରେ ଆଦିତ୍ୟ ଆଲୁମିନା ରିଫାଇନେରି କମ୍ପାନୀ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଆଗାମୀ ଦିନରେ ଏହା ସମସ୍ତ କାଶୀପୁର ବ୍ଲକରେ ରୋଗର କାରଣ ପାଲଟିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କମ୍ପାନୀ ଖଣି ଖନନ କରି ବିଦେଶକୁ ରପ୍ତାନି କରି ବହୁ କୋଟି ଟଙ୍କା ଲାଭ ପାଉଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଅଳ୍ପ କ୍ଷତିପୂରଣ ଦେଇ ଅଞ୍ଚଳର ସର୍ବସ୍ୱ ଲୁଟି ନେଉଛନ୍ତି ବୋଲି ଜମିହରା ପ୍ରଭାବିତ ସଂଘ ଅଭିଯୋଗ କରିଛି। ତେଣୁ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲରେ ଜମିହରା ଓ ପ୍ରଭାବିତଙ୍କୁ କମ୍ପାନୀରେ ଅଂଶଧନ ସହ ସମସ୍ତ ପ୍ରକାର କ୍ଷତିପୂରଣ, ବିଶୁଦ୍ଧ ପାନୀୟ ଜଳ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ଥାୟୀ ନିଯୁକ୍ତି, ଉପଯୁକ୍ତ ପ୍ରଶିକ୍ଷଣ ବ୍ୟବସ୍ଥା ନେଇ ଦାବି କରାଯାଇଛି। ଯଦି କମ୍ପାନୀ ଏଥିରେ ସହଯୋଗ ନ କରେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ସଭାପତି ନାଥ ମାଝି, ଭଗବାନ ମାଝି, ପ୍ରଫୁଲ୍ଲ ମାଝି ଓ ଅନ୍ୟମାନେ ଚେତାବନୀ ଦେଇଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୬/୦୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ସେଗୁଡ଼ିକ ୧୫.୩୦ ଘଟିକାରେ ଖୋଲାଯିବ। କ୍ର.ସଂ., ଟେଣ୍ଡର ନଂ. ଓ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: (୧) ଇ-କେଜିପି-ୱେଷ୍ଟ-୦୩-୨୦୨୬, ଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମ୍ନଲିଖିତ କାର୍ଯ୍ୟର ନିର୍ବାହ: (i) ବାଲିଛକ-ଖଡ଼ଗପୁର: (i) ଟିଆର୍‌ଆର୍(ପି)-୫.୫୫୫ ଟିକେଏମ୍, ଖଡ଼ଗପୁର-ଟାଟା: ଟିଆର୍‌ଆର୍(ପି)-୧.୬୬୪ ଟିକେଏମ୍, (ii) ବାଲିଛକ-ଖଡ଼ଗପୁର: ଟିଆର୍‌ଆର୍(ଏସ୍)-୮.୫୨୭ ଟିକେଏମ୍, (iii) ବାଲିଛକ-ନିମପୁରା: ଟିଏଫ୍‌ଆର୍-୭.୧ ଟିକେଏମ୍, (iv) ବାଲିଛକ-ଟାଟା: ଟିବିଆର୍-୮.୫୮୭ ଟିକେଏମ୍ ଏବଂ (v) ଖଡ଼ଗପୁର-ଟାଟା: ଟିଟିଆର୍-୧୧୫ ସେଟ୍। ଟେଣ୍ଡର ମୂଲ୍ୟ: ₹୩,୪୨,୧୪,୩୧୧.୦୫। ଅମାନତ ରାଶି: ₹୩,୨୧,୧୦୦। (୨) ଇ-କେଜିପି-ୱେଷ୍ଟ-୦୪-୨୦୨୬, ଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ସେସ୍‌ର ପ୍ରଶସ୍ତୀକରଣ, ବ୍ରିଜ୍ ଆପ୍ରୋଚ୍‌ର ଉନ୍ନତୀକରଣ, ବାଲାଷ୍ଟ ରିଟେନିଂ ୱାଲ୍, ସେସ୍/କ୍ୟାଚ୍ ୱାଟର ଡ୍ରେନ୍ ଆଦିର ନିର୍ମାଣ। ଟେଣ୍ଡର ମୂଲ୍ୟ: ₹୨,୬୭,୯୯,୯୨୫.୩୧। ଅମାନତ ରାଶି: ₹୨,୮୪,୦୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦। ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ୧୮।୦୨।୨୦୨୬। କାର୍ଯ୍ୟର ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୧୨ ମାସ ଏବଂ କ୍ର.ସଂ. ୨ ପାଇଁ ୧୮ ମାସ। ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ରୁ ୨ ପାଇଁ ତା୦୪।୦୨।୨୦୨୬ରିଖଠାରୁ ତା୧୮।୦୨।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି। (PR-1108)



**EXPRESSION OF INTEREST**

**STATE INSTITUTE OF HOTEL MANAGEMENT**
TITILAGARH ROAD,BALANGIR - 767001 (ODISHA)

**No. 1118/1119/SIHM/2025-26/E-Tender** **Date: 28.01.2026**

E-tender invited by SIHM, Balangir under a two-bid system from established Dealers/Manufacturers/Distributors/Firms registered in India for the supply, installation and commissioning of following equipments :-

1. Single Disc machine with dual connectivity of water tank fit scrubbing & foam/steam generator for carpet dry foam shampooing, Dry Vacuum cleaner, Auto scrubber drier, Dry & Wet vacuum cleaner and Mop wringer trolley **(No. 1118/SIHM/2025-26/E-Tender, Dated.28.01.2026)**
2. Interactive classroom device (Interactive dispaly panel & accessories), Interactive panel stand, and 1 KVA UPS **(No. 1119/SIHM/2025-26/E-Tender, Dated.28.01.2026)**

at SIHM, Balangir for the Academic Session 2025-26.

Interested parties may kindly visit the below mentioned website for futher details: www.tenderwizard.com/SIHM or www.sihmbalangir.org

Sd/-
Principal



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

No.CAD-3103:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୬ ରେ ଫ୍ଲାଟ୍ ନଂ-B/1469ଟିକୁ ମାଳବୀକା ଭଞ୍ଜ ଦେଓ, ପି-ଏ ଅନନ୍ତ ନାରାୟଣ ଭଞ୍ଜ ଦେଓ, ସା-ଫ୍ଲାଟ୍ ନଂ.-B/1469, ପୋ-ଅଭିନବ ବିଡ଼ାନାସୀ, ଥା-ମର୍କତ ନଗର, ଜି-କଟକ-୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ମାଳବୀକା ଭଞ୍ଜ ଦେଓ ଉକ୍ତ ଫ୍ଲାଟ୍‌ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅବିନାଶ ଖେମକା, ପି-ଶ୍ରୀ ମହାବୀର ପ୍ରସାଦ ଖେମକା, ସା- ଫ୍ଲାଟ୍ ନଂ.-6A, ସତ୍ୟମ୍ ଆପାର୍ଟମେଣ୍ଟ, ଗଣେଶ ଘାଟ, ପୋ-ଚାନ୍ଦିନୀଚୌକ, ଥା-ପୁରୀଘାଟ, ପିନ୍- ୭୫୩୦୦୨, ଜି-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଫ୍ଲାଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR- ସ୍ୱା./-ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)



**Bhubaneswar Smart City Limited**
5th Floor, BMC-ICOMC Tower, Bhoi Nagar, Unit-9, Bhubaneswar-751022, E-mail Id : bbsr.bscl@gmail.com, CIN : U74990OR2016PLC020016
Telephone : 0674-2548428, Fax : 0674-2540811

No.165/BSCL/2026 Dt.28.01.2026

**TENDER CALL NOTICE**

**No.13001/5/2526** : Bhubaneswar Smart City Limited (BSCL) inviting the following tender under National competitive through e-procurement.

| Sl. No. | Name of the work | Bid Identification No. | Availability of Tender Document | |
|---|---|---|---|---|
| | | | From | To |
| 1 | Selection of agency for Design, Supply, Execution of Landscape Development & Streetscape Design along Janpath Road including Maintenance, Bhubaneswar | BSCL/ 163/2026 Dated 27.01.2026 | **29.01.2026 17.00 Hrs.** | **08.02.2026 17.00 Hrs.** |

Further details can be seen from website **www.tendersodisha.gov.in**. Any Corrigendum or Addendum, if any will not be published in newspaper and can only be seen in the above-mentioned website.

**Sd./- General Manager (Engg.)**
**Bhubaneswar Smart City Limited**
**OIPR-13001/13070/1/25-26/0005**



**GOVERNMENT OF ODISHA, "e"-PROCUREMENT NOTICE**

**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**

**WORKS DEPARTMENT**

**Tender call Notice**

E-mail : pwdoffngd34@gmail.com

**Bid Identification No. S.E-Nayagarh (R&B) Division-Online 11/2025-26**

**No.B-1021** : The **Superintending Engineer, Nayagarh (R&B) Division, Nayagarh** on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below :

1. Nature of Work : Building & Electrical Works
2. No of Work : 15 Nos
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid Document in the Website : From **Dt.30.01.2026** 11.00 A.M. to **Dt.09.02.2026** Up to 5.00 P.M.
6. Date of opening of Bid : Dt.10.02.2026 at 11.00 A.M.
7. The have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.

OIPR-

**Sd./- Superintending Engineer,**
**Nayagarh (R&B) Division, Nayagarh**



**DEPARTMENT OF WATER RESOURCES**

**O/O THE SUPERINTENDING ENGINEER, QUALITY ASSURANCE DIVISION, NAYAGARH**

**BARAMASI DANDA, COLLEGE ROAD, NAYAGARH**

**No.32001/6/2526** EMAIL : eenqdivn@gmail.com

| | | |
|---|---|---|
| 01 | Name of work | Procurement & Installation of Universal Testing Machine for Quality Assurance Division, Nayagarh under Modernization of Quality Control laboratory for the year 2025-26 |
| 02 | No. of works | 01 |
| 03 | Bid Identification No. | E-Procurement notice No.-02/2025-26 |
| 04 | Amount put to tender (Excl. GST) | Rs.8,40,000.00 |
| 05 | Cost of Tender Paper | Rs.4000.00 |
| 06 | Bid security | Rs.8400.00 |
| 07 | Date & time of availability of bid documents in the website http://www.dowr.odisha.gov.in | From 3.00 P.M on dt.30.01.2026 to 5.00 P.M. on dt.09.02.2026 |
| 08 | Date & time of availability of bid documents in the website www.tendersorissa.gov.in | From 3.00 P.M. on dt.30.01.2026 to 5.00 P.M. on dt.09.02.2026 |
| 09 | Date & Time of receipt of bids in the portal | From 3.00 P.M. on dt.30.01.2026 to 5.00 P.M. on dt.09.02.2026 |
| 10 | Date and Time of Opening of Tender | Date 10.02.2026, 11.00 A.M. in the O/o the Superintending Engineer, Quality Assurance Division, Nayagarh, Baramasi Danda, College Road, Nayagarh |
| 11 | Name and Address of the Officer inviting Bid | Superintending Engineer, Quality Assurance Division, Nayagarh |
| | Further details can be seen from the State Govt. website http://www.dowr.odisha.gov.in & www.tendersorissa.gov.in. Any Corrigendum/Cancellation to the above notice will be published in the above website only. | |

**Sd./- Superintending Engineer, Quality Assurance Division, Nayagarh**

**OIPR-32001/32423/1/25-26/0006**



**GOVT. OF ODISHA** No.A-1329

**OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR**

**'e' Procurement Notice No. CEMKS 17 OF 2025-26**

1. Name of the work : **Construction of Box Conduit on Kakatpur Distributary from RD 9.650 km to 10.200 km near Kakatpur Bazar, Maa Mangala Temple**
2. Amount put to Tender : Rs.11,91,47,545.00
3. Bid Document Cost : Rs.10,000.00 (Online)
4. E.M.D : Rs.11,91,500.00
5. Class of Contractor : "Special" Class & "A" Class
6. Period of Completion : 24 calendar months
7. Other details are as follows

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CE MKS NMPD 03 of 2025-26 | 30.01.2026 10.00 hrs | 16.02.2026 17.00 hrs | 17.02.2026 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersodisha.gov.in. The Corrigendum/cancellation of Tender, if any, will be uploaded and can be seen from the above website only.

OIPR-

**Sd./- Chief Engineer & Basin Manager**
**Mahanadi Kathajodi System**
**Bhubaneswar**

# ପିଲାଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବାରେ ମା'ଙ୍କ ଗୁରୁଦାୟିତ୍ୱ ରହିଛି

ବାଲିଅନ୍ତା,୨୮।୧(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମ ୪ନଂ ୱାର୍ଡର ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶିକ୍ଷାବିତ୍ ଶ୍ରୀପତି ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମା'ମାନଙ୍କ ଭୂମିକା, ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ପିଲାମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ଦିଗରେ ମା'ମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ଗୁରୁମା' ମମତା ସାମଲ, ସୋନାଲି ପ୍ରଧାନ, ମଧୁସ୍ମିତା ରାୟ, ସଂଯୁକ୍ତା ରାଉତ, ନର୍ମଦା ଲେଙ୍କା, ଜ୍ୟୋତି ଲକ୍ଷ୍ମୀ ଓଝା ପ୍ରମୁଖ ଯୋଗଦେଇଥିଲେ। ହର ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବିଏମ୍‌ସିର ୧୦୫୦ କୋଟିର ଚିଠା ବଜେଟ

## ଭେଣ୍ଡିଂଜୋନ୍, ଓପ୍‌ଫେଡ୍ ବୁଥ୍‌ରେ ଗୁଟ୍‌ଖା ବିକିଲେ ଲାଇସେନ୍ସ ବାତିଲ

### ନିଜସ୍ୱ ଆୟ ୩୦୦ କୋଟି, ସରକାରୀ ଅନୁଦାନରୁ ମିଳିବ ୭୫୦ କୋଟି

ଭୁବନେଶ୍ୱର,୨୮।୧(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୩୮ତମ ସାଧାରଣ ପରିଷଦ ଓ ସ୍ୱତନ୍ତ୍ର ଚିଠା ବଜେଟ ଉପସ୍ଥାପନ ବୈଠକ ବୁଧବାର ନିଗମ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସ ଏଥିରେ ଅଧ୍ୟକ୍ଷତା କରି ବିଏମ୍‌ସିର ଆୟ ବୃଦ୍ଧି ପରେ ଗୁରୁତ୍ୱାରୋପ କରିଥିଲେ। ବିଏମ୍‌ସିର ଆୟ ଯେଉଁ ଅନୁପାତରେ ବୃଦ୍ଧିପାଇବ, ସେହି ଅନୁପାତରେ ୧୫ ଓ ୧୬ତମ ଫାଇନାନ୍ସ କମିଶନଙ୍କ ଅନୁଦାନ ମିଳିବ। ତେଣୁ ବିଏମ୍‌ସିର ଆୟ ବୃଦ୍ଧି ପାଇଁ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ସମସ୍ତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବୈଠକରେ ୨୦୨୬-୨୭ ପାଇଁ ବିଏମ୍‌ସିର ୧୦୫୦ କୋଟି ଟଙ୍କାର ଚିଠା ବଜେଟ ଆଗତ ହୋଇଥିଲା। ଏଥିରେ ବିଏମ୍‌ସିର ନିଜସ୍ୱ ଆୟ ୩୦୦ କୋଟି ଏବଂ ସରକାରୀ ଅନୁଦାନରୁ ୭୫୦ କୋଟି ଟଙ୍କା ମିଳିବ। ଭଡ଼ାରେ ଚାଲିଥିବା ଅର୍ବାନ୍ ହେଲ୍‌ଥ ଆଣ୍ଡ୍ ୱେଲ୍‌ନେସ୍ ସେଣ୍ଟରକୁ ଏଣିକି ସରକାରୀ ଗୃହ କିମ୍ବା ନିଜସ୍ୱ ଗୃହରେ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଏମ୍‌ସିର କୌଣସି ୟୁଏଚ୍‌ଡବ୍ଲ୍ୟୁସିକୁ ବନ୍ଦ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ପାଣ୍ଡରା ନିକଟରେ ଅତ୍ୟାଧୁନିକ ମାଛ ମାର୍କେଟ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବର୍ଷାଦିନ ପୂର୍ବରୁ ଇସ୍କନ ଓ ରସୁଲଗଡ଼ ଡ୍ରେନ୍ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରମୁଖ ଡ୍ରେନ୍ ସହ ବିଭିନ୍ନ ଗଳିକନ୍ଦିରେ ଥିବା ଡ୍ରେନ୍‌ଗୁଡ଼ିକରୁ ପଙ୍କୋଦ୍ଧାର କାର୍ଯ୍ୟ ମଧ୍ୟ ବର୍ଷା ପୂର୍ବରୁ ସାରିବା ପାଇଁ କୁହାଯାଇଛି। ଚନ୍ଦ୍ରଶେଖରପୁର କଲ୍ୟାଣମଣ୍ଡପର ନବୀକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ। ୧ ନମ୍ବର ହାଟ ଅଗ୍ନିକାଣ୍ଡ ପ୍ରଭାବିତଙ୍କୁ ୩୦ ଦିନ ମଧ୍ୟରେ ଥଇଥାନ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଆସନ୍ତା ଆର୍ଥିକବର୍ଷ ଶେଷସୁଦ୍ଧା ସବୁ ୱାର୍ଡରେ ୱାର୍ଡ ଅଫିସ୍ ନିର୍ମାଣ କରିବାକୁ ମେୟର ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟପଟେ ବିଏମ୍‌ସି ଅଞ୍ଚଳରେ ଗୁଟ୍‌ଖା କାରବାରକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ କୁହାଯାଇଛି। ଭେଣ୍ଡିଂ ଜୋନ୍ ଏବଂ ଓମ୍‌ଫେଡ୍ ବୁଥ୍‌ରେ ଗୁଟ୍‌ଖା ବିକ୍ରିକଲେ, ସେମାନଙ୍କ ଲାଇସେନ୍ସ ବାତିଲ କରାଯିବ। ସେହିପରି ଅନ୍ୟସବୁ ଅଞ୍ଚଳରେ ଗୁଟ୍‌ଖା ବିକ୍ରିକୁ ନିଷେଧ କରାଯିବା ସହ ଗୁଟ୍‌ଖା ଏନ୍‌ଫୋର୍ସମେଣ୍ଟକୁ ଜୋର୍‌ଦାର କରାଯିବ। ଏପରିକି ବିଏମ୍‌ସି ଅଞ୍ଚଳରେ ଗୁଟ୍‌ଖା ହୋର୍ଡିଂକୁ ହଟାଇ ଦିଆଯିବ। ଉଲ୍ଲଂଘନ କଲେ ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଛି। କମିଶନର ଚଞ୍ଚଳ ରାଣା ଇଙ୍ଗୋସିଠାରେ ଆସନ୍ତା ରବିବାର ହେବାକୁଥିବା 'ପଥ ଉତ୍ସବକୁ ସରସ, ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ସମସ୍ତ କର୍ପୋରେଟରଙ୍କ ସହଯୋଗ ଲୋଡ଼ିଥିଲେ। ଖଣ୍ଡଗିରି କୁମ୍ଭମେଳା ଓ ଲିଙ୍ଗରାଜଙ୍କ ଜାଗରଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ ପାଇଁ ଆଲୋଚନା ହୋଇଥିଲା। ୧୫ତମ ଫାଇନାନ୍ସ କମିଶନଙ୍କ ଅର୍ଥ ଆସିବାର ଅଛି। ଗୋଶାଳା, ବିଭିନ୍ନ ମାର୍କେଟ ଆଦିର ନବୀକରଣ ସହ ରାସ୍ତା, ଡ୍ରେନ୍ ଆଦି କାର୍ଯ୍ୟ ପାଇଁ ମଧ୍ୟ ସରକାରୀ ସହାୟତା ମିଳିବ। କେତେକ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିବା ବେଳେ ଆଉ କିଛି କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାରେ ରହିଥିବା ଗୃହକୁ ଅବଗତ କରାଇଥିଲେ କମିଶନର। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ଫାଇନାନ୍ସ ଓ ଟ୍ୟାକ୍ସେନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ, ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ଉପସ୍ଥିତ ଥିଲେ।

# ରେଳଷ୍ଟେଶନରେ କୁଲିଙ୍କ ପାଇଁ ସ୍ଥାୟୀ ବିଶ୍ରାମ ଗୃହ ଦାବି



## ଡିଆର୍‌ଏମ୍, ସିନିୟର ଡିସିଏମ୍‌ଙ୍କୁ ଭେଟିଲେ ରେଳପଥ କୁଲି

ଭୁବନେଶ୍ୱର, ୨୮।୧(ଅନୁରାଧା ମହାରଣା)

ଖୋର୍ଦ୍ଧାରୋଡ୍ ରେଳଷ୍ଟେଶନଠାରେ କଟକ, ଭୁବନେଶ୍ୱର, ଯାଜପୁର, ଖୋର୍ଦ୍ଧା, ପୁରୀ ଓ ବ୍ରହ୍ମପୁର ଷ୍ଟେଶନର କୁଲିମାନେ ଖୋର୍ଦ୍ଧା ଡିଆରଏମ୍ ଓ ସିନିୟର ଡିସିଏମ୍‌ଙ୍କୁ ଭେଟିଥିଲେ। ଏହି ଅବସରରେ ସେମାନେ କୁଲିଙ୍କ ପାଇଁ ସ୍ଥାୟୀ ବିଶ୍ରାମ ଗୃହ ଯୋଗାଇଦେବାକୁ ଦାବି କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଡିଆର୍‌ଏମ୍ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଲାଇନ, ପାଣି ଓ ପାଇଖାନା ମଧ୍ୟ ଯୋଗାଇଦେବା ନେଇ ଆଶ୍ୱାସନା ଦେଇଥିଲେ। ଆଲୋଚନାରେ ପୂର୍ବତଟ ରେଳପଥର ପୋଟର୍ସ ୟୁନିୟନ୍‌ର କାର୍ଯ୍ୟକାରୀ ସଭାପତି ସୁର ଜେନା, ଉପସଭାପତି ଅମରେନ୍ଦ୍ର ମହାନ୍ତି, ଜେନେରାଲ ସେକ୍ରେଟାରି ଶିବ ବେହେରା, ସଭାପତି କେ. ବାବୁଲି, ଗନ୍ଧର୍ବ ବେହେରା, ପ୍ରକାଶ ଜାଲି, ଦଣ୍ଡପାଣି ପାତ୍ର ଓ କେ. ଭୀମସେନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୩୦ରୁ 'ମୟୂରଭଞ୍ଜ ଉତ୍ସବ'

ଭୁବନେଶ୍ୱର,୨୮।୧ (ସୌମ୍ୟରଞ୍ଜନ ରାଉତ)

ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଭୁବନେଶ୍ୱର ପକ୍ଷରୁ ଆସନ୍ତା ୩୦ ତାରିଖରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଉତ୍କଳମଣ୍ଡପଠାରେ ଐତିହାସିକ ଚିତ୍ତାକର୍ଷକ 'ମୟୂରଭଞ୍ଜ ଉତ୍ସବ' ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ୩ଟି ଅଂଶ ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରାଫ୍ଟ ମେଳା ଓ ଖାଦ୍ୟ ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ କଳାକାରଙ୍କୁ ବଛାଯାଇଛି। ପ୍ରସିଦ୍ଧ ଛଉନାଚ, ଝୁମର୍ ସଙ୍ଗୀତ, ପଲ୍ଲୀନୃତ୍ୟ, ପାରମ୍ପରିକ ଆଦିବାସୀ ନୃତ୍ୟ ସହିତ ମୟୂରଭଞ୍ଜର ସିନେମା ଓ ଟେଲିଭିଜନର କଳାକାରମାନେ ମନୋରଞ୍ଜନ କରିବେ। କ୍ରାଫ୍ଟ ମେଳାରେ ଖଡିଂର ପଥର ବାସନ ଓ ମୟୂରଭଞ୍ଜର ଟସର ଉପରେ ଷ୍ଟଲ୍‌ମାନ ଖୋଲାଯିବ। ଏହା ବ୍ୟତୀତ ଦର୍ଶକମାନେ ମୟୂରଭଞ୍ଜର ପ୍ରସିଦ୍ଧ ବ୍ୟଞ୍ଜନ ମୁଢ଼ି ମାଂସର ମଧ୍ୟ ମଜା ନେଇପାରିବେ। ବୁଧବାର ନୟାପଲ୍ଲୀସ୍ଥିତ ମୟୂରଭଞ୍ଜ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସଦସ୍ୟ ଅଭିନେତା ସୁକାନ୍ତ ରଥ, ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ, ଉପସଭାପତି ଗୋକୁଳ ଚନ୍ଦ୍ର ଦାସ, ସମ୍ପାଦକ ଚିନ୍ମୟୀ ଦାସ ପଟ୍ଟନାୟକ, ଅନ୍ୟତମ ସମ୍ପାଦକ ସ୍ୱରୂପ ଦାସ, ସଦସ୍ୟ ସଞ୍ଜୀବ ଆଚାର୍ଯ୍ୟ ପ୍ରମୁଖ ଏହି ସୂଚନା ଦେଇଛନ୍ତି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ପୁଷ୍ପମେଳା 'ଧରା ଅନୁଗ୍ରହ'




ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

ତ୍ରିଶୂଳିଆ,୨୮।୧ (ତୁଷାର କାନ୍ତ ବେହେରା)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ୫ ଦିନିଆ ପୁଷ୍ପ ପ୍ରଦର୍ଶନୀ 'ଧରା ଅନୁଗ୍ରହ' ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି ପୁଷ୍ପ ମେଳା ଜାନୁଆରୀ ୨୮ରୁ ଆରମ୍ଭ ହୋଇ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ କରି ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷାର ଅଗ୍ରଦୂତ ସାଜିଥିବା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏବେ ଜାତିଜାତିକା ଔଷଧୀୟ ଚାରା ଓ ହର୍ବାଲ ଗାର୍ଡେନର ପେଣ୍ଠସ୍ଥଳୀ ପାଲଟିଛି। ବିଶେଷକରି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସତୁରିତମ ଜୟନ୍ତୀ ପୂର୍ତ୍ତି ଏବଂ 'ଆର୍ଟ ଅଫ୍ ଲିଭିଂ' ସଂସ୍ଥା ପ୍ରତିଷ୍ଠାର ୪୫ତମ ବର୍ଷ ଉପଲକ୍ଷେ ଏହି ପୁଷ୍ପ ପ୍ରଦର୍ଶନୀର ଭବ୍ୟ ଆୟୋଜନ କରାଯାଇଛି। ଏହି ଅବସରରେ ରାଜ୍ୟର ଅନ୍ୟ ୭ଟି ବିଶ୍ୱବିଦ୍ୟାଳୟ ଏବଂ ପ୍ରାୟ ୨୦ଟି ବିଦ୍ୟାଳୟର ବିଦ୍ୟାର୍ଥୀ ପରିବେଶ ଓ ପୁଷ୍ପ ଉଦ୍ୟାନ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ସହ ଏକାଧିକ ଷ୍ଟଲ ଖୋଲିଛନ୍ତି। ଏହାର ଉଦ୍‌ଘାଟନୀ ଉତ୍ସବରେ କଟକ ମେୟର ସୁବାସ ସିଂ ଯୋଗଦେଇ ସିଏମ୍‌ସି ଅଧିକାରୀ ଏହି ପୁଷ୍ପ ମେଳା ନିଶ୍ଚୟ ଦେଖନ୍ତୁ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ସ୍ଥାନୀୟ ଅଞ୍ଚଳରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରି ରଖିଛି, ସେକଥା ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓୟୁଏଟି (ବିଟିସି)ର ପୂର୍ବତନ ନିର୍ଦ୍ଦେଶିକା ପ୍ରଫେସର ଡ. ଶଶିକଳା ବେଉରା, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ପ୍ରଫେସର ଡ. ଏସ. କୁମାରସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଡ. ବୁଲ୍‌ବୁଲ୍ ବଲଲୀନା ମଞ୍ଚ ପରିଚାଳନା କରିଥିଲେ।

# ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୮।୧(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟସ୍ତରୀୟ ଆଲୋଚନାଚକ୍ର ଗୁରୁବାର ମହାବିଦ୍ୟାଳୟଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ଓଡିଶୀ କଣ୍ଠ ସଙ୍ଗୀତ ବିଭାଗର ପ୍ରଫେସର ଗୁରୁ ରାମହରି ଦାସ, କୋଲ୍‌କାତାରୁ ଆସିଥିବା ତବଲାବାଦକ ପଣ୍ଡିତ ପରିମଳ ଚକ୍ରବର୍ତ୍ତୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ୧୦ ସଙ୍ଗୀତ ବିଭାଗ ଲାଗି ସନ୍ଦର୍ଭ ପାଠ କରାଯାଇଥିଲା। ଏଥିସହ କ୍ରିୟାତ୍ମକ, ତଥ୍ୟାତ୍ମକ ଉପାଦେୟ ଗବେଷଣାତ୍ମକ ବିଭିନ୍ନ ବିଷୟ ସମ୍ବନ୍ଧରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ଗବେଷଣାତ୍ମକ ସନ୍ଦର୍ଭ ଉପରେ ଉପସ୍ଥାପନା କରଥିଲେ। ଇଂ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗୁରୁ ବିଭୂତି ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ପର୍ଯ୍ୟନ୍ତ ମହାବିଦ୍ୟାଳୟଠାରେ ଚାଲିବ ବୋଲି ସୂଚନା ରହିଛି।

# ୧୬ ଦର୍ଶନଶାସ୍ତ୍ରବିତ୍ ସମ୍ବର୍ଦ୍ଧିତ




## ନିଖିଳ ଉତ୍କଳ ଦର୍ଶନ ପରିଷଦର ବାର୍ଷିକ ଅଧିବେଶନ

ଭୁବନେଶ୍ୱର,୨୮।୧(ସୁଚିସ୍ମିତା ସାହୁ)

ନିଖିଳ ଉତ୍କଳ ଦର୍ଶନ ପରିଷଦର ଅଷ୍ଟାତ୍ରିଂଶତ୍ତମ ବାର୍ଷିକ ଅଧିବେଶନ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଏବଂ ସାଧାରଣ ସଭାପତି ପ୍ରଫେସର ଲକ୍ଷ୍ମୀନାରାୟଣ ଲେଙ୍କା ଉପସ୍ଥିତ ଥିଲେ। ପରିଷଦର ସାଧାରଣ ସମ୍ପାଦକ ଡ. ସଚୀନ୍ଦ୍ର ରାଉଳ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସଂଗଠନ ସମ୍ପାଦକ ପ୍ରଫେସର ନନ୍ଦିନୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୧୬ ଜଣ ଦର୍ଶନଶାସ୍ତ୍ରବିତ୍‌ଙ୍କୁ ସେମାନଙ୍କ ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଡ. ବିଷ୍ଣୁପ୍ରିୟା ପଟ୍ଟନାୟକ, ପ୍ରଫେସର ଚିତ୍ରଲେଖା ମିଶ୍ର, ପ୍ରଫେସର ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ଡ. ଦେବଶ୍ରୀ ପଣ୍ଡା, ପ୍ରଫେସର ଜଗତ୍‌ମୋହନ ସର୍ଦ୍ଦାର, ପ୍ରଫେସର ଲକ୍ଷ୍ମୀପ୍ରିୟା ମହାନ୍ତି, ଡ. ଶକ୍ତିପଦ ମିଶ୍ର (ମରଣୋତ୍ତର),ଡ. ବିଜୟଲକ୍ଷ୍ମୀ ମିଶ୍ର, ପ୍ରଫେସର ସ୍ୱର୍ଣ୍ଣମଣି ଗରାବଡୁ, ପ୍ରଫେସର ଭୀମସେନ ପଟେଲ, ପ୍ରଫେସର ସ୍ନେହଲତା ପରିଜା, ପ୍ରଫେସର ଚଞ୍ଚଳା କୁମାରୀ ମିଶ୍ର, ପ୍ରଫେସର ଲତା ରାୟ, ଡ. ଶରତଚନ୍ଦ୍ର ମହାପାତ୍ର, ପ୍ରଫେସର ମୀନାକ୍ଷୀ ରଥ ଓ ପ୍ରଫେସର ପ୍ରଫୁଲ୍ଲ କୁମାର ଦାସ। ଏହି ଦ୍ୱିଦିବସୀୟ ଅଧିବେଶନରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ୯୮ ଜଣ ଶିକ୍ଷକ, ଗବେଷକ ଓ ଛାତ୍ର ସ୍ୱରଚିତ ନିବନ୍ଧମାନ ପାଠ କରିଥିଲେ।

# ବିବି ରାଇଡର ଚାମ୍ପିୟନ

## ନବମ ବାଲକାଟୀ ପ୍ରିମିଅର ଲିଗ୍ ଉଦ୍‌ଯାପିତ

ବାଲକାଟୀ,୨୮।୧(ମନୋଜ ମଣ୍ଡଳ)

୯ମ ବାଲକାଟୀ ପ୍ରିମିଅର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କଲେଜ ପଡ଼ିଆରେ ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ଲିଓ ଲାନ୍ସରକୁ ହରାଇ ବିବି ରାଇଡର ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲା। ବିବି ରାଇଡର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୧୦୯ ରନ କରିଥିଲା। ଜବାବରେ ଲିଓ ଲାନ୍ସର ସମସ୍ତ ଉଇକେଟ ହରାଇ ମାତ୍ର ୯୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସଭାରେ କ୍ଲବ ସଭାପତି ରୁଦ୍ର ପ୍ରସାଦ ଭଞ୍ଜ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ନବ କିଶୋର ମଲିକ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ହାଇଟେକ୍ ମେଡିକାଲ କଲେଜ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ସାମାଜିକ କର୍ମୀ ବିଜୟ କୁମାର ନାୟକ, ସୁବ୍ରତ ମହାନ୍ତି, ସଞ୍ଜୟ କୁମାର ମହାନ୍ତି, ସମିତି ସଭ୍ୟ ଗଙ୍ଗାଧର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ୪୫ ହଜାର ଓ ରନର୍ସ ଅପ୍ ଟିମ୍‌କୁ ୩୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

# କଳିଙ୍ଗ ହସ୍ପିଟାଲରେ ସାଧାରଣତନ୍ତ୍ର ଦିବସ




ଭୁବନେଶ୍ୱର, ୨୮।୧(ଅନୁରାଧା ମହାରଣା)

କଳିଙ୍ଗ ହସ୍‌ପିଟାଲ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲ ଅଧ୍ୟକ୍ଷ ଡା. ଶିତିକଣ୍ଠ ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଡିଆକ୍ ଆନେସ୍ଥେସିଆ ବିଭାଗର ଡାକ୍ତର ରାଜେନ୍ଦ୍ର କୁମାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନେ ନିଷ୍ଠାପୂର୍ଣ୍ଣ ସେବା ମାଧ୍ୟମରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗଣତନ୍ତ୍ରକୁ ମଧ୍ୟ ମଜଭୁତ କରୁଛନ୍ତି। କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ସିଇଓ ଡା. ଏସ୍‌ଏସ୍ ସନ୍ତୋଷ କୁମାର ଦୋରା କହିଲେ, କଳିଙ୍ଗ ହସ୍ପିଟାଲ ସବୁବେଳେ ସମାଜସେବା, ନୈତିକ ମୂଲ୍ୟବୋଧ ଓ ଉଚ୍ଚ ମାନଦଣ୍ଡର ସ୍ୱାସ୍ଥ୍ୟସେବା ପ୍ରଦାନକୁ ମୁଖ୍ୟ ଲକ୍ଷ୍ୟ ଭାବେ ଗ୍ରହଣ କରି ଆଗକୁ ବଢ଼ୁଛି। ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମଦନ ମୋହନ ଦତ୍ତ, ପୂର୍ବତନ ଅଧ୍ୟକ୍ଷ ଉମା ମିଶ୍ର ଓ ଶାନ୍ତି ମିଶ୍ର ଉପସ୍ଥିତ ଥିଲେ। ଏଚ୍‌ଆର୍ ମ୍ୟାନେଜର ଡା. ନିତ୍ୟା ସୁନ୍ଦର ସିଆ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଚ୍‌ଆର ମୁଖ୍ୟ ଇଲିନା ଭୂୟାଁ ଜେନା ଧନ୍ୟବାଦ ଦେଇଥିଲେ।



ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଇନ୍ଦିରା ପାର୍କ ମର୍ନିଂ ୱାକର୍ସ ଆସୋସିଏଶନ ପକ୍ଷରୁ ପାର୍କ ପରିସରରେ ଜାତୀୟ ପତାକା ଉତ୍ତୋଳନ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ ଏବଂ ଛାତ୍ରୀଛାତ୍ର।

# ପର୍ଯ୍ୟଟନସ୍ଥଳ ବୁଲିବେ ୨୬୦ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ

## ଓଡ଼ିଶା ଦର୍ଶନ ଓ ଯୁବ ଭାବବିନିମୟ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୨୮।୧(ସୁଚିସ୍ମିତା ସାହୁ)




ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମରେ ପର୍ଯ୍ୟଟନସ୍ଥଳ ବୁଲିବାକୁ ବାହାରିଥିବା ବସ୍‌କୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ଏନ୍‌ଏସ୍‌ଏସ୍ ତତ୍ତ୍ୱାବଧାନରେ 'ଓଡ଼ିଶା ଦର୍ଶନ ଓ ଯୁବ ଭାବବିନିମୟ କାର୍ଯ୍ୟକ୍ରମ-୨୦୨୬' ବୁଧବାର ରେଡ଼କ୍ରସ ଭବନଠାରେ ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ଓ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଇଥିଲେ। ସେମାନେ ପର୍ଯ୍ୟଟନସ୍ଥଳୀ ପରିଭ୍ରମଣରେ ଯାଉଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ଉନ୍ନୟନମୂଳକ ଓ ସମାଜସେବା କାର୍ଯ୍ୟରେ ସର୍ବଦା ନିଜର ଯୋଗଦାନ ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ। 'ଓଡ଼ିଶା ଦର୍ଶନ' କାର୍ଯ୍ୟକ୍ରମ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ପ୍ରାୟ ୨୬୦ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ମନ୍ଦିର, ବେଳାଭୂମି, ଐତିହାସିକ ସ୍ଥାନ ବୁଲି ଦେଖିବା ସହିତ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଦି ମଧ୍ୟ ପରିଭ୍ରମଣ କରିବେ। ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ ମାଧ୍ୟମରେ ଆମ ରାଜ୍ୟର ଯୁବପିଢ଼ିମାନେ ଓଡ଼ିଶାର ଗୌରବମୟ ଇତିହାସ, କଳା, ଭାସ୍କର୍ଯ୍ୟ, ଐତିହ୍ୟ ଓ ସଂସ୍କୃତି ସମ୍ବନ୍ଧରେ ଅବଗତ ହେବା ସହ ଭାବବିନିମୟ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ପରିବେଶ ସମ୍ବନ୍ଧରେ ଅବଗତ ହୋଇପାରିବେ। ଏହାଦ୍ୱାରା ଆଗାମୀ ଦିନରେ ସ୍ୱେଚ୍ଛାସେବୀମାନେ ନିଜ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ମତପ୍ରକାଶ କରିଥିଲେ।

## ଉମପଡ଼ା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଉମପଡା ଆଞ୍ଚଳିକ ଉଚ୍ଚବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ସହାୟତାରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ଅଧ୍ୟାପକ ଜଗଦୀଶ ହରିଚନ୍ଦନ ଉଦ୍ଘାଟନ କରିଥିବାବେଳେ ଅଧ୍ୟାପିକା ସଂଘମିତ୍ରା ପଟ୍ଟନାୟକ ଓ ଅଧ୍ୟାପିକା ସୌମ୍ୟାଶ୍ରୀ ସାଇପ୍ରଭା ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଭାବେ ଅନୀତା ସାମଲ ପ୍ରଶିକ୍ଷଣ ଦେଇଥିଲେ।

### ସଂକ୍ଷେପରେ

## ୨ଶହ ଶିଫ୍ଟ ଶାଗୁଆନ ପଟା ଜବତ



ଆଠଗଡ଼, ୨୮।୧(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବନଖଣ୍ଡ ସଦର ରେଞ୍ଜ ବାଙ୍କୀ ବ୍ଲକ କଦଳୀବାଡ଼ି ଗ୍ରାମରୁ ବନ ବିଭାଗ ପକ୍ଷରୁ ୨୦୦ ଶିଫ୍ଟ ଶାଗୁଆନ ପଟା ବୁଧବାର ଜବତ କରାଯାଇଛି। ଏକ ଅନାବାଦୀ ଜମିରେ ପଟାଗୁଡ଼ିକ ଜମା ହୋଇଥିଲା। ଏହାର ଆନୁମାନିକ ବଜାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଆଠଗଡ଼ ସଦର ଫରେଷ୍ଟର ଆଶିଷ କୁମାର ନାଏକ, ବନରକ୍ଷୀ ପ୍ରଶାନ୍ତ କୁମାର ବେହେରା, ପ୍ରିୟମ୍ୱଦା ମହାନ୍ତିଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ରାଇଜିଂ ଷ୍ଟାର କୁମାରବସ୍ତ, ଖୋର୍ଦ୍ଧା ଚାମ୍ପିୟନ

### ୨ୟ ପତିତପାବନ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ଟିଗିରିଆ,୨୮।୧(ଜାଫର ଖାଁ) :



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ଚେକ୍ ପ୍ରଦାନ କରୁଛନ୍ତି।

ଟିଗିରିଆ ବ୍ଲକ ଅନ୍ତର୍ଗତ ଭୋଗଡା ପଞ୍ଚାୟତର ଜଗଦୀଶ ୱାରିୟର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ପତିତପାବନ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣାସ୍ଥିତ ଦୁଲ୍ଲାଳୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଅତ୍ରିର ପତିତପାବନ କ୍ରିକେଟ କ୍ଲବକୁ ପରାସ୍ତ କରି ଖୋର୍ଦ୍ଧା କୁମାରବସ୍ତର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ମ୍ୟାଚରେ ଅତ୍ରି ଦଳ ପ୍ରଥମେ ବ୍ୟାଟିଂ କରି ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୮୫ ରନ କରିଥିଲା। ଦଳ ପକ୍ଷରୁ ରିତିକ ମହାନ୍ତି ୩୧ ବଲରୁ ୫୪ ରନ ଓ ଗିରିଶ ନାୟକ ୧୪ ବଲରୁ ୩୨ ରନ ସଂଗ୍ରହ କରିଥିଲେ। କୁମାରବସ୍ତ ଦଳ ପକ୍ଷରୁ ହରିହର ୪୭ ରନ ବିନିମୟରେ ୩ ଓ ନିରଞ୍ଜନ ବେହେରା ୪୩ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କୁମାରବସ୍ତ ଦଳ ୧୬.୧ ଓଭରରେ ୬ ଉଇକେଟ ହରାଇ ୧୮୬ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମହମ୍ମଦ ତାବ୍ରିଜ ୩୫ବଲରୁ ୭୦ ଓ ସନ୍ଦୀପ ମିଶ୍ର ୨୮ ବଲରୁ ୪୫ ରନ ସଂଗ୍ରହ କରିଥିଲେ। ଅତ୍ରି ଦଳ ପକ୍ଷରୁ ବୋଲିଂରେ ଲିଟିଲ ୨୮ ରନରେ ୩ ଓ ଗୌତମ ସ୍ୱାଇଁ ୪୮ ରନରେ ୨ ଉଇକେଟ ଅକ୍ତିଆର କରିଥିଲେ। ଖେଳରେ ମୁଖ୍ୟ ଅତିଥି ଭାବେ ନୂଆପାଟଣା ସେବା ସମବାୟ ସମିତିର ସଭାପତି ଧ୍ରୁବ ଚରଣ ଦାସ, ସମ୍ମାନିତ ଅତିଥି ଭାବେ ଜେମାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମେହବୁବ ଅହମ୍ମଦ ଖାଁ, ଭୋଗଡା ସରପଞ୍ଚଙ୍କ ପ୍ରତିନିଧି ଅରୁଣ କୁମାର ନାୟକ, ସାମାଜିକ କର୍ମୀ ପ୍ରଦୀପ କୁମାର ସାଥୁଆ, ଅବସରପ୍ରାପ୍ତ ସୈନିକ ରାଜକିଶୋର ବାରିକ, ରାଜ୍ୟ ବୟନିକା ବୋର୍ଡର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ କୁମାରବସ୍ତ ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ଓ ଉପ ବିଜେତା ପତିତପାବନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଅତିଥିମାନେ ତାବ୍ରିଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ଗିରିଶ ନାୟକଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଅନନ୍ତ ପ୍ରସାଦ ମହାନ୍ତି ଓ କେଶବ ମଙ୍ଗୁଆଳ ପରିଚାଳନା କରିଥିଲେ। ସ୍କୋରରେ ଦୀପକ ଦାସ ସହଯୋଗ କରିଥିଲେ। ଖେଳ ପରିଚାଳନାରେ ଆୟୋଜକ କ୍ଲବର ସଦସ୍ୟ ମାଧବ ଜେନା, ବିକ୍ରମ ମଲ୍ଲ, ସୁଶାନ୍ତ ସାହୁ, ଦୀପକ କୁମାର ଦାସ, ସୁବାସ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ବାଙ୍କୀ, ଉମପଡ଼ା ବ୍ଲକ୍‌ରେ ଆରମ୍ଭ ହେଲା ପଞ୍ଚାୟତ ଜନଶୁଣାଣି

ବାଙ୍କୀ, ୨୮।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ନିର୍ଦ୍ଦେଶ ମୁତାବକ ବୁଧବାରଠାରୁ ବାଙ୍କୀ ଓ ଉମପଡା ବ୍ଲକର ୪ ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ବାଙ୍କୀ ବ୍ଲକ୍‌ର ବଳଭଦ୍ରପୁର ଓ ବୈଦେଶ୍ୱର ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଦେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ଜନଶୁଣାଣିକୁ ବାଙ୍କୀ ବିଡିଓ ସଂଗ୍ରାମ କେଶରୀ ଭଳ ଉଦ୍‌ଘାଟନ କରିଥିଲେ। ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରି ବିଭିନ୍ନ ବିଭାଗ ଅଧିକାରୀଙ୍କୁ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ପଞ୍ଚାୟତରୁ ଆସିଥିବା ୬୦ ଅଭିଯୋଗର ଶୁଣାଣି କରାଯାଇଥିଲା। ବଳଭଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନବନ୍ଧୁ ସ୍ୱାଇଁ ଓ ବୈଦେଶ୍ୱର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କାଳନ୍ଦୀ ଚରଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଦେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଉମପଡ଼ା ବ୍ଲକର ବାଆଁରା ଓ ଭଗିପୁର ପଞ୍ଚାୟତର ଜନଶୁଣାଣି କାର୍ଯ୍ୟକ୍ରମ ବାଆଁରା ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଉମପଡ଼ା ବିଡିଓ ଅଂଶୁମାନ ଦାସ ଉଦ୍‌ଘାଟନ କରି ଉଭୟ ପଞ୍ଚାୟତରୁ ଆସୁଥିବା ୭୬ ଅଭିଯୋଗର ଶୁଣାଣି କରି ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଉଭୟ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୁତିଧର ବେହେରା ପରିଚାଳନା କରିଥିଲେ। ଏଥିରେ ବାଆଁରା ସରପଞ୍ଚ ରମିତା ସାହୁ ଉପସ୍ଥିତ ଥିଲେ।




ଶିବିରରେ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଅସ୍ତିତ୍ୱ ପକ୍ଷରୁ ଅର୍ଥନୀତିଜ୍ଞ ଡ. ଦେବେନ୍ଦ୍ରଙ୍କ ଜୟନ୍ତୀ

ବାଙ୍କୀ, ୨୮।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ମାଟିରେ ଜନ୍ମିତ ରାଜ୍ୟର ବିଶିଷ୍ଟ ଅର୍ଥନୀତିଜ୍ଞ ଡ. ଦେବେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କ ୧୦୫ତମ ଜୟନ୍ତୀ ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ପକ୍ଷରୁ ବାଙ୍କୀରେ ମଙ୍ଗଳବାର ପାଳିତ ହୋଇଯାଇଛି।

ଏହାକୁ ଅନୁଷ୍ଠାନର ସମ୍ପାଦକ ଗୌତମ ମିଶ୍ର ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଡ. ମିଶ୍ର ଭାରତରେ ଉଚ୍ଚଶିକ୍ଷା ଶେଷ କରି ଆମେରିକାର ହାର୍ୱାର୍ଡ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ଡକ୍ଟରେଟ କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟରେ ଜନ ଅଫ କେନେଡି ଡ. ମିଶ୍ରଙ୍କ ସହପାଠୀ ଥିଲେ। ଜନ୍ ଏଫ୍ କେନେଡି ଆମେରିକା ରାଷ୍ଟ୍ରପତି ହେଲା ପରେ ଡ. ମିଶ୍ରଙ୍କୁ ଆମେରିକା ଅର୍ଥନୀତିର ଉନ୍ନତି ପାଇଁ ଏକ ଉଚ୍ଚ ପଦବୀରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଡ. ମିଶ୍ର କେନେଡିଙ୍କ ଅନୁରୋଧକୁ ଅଗ୍ରାହ୍ୟ କରି ଅର୍ଥନୀତି ଜ୍ଞାନ ଓଡ଼ିଶା ଏବଂ ଭାରତ ପାଇଁ ବିନିଯୋଗ କରିବେ ବୋଲି କହିଥିଲେ। ସେ ରେଭେନ୍ସାରେ ଅର୍ଥନୀତି ବିଭାଗରେ ପ୍ରଫେସର ଓ ପରବର୍ତ୍ତୀ ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କୁଳପତି ହୋଇଥିଲେ। ସାଧାରଣ ଲୋକଙ୍କ କିପରି ଅର୍ଥନୀତି ଉନ୍ନତି ହୋଇପାରିବ ସେ ସମ୍ପର୍କରେ ସେ ବହୁ ଆଲେଖ୍ୟ ଲେଖିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ଡ. ମିଶ୍ରଙ୍କୁ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅମିତ କୁମାର ସାହୁ, ଉଲ୍ଲାସ ବେହେରା, ଦେବୀ ପ୍ରସାଦ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ।

# ଖବରଦାତା ଖବର ପରିବେଷଣରେ ସ୍ୱତନ୍ତ୍ରତା ବଜାୟ ରଖନ୍ତୁ



ଉତ୍ସବରେ ଅତିଥିଙ୍କ ଗହଣରେ ଖବରଦାତାମାନେ।

### ମାହାଙ୍ଗା ପ୍ରେସ୍ କ୍ଲବ୍‌ର ବନ୍ଧୁମିଳନ, ସମ୍ବର୍ଦ୍ଧନା ଉତ୍ସବ

ମାହାଙ୍ଗା,୨୮।୧ (ଅଜୟ କୁମାର ମହାନ୍ତି)

ମାହାଙ୍ଗା ପ୍ରେସ କ୍ଲବର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ପଣସପୁର ପଞ୍ଚାୟତ ଅକରପଡାସ୍ଥିତ ସୁନନ୍ଦା ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ତଥା ବିଶିଷ୍ଟ ଲେଖକ ପ୍ରଫୁଲ୍ଲ କୁମାର ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରି ଗାଁ ପରିବେଶର ଜୀବନଶୈଳୀ ସମ୍ପୂର୍ଣ୍ଣ ନିଆରା ବୋଲି କହିଥିଲେ। ମୁଖ୍ୟ ଅତିଥି ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ରାଉତ କୌଣସି ରାଜନୈତିକ ଦଳ ଅବା ପ୍ରତିପତ୍ତି ସମ୍ପନ୍ନ ବ୍ୟକ୍ତିଙ୍କର ହାତବାରିଶି ନ ହୋଇ ଖବରଦାତାମାନେ ଲେଖନୀ ଚାଳନା କଲେ ସମାଜରେ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଖବରଦାତା ସୁମନ୍ତ କୁମାର ଜେନା ସତ୍ୟଦ୍ରଷ୍ଟା, ତଥ୍ୟଦ୍ରଷ୍ଟା, ଦୂରଦ୍ରଷ୍ଟା ଓ ସମୟାନୁବର୍ତ୍ତିତା ୪ ସୂତ୍ରକୁ ଧରି ରଖିଲେ ଜଣେ ଖବରଦାତା ଭାବେ ସଫଳତାର ଶୀର୍ଷରେ ପହଞ୍ଚିପାରିବ ବୋଲି ପ୍ରକାଶ କରିଥିଲେ। ମାହାଙ୍ଗା ପ୍ରେସ୍ କ୍ଲବର ସଭାପତି ଖବରଦାତା ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପରିବେଶବିତ ପ୍ରତାପ ବୀରବର ପୃଷ୍ଟି, ଖବରଦାତା ଅଜୟ କୁମାର ମହାନ୍ତି, ସରପଞ୍ଚ ଚିନ୍ମୟ ସାମନ୍ତରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଙ୍ଗଠନ ସମ୍ପାଦକ ତାପସ ରଞ୍ଜନ ବିଶ୍ୱାଳ ଅତିଥି ପରିଚୟ, ଉପସଭାପତି ଅଶୋକ ଦାଶ ସ୍ୱାଗତ ଭାଷଣ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା, ଏକାଦଶୀ ସେଠୀ ମାନପତ୍ର ପାଠ, କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶିକ୍ଷାବିତ୍, ଖବରଦାତା, ଚିକିତ୍ସକ, ପରିବେଶବିତ୍, ସାମାଜିକ କର୍ମୀ, ଜନ ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ଉପସଭାପତି ଅମିୟ ନାୟକ, ପ୍ରକାଶ ନାୟକ, ସପ୍ତଜ୍ୟୋତି ରାଉଳ, ଡଲି ବେହେରା, ସୁବ୍ରତ ମହାନ୍ତି, ଶିବ ଚରଣ ଜେନା, ପ୍ରେମାନନ୍ଦ ପରିଡାଙ୍କ ସମେତ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ରାଜନେତା, ଆଇନଜୀବୀ ଶ୍ରୀନିବାସଙ୍କ ପରଲୋକ

ବାଙ୍କୀ,୨୮।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବାଙ୍କୀର ବରିଷ୍ଠ ରାଜନେତା ତଥା ବାଙ୍କୀ କୋର୍ଟରେ ଆଇନଜୀବୀ ଶ୍ରୀନିବାସ ମହାପାତ୍ର (୭୮)ଙ୍କ ମଙ୍ଗଳବାର ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ବାଙ୍କୀ ଓକିଲ ସଂଘର ସଭାପତି ଭାବେ ବହୁବର୍ଷ କାର୍ଯ୍ୟ କରିଥିଲେ। ତାଙ୍କ ମୃତଦେହ ମଙ୍ଗଳବାର ରାତିରେ ବେଦପୁରସ୍ଥ ଘରକୁ ଏବଂ ବାଙ୍କୀ କୋର୍ଟ ପରିସରକୁ ଅଣାଯାଇଥିଲା। ବାଙ୍କୀ କୋର୍ଟ ପରିସରରେ ଆଇନଜୀବୀ ଓ ବେଦପୁର ବାସ ଭବନରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢୀ, ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର, ବାଙ୍କୀ ପ୍ରେସ୍ କ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର, ବାଙ୍କୀ ବିଜ୍ଞାପିତ ପରିଷଦର ଉପନଗରପାଳ ସନ୍ତୋଷ ରଣାଙ୍କ ସମେତ ବହୁ ବ୍ୟକ୍ତିବିଶେଷ ମହାପାତ୍ରଙ୍କ ଶବାଧାରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ନିଜ ଗ୍ରାମ ସରଣ୍ଡା ରତାଗଡ଼କୁ ନିଆଯାଇଥିଲା। ବୁଧବାର ସକାଳେ ତାଙ୍କ ମୃତଦେହକୁ ସରଣ୍ଡା ଅଂଶୁପା କଲେଜ ପରିସରକୁ ନିଆଯାଇଥିଲା। ସେଠାରେ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଶବାଧାରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାପାତ୍ର ଅଂଶୁପା କଲେଜର ପ୍ରତିଷ୍ଠାତା ସମ୍ପାଦକ ସହିତ ବାଙ୍କୀ ଉପଖଣ୍ଡ ଗୃହନିର୍ମାଣ ସେବା ସମବାୟ ସମିତିର ସଭାପତି ଓ ରାଣୀ ଶୁକଦେଇ ମହିଳା କଲେଜର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ବରିଷ୍ଠ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ସାହୁ, କାଉନସିଲର ସନାତନ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସିଂହଙ୍କ ସହ ବହୁ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୁତ୍ର ଆଇନଜୀବୀ ସୁଭାଶିଷ ମୁଖାଗ୍ନି ଦେଇଥିଲେ। ତାଙ୍କର ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବାଲ୍ୟବିବାହ ମୁକ୍ତ ଭାରତ ପାଇଁ ସଚେତନତା ଶୋଭାଯାତ୍ରା

ଟିଗିରିଆ,୨୮।୧(ଜାଫର ଖାଁ):

ଟିଗିରିଆ ତାଲୁକ ଆଇନସେବା କମିଟି ପକ୍ଷରୁ ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା ସମ୍ପର୍କିତ ଏକ ସାଇକେଲ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିଗିରିଆ ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ତଥା ଟିଗିରିଆ କୋର୍ଟର ବିଚାରପତି ଅନିମେଶ ସାମଲ ଅଧ୍ୟକ୍ଷତା କରିଥିଲେ। ଶୋଭାଯାତ୍ରାରେ ସମାଜକୁ ଏକ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଦିଗରେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏଥିରେ ଟିଗିରିଆ ଆଇନଜୀବୀ ସଂଘର ସଭାପତି ମଙ୍ଗଳକୃଷ୍ଣ ଦାସ, ସମ୍ପାଦକ ଶାନ୍ତନୁ କୁମାର ଦାଶ, ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ଆଇନଜୀବୀ ବିକ୍ରମ କେଶରୀ ଦାଶ, ଆଇନଜୀବୀ ସରୋଜ କୁମାର ସାହୁ, ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ, ଆଇନଜୀବୀ ସଞ୍ଜୟ କୁମାର ଦାସ, ଆଇନଜୀବୀ ରଞ୍ଜନ କୁମାର ମହାରଣା,ଆଇନଜୀବୀ ସୁଚିତ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶୋଭାଯାତ୍ରାରେ ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଟିଗିରିଆ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀ ଓ ଅତିଥି।

# ସାବିତ୍ରୀଦେବୀ ଗ୍ରୁପ୍ ଅଫ୍ କଲେଜର ବାର୍ଷିକ ଉତ୍ସବ

ସାଲେପୁର, ୨୮।୧(ଅରବିନ୍ଦ ଭୂୟାଁ)

ଅଭିଭାବକମାନେ ପିଲାଙ୍କ ମନରୁ ବିଫଳତାର ଭୟ ଦୂର କଲେ ସେମାନେ ସଫଳତା ହାସଲ କରିପାରିବେ। ସାଲେପୁର ବ୍ଲକ ଶିଶୁଆ ପଞ୍ଚାୟତସ୍ଥିତ ପୁରୁଷୋତ୍ତମପୁରଠାରେ ଅବସ୍ଥିତ ସାବିତ୍ରୀ ଦେବୀ ଗ୍ରୁପ୍ ଅଫ୍ କଲେଜର ବାର୍ଷିକ ଉତ୍ସବରେ ବୁଧବାର ଅତିଥିମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି। କଲେଜର ବାର୍ଷିକ ଉତ୍ସବରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଉମାକାନ୍ତ ଓଝା ପୌରୋହିତ୍ୟ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ରଞ୍ଜନ କୁମାର ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ସାଲେପୁର ଆଦର୍ଶ ଥାନାର ଆଇଆଇସି ମହେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାଲେପୁର ଥାନାର ସବ ଇନ୍ସପେକ୍ଟର ଶ୍ରଦ୍ଧାଞ୍ଜଳୀ ସେନାପତି ଯୋଗଦେଇଥିଲେ। ସଭା କାର୍ଯ୍ୟକୁ ଯୁକ୍ତ ୨ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପତି ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ନର୍ସିଂ କଲେଜର ଅଧ୍ୟକ୍ଷା ଧରିତ୍ରୀ ବିଶୋଇ, ବରିଷ୍ଠ ଅଧ୍ୟାପକ ବିଷ୍ଣୁ ଚରଣ ପରିଡ଼ା, ପରିଚାଳକ ଅଲେଖ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦୀପ୍ତ କୁମାର ସୂତାର, ସନ୍ତୋଷ କୁମାର ସାମଲ, ଅଧ୍ୟାପିକାଅଧ୍ୟାପକ, କର୍ମଚାରୀମାନେ ପରିଚାଳନା କରିଥିଲେ। ଯୁକ୍ତ ୩ ବିଜ୍ଞାନ ବିଭାଗ ଅଧ୍ୟକ୍ଷ ସଞ୍ଜୟ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁମନ୍ଦିରର ପୁରସ୍କାର ବିତରଣ ଉତ୍ସବ

ବାଙ୍କୀ, ୨୮।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଉମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁରସ୍ଥ ସରସ୍ୱତୀ ଶିଶୁମନ୍ଦିରର ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ସଭାପତି ରାଜକିଶୋର ପାଲ୍ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ହରିବନ୍ଧୁ ତ୍ରିପାଠୀ ବିବରଣୀ ପାଠ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତ୍ରିଜୟ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ପଣ୍ଡା, ମାଧବଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଗୁରୁଜୀ ରାମଚନ୍ଦ୍ର ଦାଶ ସଭା ପରିଚାଳନା କରିବା ସହିତ ଉପସଭାପତି ସୁରେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ୫ ଦିନିଆ ପୁଷ୍ପମେଳା 'ଧରା ଅନୁଗ୍ରହ'

ତ୍ରିଶୂଳିଆ,୨୮।୧(ତୁଷାର କାନ୍ତ ବେହେରା):




ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ରଜିତା କୁଲକର୍ଣ୍ଣୀ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି।

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ୫ ଦିନିଆ ପୁଷ୍ପ ପ୍ରଦର୍ଶନୀ 'ଧରା ଅନୁଗ୍ରହ' ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି ପୁଷ୍ପ ମେଳା ଜାନୁଆରୀ ୨୮ରୁ ଆରମ୍ଭ ହୋଇ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏବେ ଜାତିଜାତିକା ଔଷଧୀୟ ଚାରା ଓ ହର୍ବାଲ ଗାର୍ଡେନର ପେଣ୍ଠସ୍ଥଳୀ ପାଲଟିଛି। ବିଶେଷକରି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସତୁରିତମ ଜୟନ୍ତୀ ପୂର୍ତ୍ତି ଏବଂ 'ଆର୍ଟ ଅଫ୍ ଲିଭିଂ' ସଂସ୍ଥା ପ୍ରତିଷ୍ଠାର ୪୫ତମ ବର୍ଷ ଉପଲକ୍ଷେ ଏହି ପୁଷ୍ପ ପ୍ରଦର୍ଶନୀର ଭବ୍ୟ ଆୟୋଜନ କରାଯାଇଛି। ଏହି ଅବସରରେ ରାଜ୍ୟର ଅନ୍ୟ ୭ଟି ବିଶ୍ୱବିଦ୍ୟାଳୟ ଏବଂ ପ୍ରାୟ ୨୦ଟି ବିଦ୍ୟାଳୟର ବିଦ୍ୟାର୍ଥୀ ପରିବେଶ ଓ ପୁଷ୍ପ ଉଦ୍ୟାନ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ସହ ଏକାଧିକ ଷ୍ଟଲ ଖୋଲିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କଟକ ମେୟର ସୁବାସ ସିଂ ଯୋଗଦେଇ ସିଏମ୍‌ସି ଅଧିକାରୀ ଏହି ପୁଷ୍ପ ମେଳା ନିଶ୍ଚୟ ଦେଖନ୍ତୁ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ରଜିତା କୁଲକର୍ଣ୍ଣୀ ସ୍ଥାନୀୟ ଅଞ୍ଚଳରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରି ରଖିଛି, ସେକଥା ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓୟୁଏଟି (ବିଟିସି)ର ପୂର୍ବତନ ନିର୍ଦ୍ଦେଶିକା ପ୍ରଫେସର ଶଶିକଳା ବେଉରା, କୁଳପତି ପ୍ରଫେସର ତେଜପ୍ରତାପ, କୁଳସଚିବ ପ୍ରଫେସର ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ପ୍ରଫେସର ଏସ. କୁମାରସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବୁଲବୁଲ ବଲଲୀନା ମଞ୍ଚ ପରିଚାଳନା କରିଥିଲେ।

# ନର୍ସ ସ୍ନେହ, ମମତା ସହ ରୋଗୀଙ୍କ ଚିକିତ୍ସା କରନ୍ତି

### ସଦ୍‌ଗୁରୁ କଲେଜ ଅଫ୍ ନର୍ସିଂ ଏବଂ ଏଲାଇଡ ମେଡିକାଲ ସାଇନ୍ସର ପ୍ରଥମ ବାର୍ଷିକ ଉତ୍ସବ

କଟକ,୨୮।୧(କାର୍ତ୍ତିକ ସାହୁ)



ପ୍ରଥମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ସଦ୍‌ଗୁରୁ କଲେଜ ଅଫ୍ ନର୍ସିଂ ଏବଂ ଏଲାଇଡ ମେଡିକାଲ ସାଇନ୍ସର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଲେ, ଆଜିର ଦିନ କେବଳ ସଫଳତାର ଉତ୍ସବ ନୁହେଁ, ବରଂ ଏହା ହେଉଛି ସେବା ପାଇଁ ଏକ ପ୍ରେରଣା। ବିଶିଷ୍ଟ ଅତିଥି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଏହି ନର୍ସିଂ କଲେଜ ଆଗାମୀ ଦିନରେ ଏକ ପ୍ରତିଷ୍ଠିତ ମେଡିକାଲ କଲେଜର ରୂପ ନେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସଦ୍‌ଗୁରୁ କଲେଜର ମ୍ୟାନେଜିଂ ଟ୍ରଷ୍ଟି ନନ୍ଦିତା ପଣ୍ଡା କହିଲେ, ନର୍ସିଂ ଏକ ଅତ୍ୟନ୍ତ ସମ୍ମାନନୀୟ ପେସା। କେବଳ ଜଣେ ନର୍ସ ହିଁ ସ୍ନେହ, ମମତା ଓ ସହାନୁଭୂତି ସହିତ ରୋଗୀର ଚିକିତ୍ସା କରେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡା. ପ୍ରଦୀପ କୁମାର ମହାନ୍ତି ଅଧ୍ୟକ୍ଷତା କରି ନିଷ୍ଠାବାନ ଶିକ୍ଷକମଣ୍ଡଳୀଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ସମିତା ମହାନ୍ତି, ମୁଖ୍ୟ ବକ୍ତା ଡ. ଗୋବିନ୍ଦ ଚରଣ ଦାଶ, ସମ୍ମାନିତ ଅତିଥି ଆଇନଜୀବୀ ବିଷ୍ଣୁ ପଟ୍ଟନାୟକ, ଅନ୍ୟତମ ଅତିଥି ଲେଖକ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଦ୍‌ଗୁରୁ କଲେଜ ପ୍ରିନ୍ସିପାଲ ଲାଡଲି ଦାସ ବିବରଣୀ ପାଠ, ଏଲାଇଡ ମେଡିକାଲ ସାଇନ୍ସର ଏଚ୍‌ଓଡି ଡ. ପ୍ରୀତିମୟୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ନର୍ସିଂ କଲେଜରୁ କୃତିତ୍ୱ ହାସଲ କରିଥିବା ସଫଳ ଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଚର୍ଚ୍ଚିତ ୟୁଟ୍ୟୁବର କ୍ରିଷ୍ଣା ଓ ରାଧେଙ୍କୁ ସମ୍ମାନିତ କରାଯାଇଥିଲା। ଚନ୍ଦ୍ରଭାନୁ ଭୂୟାଁ ଧନ୍ୟବାଦ ଦେଇଥିଲେ।

# ବେଗୁନିଆରେ ବନ୍ଦ ରହିଲା ଦୋକାନବଜାର




ବାଘମାରୀ ବଜାରରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶୋଭାଯାତ୍ରା।

ବେଗୁନିଆ/ବାଘମାରୀ,୨୮।୧ (ହର ପ୍ରସନ୍ନ ପଣ୍ଡା/ମିହିର ରଞ୍ଜନ ମହାପାତ୍ର)

ଚାଷୀମାରଣ ନୀତିପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ବେଗୁନିଆରେ ଦେଖିବାକୁ ମିଳିଥିଲା। ଦୋକାନବଜାର ଓ ବସ୍ ଚଳାଚଳ ବନ୍ଦ ରହିଥିଲା। ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ବନ୍ଦ ଡାକରାକୁ ବେଗୁନିଆ କଂଗ୍ରେସ ଓ ବାମଦଳ ସମର୍ଥନ ଦେଇଥିଲା। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ, ପିତୁକୁଲି ଓ ବାଘମାରି ବଜାର ସମେତ ବିଭିନ୍ନ ସ୍ଥାନରେ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ସୁରେଶ ମାନସିଂହଙ୍କ ନେତୃତ୍ୱରେ ବାଘମାରୀରେ ଆନ୍ଦୋଳନକାରୀମାନେ ଏକାଠି ହୋଇଥିଲେ। ବେଗୁନିଆ ବ୍ଲକ ସଂଯୋଜକ ମଦନମୋହନ ସାହୁ, ଖୋର୍ଦ୍ଧା ବ୍ଲକ ସଂଯୋଜକ ନିରଞ୍ଜନ ପ୍ରଧାନ, ମୁରଲୀଧର ବାରିକ, ଆଶିଷ କୁମାର ବେହେରା, ଗଣେଶ୍ୱର ରାଉତ, ହରିବନ୍ଧୁ ଘଡ଼େଇ, ନୀଳମଣି ପଣ୍ଡା, ରବୀନ୍ଦ୍ର ପଣ୍ଡା, କଳ୍ପତରୁ ପଣ୍ଡା, ଗୋପାଳ ସେଠୀ, ଅରୁଣ ମହାପାତ୍ର, ମନମୋହନ ପାଣିଗ୍ରାହୀ, ତ୍ରୈଲୋକ୍ୟ ମହାପାତ୍ରଙ୍କ ସମେତ ଶତାଧିକ ଚାଷୀ ଏବଂ ନୟାଗଡ଼ ଜିଲା ସଭାପତି ପ୍ରସନ୍ନ ପ୍ରଧାନ, ସହସଂଯୋଜକ ଅଭିମନ୍ୟୁ ଗୁମାନସିଂହ ପ୍ରମୁଖ ଏହି ବନ୍ଦ ଡାକରାରେ ସାମିଲ ହୋଇଥିଲେ। ସରକାର ତୁରନ୍ତ କଟ୍‌ନିଛଟ୍‌ନି ବନ୍ଦ ସହ ମଣ୍ଡିରେ ଅବ୍ୟବସ୍ଥା ସୁଧାରିବା, ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରିବାରୁ କ୍ଷାନ୍ତ ରହିବା ଆଦି ଦାବି କରାଯାଇଛି। ନଚେତ ଆଗକୁ ଜୋରଦାର ଗଣଆନ୍ଦୋଳନ ହେବ ବୋଲି ଜିଲା ସଂଯୋଗ ସୁରେଶ ମାନସିଂହ, ମଦନମୋହନ ସାହୁ, କଳ୍ପତରୁ ପଣ୍ଡା ଏବଂ କାହ୍ନୁ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଖୋର୍ଦ୍ଧାରେ ବନ୍ଦ ପ୍ରଭାବହୀନ

ଖୋର୍ଦ୍ଧା,୨୮।୧ (ପ୍ରଭାତ ପାଣିଗ୍ରାହୀ)

ଧାନକିଣାରେ ଅବ୍ୟବସ୍ଥା, ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଦଣ୍ଡ ଏବଂ ଅତିରିକ୍ତ ବିଦ୍ୟୁତ୍ ଶୁଳ୍କକୁ ବିରୋଧ କରି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ କଂଗ୍ରେସ, ସିପିଆଇ, ସିପିଏମ୍ ନୈତିକ ସମର୍ଥନ ଜଣାଇଥିଲେ। ଖୋର୍ଦ୍ଧାରେ ବନ୍ଦ ପାଳନ ପ୍ରଭାବହୀନ ରହିଥିଲା। ଘରୋଇ ବସକୁ ବାଦ ଦେଲେ ସରକାରୀ ବସ ଚଳାଚଳ କରୁଥିଲା। ଦୋକାନ ବଜାର ଖୋଲାଥିଲା। ନବନିର୍ମାଣ କୃଷକ ସଙ୍ଗଠନ ଯୁବନେତା ମନୱର ଅଲ୍ଲୀ କହିଛନ୍ତି,ଧାନମଣ୍ଡିରେ ଅଚଳାବସ୍ଥା ଜାରି ରହିଛି। କେତେଜଣ ଚାଷୀଙ୍କୁ ଟୋକନ ମିଳିଥିବାବେଳେ ଅନ୍ୟମାନଙ୍କୁ ମିଳିନାହିଁ। କଟ୍‌ନି ଛଟନି ଯନ୍ତ୍ରଣାରେ ଚାଷୀ ଛଟପଟ ହେଉଛି। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ମଣ୍ଡିରେ ମିଲର୍ସଙ୍କ ମନମାନି ଚାଲିଛି। ପ୍ରଦୂଷଣ ଆଳରେ ସରକାର ଗରିବ, ଖଟିଖିଆ ସାଧାରଣ ଜନତାଙ୍କୁ ହଇରାଣ କରୁଛନ୍ତି। ଶିଳ୍ପ ସଂସ୍ଥାକୁ ସରକାର ଅନୁକମ୍ପା ଦେଖାଉଥିବା ବେଳେ ଜନସାଧାରଣ ପେଷିହେଉଛନ୍ତି। ସ୍ମାର୍ଟମିଟର ନାଁରେ ଜନତାଙ୍କୁ ଶୋଷଣ କରାଯାଉଛି। ତେଣୁ ଏହାର ପ୍ରତିବାଦରେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା।

## ଅମ୍ରିତ୍ ରତ୍ନରାଜଙ୍କ ଉପନ୍ୟାସ 'ପାର୍ଶ୍ୱସ୍ରୋତ' ଉନ୍ମୋଚିତ




ଉପନ୍ୟାସ 'ପାର୍ଶ୍ୱସ୍ରୋତ' ଉନ୍ମୋଚନ ଉତ୍ସବରେ ଲେଖକ ତଥା ଖୋର୍ଦ୍ଧା ଜିଲାପାଳ ଅମ୍ରିତ ରତ୍ନରାଜଙ୍କ ସହ ଅତିଥି।

ଭୁବନେଶ୍ୱର,୨୮।୧ (ସୌମ୍ୟରଞ୍ଜନ ରାଉତ)

ଖୋର୍ଦ୍ଧା ଜିଲାପାଳ ଅମ୍ରିତ ରତ୍ନରାଜଙ୍କ ପ୍ରଥମ ଉପନ୍ୟାସ ତଥା କୁଟିଆ କନ୍ଧମାନଙ୍କ ଜୀବନୀ ଆଧାରିତ 'ପାର୍ଶ୍ୱସ୍ରୋତ' ବୁଧବାର ବୁଦ୍ଧ ମନ୍ଦିର ଅଡିଟୋରିୟମଠାରେ ଉନ୍ମୋଚନ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଔପନ୍ୟାସିକା ସରୋଜିନୀ ସାହୁ, ସାହିତ୍ୟିକ ଅଜୟ ସ୍ୱାଇଁ, ପୁସ୍ତକର ପ୍ରକାଶକ ଆଦିତ୍ୟ ଭାରତର ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ, କଥାଶିଳ୍ପୀ ଚିରଶ୍ରୀ ଇନ୍ଦରସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କହିଲେ, ଉପନ୍ୟାସରେ କୁଟିଆ କନ୍ଧଙ୍କ ଜୀବନୀ ଓ ସଂସ୍କୃତି ଉପରେ ସ୍ୱତନ୍ତ୍ର ଆଲେଖ୍ୟ ରହିଛି। ସେମାନଙ୍କ ଉଚ୍ଚ ପରମ୍ପରା, ପ୍ରଥା, ସେମାନଙ୍କ ଜୀବିକା ଉପାର୍ଜନକୁ ବିଭିନ୍ନ ପ୍ରାମାଣିକ ଉପସ୍ଥାପନା ମାଧ୍ୟମରେ ପାଠକମାନଙ୍କୁ ରତ୍ନରାଜ ଭେଟି ଦେଇଛନ୍ତି। ବିରଳ ପ୍ରାୟ ଏହି ଜନଜାତିଙ୍କୁ ମୁଖ୍ୟସ୍ରୋତ ନୁହେଁ, ବରଂ ନିଜସହ ଅର୍ଥାତ୍ ନିଜ ପାର୍ଶ୍ୱରେ ନେଇ ଆଗକୁ ବଢ଼େଇବାର ପ୍ରୟାସ ଏହି ପୁସ୍ତକରେ ଉଲ୍ଲେଖ ରହିଛି। ପ୍ରକୃତି ସହ ନିବିଡ଼ ଆତ୍ମୀୟତା, ବିଶ୍ୱାସ ଓ ଆଧୁନିକ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଅବତାରଣା କରାଯାଇଛି। ଏହା ପାଠକମାନଙ୍କ ଆଦୃତି ସହ ଜନଜାତିଙ୍କ ଉପରେ ଗବେଷଣା କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ତଥ୍ୟ ରହିଛି ବୋଲି ମତ ପ୍ରକାଶ ପାଇଛି। ସେହିପରି ପ୍ରଶାସନିକ କାର୍ଯ୍ୟରୁ ସମୟ ବାହାର କରି ଏହି ଅଞ୍ଚଳର ଜନଜାତିମାନଙ୍କ ସହ ବିତିଥିବା ସମୟର ଅନୁଭବ ଓ ଅନୁଭୂତି ସମ୍ପର୍କରେ ଔପନ୍ୟାସିକ ରତ୍ନରାଜ ମତବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ମୁକୁଳା କୂଅରେ ପଡ଼ି ଯୁବକ ମୃତ

ଜଟଣୀ,୨୮।୧ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ହରିଭାଇନା ଛକ ନିକଟରେ ବୁଧବାର ଏକ ମୁକୁଳା କୂଅରେ ପଡ଼ି ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଜଟଣୀ ଥାନା ଅଧୀନ ରାମଚନ୍ଦ୍ରପୁର ବଜାର ଅଞ୍ଚଳର ରାକେଶ ସାମଲ। ଖବର ପାଇ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଟଣୀ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୬) ରୁଜୁ କରି ତଦନ୍ତ ଜାରିରଖିଛି। ପୌରାଞ୍ଚଳର ଅନେକ ସ୍ଥାନରେ କୂଅ ମୁକୁଳା ପଡ଼ିଛି। ପୂର୍ବରୁ ମୁକୁଳା କୂଅରେ ପଡ଼ି କେତେଜଣଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ମୁକୁଳା କୂଅଗୁଡ଼ିକରେ ତାରଜାଲି ଢାଙ୍କୁଣି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ୧୦ହଜାର ଲିଟର ପୋଚ ନଷ୍ଟ, ୮୫୦ଲିଟର ମଦ ଜବତ: ୨ଗିରଫ

ବେଗୁନିଆ,୨୮।୧ (ସନ୍ଧ୍ୟାରାଣୀ ମିଶ୍ର/ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ବରପଦା ଜଙ୍ଗଲରେ ଏପିଆର୍ ଫୋର୍ସ ସହଯୋଗରେ ଚଢାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଜଙ୍ଗଲରୁ ୧୦ ହଜାର ଲିଟର ପୋଚ ଜବତ କରି ନଷ୍ଟ କରାଯାଇଥିବା ବେଳେ ୮୫୦ ଲିଟର ଦେଶୀମଦ ସହ ମଦ ପ୍ରସ୍ତୁତ ସରଞ୍ଜାମ ଜବତ କରାଯାଇଛି। ଏହି ଘଟଣାରେ ୨ ଅଭିଯୁକ୍ତ ଛବି ବିଶ୍ୱାଳ ଏବଂ ରୁପାଲି ସାହୁଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ମାଜିଷ୍ଟ୍ରେଟ ତଥା ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ବେଗୁନିଆ, ଜଟଣୀ, ବାଲୁଗାଁ ଓ ଟାଙ୍ଗୀ ସମେତ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା।

### ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଦେଲେ ୨୮୧

ଟାଙ୍ଗୀ,୨୮।୧ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ବୁଧବାର ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ଓ ବଡପାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବଳରାମଦେବ ବିଦ୍ୟାପୀଠରେ ଷ୍ଟେଜ-୧ (ଷଷ୍ଠଶ୍ରେଣୀ)ରେ ୨୩ ଜଣ ଏବଂ ଷ୍ଟେଜ-୨ (ନବମଶ୍ରେଣୀ)ରେ ୧୩୦ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ବଡ଼ପାରୀ ଉଚ୍ଚ ବିଦ୍ୟାଳୟରେ ଷ୍ଟେଜ-୧ (ଷଷ୍ଠଶ୍ରେଣୀ)ରେ ୫୪ ଜଣ ଓ ଷ୍ଟେଜ-୨ (ନବମ ଶ୍ରେଣୀ)ରେ ୭୪ ଜଣ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ପରୀକ୍ଷା ପରିଦର୍ଶକ ଭାବେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ବଳରାମଦେବ ବିଦ୍ୟାପୀଠରେ ପରୀକ୍ଷା ନିୟନ୍ତ୍ରକ ଭାବେ ପ୍ରଧାନ ଶିକ୍ଷକ ଜ୍ୟୋତ୍ସ୍ନାମଣି ମଙ୍ଗରାଜ ଓ ବଡପାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ନିୟନ୍ତ୍ରକ ଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ଜୟସିଂ କାର୍ଯ୍ୟ ସମ୍ପାଦନ କରିଥିଲେ।



କଣ୍ଟାମଲିମ ଗ୍ରାମର ମା'ବାଉତି ଦେବୀଙ୍କ ମନ୍ଦିରରେ ନବମ ବାର୍ଷିକ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ପାଇଁ ପୁଷ୍କରିଣୀରୁ କଳସରେ ଜଳ ନିଆଯାଉଛି।

## ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ବାଘମାରୀ, ୨୮।୧ (ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମର ମା'ବାଉତି ଦେବୀଙ୍କ ମନ୍ଦିର ପରିସରରେ ନବମ ବାର୍ଷିକ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ପଣ୍ଡିତ ବିଜୟାନନ୍ଦ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସୋମବାର ଅଙ୍କୁରା ରୋପଣ, ମଙ୍ଗଳବାର ସକାଳେ କଳସ ଯାତ୍ରା, ଶାଳା ପ୍ରବେଶ, ଦେବୀଙ୍କ ଆବାହନ, ଅଗ୍ନି ସ୍ଥାପନ, ଆହୁତି ପ୍ରଦାନ କରାଯାଇଛି, ବୁଧବାର ସୂର୍ଯ୍ୟପୂଜା, ମା'ଙ୍କ ଷୋଡଶ ଉପଚାର, ଚଣ୍ଡୀ ଆହୁତି ପରେ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିଲା। କଣ୍ଟାମଲିମ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବେଗୁନିଆରେ ହିନ୍ଦୁ ଏକତା ମହାଯଜ୍ଞ



ହିନ୍ଦୁ ଏକତା ମହାଯଜ୍ଞ ଅବସରରେ ପାଇକ ଆଖଡ଼ା କୌଶଳ ପ୍ରଦର୍ଶନ କରାଯାଉଛି।

ବେଗୁନିଆ,୨୮।୧ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଦଧିବାମନ ଦେବଙ୍କ ଆମ୍ରକାନନରେ ବୁଧବାର ହିନ୍ଦୁ ଏକତା ମହାଯଜ୍ଞ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସମାବେଶରେ ପ୍ରାୟ ୨ ହଜାର ହିନ୍ଦୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏଥିରେ ବହୁ ସାଧୁସନ୍ଥ, ସନ୍ନ୍ୟାସୀ ଯୋଗଦେଇ ଯଜ୍ଞ ମନ୍ତ୍ର ଉଚ୍ଚାରଣ କରିଥିଲେ। ଏହି ଅବସରରେ ଯଜ୍ଞବିଧି ମୁତାବକ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା ପରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ସମ୍ମିଳିତ ବଳରେ ସଶକ୍ତ ହିନ୍ଦୁ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଏକତ୍ରିତ ଶ୍ରଦ୍ଧାଳୁମାନେ ବେଗୁନିଆ ସଦର ମହକୁମାରୁ ଶାନ୍ତି ଶୋଭାଯାତ୍ରାରେ ବାହାରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ପାଇକ ଆଖଡ଼ା ଦର୍ଶକଙ୍କୁ ମୁଗ୍ଧ କରିଥିଲା।

## ତ୍ରିଲୋଚନେଶ୍ୱର ବିଦ୍ୟାପୀଠରେ ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୨୮।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅଧୀନ ତିଛିଣି ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିଛିଣି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିନ ଦାସଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମୁଖ୍ୟ ବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ କାଶୀନାଥ ଜେନା, ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ସିଦ୍ଧେଶ୍ୱର କରଣ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ପ୍ରଧାନ ଶିକ୍ଷକ ସନାତନ ତରେଇ, ସମିତିସଭ୍ୟା ମାନସୀ ସାହୁ, ନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା, ଗ୍ରାମ୍ୟ କମିଟି ସମ୍ପାଦକ ହିରଣ୍ୟ କୁମାର ଜେନା, ବୀଣାପାଣି ଯୁଥ କ୍ଲବ ସଭାପତି ବସନ୍ତ କୁମାର ପଲେଇ, ସମ୍ପାଦକ ବୁଲାମଣି ସାହୁ, ମା ମଙ୍ଗଳା ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, ବରିଷ୍ଠ ଶିକ୍ଷକ ବିଭୁ ନାରାୟଣ ଜେନା, ସାନସୀମା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ତରେଇ, ଗିଳିନାସୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ, ଦିଲୀପ କୁମାର ଦଳାଇ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ କହିଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଶ୍ୱେତ କୁମାର ଜେନା, ପ୍ରତାପ ମାଝୀ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଚନ୍ଦ୍ର ସିଂହ,ମାନସ କୁମାର ପଲେଇ, ଅମିନ ଚନ୍ଦ୍ର ଜେନା, କୁମର ସାହୁ, ପିତାମ୍ବର ବାରିକ, ଲକ୍ଷ୍ମଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ମେଧାବୃତ୍ତି ପରୀକ୍ଷା ଦେଲେ ୧୦୪

ବେଗୁନିଆ,୨୮।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଅଧୀକ୍ଷକ ଓ ସ୍ମୃତିସ୍ମିତା ବେହେରା ଉପଅଧୀକ୍ଷକ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ତର-୧ର ୫୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୧ଜଣ ଏବଂ ସ୍ତର-୨ର ୫୬ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୫୩ଜଣ ଉପସ୍ଥିତ ଥିଲେ। ବେଗୁନିଆ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ ପରିଦର୍ଶନରେ ଆସିଥିଲେ। ନିରୀକ୍ଷକ ରୂପେ ମୋହିନୀକାନ୍ତି ଦାସ, ଆଶା ମୁର୍ମୁ, ଶୁଭଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ପ୍ରଭାତ କୁମାର ନିଶଙ୍କ, ସୂର୍ଯ୍ୟକାନ୍ତ ମହାପାତ୍ର, ହିମାଂଶୁ ସ୍ୱାଇଁ ଓ ଶ୍ରୀକାନ୍ତ ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। କିରଣବାଳା ଜେନା, ବିରଞ୍ଚି ନାରାୟଣ ସାହୁ ଓ ବିଶ୍ୱରଞ୍ଜନ ପରିଡ଼ା ସହଯୋଗ କରିଥିଲେ।

## ସୁପର ସଣ୍ଡେ ସୋସିଆଲ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ଟାଙ୍ଗୀ,୨୮।୧ (ରଘୁନାଥ ସାହୁ)

ଚାନ୍ଦପୁର ସୁପର ସଣ୍ଡେ ସୋସିଆଲ କ୍ଲବ୍ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର ମା' ରାମଚଣ୍ଡୀ ମନ୍ଦିର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ବିଶ୍ୱଜିତ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅତିଥି ଭାବେ ବିଜୁ ଛାତ୍ର ଜନତା ଦଳ ସଭାପତି ଚିନ୍ମୟ କୁମାର ସାହୁ, ଉପସଭାପତି ମନୋଜ ସେନାପତି, ପ୍ରଫୁଲ୍ଲ କୁମାର ନାୟକ, ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର, ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଭାଜପାର ନୟାଗଡ଼ ଜିଲା ସଭାପତି ତାପସ ରଞ୍ଜନ ମାର୍ଥା, ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟକେତନ ସାହୁ, ସ୍ୱଦେଶ ରାଉତରାୟ, ପ୍ରଫୁଲ୍ଲ କୁମାର ନାୟକ ଏବଂ କ୍ଲବ ଉପଦେଷ୍ଟା ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ନୟାଗଡ଼ ବ୍ଲଡ୍‌ବ୍ୟାଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। ଚାନ୍ଦପୁର ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଶିଷ କୁମାର ଜେନା, ଡାକ୍ତର ପ୍ରତାପ କୁମାର ଚିନରା ଉପସ୍ଥିତ ରହି ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। କ୍ଲବ ସଭ୍ୟ ବିଜୟ କୁମାର ନାୟକ, ଅପର୍ତ୍ତି ଜାନୀ, ମନୋଜ ମହାପାତ୍ର, ଦୀପକ ରୋଶନ ସାହୁ, ପଦ୍ମଚରଣ ମହାପାତ୍ରଙ୍କ ସମେତ ବହୁ ଯୁବ ସମାଜସେବୀ ସହଯୋଗ କରିଥିଲେ। ରକ୍ତଦାତାମାନଙ୍କୁ ସଂଗଠନ ଓ ରକ୍ତ ସଂଗ୍ରହ ବିଭାଗ ପକ୍ଷରୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## କଲେଜ ଜୀବନର ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ରୀଛାତ୍ର

ଖୋର୍ଦ୍ଧା,୨୮।୧ (ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ଏମ୍‌ସ ପାର୍ଶ୍ୱସ୍ଥ ଭୁଆଶୁଣି ପ୍ରାଙ୍ଗଣରେ ୧୯୭୮ ମସିହାର ବାଙ୍କୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୟସର ଅପରାହ୍ନରେ ପହଞ୍ଚିଥିବା ଏହି ବ୍ୟାଚ୍‌ର ବିଦ୍ୟାର୍ଥୀମାନେ ଗଛ ତଳେ ବସି ଅର୍ଦ୍ଧଶତାବ୍ଦୀ ତଳର କ୍ୟାମ୍ପସ ସ୍ମୃତି ମନେପକାଇଥିଲେ। ଶ୍ରେଣୀ ପାଠପଢା ଠାରୁ ସାଙ୍ଗସାଥୀ ହୋଇ ବୁଲାବୁଲି, ମଉଜମଜଲିସ କଥା ମନେପକାଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ପ୍ରତ୍ୟେକ ନିଜ ଅନୁଭୂତି ବଖାଣିବା ସହ ମନଖୋଲି ହସି ହସାଇଥିଲେ। କାର୍ଯ୍ୟକ୍ରମକୁ ଜୟଦେବ ରାଉତ ସଂଯୋଜନା କରିଥିଲେ। ଡା.ଉର୍ମିଳା ଦେବୀ, ଅଧ୍ୟାପିକା ଶାନ୍ତା ମିଶ୍ର, ଶାଶ୍ୱତୀ ହରିଚନ୍ଦନ, ରବି ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କବି ଡା. ଯୋଗେଶ ଚନ୍ଦ୍ର ରଥଙ୍କ ସଂଯୋଜନାରେ କବିତା ପାଠ କାର୍ଯ୍ୟକ୍ରମ ହୋଇଥିବାବେଳେ ଶିକ୍ଷାବିତ ରବି ଶୁକ୍ଳା ବେଦଧ୍ୱନି ପାଠ କରିଥିଲେ। ଅଧ୍ୟାପକ ରବି ପଣ୍ଡା, ଅମରେନ୍ଦ୍ର ମିଶ୍ର, ଡା.ପଦ୍ମଲୋଚନ ପଣ୍ଡା, ଲକ୍ଷ୍ମୀଧର ସାହୁ, ଦିଲୀପ ଭୁତ୍, ଗଜେନ୍ଦ୍ର ହରିଚନ୍ଦନ, ବିଜୟ ମିଶ୍ର, ପ୍ରମୋଦ ପଣ୍ଡାଙ୍କ ସମେତ ୫୦ରୁ ଅଧିକ ସାଥୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର।

## ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟକୁ ଧକ୍କାଦେଇ ଓଲଟିଲା ବୋଲେରୋ: ୩ ଗୁରୁତର

ବୋଲଗଡ଼,୨୮।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସମ୍ମୁଖ ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥରେ ବୁଧବାର ପ୍ରାତଃ ପ୍ରାୟ ୫ଟାରେ ଏକ ବୋଲେରୋ (ନଂ. ଓଡି ୦୨ ଆର୍ ୭୨୪୦) ରାସ୍ତା ପାର୍ଶ୍ୱସ୍ଥ ଷ୍ଟ୍ରିଟଲାଇଟ ଖୁଣ୍ଟକୁ ଧକ୍କା ଦେବା ସହ ବ୍ଲକ କାର୍ଯ୍ୟାଳୟ ପାଚେରୀରେ ପିଟିହୋଇ ଓଲଟିପଡ଼ିଛି। ଏହି ଗାଡ଼ିରେ ଥିବା ୩ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅଧୀନ ଗୋପାଳପୁର ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ମିଶ୍ର (୯୨), ଇନ୍ଦିରା ପାଢ଼ୀ(୫୫) ଏବଂ ସବିତା ମିଶ୍ର(୫୦)। ସେମାନଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗାଡ଼ିରୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଡାକ୍ତର ଅଭିଜିତ ଷଡ଼ଙ୍ଗୀଙ୍କ ପରାମର୍ଶକ୍ରମେ ଭୁବନେଶ୍ୱର ଏମ୍ସ ପଠାଯାଇଛି।

ଡ୍ରାଇଭରଙ୍କ ସୂଚନା ଅନୁଯାୟୀ, ଗୋବିନ୍ଦଙ୍କ ଶାରୀରିକ ଅସୁସ୍ଥତା କାରଣରୁ ତାଙ୍କୁ ଦୁଇଜଣ ସମ୍ପର୍କୀୟ ମହିଳା ଚିକିତ୍ସା ପାଇଁ ଏମ୍ସ ନେଉଥିଲେ। ବିଳମ୍ବିତ ରାତିରେ ସେମାନେ ଗ୍ରାମ ଛାଡ଼ି ଥିବାବେଳେ ସେ ଅନିଦ୍ରା ଥିଲେ ମଧ୍ୟ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର କାରଣରୁ ବାଟରେ ବିଶ୍ରାମ ନେଇ ନ ଥିଲେ। ତେବେ ଦୁର୍ଘଟଣାସ୍ଥଳରେ ରାସ୍ତାରେ ଥିବା ଏକ ସେଫ୍ଟି ବୋର୍ଡରେ ଗାଡ଼ି ଧକ୍କାହୋଇ ଭାରସାମ୍ୟ ହରାଇ ଡାହାଣ ପାଖେ ଥିବା ଷ୍ଟ୍ରିଟଲାଇଟ ଖୁଣ୍ଟକୁ ଧକ୍କା ଦେବା ସହ ବ୍ଲକ ଅଫିସ ପାଚେରିରେ ପିଟିହୋଇ ଓଲଟି ପଡ଼ିଥିଲା। ଷ୍ଟ୍ରିଟଲାଇଟି ଖୁଣ୍ଟ ଭାଙ୍ଗିପଡ଼ିଥିବାବେଳେ ପାଚେରୀର କିଛି ଅଂଶ ମଧ୍ୟ ଭାଙ୍ଗିଯାଇଛି। ସୌଭାଗ୍ୟକୁ ଶର୍ଟସର୍କିଟ ହୋଇ ବିଦ୍ୟୁତ ବିଚ୍ଛିନ୍ନ ହୋଇଯିବାରୁ ବଡ଼ ଅଘଟଣ ଘଟି ନ ଥିଲା। ଏଥିଯୋଗୁ ବୋଲଗଡ଼ ଅଞ୍ଚଳରେ ପ୍ରାତଃରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲାବେଳେ ବିଦ୍ୟୁତ ବିଭାଗ କନିଷ୍ଠଯନ୍ତ୍ରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। ବୋଲଗଡ଼ ଥାନା ପୋଲିସ ସମ୍ପୃକ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।



ଦୁର୍ଘଟଣାଗ୍ରସ୍ତ ବୋଲେରୋ।

**ଶୀତବସ୍ତ୍ର ବଣ୍ଟନ କଲେ ସ୍ୱେଚ୍ଛାସେବୀ**

**ସାକ୍ଷୀଗୋପାଳ,(ଭରତ ରାଉତ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ୨୦ ଜଣ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସୁଆଣ୍ଡୋସ୍ଥିତ ଉତ୍କଳମଣି କ୍ୟାମ୍ପସ୍ ପରିସରରେ ଏହି କାର୍ଯ୍ୟକ୍ରମ ସାମାଜିକ କର୍ମୀ ପବିତ୍ର କୁମାର ପରିଡ଼ାଙ୍କ ପ୍ରଚେଷ୍ଟାରେ କରାଯାଇଥିଲା। ଖବରଦାତା ଧୀରେନ୍ଦ୍ର ନାଥ ଦାସଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ବସନ୍ତ କୁମାର ମହାପାତ୍ର, ମାନବାଧିକାର କର୍ମୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚିତ୍ରଶିଳ୍ପୀ ନର୍ମଦା ମୁଦୁଲି, ଅର୍ଜୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଫକୀର ଭୋଇ, ପଞ୍ଚୁ ଭୋଇ, ଭାଗୀରଥି ଦାଶ ପ୍ରମୁଖ ବରିଷ୍ଠ ନାଗରିକ ଶୀତବସ୍ତ୍ର ଗ୍ରହଣ କରି ଖୁସିବ୍ୟକ୍ତ କରିଥିଲେ।

# ସୁସ୍ଥ ସମାଜ ଗଠନରେ ସ୍ୱାସ୍ଥ୍ୟସେବା ଗୁରୁତ୍ୱପୂର୍ଣ୍ଣ

## ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଲା କାୟାକଳ୍ପ ଟିମ୍

ଗୋପ,୨୮।୧(ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ ମେଡିକାଲରେ କାୟାକଳ୍ପ ଟିମ୍‌ର ସଦସ୍ୟମାନେ।

ସୁସ୍ଥ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ସ୍ୱାସ୍ଥ୍ୟସେବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନା କିପରି ଚାଲିଛି ସେ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ୩ ଜଣିଆ କାୟାକଳ୍ପ ଟିମ୍ ବୁଲି ଦେଖିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ନିଶ୍ଚିତକରଣ ସମିତିର ଅତିରିକ୍ତ ନିର୍ଦ୍ଦେଶକ ମନୋରଞ୍ଜନ ହାତୀଙ୍କ ନେତୃତ୍ୱରେ ସୌମ୍ୟଶ୍ରୀ ମହାପାତ୍ର, ରୁବୀ ରାଉତ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବହିର୍ବିଭାଗ, ଅନ୍ତର୍ବିଭାଗ, ନିଦାନ ବିଭାଗ, ନିରାମୟ, ଔଷଧ କକ୍ଷ, ବର୍ଜ୍ୟବସ୍ତୁ ପରିଚାଳନା ଗୃହ, ଶୌଚାଳୟ, ଆମ୍ବୁଲାନ୍ସ ସେବା, କୁଷ୍ଠ, ଯକ୍ଷ୍ମା, ନିର୍ମଳ ଯୋଜନା, ଜନନୀ ଶିଶୁ ସୁରକ୍ଷା ଯୋଜନା, ପିଇବା ପାଣି, ରକ୍ତ ପରୀକ୍ଷା କେନ୍ଦ୍ର, ପ୍ରସୁତି ବିଭାଗ ସହିତ ଆଉ କେତେକ ବିଭାଗ ବୁଲି ଦେଖିବା ପରେ ସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବୈଠକ ଗୃହରେ ଏକ ସମୀକ୍ଷା ବୈଠକରେ ସରକାରୀ ଯୋଜନାରେ ଆସୁଥିବା ଆୟବ୍ୟୟର ହିସାବ ଦେଖିବା ସହିତ ରୋଗୀମାନେ କିପରି ସ୍ୱାସ୍ଥ୍ୟସେବା ପାଉଛନ୍ତି, ସେ ସମ୍ପର୍କରେ ପଚାରି ବୁଝିବା ପରେ ମଧ୍ୟ ଖୁସିବ୍ୟକ୍ତ କରିଥିଲେ। ଏହି କାୟାକଳ୍ପ କାର୍ଯ୍ୟକ୍ରମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନୀ ଆଫ୍ରୋଜ, ଡ. ଶିବ ପ୍ରସାଦ ମଙ୍ଗରାଜ, ଡ. ସରିତା ମିଶ୍ର, କୃତୀବିଭା ମହାନ୍ତି, ସୁଶାନ୍ତ କୁମାର ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ମନୋରଞ୍ଜନ ମହାନ୍ତି, କ୍ଷେତ୍ରମଣି ସେଠୀ, ରାଜେଶ କୁମାର ପାଇକରାୟ, ସମ୍ପଦ କୁମାର ପ୍ରଧାନ, ଶ୍ରୀକାନ୍ତ ନାୟକ, ସଚ୍ଚିଦାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

ବଲଙ୍ଗା,୨୮।୧(କେଦାରେଶ୍ୱର ନନ୍ଦ)

ବଲଙ୍ଗା ପୋଲିସ ହରିପୁର ଓ ଗୋଡ଼ିମାଳ ଛକରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗୋଡ଼ିମାଳର ସିପକ ସାହାଣି ଓ ହରିପୁରର ବିନୋଦ ବେହେରା। ବୁଧବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉ ସମୟରେ ଅଭିଯୁକ୍ତ ସିପକଙ୍କ ନିକଟରୁ ୧୭୫ ବୋତଲ ଓ ବିନୋଦଙ୍କ ନିକଟରୁ ୧୬୯ ବୋତଲ ମଦ ଜବତ କରାଯିବା ପରେ ଥାନାରେ ୨୮ ଓ ୨୯/୨୬ରେ ଦୁଇଟି ଅବକାରୀ ମାମଲା ରୁଜୁ କରାଯାଇଛି।

### ଭାଉଜଙ୍କୁ ମାଡ଼ ମାରି ଦିଅର ଗିରଫ

ବଲଙ୍ଗା,୨୮।୧(କେଦାରେଶ୍ୱର ନନ୍ଦ)

ଘରବାରି ବିବାଦକୁ କେନ୍ଦ୍ରକରି ବଲଙ୍ଗା ଥାନା ଅନ୍ତର୍ଗତ ବେରୁହାଁ ଶାସନ ଗ୍ରାମରେ ଭାଉଜଙ୍କୁ ମାଡ଼ମାରି ଅସଦାଚରଣ କରିବା ମାମଲାରେ ଅଭିଯୁକ୍ତ ଦିଅରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ବ୍ରଜେନ୍ଦ୍ର ବିଶ୍ୱାଳ। ଏନେଇ ପୋଲିସ ୨୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଘରବାରିକୁ ନେଇ ଅଭିଯୁକ୍ତ ବ୍ରଜେନ୍ଦ୍ର ଓ ତାଙ୍କ ବଡ଼ଭାଇ ରାଜେନ୍ଦ୍ର ବିଶ୍ୱାଳଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ସକାଳ ସମୟରେ ରାଜେନ୍ଦ୍ର ଘରେ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ବ୍ରଜେନ୍ଦ୍ର ହାତରେ ଏକ କଟୁରି ଧରି ଭାଉଜ ସୁଲୋଚନା ବିଶ୍ୱାଳଙ୍କୁ ଅସଦାଚରଣ କରି ମାଡ଼ ମାରିଥିଲା ବୋଲି ସୁଲୋଚନା ଥାନାରେ ଅଭିଯୋଗ କରିଥିଲେ।

### ଅଖିଳ ଭାରତୀୟ ରେଳଚାଳକ ସଂଘର କେନ୍ଦ୍ରୀୟ କାର୍ଯ୍ୟକାରିଣୀ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ଅଖିଳ ଭାରତୀୟ ରେଳଚାଳକ ସଂଘର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସମିତିର ୨ଦିନିଆ ବୈଠକ ଓ ସାଧରଣ ସଭା ବୁଧବାର ପୁରୀ ବୃନ୍ଦାବତୀ ନିବାସଠାରେ ଉଦ୍‌ଘାଟିତ ହୋଇଯାଇଛି। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବା ସହ ବିଭିନ୍ନ ଦାବି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ପେନ୍‌ସନକୁ ହଟାଇ ନୂତନ ପେନ୍‌ସନ ଲାଗୁ, ଅଷ୍ଟମ ବେତନ ଯଥାଶୀଘ୍ର ଲାଗୁ କରିବା ସହିତ ରେଳ ଚାଳକ ଓ ସହାୟକ ରେଳ ଚାଳକଙ୍କୁ ତାଙ୍କର ଯଥୋଚିତ ପ୍ରାପ୍ୟ ପ୍ରଦାନ, ମାଇଲେଜ୍ ଭତ୍ତାରେ ୨୫% ବୃଦ୍ଧି, ଆୟକର ସୀମାରେ ନିୟମ ଅନୁସାରେ ବୃଦ୍ଧି, ରେଲ୍‌ୱେର ପୂର୍ବ ଘୋଷଣା ଅନୁଯାୟୀ ଦିନକୁ ୯ ଘଣ୍ଟା ଡ୍ୟୁଟି ଲାଗୁ, ହାଇକୋର୍ଟଙ୍କ ଦ୍ୱାରା ସ୍ଥିରୀକୃତ ୪୬ ଘଣ୍ଟାର ସାପ୍ତାହିକ ବିଶ୍ରାମ ପ୍ରଦାନ, ଲଗାତାର ରାତ୍ରିକାଳୀନ ଡ୍ୟୁଟିକୁ ଦୁଇ ଦିନରେ ସୀମିତ ରଖିବା, ୩୬ ଘଣ୍ଟା ମଧ୍ୟରେ ମୁଖ୍ୟାଳୟକୁ ଫେରେଇ ଆଣିବା, ରେଲ୍‌ୱେରେ ଥିବା ଖାଲି ପଦବୀ ପୂରଣ, ରେଲ୍‌ୱେରେ ଘରୋଇକରଣ ବନ୍ଦ କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଘର ମହାସଚିବ କେ. ସି. ଜେମ୍‌ସ, ସଙ୍ଘର ସଭାପତି ଆର୍. ଆର୍. ଭଗତ ଏବଂ ପୂର୍ବତଟ ରେଳ ଜୋନ୍‌ର ସଚିବ ଫିରୋଜ ଆଲମ୍‌ଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କରୁଛି ଜିଲା ପ୍ରଶାସନ

ଡେଲାଙ୍ଗ,୨୮।୧ (ରଶ୍ମିରଞ୍ଜନ ପ୍ରଧାନ)

ବ୍ଲକ କଂଗ୍ରେସ ପକ୍ଷରୁ ସଂଯୋଜକ ନିର୍ମଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ଶାଶ୍ୱତ ସଂସ୍କୃତି ପରିଷଦ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କୁ ପଦଚ୍ୟୁତ କରିବା ସହିତ ପୁନର୍ବାର ନିର୍ବାଚନ କରାଇବାକୁ ଦାବି ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ହରିରାଜପୁର ପଞ୍ଚାୟତର ସମିତି ସଭ୍ୟା ଭାବେ ସାହୁ ନିର୍ବାଚିତ ହୋଇଥିଲେ। ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦବୀ ପାଇଁ ସାହୁ ନାମାଙ୍କନ ଦାଖଲ କରିଥିବା ବେଳେ କୋଠବାଡ଼ ପଞ୍ଚାୟତ ସମିତିସଭ୍ୟା ରମାଦେବୀ ରାଉତରାୟ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ଏହି ପ୍ରକ୍ରିୟାରେ ସାହୁ ୩ଖଣ୍ଡ ଭୋଟରେ ବିଜୟୀ ହୋଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କର ୩ଟି ସନ୍ତାନ ରହିଥିବା ନେଇ ରମାଦେବୀ ପିପିଲି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ନିର୍ବାଚନୀ ମୋକଦ୍ଦମା ବିଚାର ପରେ ଅଦାଲତ ସାହୁଙ୍କ ଉଭୟ ପଦ ଅସିଦ୍ଧ ଘୋଷଣା କରିବାରୁ ସେ ଅତିରିକ୍ତ ଜିଲା ବିଚାରପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ଉକ୍ତ ମାମଲା ରଦ୍ଦ ହୋଇ ନିମ୍ନ ଅଦାଲତଙ୍କ ଆଦେଶ ବଳବତ୍ତର ରହିବାରୁ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସେହିପରି ପ୍ରତିପକ୍ଷ ରାଉତରାୟ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ପିପିଲି ଅଦାଲତଙ୍କ ରାୟ ଅନୁଯାୟୀ ତାଙ୍କ ସପକ୍ଷରେ ନ୍ୟାୟଦେବାକୁ ଗୁହାରି କରିଥିଲେ। ଉଭୟ ପକ୍ଷଙ୍କ ମାମଲାର ଶୁଣାଣି କରି ହାଇକୋର୍ଟ ଗତ ଡିସେମ୍ବର ୧୫ରେ ସାହୁଙ୍କ ଅପିଲ୍ ଆବେଦନକୁ ଖାରଜ କରିଥିଲେ। ପୁରୀ ଜିଲା ଜଜ୍‌ଙ୍କ ଆଦେଶକ୍ରମେ ସାହୁଙ୍କୁ ପଦଚ୍ୟୁତ କରିବା ଓ ପୁନର୍ବାର ନିର୍ବାଚନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ବ୍ଲକ କଂଗ୍ରେସ ସଦସ୍ୟମାନେ ପୁରୀ ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ବ୍ଲକ କଂଗ୍ରେସ ସଂଯୋଜକ ନିର୍ମଳ ପରିଡ଼ା, ସୁବାସ ଚନ୍ଦ୍ର ପ୍ରଧାନ, ବଳରାମ ଦାସ ପ୍ରମୁଖ ଉଭୟ ପଦବୀ ନିମନ୍ତେ ପୁନର୍ବାର ନିର୍ବାଚନ କରାଇବାକୁ ଖବରଦାତା ସମ୍ମିଳନୀରେ ଜିଲା ପ୍ରଶାସନକୁ ଦାବି କରିଛନ୍ତି। ଅନ୍ୟପଟେ ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ସାହୁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି।

# ଉଦୟନାଥ ପବ୍ଲିକ ସ୍କୁଲ୍‌ର ରୌପ୍ୟଜୟନ୍ତୀ ସମାରୋହ




ରୌପ୍ୟଜୟନ୍ତୀ ସମାରୋହରେ ଅତିଥିମାନେ ବାର୍ଷିକ ପତ୍ରିକା ଉନ୍ମୋଚନ କରୁଛନ୍ତି।

ନିମାପଡ଼ା,୨୮।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ରେଞ୍ଚଶାସନସ୍ଥିତ ଉଦୟନାଥ ପବ୍ଲିକ୍ ସ୍କୁଲର ୨୫ବର୍ଷ ପୂର୍ତ୍ତି ଅବସରରେ ସ୍କୁଲର ରୌପ୍ୟଜୟନ୍ତୀ ସମାରୋହ ଦୁଇଦିନ ବ୍ୟାପୀ ମହାସମାରୋହରେ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଭୁବନେଶ୍ୱର ଆଇଆଇ ଡବ୍ଲୁ ଏମ୍, ଆଇସିଏଆରର ପ୍ରିନ୍‌ସିପାଲ ଡ. ପ୍ରମୋଦ କିଶୋର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ ଅନିଲ କୁମାର ବିଶ୍ୱାଳ, ଓଡ଼ିଶା ରାଜ୍ୟ କୋ-ଅପରେଟିଭ ୟୁନିୟନର ସଭାପତି ପ୍ରବାସିନୀ ଷଡ଼ଙ୍ଗୀ, ବରିଷ୍ଠ ସାଇଣ୍ଟିଷ୍ଟ ରବୀନ୍ଦ୍ର ନାଥ ସ୍ୱାଇଁ, ପ୍ରିନ୍ସିପାଲ ଶିକ୍ଷାବିତ୍ ତପସ୍ୱିନୀ ଦାଶ, ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ, ସରପଞ୍ଚ ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ପ୍ରତିଷ୍ଠିତ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

ଏହି ଅବସରରେ ଅତିଥିମାନେ ସ୍କୁଲର ମୁଖପତ୍ର 'ଉଦୟ'କୁ ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୧୫୦ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଟ୍ରଫି ପ୍ରଦାନ କରି ପୁରସ୍କୃତ ଓ ସମ୍ମାନିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ କୃତୀ ପ୍ରତିଭା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ମଞ୍ଚାସିନ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଓ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ହରିହର ନନ୍ଦ, ପୁରୁଷୋତ୍ତମ ସାହୁ, ରଞ୍ଜିତା ପରିଡ଼ା, ମାନସୀ ଦାଶ ଓ ସୁଜାତା ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୪ ଘଣ୍ଟା ଧରି ଗୋପରେ ରାସ୍ତା ଅବରୋଧ

ଗୋପ,୨୮।୧(ଭାରତୀ ଭୂଷଣ ଉପାଧ୍ୟାୟ)

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୪ ଗୋଟି ଦାବିରେ ବୁଧବାର ସକାଳେ ଗୋପ ବଜାର ଛକରେ ୪ ଘଣ୍ଟା ଧରି କୋଣାର୍କ-ଗୋପ ରାସ୍ତା ଅବରୋଧ କରାଯାଇଥିଲା। ନବନିର୍ମାଣ କୃଷକ ସଂଗଠନର ତପନ କୁମାର ପରିଡ଼ା, ଆର୍ତ୍ତତ୍ରାଣ ପରିଡ଼ା ଓ ଛାତ୍ରନେତା ବୁବୁନ ସେନାପତିଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ରାସ୍ତା ଅବରୋଧରେ ସାମିଲ ଥିଲେ। ଚାଷୀମାନେ ମୁଖ୍ୟ ରାସ୍ତାରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିବାବେଳେ ଧାନ ମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ଫାଇନ ଆଦାୟ, ଟାଟା ପାୱାରର ସ୍ମାର୍ଟ ମିଟର ନାମରେ ସାଧାରଣ ଲୋକଙ୍କୁ ଶୋଷଣ ଓ କୃଷିମନ୍ତ୍ରୀଙ୍କ ଉପସ୍ଥିତିରେ ଆକ୍ରମଣ ପ୍ରତିବାଦରେ ଏହି ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ରାସ୍ତା ଅବରୋଧ ହେବା ଫଳରେ ଦୀର୍ଘ ୪ ଘଣ୍ଟା ଧରି ପୁରୀ, କୋଣାର୍କ ବୁଲି ଯାଉଥିବା ଦେଶବିଦେଶର ପର୍ଯ୍ୟଟକଙ୍କ ସହିତ ଯାତ୍ରୀମାନେ ହଟହଟା ହେବାକୁ ପଡ଼ିଥିଲା। ଗୋପ ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାଶ, ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ ଅବରୋଧ କରିଥିବା ନବନିର୍ମାଣ କୃଷକ ସଂଗଠନର ନେତୃତ୍ୱଙ୍କ ସହିତ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା।




ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

# ସାକ୍ଷୀଗୋପାଳ: କଂଗ୍ରେସର ରାଜପଥ ଅବରୋଧ

ସାକ୍ଷୀଗୋପାଳ,୨୮।୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାରେ ସାମିଲ ହୋଇ ସତ୍ୟବାଦୀ ବ୍ଲକ କଂଗ୍ରେସ କର୍ମୀମାନେ ବୁଧବାର ରାଜପଥ ଅବରୋଧ କରିଥିଲେ। ପୂର୍ବତନ ପିସିସି ସଭାପତି ତଥା ମନ୍ତ୍ରୀ ପ୍ରସାଦ ହରିଚନ୍ଦନଙ୍କ ନିର୍ଦ୍ଦେଶକ୍ରମେ ଶତାଧିକ କର୍ମୀ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ସତ୍ୟବାଦୀ ବ୍ଲକ ଛକରେ ଆନ୍ଦୋଳନ ଚଳାଇଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାଜ୍ୟରେ ଧାନମଣ୍ଡି ଖୋଲିବା ଏବଂ ଧାନ ବିକ୍ରିରେ ଅବ୍ୟବସ୍ଥା କାରଣରୁ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନାଁରେ ସାଧାରଣ ଲୋକଙ୍କଠାରୁ ସରକାର ହଜାର ହଜାର ଟଙ୍କା ଜରିମାନା ଆଦାୟ କରୁଛନ୍ତି। ଏପରିକି ପାୱାର ସ୍ମାର୍ଟ ମିଟର ଲଗାଇବା ନାଁରେ ଲୁଟ୍ କରିବାରେ ସରକାର ଲାଗିପଡ଼ିଛନ୍ତି ବୋଲି ବ୍ଲକ କଂଗ୍ରେସ ସଭାପତି ସୁବାସ ଚନ୍ଦ୍ର ମହାପାତ୍ର କହିଛନ୍ତି। ଖବରପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍‌ପ୍ରକାଶ ପରିଡ଼ା ଓ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ପ୍ରମୁଖ ଅଧିକାରୀମାନେ ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ। ପୁରୀ ଏସ୍‌ପି ପ୍ରତୀକ ସିଂ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କଂଗ୍ରେସ ସୋସିଆଲ ମିଡିଆ ସଭାପତି ଲିପ୍ତି ରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ୧୦ରୁ ଜିଲାସ୍ତରୀୟ ସ୍ୱଦେଶୀ ମେଳା

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଫେବୃଆରୀ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଭୋକାଲ୍ ଫର ଲୋକାଲ୍ ଓ ଲୋକାଲ୍ ଟୁ ଗ୍ଲୋବାଲ ନାମରେ ଏହି ମେଳାରେ ସ୍ଥାନୀୟ ଶିଳ୍ପୀ ଓ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନୀ ଓ ବିକ୍ରି କରିବେ। ତତ୍‌ସହିତ ବିବିଧ କ୍ଷେତ୍ରରେ ସଫଳତାକୁ ମଧ୍ୟ ପ୍ରଦର୍ଶନ କରାଯିବ ବୋଲି ସ୍ଥିର ହୋଇଛି। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସ୍ୱଦେଶୀ ସାମଗ୍ରୀର ଉତ୍ପାଦ ବୃଦ୍ଧି, ଏହାର ପ୍ରଦର୍ଶନ ଓ ବିକ୍ରି ପାଇଁ ଏହି ମେଳାକୁ ଆକର୍ଷଣୀୟ ଭାବେ ଉପସ୍ଥାପନ ସହ ପ୍ରଚାର ପ୍ରସାର ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ମେଳାରେ ୧୯୦ଟି ବିଭିନ୍ନ ପ୍ରକାରର ଷ୍ଟଲ୍ ଲଗାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ଆଇପିଏସ୍ ପ୍ରୋବେଶନର ଅନଖା କେ. ବିଜୟ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ମହାପାତ୍ର, ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଓର୍ମାସର ଡେପୁଟି ସିଇଓ ନିଗମ ଦାସ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ ମେଳାର ଲକ୍ଷ୍ୟ, ଉଦ୍ଦେଶ୍ୟର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ।

# ୧୯୭୭ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



ପିପିଲି,୨୮।୧(ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲା ପିପିଲି ବ୍ଲକ୍ ଅନ୍ତର୍ଗତ ୧୯୫୮ ମସିହାରେ ସ୍ଥାପିତ ଜବାହର ବିଦ୍ୟାପୀଠ ପରିସରରେ ୧୯୭୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଦୀର୍ଘ ୪୯ ବର୍ଷ ପରେ ମଧ୍ୟ ସହପାଠୀମାନେ ଏକତ୍ରିତ ହୋଇ ପରସ୍ପରକୁ କରମର୍ଦ୍ଦନ ଏବଂ ଆଲିଙ୍ଗନ ଦ୍ୱାରା ଅଭିବାଦନ ଜଣାଇଥିଲେ। ସ୍କୁଲ ସମୟର ସ୍ମୃତି ଓ ଅନୁଭୂତି ନିଜ ନିଜ ମଧ୍ୟରେ ରୋମନ୍ଥନ କରି ଭାବବିହ୍ୱଳ ହୋଇଯାଇଥିଲେ। ସମସ୍ତେ ବୟୋଜ୍ୟେଷ୍ଠ ହୋଇଥିଲେ ମଧ୍ୟ ଛାତ୍ର ଜୀବନର ଅନୁଭୂତି ଏବଂ ତତ୍କାଳୀନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଆଚରଣ ଓ ବ୍ୟବହାର ସମ୍ପର୍କରେ ସ୍ମୃତିଚାରଣ କରି ଉଲ୍ଲସିତ ହୋଇଉଠିଥିଲେ। ଦିବଂଗତ ସହପାଠୀ, ସହପାଠିନୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବର୍ତ୍ତମାନରେ ମଧ୍ୟ ଆଲୋଚନା କରି ଦୁଃଖ ପ୍ରକାଶ କରିଥିଲେ। ସକ୍ରିୟ ପୂର୍ବତନ ଛାତ୍ର ଅଖିଳ ସ୍ୱାଇଁ, ବିଜୟ ଛୋଟରାୟ, ଲକ୍ଷ୍ମୀଧର, ଶରତ, ଭାସ୍କର ଓ ଈଶ୍ୱର ପ୍ରମୁଖଙ୍କ ଆବାହକତ୍ୱରେ ୩୫ ଜଣ ସହପାଠୀ ଯୋଗ ଦେଇଥିଲେ।

# ଗାଁରେ ସହରୀ ପାର୍କର ମଜାନେବେ କୁନିପିଲା

କାକଟପୁର/ଅସ୍ତରଙ୍ଗ,୨୮।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ଶିଶୁ ଉଦ୍ୟାନକୁ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଉଦ୍‌ଘାଟନ କରୁଛନ୍ତି।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ ଆପ୍ରାଣ ଉଦ୍ୟମ ଓ ଚେଷ୍ଟା କରି ଗ୍ରାମାଞ୍ଚଳରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରିଛନ୍ତି। ଗାଁର ବରିଷ୍ଠ ବ୍ୟକ୍ତିଙ୍କୁ ଡାକି ଏହି ଶିଶୁ ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ। ଛୋଟ ଛୋଟ ପିଲାଙ୍କ ଖୁସି କହିଲେ ନ ସରେ। ପିଲାଙ୍କ ଖେଳକୁଦ ପାଇଁ ପାର୍କରେ ଦୋଳି, ଝୁଲଣ, ଚରଖା ସାଙ୍ଗକୁ ଅନେକ ସରଞ୍ଜାମ ରହିଛି। ଆହୁରି ସରସ ସୁନ୍ଦର ପାଇଁ ଲାଗିଛି ଭଳିକି ଭଳି ଫୁଲଗଛ, ଆଉ ପଡ଼ିଛି କଂକ୍ରିଟ୍ ଚେୟାର। ଏଥିସହ କୁନିକୁନି ପିଲା ଖେଳିବା ସହ ପାଚେରିରେ ଥିବା ଚିତ୍ର ମାଧ୍ୟମରେ ଇଂରାଜୀ ବର୍ଣ୍ଣମାଳା, ଦେବୀନଦୀର ବିଭିନ୍ନ ଲୁଣାଗଛର ପ୍ରଜାତି ନାମ, ଅଲିଭ୍ ରିଡ୍‌ଲେ, ଓଡ଼ିଆରେ ୬ ଋତୁ ସାଙ୍ଗକୁ ୧୨ମାସ, ତତ୍‌ସହିତ ଝିଅଙ୍କୁ ସମାଜରେ ଅଗ୍ରାଧିକାର ବାର୍ତ୍ତା ଚିତ୍ର ମାଧ୍ୟମରେ ସମସ୍ତଙ୍କୁ ଆକର୍ଷିତ କରିଛି। ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ସରପଞ୍ଚ ଗ୍ରାମବାସୀଙ୍କୁ ଏହି କିଡ୍ସ ୱାର୍ଲଡ ଭେଟି ଦେଇଛନ୍ତି। ଏଠାରେ ବ୍ୟାୟାମ ଉପକରଣ ମଧ୍ୟ ରଖାଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ବାରିକ, ଶିଖର ବେହେରା, ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ଅସ୍ତରଙ୍ଗ ଭାଜପା ମଣ୍ଡଳ ସଭାପତି ତଥା ସାମାଜିକ କର୍ମୀ ଇନ୍ଦ୍ରମଣି ଜେନା, ନୂଆଗଡ଼ ମଣ୍ଡଳ ସଭାପତି ନରେଶ ପତି ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁଙ୍କ ଉଦ୍ୟମକୁ ଗାଁ ଲୋକ ଭୂୟସୀ ପ୍ରଶଂସା କରିଛନ୍ତି।

# କାଜୁ ପ୍ୟାକେଟ୍‌ରେ ନକୁଳଦାନା ଦେଇ ପର୍ଯ୍ୟଟକଙ୍କୁ ଠକେଇ

କୋଣାର୍କ,୨୮।୧(ଜ୍ୟୋତିରାଜ ମହାନ୍ତି)




ଠକେଇର ଶିକାର ହୋଇଥିବା ପର୍ଯ୍ୟଟକ।

କୋଣାର୍କରେ କାଜୁ ପ୍ୟାକେଟ୍‌ରେ ନକୁଳ ଦାନା ଦେଇ କାଜୁ ବ୍ୟବସାୟୀମାନେ ସୂର୍ଯ୍ୟମନ୍ଦିର ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଶୋଷଣ କରିବା ଘଟଣାକୁ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ପର୍ଯ୍ୟଟନପ୍ରେମୀ ମହଲରେ ନାପସନ୍ଦ କରାଯାଇଛି। ବୁଧବାର ମହାରାଷ୍ଟ୍ରର ପର୍ଯ୍ୟଟକ ଠକେଇର ଶିକାର ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ବିଗତ ଦିନରେ ପର୍ଯ୍ୟଟକଙ୍କୁ ପୋକରା କାଜୁ ଦେଇ ଠକିବା ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହୋଇଥିଲା। ତତ୍କାଳୀନ କୋଣାର୍କ ପର୍ଯ୍ୟଟନ ଅଧିକାରୀଙ୍କ ଚିଠି ଆଧାରରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ କାଜୁ ବ୍ୟବସାୟୀଙ୍କ ଉପରେ ଲୋକ ଦେଖାଣିଆ ଚଢ଼ାଉ କରିଥିଲେ।

ସୁଦୂର ମହାରାଷ୍ଟ୍ର ଅଞ୍ଚଳର କିଛି ପର୍ଯ୍ୟଟକ ବସ୍ ଯୋଗେ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିବାକୁ ଆସିଥିଲେ। ଗାଡ଼ି ପାଖରେ କମ୍ ଦାମରେ ଭଲ କାଜୁ ଦେବାକୁ କହି କାଜୁ ପ୍ୟାକେଟ୍ ଭିତରେ ନକୁଳ ଦାନା ଭର୍ତ୍ତି କରି ସେମାନଙ୍କୁ ଚଢ଼ାଦରରେ ବିକ୍ରି କରିବା ଘଟଣା କୋଣାର୍କ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କୋଣାର୍କରେ ପର୍ଯ୍ୟଟକଙ୍କୁ ନକଲି କାଜୁ ଦେଇ ଆର୍ଥିକ ଶୋଷଣ କରିବା ଦିଗରେ ଏକ ରାକେଟ୍ ସକ୍ରିୟ ଥିବା ସାଧାରଣରେ ଆଲୋଚନା ହେଉଛି। ପର୍ଯ୍ୟଟକଙ୍କ ଅଭିଯୋଗ ଆଧାରରେ ସିସିଟିଭି କ୍ୟାମେରା ତଥ୍ୟ ସଂଗ୍ରହ କରି କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। କୋଣାର୍କରେ ପର୍ଯ୍ୟଟନଙ୍କୁ ନିମ୍ନମାନର ନକଲି କାଜୁ ଦେଇ ଆର୍ଥିକ ଶୋଷଣ କରୁଥିବା ଅସାଧୁ କାଜୁ ବ୍ୟବସାୟୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ଏ ସମ୍ପର୍କରେ କୋଣାର୍କ ସୁରକ୍ଷା କମିଟିର ଆବାହକ ଭାଗିରଥି ସ୍ୱାଇଁ କହିଛନ୍ତି, କାଜ ନାଁରେ ନକୁଳଦାନା ପର୍ଯ୍ୟଟକଙ୍କୁ ଦେଇ ଠକିବା ଏହା କୋଣାର୍କ ପାଇଁ ଲଜ୍ଜାଜନକ ବିଷୟ। ଯଦି ଏପରି ଘଟଣା ଉପରେ ପ୍ରଶାସନ ନଜର ନ ଦିଏ ତା' ହେଲେ କୋଣାର୍କ ସୁରକ୍ଷା ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

**ଗତିଶ୍ୱରଙ୍କ ପୀଠରେ କଳସ ଯାତ୍ରା**

କଣାସ (ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତ ସାହସପୁର ଗ୍ରାମରେ ଆରାଧ୍ୟ ଠାକୁର ବାବା ଗତିଶ୍ୱର ଦେବଙ୍କ ପୀଠରେ ଆଜିଠାରୁ ତିନିଦିନ ବ୍ୟାପୀ ୪୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଯଜ୍ଞସ୍ଥଳରୁ ବିରାଟ ପଟୁଆରରେ କଳସ ଯାତ୍ରା ହୋଇଛି। ଗ୍ରାମର ମହିଳା ଓ ପୁରୁଷମାନେ ମକରା ନଦୀ ତୁଠରେ ସୂର୍ଯ୍ୟ ପୂଜା କରାଯାଇ କଳସରେ ଜଳ ଆଣି ଯଜ୍ଞସ୍ଥଳକୁ ପର୍ଯ୍ୟନ୍ତ ଆସିଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୮।୦୧।୨୦୨୬

| | |
|---|---|
| ୫,୧୭,୬୩୮ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୩୧.୧୫୦ ଗ୍ରାମ୍ |

# ମେଳଣକୁ ଶୃଙ୍ଖଳିତ ପରିଚାଳନା ପାଇଁ ଗୁରୁତ୍ୱ

**ହରିରାଜପୁର ମେଳଣ ପ୍ରସ୍ତୁତି ବୈଠକ**

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ଡେଲାଙ୍ଗର ହରିରାଜପୁର ମେଳଣ ଏକ ପ୍ରାଚୀନ ମେଳଣ ଭାବେ ରାଜ୍ୟରେ ଖ୍ୟାତି ଲାଭ କରିଛି। ପଶ୍ଚିମା ଶମ୍ଭୁ ପ୍ରଭୁ ସୋମନାଥଙ୍କ ପଞ୍ଚୁଦୋଳ ମେଳଣ ଚଳିତବର୍ଷ ମାର୍ଚ୍ଚ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୪୦୦ ବର୍ଷ ପ୍ରାଚୀନ ଏହି ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ସର୍କିଟହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି।

ଜିଲାପାଳ କହିଛନ୍ତି, ଏକ ପ୍ରାଚୀନ ମେଳଣ ଭାବେ ହରିରାଜପୁରର ଖ୍ୟାତିରହିଛି। ଏହାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ପରିଚାଳନା ସହ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇବାକୁ ପରାମର୍ଶ ଦେଇଥିଲେ। ଏସ୍‌ପି ପ୍ରତୀକ ସିଂ ମେଳାରେ ଶୃଙ୍ଖଳା ରକ୍ଷା ସହ ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଯାତ୍ରୀ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ମେଳଣ ପଡ଼ିଆକୁ ପରିଷ୍କାର ପରିଚ୍ଛନ୍ନ, ଅସ୍ଥାୟୀ ରହଣି ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଶିବିର, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଅଗ୍ନିଶମ ଅଧିକାରୀଙ୍କ ପରାମର୍ଶ ଅନୁସାରେ ଆକସ୍ମିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଫାୟାର ଗାଡ଼ିର ବ୍ୟବସ୍ଥା କରାଯିବ। ଅସ୍ଥାୟୀ ଦୋକାନ ନିର୍ମାଣ, ସମସ୍ତ ବ୍ୟବସାୟୀ ନିଜର ବ୍ୟକ୍ତିଗତ ଅଗ୍ନି ନିର୍ବାପକର ସର୍ବନିମ୍ନ ବ୍ୟବସ୍ଥା ରଖିବା, ପାନୀୟ ଜଳଯୋଗାଣ, ଜଳଉସଗୁଡ଼ିକ ବିଶୋଧନ, ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ପରିଚାଳନା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇପିଏସ୍ ପ୍ରୋବେଶନର ଅନଖା କେ. ବିଜୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ରାଜକିଶୋର ଜେନା, ଡିଏସ୍‌ପି ଦେବାଶିଷ ମିଶ୍ର, ଡେଲାଙ୍ଗ ବିଡିଓ ସମୀର ବେହେରା, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ମେଳଣ କମିଟିର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପଞ୍ଚୁଦୋଳ ମେଳଣ କମିଟିର ସମ୍ପାଦକ ପ୍ରସନ୍ନ କୁମାର ମହାରଥୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ପଞ୍ଚୁଦୋଳ ମେଳଣର ଐତିହ୍ୟ, ପରମ୍ପରା ଓ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ।



ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ଶ୍ୱେତଗଙ୍ଗାଠାରେ ସୁରକ୍ଷା ସହ ଅନ୍ୟ କାର୍ଯ୍ୟର ସମୀକ୍ଷା

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୨ରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ୩ ତାରିଖ ସନ୍ଧ୍ୟାରେ ପୁରୀରେ ପହଞ୍ଚି ରାତ୍ରିଯାପନ କରିବେ। ୪ରେ ପ୍ରଥମେ ଶ୍ୱେତଗଙ୍ଗା ଯାଇ ସେଠାରେ ପିଣ୍ଡଦାନ କରିବେ। ପିଣ୍ଡଦାନ ସମ୍ପନ୍ନ ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସୁରକ୍ଷା ବ୍ୟବସ୍ଥାଠାରୁ ଆରମ୍ଭ କରି ସମସ୍ତ ଦିଗ ଉପରେ ପୋଲିସ ପ୍ରଶାସନ ପକ୍ଷରୁ ନଜର ରଖାଯାଉଛି। ଏହି ପରିପ୍ରେକ୍ଷୀରେ ଆଣ୍ଟି ନକ୍ସଲ ଅପରେଶନ ଏଡିଜି ସଞ୍ଜୀବ କୁମାର ପଣ୍ଡା ପୁରୀ ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ଶ୍ୱେତଗଙ୍ଗା ପୁଷ୍କରିଣୀକୁ ଯାଇ ସେଠାରେ ପ୍ରଶାସନ ପକ୍ଷରୁ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରିବା ସହ ସୁରକ୍ଷା, ସିକ୍ୟୁରିଟି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ସମୟରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶ୍ୱେତଗଙ୍ଗା ପୁଷ୍କରିଣୀଠାରେ ଏଡିଜି ସଞ୍ଜୀବ କୁମାର ପଣ୍ଡା ସମୀକ୍ଷା କରୁଛନ୍ତି।

**ସଂକ୍ଷେପରେ**

## ଶ୍ରୀବିଗ୍ରହଙ୍କ ବନକଲାଗି ନୀତି ସମ୍ପନ୍ନ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି): ମାଘ ଶୁକ୍ଳପକ୍ଷ ଦଶମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପାଦନା କରିବା ନିମନ୍ତେ ଦତ୍ତମହାପାତ୍ର ସେବକମାନେ ସନ୍ଧ୍ୟା ୭ଟା ୧୫ରେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ରତ୍ନସଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ରାତି ପ୍ରାୟ ୯ଟା ୫୦ ବେଳକୁ ଠାକୁରଙ୍କର ବନକଲାଗି ନୀତି ସମ୍ପନ୍ନ କରି ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

## ଗୁଟ୍‌ଖା ବିକ୍ରି ନିଷିଦ୍ଧ ପରେ ପୁରୀରେ ଚଢ଼ାଉ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ଗୁଟ୍‌ଖାମୁକ୍ତ ଓଡ଼ିଶା ବିଜ୍ଞପ୍ତି ପରେ ପୁରୀ ତମାଖୁ ନିୟନ୍ତ୍ରଣ କମିଟି ପକ୍ଷରୁ ପୁରୀ ସହରର ବିଭିନ୍ନ ସ୍କୁଲ ଓ କଲେଜ ନିକଟ ୧୭ଟି ଦୋକାନରେ ଚଢ଼ାଉ କରାଯାଇ ଗୁଟ୍‌ଖା ଜବତ ଓ ଫାଇନ୍ କରାଯାଇଛି। କମିଟିର ପରାମର୍ଶଦାତା ଅନୀତା ଦାସଙ୍କ ସହ ଏହି ଚଢ଼ାଉରେ ଜିଲା ଡ୍ରଗ୍ ଇନ୍ସପେକ୍ଟର ହିତେନ୍ଦ୍ର ବେହେରା, ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, ଅବକାରୀ ବିଭାଗର କୃଷ୍ଣଚନ୍ଦ୍ର ବିନ୍ଧେରୀ ଓ ସନ୍ଦୀପ ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କମିଟିର ସଦସ୍ୟ ବଦ୍ରି ମିଶ୍ର କହିଛନ୍ତି, ଯଦି ସରକାର ପ୍ରକୃତରେ ଏକ କର୍କଟମୁକ୍ତ ଓଡ଼ିଶା ଚାହାନ୍ତି, ତେବେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ଓଡ଼ିଶା ପାଇଁ ଜବତ ଗୁଟ୍‌ଖା ପରୀକ୍ଷା ମେଶିନ ଓ ସର୍ବନିମ୍ନ ଫାଇନ୍‌ର ମୂଲ୍ୟବୃଦ୍ଧି ପାଇଁ କୋଟପା ଆଇନ ୨୦୦୩ର ବ୍ୟାପକ ସଂଶୋଧନ କରିବା ଆବଶ୍ୟକ।



ବଡ଼ଶଙ୍ଖ କ୍ଲବ ଶରଧାବାଲି ପକ୍ଷରୁ ପୁରୀ ଜଗନ୍ନାଥ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ଫେବୃଆରୀ ୩ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ପ୍ରସ୍ତାବିତ ପୁରୀ ଗସ୍ତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସର୍କିଟ୍ ହାଉସ୍‌ଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୩ ତାରିଖ ଅପରାହ୍ନରେ ରାଷ୍ଟ୍ରପତି ପୁରୀରେ ପହଞ୍ଚିବେ। ୪ ତାରିଖ ପ୍ରତ୍ୟୁଷରୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ ପରେ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସମସ୍ତ ବିଭାଗ ନିଜ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ସହ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଏସ୍‌ପି ପ୍ରତୀକ ସିଂ ଟ୍ରାଫିକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ୍ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିବା ସହ ପୂର୍ବ ସମୟର ରାଷ୍ଟ୍ରପତିଙ୍କ ଗସ୍ତର ଅଭିଜ୍ଞତା ଆଧାରରେ ଚଳିତ ଗସ୍ତକୁ ଆହୁରି ଭଲ ଭାବରେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ଆଲୋଚନା ପରେ ତାଳବଣିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀଙ୍କ ରହଣି ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ସୁରକ୍ଷା, ବ୍ୟାରିକେଡ୍ ଓ ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥା, ଶୌଚାଳୟ ଓ ପରିମଳ ବ୍ୟବସ୍ଥା, ଶ୍ୱେତଗଙ୍ଗାରେ ପିଣ୍ଡଦାନ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀବିଗ୍ରହଙ୍କ ଦର୍ଶନ ବ୍ୟବସ୍ଥା ଓ ୪ ତାରିଖରେ ଫେରିବା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଆଲୋଚନା କରାଯାଇଥିଲା।

ବୈଠକରେ ଆଇପିଏସ୍ ପ୍ରୋବେସନର ଏ. କେ. ବିଜୟ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ନୀତି ଉପପ୍ରଶାସକ ରଞ୍ଜନ କୁମାର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡ. ଅକ୍ଷୟ କୁମାର ଶତପଥୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ବୃକ୍ଷରୋପଣ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ଆୟୁର୍ବେଦିକ କଲେଜ ପରିସରରେ ଦେଶର ସାଧାରଣତନ୍ତ୍ର ମୂଲ୍ୟବୋଧକୁ ସ୍ମରଣ କରିବା ସହ ପରିବେଶ ସୁରକ୍ଷା ଓ ଆୟୁର୍ବେଦିକ ଚେତନା ପ୍ରସାରକୁ ଲକ୍ଷ୍ୟ କରି ବ୍ୟାପକ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ରହି ଔଷଧୀୟ ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ସାଧାରଣତନ୍ତ୍ର ଦିବସ କେବଳ ଉତ୍ସବ ନୁହେଁ, ଏହା ଆମକୁ ଦେଶ, ସମାଜ ଓ ପରିବେଶ ପ୍ରତି ଦାୟିତ୍ୱବୋଧ ଶିଖାଏ। ଆୟୁର୍ବେଦ ଓ ପ୍ରକୃତି ସହ ଆମର ଅତୁଟ ସମ୍ପର୍କ ରହିଛି, ତେଣୁ ଔଷଧୀୟ ବୃକ୍ଷରୋପଣ ଭଳି ପଦକ୍ଷେପ ଆଗାମୀ ପିଢ଼ି ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଜୁଆଣି, ବେଲ, ଅଁଳା, ଗଙ୍ଗଶିଉଳି, ଲେମନ୍ ଗ୍ରାସ, ଆଲୋଭେରା, ପଣସ ଓ ରୁଦ୍ରାକ୍ଷ ପରି ବିଭିନ୍ନ ପ୍ରକାର ଔଷଧୀୟ ଓ ଫଳଦାୟକ ଗଛ ରୋପଣ କରାଯାଇଥିଲା। ସମ୍ପର୍କ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସହ ଶୁଭ ପ୍ରସାଦ ଶର୍ମା, ଟି. ବାନାମ୍ବର ସେନାପତି, ବିଶ୍ୱଜିତ୍, ରାକେଶ ବାରିକ, ସୁପ୍ରୀତି ରଥଙ୍କ ସହିତ ଅନୁଷ୍ଠାନର ଅନ୍ୟାନ୍ୟ ସଦସ୍ୟ, ଛାତ୍ରୀଛାତ୍ର ଓ ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ନନ୍‌ଚାକୁ ଚାମ୍ପିୟନଶିପ୍ ପାଇଁ ପୁରୀରୁ ୮ ମନୋନୀତ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ସର୍ବଭାରତୀୟ ନନ୍‌ଚାକୁ ଚାମ୍ପିୟନଶିପ ଚଳିତମାସ ୩୦ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର କାନପୁର ଠାରେ ଅନୁଷ୍ଠିତ ହେବ। ଉକ୍ତ ଚାମ୍ପିୟନଶିପରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ଓଡ଼ିଶାରୁ ୧୯ ପ୍ରତିଯୋଗୀଙ୍କ ସହ ୩ଜଣ ଅଫିସିଆଲ୍, ଜଣେ ମାନେଜରଙ୍କ ସହ ସମୁଦାୟ ୨୩ ଜଣ ବୁଧବାର ଉତ୍ତରପ୍ରଦେଶ ଗସ୍ତ କରିଛନ୍ତି। ୧୯ ଜଣ ଖେଳାଳିଙ୍କ ମଧ୍ୟରେ ୮ ଜଣ ପ୍ରତିଯୋଗୀ ପୁରୀ ଉତ୍କଳ କରାଟେ ସ୍କୁଲର ଛାତ୍ର ରହିଛନ୍ତି। ଅଫିସିଆଲ୍ ସେନସାଇ ସୁବାସ ଚନ୍ଦ୍ର ଦଳାଇଙ୍କ ନେତୃତ୍ୱରେ ଶୁଭମ୍ ଦଳାଇ, ଓମ୍‌ସାଇ ପ୍ରସାଦ ବଳିଆରସିଂ, କୁର୍ନାଲ ପଟ୍ଟନାୟକ, କ୍ଷୀତିଜ କୁମାର ଯାଦବ, ଅଭ୍ୟର୍ଥନା ବରାଳ, ହରିହର ମହାପାତ୍ର, ମନୁଶ୍ରୀ ବରାଳ ଏବଂ ଆରାଧନା ନାୟକ ପୁରୀରୁ ଗସ୍ତ କରିଛନ୍ତି।

## ୨୦ ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ପ୍ରଦାନକଲେ ରାଜସ୍ୱ ମନ୍ତ୍ରୀ



ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜିଲା ସଂସ୍କୃତି ଭବନଠାରେ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସର ମୁଖ୍ୟଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ୧୪ ଭୂମିହୀନ ଓ ୨୦ଟି ଶିକ୍ଷାନୁଷ୍ଠାନକୁ ପଟ୍ଟା ବଣ୍ଟନ କରିଥିଲେ। ଜମିପଟ୍ଟା ପାଇଁ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଖୁସିବ୍ୟକ୍ତ କରିଥିଲେ। ପୁରୀର ପୁରାତନ ଶିକ୍ଷାନୁଷ୍ଠାନ ଜିଲା ସ୍କୁଲ ଓ ବିଶ୍ୱମ୍ଭର ବିଦ୍ୟାପୀଠ ସହ ପୁରୀ ତହସିଲ ଅଧୀନ ଅଠରଭାଗ ପ୍ରାଥମିକ ବିଦ୍ୟାଳୟ, କାଳିକା ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଜୟ ରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡିହସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, କରଡ଼ି ପ୍ରାଥମିକ ବିଦ୍ୟାଳୟ, ଢୋଲ ବିରଞ୍ଚିଦାଶପୁର ପ୍ରାଥମିକ ବିଦ୍ୟାଳୟ, ଅନ୍ତିକେରା ପ୍ରାଥମିକ ବିଦ୍ୟାଳୟ, ଆରିହଁ ପ୍ରାଥମିକ ବିଦ୍ୟାଳୟ, ରାମଚଣ୍ଡୀ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହରିହର ସଂସ୍କୃତ ବିଦ୍ୟାଳୟ, ସତ୍ୟବାଦୀ ତହସିଲର ଶ୍ରୀରାମଚନ୍ଦ୍ରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ, ଉତ୍ତନସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବଳପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ରାୟଚକ୍ରଧରପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟ, ବୀରରାମଚନ୍ଦ୍ରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ, ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଅଳଗୁମ ଓ ବ୍ରହ୍ମଗିରି ତହସିଲର ଅରଖକୁଦା ପଞ୍ଚାୟତ ହରିଜନ ଉଚ୍ଚ ବିଦ୍ୟାଳୟକୁ ମନ୍ତ୍ରୀ ପୂଜାରୀ ଜମିପଟ୍ଟା ବଣ୍ଟନ କରିଥିଲେ। ଜମିପଟ୍ଟା ପାଇ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର ଖୁସିବ୍ୟକ୍ତ କରିଥିଲେ। ପୁରାତନ ବିଦ୍ୟାଳୟ ଜିଲା ସ୍କୁଲର ଶିକ୍ଷକ ବିଦ୍ୟାଧର ମିଶ୍ର ସମସ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି ପଟ୍ଟା ପାଇଁ ରାଜସ୍ୱ ମନ୍ତ୍ରୀ ପୂଜାରୀ, ରାଜ୍ୟ ସରକାର ଓ ପ୍ରଶାସନକୁ ପ୍ରଶଂସା କରିଥିଲେ। ଏତେ ପୁରାତନ ଶିକ୍ଷାନୁଷ୍ଠାନ ଏପର୍ଯ୍ୟନ୍ତ ନିଜସ୍ୱ ଜମି ପଟ୍ଟା ପାଇ ନ ଥିବା ଜାଣି ମନ୍ତ୍ରୀ ପୂଜାରୀ ବିସ୍ମୟ ପ୍ରକାଶ କରିବା ସହ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜମି ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ତ୍ରିଲୋଚନପୁର ପାକ୍ସ ପରିଦର୍ଶନ

ପୁରୀ/କଣାସ,୨୮।୧
(ଅଜିତ୍ କୁମାର ମହାନ୍ତି/ବିଭୂତି ଭୂଷଣ ତ୍ରିପାଠୀ)

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କଣାସ ବ୍ଲକର ତ୍ରିଲୋଚନପୁର ପାକ୍ସ ପରିଦର୍ଶନ କରିଥିଲେ। ଧାନ ସଂଗ୍ରହର ବ୍ୟବସ୍ଥା ସମ୍ପର୍କରେ ପାକ୍ସ ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କୁ ପଚାରିଥିଲେ। ଉପସ୍ଥିତ ଚାଷୀଙ୍କ ସହ ଜିଲାପାଳ ସୁବିଧା ଅସୁବିଧା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଚାଷୀଙ୍କର ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ନ ହେବ ଓ ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନରେ ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ଡିଆର୍‌ସିଏସ୍ ସରୋଜିନୀ ଜେନା, ଯୋଗାଣ ନିରୀକ୍ଷକ ହେମନ୍ତ ପ୍ରଧାନ, ପାକ୍ସ ସମ୍ପାଦକ ବୈଦ୍ୟନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ତ୍ରିଲୋଚନପୁର ପାକ୍ସକୁ ଜିଲାପାଳ ପରଦର୍ଶନ କରି ସମୀକ୍ଷା କରୁଛନ୍ତି।

## ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍‌ରେ ଜିଲା ପ୍ରଶାସନ ବିଜୟୀ

ପୁରୀ,୨୮।୧(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ଠାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗଣମାଧ୍ୟମ ଏକାଦଶ ୮ ୱିକେଟ୍ ହରାଇ ୭୧ ରନ୍ କରିଥିବା ବେଳେ ପ୍ରଶାସନ ଏକାଦଶ ୩ ୱିକେଟ ହରାଇ ୭୨ ରନ୍ କରି ବିଜୟୀ ହୋଇଥିଲା। ପ୍ରଶାସନ ଏକାଦଶର ଅଧିନାୟକ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ୨୨ ରନ୍ କରି ବିଜୟର ମୁଖ୍ୟଦାୟିତ୍ୱ ନିର୍ବାହ କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଶାସନ ଏକାଦଶର ସୁକାନ୍ତ ପ୍ରଧାନ ୪୨ ରନ୍ କରି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ପ୍ରଶାସନ ଏକାଦଶ ପକ୍ଷରୁ ଲକ୍ଷ୍ମୀଧର ଦାସ ୧୨ ରନ୍ ଦେଇ ୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଭୋଇ ବିଜେତା ଟ୍ରଫି ଓ ଗଣମାଧ୍ୟମ ଏକାଦଶ ପକ୍ଷରୁ ଅକ୍ଷୟ ମିଶ୍ର ରନ୍‌ରଅପ୍ ଟ୍ରଫି ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଅନ୍ୟାନ୍ୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



# ୫ରୁ ସତ୍ୟବାଦୀ ମହୋତ୍ସବ

ସାକ୍ଷୀଗୋପାଳ,୨୮।୧(ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ମହୋତ୍ସବ ଚଳିତବର୍ଷ ଫେବୃଆରୀ ୫ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଚସଖା ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଏହି ମହୋତ୍ସବର ଆକର୍ଷଣୀୟ ଜ୍ୟୋତି ଯାତ୍ରା ୫ ତାରିଖ ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ମଙ୍ଗଳବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି ମହୋତ୍ସବକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସତ୍ୟବାଦୀ ମହୋତ୍ସବ ଏକ ଗୌରବମୟ ଉତ୍ସବ ଭାବେ ପଞ୍ଚସଖାଙ୍କ ସ୍ୱାଭିମାନ ମାଟିରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହି ମହୋତ୍ସବ ମାଧ୍ୟମରେ ଆମ ରାଜ୍ୟର ସମୃଦ୍ଧ କଳା ଓ ସାଂସ୍କୃତିକ ଚେତନାକୁ ଅଧିକ ଋଦ୍ଧିମନ୍ତ କରିବାର ପ୍ରୟାସ କରାଯାଉଛି ବୋଲି କହିବା ସହ ଏହାକୁ ସଫଳ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଜିଲାପାଳ ପରିଡ଼ା ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି ମହୋତ୍ସବକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ବିଶଦ ଆଲୋଚନା କରାଯାଇ ରାସ୍ତା ମରାମତି, ପାର୍କିଂ ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସଂସ୍କୃତି ବିଭାଗ ସହଯୋଗରେ ପ୍ରତି ସନ୍ଧ୍ୟାରେ ବିବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ। ଫେବୃଆରୀ ୬ରେ ରକ୍ତଦାନ ଶିବିର ଓ ୭ରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡ. ଅକ୍ଷୟ କୁମାର ଶତପଥୀ, ପୋଲିସ ଡିଏସ୍‌ପି ଦେବାଶିଷ ମିଶ୍ର, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ସତ୍ୟବାଦୀ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ଦୀପକ କୁମାର ଶତପଥୀ, ତ୍ରିଲୋଚନ ରଥ, ଭବାନୀ ନନ୍ଦ, ବଦ୍ରିନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟି ସଂଯୋଜକ ଜାନକୀ ବଲ୍ଲଭ ବରାଳ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ।



ବୈଠକରେ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ।

## ମୁକୁଳା କୂଅରେ ପଡ଼ି ଯୁବକ ମୃତ

ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼): ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ହରିଭାଇନା ଛକ ନିକଟରେ ବୁଧବାର ଏକ ମୁକୁଳା କୂଅରେ ପଡ଼ି ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଜଟଣୀ ଥାନା ଅଧୀନ ରାମଚନ୍ଦ୍ରପୁର ବଜାର ଅଞ୍ଚଳର ରାକେଶ ସାମଲ। ଖବର ପାଇ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଟଣୀ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୬) ରୁଜୁ କରି ତଦନ୍ତ ଜାରିରଖିଛି।

# ଜମୁଛି ଖଣ୍ଡଗିରି କୁମ୍ଭମେଳା

ଭୁବନେଶ୍ୱର,୨୮।୧(ସୌମ୍ୟରଞ୍ଜନ ରାଉତ): ପବିତ୍ର ଖଣ୍ଡଗିରି କୁମ୍ଭମେଳା ବୁଧବାର ଚତୁର୍ଥ ଦିବସରେ ପହଞ୍ଚିଛି। ଦିନେ ଯେତେ ଗଡ଼ୁଛି, ଜନଗହଳି ମଧ୍ୟ ସେତିକି ବଢ଼ିବାରେ ଲାଗିଛି। ସାଧୁସନ୍ଥଙ୍କ ଦର୍ଶନ ଲାଗି ଖଣ୍ଡଗିରି ପାହାଡ଼ ଉପରେ ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗୁଛି। ପ୍ରାତଃରୁ ହୋମଯଜ୍ଞ ଚାଲୁଥିବା ବେଳେ ସନ୍ଧ୍ୟାରୁ ରାତ୍ରି ପର୍ଯ୍ୟନ୍ତ ବେଦମନ୍ତ୍ର, ଜଣାଣ, ଭଜନ କୀର୍ତ୍ତନରେ ଖଣ୍ଡଗିରି ପରିବେଶ ପ୍ରକମ୍ପିତ ହେଉଛି। ଘଣ୍ଟ, ଘଣ୍ଟା, ମୃଦଙ୍ଗ ଓ ଶଙ୍ଖ ନାଦରେ ପରିବେଶକୁ ଆଧ୍ୟାତ୍ମିକତାରେ ଭରି ଦେଉଛି। ଏପଟେ ପାହାଡ଼ ପାଦଦେଶରେ ଚାଲିଥିବା ମେଳା ବି ସଭିଁଙ୍କୁ ଆକର୍ଷିତ କରୁଛି। ମେଳା ବୁଲା ସାଙ୍ଗକୁ ରାତିରେ ଯାତ୍ରା ଦେଖିବାକୁ ମଧ୍ୟ ଲୋକେ ଖଣ୍ଡଗିରି ମୁହାଁ ହେଉଛନ୍ତି। ତେବେ ଏହାରି ଭିତରେ ମେଳାରେ ଆଧ୍ୟାତ୍ମିକତାର ବର୍ତ୍ତା ଦେଉଥିବା ସାଧୁସନ୍ଥ, ସନ୍ନ୍ୟାସୀ ଓ ସନ୍ନ୍ୟାସିନୀଙ୍କ କାହାଣୀ ମଧ୍ୟ ନିଆରା ଅନୁଭୂତି ଦେଉଛି।


ଫଟୋ: ବିକାଶ ନାୟକ



## ଶିକ୍ଷକତାରୁ ସନ୍ନ୍ୟାସ, ସତ୍ୟ ପଥର ମାର୍ଗ ଦର୍ଶକ

ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିଲେ। ପରିବାରର ସମସ୍ୟା, ମନୋମାଳିନ୍ୟ, ବିଶୃଙ୍ଖଳା ତାଙ୍କୁ ବହୁତ କଷ୍ଟ ଦେବାରୁ ସେ ଆଧ୍ୟାତ୍ମିକ ମାର୍ଗକୁ ଆପଣେଇଛନ୍ତି। ସେ ୨୫ ବର୍ଷ ଧରି ସନ୍ନ୍ୟାସ ଜୀବନ ବିତାଉଛନ୍ତି। ସେ ହେଉଛନ୍ତି ପୁରୀରୁ ଆସିଥିବା ସ୍ୱାମୀ ଲକ୍ଷ୍ମୀଧର ପରମହଂସ। ସେ ଖଣ୍ଡଗିରି ମେଳାକୁ ଆରମ୍ଭରୁ ଆସୁଛନ୍ତି। ମେଳାରେ ଭଗବତ୍ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ସତ୍ୟ ପଥରେ ଯିବାକୁ ମାର୍ଗ ଦେଖାଉଛନ୍ତି।

## ୧୭ ବର୍ଷ ବୟସରୁ ମାତା

ମୁଣ୍ଡର ଜଟ ବଦଳାଇ ଦେଲା ଜୀବନ। ମାତ୍ର ୧୭ ବର୍ଷ ବୟସରୁ ମାତା ପାଲଟିଗଲେ ପଦ୍ମା। ନୟାଗଡ଼ ଜିଲା ଦଶପଲ୍ଲାର ମୂଳନିବାସୀ ପଦ୍ମା ବାପା-ମା'ଙ୍କର ୩ ପୁଅରେ ଗୋଟିଏ ଝିଅ ଥିଲେ। କେଶରେ ବାରମ୍ବାର ଜଟ ହେଲା। ତାଙ୍କ ପ୍ରତି ଈଶ୍ୱରଙ୍କର କିଛି ଭିନ୍ନ ଇଚ୍ଛା ଅଛି ବୋଲି ଭାବି ସେ ଆଧ୍ୟାତ୍ମିକ ମାର୍ଗକୁ ବାଛିଲେ। ପୁରୀ ଯାଇ ମହାଦେବଙ୍କ ଦୀକ୍ଷା ନେଲେ। ଆଉ ପାଲଟିଗଲେ ଆଧ୍ୟାତ୍ମିକ ମାତା। ଏବେ ସେ ପୁରୀର ଏକ ମଠରେ ରହୁଛନ୍ତି। ୩ ବର୍ଷ ହେଲା ଖଣ୍ଡଗିରି ମାଘ ମେଳାକୁ ଆସୁଛନ୍ତି। ତାଙ୍କ ପାଖରୁ ଆଶୀର୍ବାଦ ନେବାକୁ ପିଲାଠୁ ବୟସ୍କ ସମସ୍ତଙ୍କ ଭିଡ଼ ଜମୁଛି।

## ମଶାରୀ ଭିତରେ ବାବା

ମଶାରୀ ଭିତରେ ସାଧନା କରୁଛନ୍ତି ବାବା। ପ୍ରାୟ ୪୦ବର୍ଷ ଧରି ସେ ଏପରି ତପ କରୁଛନ୍ତି। ଏଭଳି ଜଣେ ଆଧ୍ୟାତ୍ମବାଦୀ ହେଲେ ଉତ୍ତରପ୍ରଦେଶରୁ ଆସିଥିବା ବାବା ବଳରାମ ଦାଶ। ତାଙ୍କର କହିବା ମୁତାବକ, ସେ ଜଣେ ସ୍ୱତନ୍ତ୍ର ମଣିଷ। ସଂସାର, ଦୁନିଆରୁ ପୂରା ଅଲଗା ରହୁଛନ୍ତି। ମଣିଷଠାରୁ ଦୂରେଇ ରହିବାକୁ ମଶାରୀ ଭିତରେ ରହୁଛନ୍ତି।





## ପ୍ରେମରେ ବିଫଳ, ଚାକିରି ଛାଡ଼ି ସନ୍ନ୍ୟାସ

ପ୍ରେମରେ ବିଫଳତା ଜଣେ ଯୁବକଙ୍କ ଜୀବନକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଦେଇଛି। ପିଲାବେଳୁ ଈଶ୍ୱର ଓ ଆଧ୍ୟାତ୍ମିକ ମାର୍ଗରେ ଥିଲେ। ଭଲ ପାଠ ବି ପଢ଼ୁଥିଲେ। ରେଲ୍ୱେ ଚାକିରି ବି କରିଥିଲେ। ହେଲେ ସମୟକ୍ରମେ ଜଣେ ଯୁବତୀଙ୍କ ଗଭୀର ପ୍ରେମରେ ପଡ଼ିଯାଇଥିଲେ। କିନ୍ତୁ ପ୍ରେମରେ ବିଫଳ ହେବା ପରେ ସେ ଚାକିରି ଛାଡି ଆଧ୍ୟାତ୍ମିକ ମାର୍ଗକୁ ବାଛିଲେ, ଆଉ ହୋଇଗଲେ ସନ୍ନ୍ୟାସ। ସେ ହେଉଛନ୍ତି ବାବା ପଞ୍ଚାୟତି ନିରଞ୍ଜନ ଆଖଡ଼ା। ଦୀର୍ଘ ୪୦ ବର୍ଷ ଧରି ସନ୍ନ୍ୟାସ ଜୀବନରୁ ଶାନ୍ତି ପାଉଥିବାବେଳେ ପ୍ରତିବର୍ଷ ଖଣ୍ଡଗିରି କୁମ୍ଭମେଳାକୁ ଆସୁଥିବା କହିଛନ୍ତି। ଏଥିସହ ସେ ବିଭିନ୍ନ ଅଧ୍ୟାତ୍ମିକ ମେଳା, ମହୋତ୍ସବକୁ ଯାଇଥାନ୍ତି। ମେଳା ନ ଥିବା ସମୟରେ ପୁରୀ ଗୁରୁ ଆଶ୍ରମ ଲଙ୍ଗୁଳି ମଠରେ ରୁହନ୍ତି।

## ନାଏବ ସରପଞ୍ଚଙ୍କୁ ହତ୍ୟା ଧମକ, ଥାନାରେ ମାମଲା

ବାଲକାଟୀ, ୨୮।୧(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନମଣ୍ଡଳୀ ପ୍ରତାପଶାସନ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ପବିତ୍ର ବେହେରା ନାଏବ ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ବାଲିଅନ୍ତା ପୋଲିସ ଥାନାରେ ମାମଲା (ନଂ. ୪୭/୨୬) ରୁଜୁ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗକାରୀ ତଥା ନାଏବ ସରପଞ୍ଚ ଅରୁଣ କୁମାର ସାହୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ୧୦ ଜଣ ୱାର୍ଡ ସଭ୍ୟ ବୁଧବାର ଧଉଳିରେ ଏକ ଖବରଦାତା ସମ୍ମିଳନୀ କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।
ଅଭିଯୋଗ ଅନୁଯାୟୀ, ଅରୁଣ କୌଣସି କାରଣକୁ ନେଇ ଜାନୁଆରୀ ୨୩ ତାରିଖ ରାତି ପ୍ରାୟ ୧୦ଟା ୪୦ରେ ସରପଞ୍ଚଙ୍କ ସ୍ୱାମୀ ପବିତ୍ର ବେହେରାଙ୍କୁ ଫୋନ କରିଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପବିତ୍ର ଉତ୍କ୍ଷିପ୍ତ ହୋଇ ଅରୁଣଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଅରୁଣ ବାଲକାଟୀ ଫାଣ୍ଡିରେ ୨୪ ତାରିଖରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନିଏ, ତେବେ ଖୁବ୍ ଶୀଘ୍ର ଭୁବନେଶ୍ୱର ଡିସିପିଙ୍କୁ ଅଭିଯୋଗ କରାଯିବ ବୋଲି ଉପସ୍ଥିତ ୧୦ ଜଣ ୱାର୍ଡସଭ୍ୟଙ୍କୁ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁଣ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପବିତ୍ର ବେହେରାଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ଏବଂ ଏହା ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି।

## ମନମୋହିଲା କୁନି ପିଲାଙ୍କ ମଙ୍ଗଳାଚରଣ, ଛଉନୃତ୍ୟ



ଅନୁଷ୍ଠାନର କୁନି ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ସାଇ ୱାନ୍‌ନେସ୍‌ର ଦ୍ୱିତୀୟ କଳା ଉତ୍ସବ

ଭୁବନେଶ୍ୱର,୨୮।୧ (ସୌମ୍ୟରଞ୍ଜନ ରାଉତ)

ସାଇ ୱାନ୍‌ନେସ୍ ପକ୍ଷରୁ ଦ୍ୱିତୀୟ କଳା ଉତ୍ସବ ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରୋଜାଲିନ ପାଟ୍ଟଶାଣୀ ମିଶ୍ର ଓ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ନିତୁ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ମାଆମାନଙ୍କୁ ନେଇ ଏକ ଫେଶନ୍ ଶୋ' ହେବା ସହ ସେମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମରେ କୁନିକୁନି ଶିଳ୍ପୀମାନେ ଓଡ଼ିଶୀରେ ମଙ୍ଗଳାଚରଣ ଓ ଛଉନୃତ୍ୟ ପରିବେଷଣ କରିଥିଲେ। ଏଥିସହ ମହାତ୍ମା ଗାନ୍ଧୀଙ୍କ ଜୀବନୀକୁ ନେଇ ଏକ ସୁନ୍ଦର ନୃତ୍ୟ ନାଟିକା ପରିବେଷଣ କରିଥିଲେ, ଯାହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଇଂ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା ଓ ସମ୍ପାଦକ ପ୍ରକୃତି ପ୍ରସନ୍ନ ପଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଚାକିରି ଆବେଦନରେ ତୃତୀୟ ଲିଙ୍ଗ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରଖ: ଓଏଚ୍‌ଆରସି

ଭୁବନେଶ୍ୱର,୨୮।୧(ତ୍ରିନାଥ ମହାନ୍ତି)

- ୬୦ ଦିନ ମଧ୍ୟରେ କାର୍ଯ୍ୟ କରିବାକୁ ସାଧାରଣ ପ୍ରଶାସନ ବିଭାଗକୁ ଆଦେଶ
- ସବୁ ନିଯୁକ୍ତି ବୋର୍ଡ, ଓପିଏସ୍‌ସି ସମେତ ଅନ୍ୟାନ୍ୟ ସଂସ୍ଥାକୁ ନିର୍ଦ୍ଦେଶ ଦେବାକୁ ପରାମର୍ଶ
- ଚାକିରି କ୍ଷେତ୍ରରେ ଶତକଡା ୧ ଭାଗ ସେମାନଙ୍କ ପାଇଁ ସଂରକ୍ଷଣ ରହିବ

ସରକାରୀ ଚାକିରି ଆବେଦନରେ ତୃତୀୟ ଲିଙ୍ଗ(ଟ୍ରାନ୍ସଜେଣ୍ଡର)ଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବା ବର୍ଗ ରଖିବାକୁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ର ନିୟମାବଳୀ ଅନୁସାରେ ସର୍ବ ସାଧାରଣ ସେବାରେ ନିଯୁକ୍ତି ନିମନ୍ତେ ତୃତୀୟ ଲିଙ୍ଗ ବ୍ୟକ୍ତି ବିଶେଷଙ୍କ ପାଇଁ ଏକ ସ୍ୱତନ୍ତ୍ର ଲିଙ୍ଗ ଗତ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ମାନବିକ ଅଧିକାର କମିଶନ ପକ୍ଷରୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୬୦ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଧାରଣ ପ୍ରଶାସନ ବିଭାଗ ଏବଂ ସାମାଜିକ ସୁରକ୍ଷା ବିଭାଗକୁ ରାଜ୍ୟ ମାନବିକ ଅଧିକାର କମଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କୁ ନେଇ ଜଣିକିଆ ପୀଠ ଏହି ଆଦେଶ ଦେଇଛନ୍ତି।
ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି)ରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। କିନ୍ତୁ ସେଥିରେ ତୃତୀୟ ଲିଙ୍ଗର ବ୍ୟକ୍ତି ବିଶେଷ ଆବେଦନ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଏଥିନିମନ୍ତେ ଅନ୍‌ଲାଇନରେ ପଞ୍ଜିକରଣ କରିବା ଅଧିକାରରୁ ବଞ୍ଚିତ ହୋଇ ସୋନି ଶିଲ୍ ନାମକ ଜଣେ କିନ୍ନର ମାନବିକ ଅଧିକାର କମିଶନରେ ଗତ ୨୨ତାରିଖରେ ଅଭିଯୋଗ କରିଥିଲେ। ସୋନି ଗୋଟିଏ ସ୍ୱତନ୍ତ୍ର ଲିଙ୍ଗ ଭାବେ ଆବେଦନ କରି ନ ପାରି ତାଙ୍କର ପେଷାଗତ ଅଧିକାର ଓ ଲିଙ୍ଗ ଗତ ଅଧିକାରରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ତାଙ୍କ ଆବେଦନକୁ ବିଚାର କରି ଏବଂ ସୁପ୍ରିକୋର୍ଟଙ୍କ ଆଦେଶ ତଥା ଟ୍ରାନ୍ସଜେଣ୍ଡର ସୁରକ୍ଷା ଆଇନ ୨୦୧୯ର ବିଭିନ୍ନ ଆଇନଗତ ବ୍ୟବସ୍ଥାକୁ କମିଶନ ତର୍ଜମା କରି ସର୍ବସଧାରଣ ସେବା କ୍ଷେତ୍ରରେ ଟ୍ରାନ୍ସଜେଣ୍ଡାରମାନେ ଏକ ସ୍ୱତନ୍ତ୍ର ଲିଙ୍ଗ ଭାବେ ଯୋଗ ଦେବାର ହକ୍‌ଦାର ବୋଲି ରାୟ ଦେବା ସହ ସେମାନେ ମଧ୍ୟ ପୁରୁଷ, ମହିଳାଙ୍କ ଭଳି ଅନ୍ୟ ଏକ ସ୍ୱତନ୍ତ୍ର ଲିଙ୍ଗଗତ ଭାବେ ଆବେଦନ କରିପାରିବା ପାଇଁ ବ୍ୟବସ୍ଥା କରିବା ଲାଗି କମିଶନ ଆଦେଶ ଦେଇଛନ୍ତି। ଏଥି ସହ ଚାକିରି କ୍ଷେତ୍ରରେ ଶତକଡ଼ା ଏକ ଭାଗ ସେମାନଙ୍କ ପାଇଁ ସଂରକ୍ଷଣ ରଖିବା ପାଇଁ ମଧ୍ୟ କମିଶନ ଆଦେଶ ଦେଇଛନ୍ତି। ଆଗାମୀ ଓପିଏସସି ପରୀକ୍ଷା ପାଇଁ ସୋନିଙ୍କ ଭଳି ଟ୍ରାନ୍ସଜେଣ୍ଡର୍ ଲିଙ୍ଗର ବ୍ୟକ୍ତି ବିଶେଷଙ୍କୁ ଆବେଦନ ପାଇଁ ଆହୁରି ପନ୍ଦର ଦିନ ସମୟ ଦେବା ପାଇଁ କମିଶନ ଆଦେଶ ଦେଇଛନ୍ତି। କମିଶନଙ୍କ ଏହି ଆଦେଶ ରାଜ୍ୟର କିନ୍ନରମାନଙ୍କ ସର୍ବସାଧାରଣ କ୍ଷେତ୍ରରେ ନିଯୁକ୍ତି ଦିଗରେ ଏକ ମାଇଲ ଖୁଣ୍ଟ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## ଅମ୍ରିତ୍ ଋତୁରାଜଙ୍କ ଉପନ୍ୟାସ 'ପାର୍ଶ୍ୱସ୍ରୋତ' ଉନ୍ମୋଚିତ



ଉପନ୍ୟାସ 'ପାର୍ଶ୍ୱସ୍ରୋତ' ଉନ୍ମୋଚନ ଉତ୍ସବରେ ଲେଖକ ତଥା ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜଙ୍କ ସହ ଅତିଥି।

ଭୁବନେଶ୍ୱର,୨୮।୧(ସୌମ୍ୟରଞ୍ଜନ ରାଉତ)

ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜଙ୍କ ପ୍ରଥମ ଉପନ୍ୟାସ ତଥା କୁଟିଆ କନ୍ଧମାନଙ୍କ ଜୀବନୀ ଆଧାରିତ 'ପାର୍ଶ୍ୱସ୍ରୋତ' ବୁଧବାର ବୁଦ୍ଧ ମନ୍ଦିର ଅଡିଟୋରିୟମଠାରେ ଉନ୍ମୋଚନ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଔପନ୍ୟାସିକା ସରୋଜିନୀ ସାହୁ, ସାହିତ୍ୟିକ ଅଜୟ ସ୍ୱାଇଁ, ପୁସ୍ତକର ପ୍ରକାଶକ ଆଦିତ୍ୟ ଭାରତର ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ, କଥାଶିଳ୍ପୀ ଚିରଶ୍ରୀ ଇନ୍ଦରସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କହିଲେ, ଉପନ୍ୟାସରେ କୁଟିଆ କନ୍ଧଙ୍କ ଜୀବନୀ ଓ ସଂସ୍କୃତି ଉପରେ ସ୍ୱତନ୍ତ୍ର ଆଲେଖ୍ୟ ରହିଛି। ସେମାନଙ୍କ ଉଚ୍ଚ ପରମ୍ପରା, ପ୍ରଥା, ସେମାନଙ୍କ ଜୀବିକା ଉପାର୍ଜନକୁ ବିଭିନ୍ନ ପ୍ରାମାଣିକ ଉପସ୍ଥାପନା ମାଧ୍ୟମରେ ପାଠକମାନଙ୍କୁ ଋତୁରାଜ ଭେଟି ଦେଇଛନ୍ତି। ବିରଳ ପ୍ରାୟ ଏହି ଜନଜାତିଙ୍କୁ ମୁଖ୍ୟସ୍ରୋତ ନୁହେଁ, ବରଂ ନିଜସହ ଅର୍ଥାତ୍ ନିଜ ପାର୍ଶ୍ୱରେ ନେଇ ଆଗକୁ ବଢ଼େଇବାର ପ୍ରୟାସ ଏହି ପୁସ୍ତକରେ ଉଲ୍ଲେଖ ରହିଛି। ପ୍ରକୃତି ସହ ନିବିଡ଼ ଆତ୍ମୀୟତା, ବିଶ୍ୱାସ ଓ ଆଧୁନିକ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଅବତାରଣା କରାଯାଇଛି। ଏହା ପାଠକମାନଙ୍କ ଆଦୃତି ସହ ଜନଜାତିଙ୍କ ଉପରେ ଗବେଷଣା କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ତଥ୍ୟ ରହିଛି ବୋଲି ମତ ପ୍ରକାଶ ପାଇଛି। ସେହିପରି ପ୍ରଶାସନିକ କାର୍ଯ୍ୟରୁ ସମୟ ବାହାର କରି ଏହି ଅଞ୍ଚଳର ଜନଜାତିମାନଙ୍କ ସହ ବିତିଥିବା ସମୟର ଅନୁଭବ ଓ ଅନୁଭୂତି ସମ୍ପର୍କରେ ଔପନ୍ୟାସିକ ଋତୁରାଜ ମତବ୍ୟକ୍ତ କରିଥିଲେ।

## ଭୀମେଶ୍ୱର ମନ୍ଦିରରେ ନବଗୁଞ୍ଜରଙ୍କ ପ୍ରାଣପ୍ରତିଷ୍ଠା

ପୁରୁଣା ଭୁବନେଶ୍ୱର,୨୮।୧(ସୁବାଷ ଚନ୍ଦ୍ର ପ୍ରଧାନ)



ଭୀମଟାଙ୍ଗିସ୍ଥିତ ଭୀମେଶ୍ୱର ମନ୍ଦିରରେ ନବଗୁଞ୍ଜରଙ୍କ ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ଆୟୋଜିତ ଯଜ୍ଞରେ ଶଶୀନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। କର୍ତ୍ତା ଭାବେ ଡ. ସୁଖିରାମ ମାନସିଂ ଏବଂ କର୍ତ୍ତୀ ଭାବେ ଡ.ତେଜାଲିନ ମାନସିଂ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକ ଦିବଂଗତ ଦଣ୍ଡପାଣି ମିଶ୍ର ଏହି ନବଗୁଞ୍ଜର ପ୍ରତୀକୃତିକୁ ଭୀମେଶ୍ୱର ମନ୍ଦିର ପରିସରରେ ସ୍ଥାପନ କରିବା ନେଇ ପରିକଳ୍ପନା କରିଥିଲେ। ତାଙ୍କର ସ୍ୱପ୍ନ ସାକାର ହୋଇଛି ବୋଲି ଭୀମେଶ୍ୱର ମନ୍ଦିର ସମିତି ସଭାପତି ମାନସ ପଟ୍ଟନାୟକ କହିଛନ୍ତି। ସେହିପରି ସମିତି ସମ୍ପାଦକ ପଦ୍ମନାଭ ଷଡ଼ଙ୍ଗୀ କୁହନ୍ତି, ଅର୍ଜୁନ ଖାଣ୍ଡବ ବନଦହନ କରିବା ବେଳେ ବାସୁକୀ ନାଗଙ୍କ ସହଧର୍ମିଣୀ ଭୟଭୀତ ହୋଇଯାଇଥିଲେ। ସେ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହୋଇଥିଲେ। ଭଗବାନ ବିଷ୍ଣୁ ସେତେବେଳେ ଏହି ନବଗୁଞ୍ଜର ରୂପଧରି ଅର୍ଜୁନଙ୍କ ପାଖକୁ ଯାଇଥିଲେ। ଯାହାର ଲାଞ୍ଜ ନାଗ, ବୃଷଭ ଏବଂ କୁକୁଡ଼ା ଚୂଡ଼ ମୟୂର ଅଣ୍ଟ, ସୁଦର୍ଶନ ଚକ୍ର, ଅଶ୍ୱ ଏବଂ ସିଂହର ପାଦ, ହାତୀର ପାହୁଣ୍ଡ ଏବଂ ମଣିଷର ହାତ ଏହିଭଳି ନଅଟି ରୂପରେ ସେ ନବଗୁଞ୍ଜର ଭାବେ ନାମିତ ହୋଇଥିଲେ। ସେହିପରି ସ୍ଥାନୀୟ କର୍ପୋରେଟର ଶିବସୁନ୍ଦର ରାୟ କୁହନ୍ତି, ନୀଳଚକ୍ରରେ ନବଗୁଞ୍ଜର ରହିଥିବା ବେଳେ ଓଡ଼ିଶାର ଅନ୍ୟ ଆଉ କେଉଁ ମନ୍ଦିରରେ ନବଗୁଞ୍ଜର ନ ଥିବା ଜଣାଯାଏ। ଶଙ୍କର ମହାପାତ୍ର ଏବଂ ଉପେନ୍ଦ୍ର ବରାଳଙ୍କ ସହ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଖାଦ୍ୟ ଅପଚୟ ରୋକିବ ଏଆଇ ଆପ୍

ଭୁବନେଶ୍ୱର, ୨୮।୧(ଅନୁରାଧା ମହାରଣା)



କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ସେଭ୍‌ଫୁଲ୍‌ର ସିଇଓ କିମ୍ ମ୍ୟାକ୍‌ଡୋନାଲ୍ଡଙ୍କ ସହ ଅନ୍ୟମାନେ।

### ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଓ ସେଭ୍‌ଫୁଲ୍ ମଧ୍ୟରେ ଚୁକ୍ତି

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଅଷ୍ଟ୍ରେଲୀୟ ଫୁଡ୍-ଟେକ୍ ପ୍ଲାଟଫର୍ମ 'ସେଭ୍‌ଫୁଲ' ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ଘୋଷଣା କରିଛି। ଏହି ସହଭାଗିତା ମାଧ୍ୟମରେ 'ସେଭଫୁଲ' ଭାରତୀୟ ବଜାରରେ ପ୍ରବେଶ କରିଥିବାବେଳେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏହି ଅଭିଯାନର ଜାତୀୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି ପରିପ୍ରେକ୍ଷୀରେ ଭାରତୀୟ ଖାଦ୍ୟ ଶୈଳୀ ଓ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ୍ ଆପ୍ ବିକଶିତ କରାଯାଇଛି। ଅଷ୍ଟ୍ରେଲିଆରେ ଏହି ଆପ୍ ମାଧ୍ୟମରେ ୪୧ହଜାରରୁ ଅଧିକ ଲୋକ ପ୍ରାୟ ୬୩% ଖାଦ୍ୟ ନଷ୍ଟ ହେବାରୁ ରକ୍ଷା କରିପାରିଛନ୍ତି। ବର୍ତ୍ତମାନ ଏହା ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର 'ଜିରୋ ୱେଷ୍ଟ କ୍ୟାମ୍ପସ' ଅଭିଯାନର ଏକ ଅଂଶ ହେବ। ଏହା ଛାତ୍ରୀଛାତ୍ର ଓ ସ୍ଥାନୀୟ ସମୁଦାୟକୁ ରୋଷେଇ ଘରର ବଳକା ସାମଗ୍ରୀକୁ ଠିକ୍ ଭାବେ ବ୍ୟବହାର କରିବାରେ ସାହାଯ୍ୟ କରିବ। ସ୍ଥାନୀୟ ପ୍ରେସ୍ କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଏନେଇ ସୂଚନା ଦେଇଛନ୍ତି। ସେଭ୍‌ଫୁଲ୍‌ର ସିଇଓ କିମ୍ ମ୍ୟାକ୍‌ଡୋନାଲ୍ଡ କହିଛନ୍ତି, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସାମାଜିକ ପରିବର୍ତ୍ତନ ଧାରାକୁ ଦେଖି ଆମେ ସେମାନଙ୍କୁ ଭାରତରେ ଆମର ପ୍ରଥମ ସହଯୋଗୀ ଭାବେ ଚୟନ କରିଛୁ। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସଞ୍ଜୀବ କୁମାର ଦାସ, ସନ୍ଦୀପ କୁମାର ଏବଂ ସେମାନଙ୍କ ଟିମ୍ ମିଳିତ ଭାବେ ଏହି ଆପ୍‌ର ବିକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ର, ପ୍ରୋ-ଭାଇସ ଚାନ୍ସେଲର ଡ. ଅଜୟ କୁମାର ନାୟକ, ପ୍ରଫେସର ବିଶ୍ୱଜିତ ମିଶ୍ର, ଅଷ୍ଟ୍ରେଲିଆର ନର୍ସିଂ ପ୍ରଫେଶନାଲ ମାର୍କ ହେଲଡ, ଥ୍ୟାଙ୍କଫୁଲ୍ ଫାଉଣ୍ଡେଶନର ସହ-ପ୍ରତିଷ୍ଠାତା ମାଇକ ଟ୍ୟୁଟର ଏବଂ ଡିନ ଡ. ସଂଗ୍ରାମ କେଶରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଛାତ୍ରୀଛାତ୍ର ଭଲ ପାଠ ପଢ଼ନ୍ତୁ, ଚେଷ୍ଟା ଜାରି ରଖନ୍ତୁ’

## ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୭ତମ ସାମ୍ବତ୍ସରିକ ଉତ୍ସବ


ବିଧାୟକ ପ୍ରଶାନ୍ତ ଜଗଦେବ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ପ୍ରାଣନାଥ ସମ୍ମାନ ପ୍ରଦାନ କରୁଛନ୍ତି।

■ କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ପ୍ରାଣନାଥ ସମ୍ମାନ

■ ଦାସ ବେନହୁରଙ୍କୁ ମଞ୍ଜରୀ ଦେବୀ ସାହିତ୍ୟ ସମ୍ମାନ

ଖୋର୍ଦ୍ଧା, ୨୮।୧ (ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୭ତମ ସାମ୍ବତ୍ସରିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ପ୍ରାଣନାଥଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ଓ ଉତ୍ସର୍ଗୀକୃତ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ଗଠନର ସ୍ୱପ୍ନ ପୂରଣ ଦିଗରେ ଯୁବସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରୀଛାତ୍ରମାନେ ଭଲ ପାଠପଢ଼ି ପ୍ରଗତି ପଥରେ ଆଗକୁ ବଢ଼ିବାକୁ ସେ ଆହ୍ୱାନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥଙ୍କ ନାମରେ ନାମିତ ଏହି ମହାବିଦ୍ୟାଳୟର ଗୌରବ ଅକ୍ଷୁଣ୍ଣ ରଖିବାକୁ ମୁଖ୍ୟବକ୍ତା ତଥା ଜିଲାପାଳ ଅମ୍ରିତ୍ ଋତୁରାଜ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଣନାଥ ଶିକ୍ଷାର ଯେଉଁ ଚାରା ଲଗାଇଥିଲେ, ତାହା ଆଜି ଏକ ବିଶାଳ କଳ୍ପବଟ ଭାବେ ଦଣ୍ଡାୟମାନ ହୋଇ ଦେଶର ଭବିଷ୍ୟତ ନିର୍ମାଣ ଗଢ଼ିଚାଲିଛି। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଜିଲାପାଳ କହିଥିଲେ। ସମ୍ମାନିତ ବକ୍ତା ତଥା ଓଡ଼ିଶା ଭାସ୍କର ସମ୍ପାଦକ ପ୍ରଦୋଷ ପଟ୍ଟନାୟକ କହିଲେ, ୧୯୫୮ରେ ଆଜିର ଦିନରେ କଲେଜ ସ୍ଥାପନ ହୋଇଥିବା ବେଳେ ୧୯୬୯ରେ ପାଠପଢ଼ା ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଲେ, କେବଳ ଭଲ ମାର୍କ ରଖିବା ପାଇଁ ପାଠ ପଢ଼ିଲେ ହେବନି, ବରଂ ଗବେଷଣାତ୍ମକ ମନୋଭାବ, ଜିଜ୍ଞାସା ରଖିବା ଉଚିତ। ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକ ତଥା ଏସ୍‌ସିଏସ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଜିତେନ୍ଦ୍ର ନାରାୟଣ ଦାସ (ଦାସ ବେନହୁର) କହିଲେ, ଦେଶର ଏକ ପ୍ରମୁଖ ସମ୍ବଳ ହେଉଛି ଯୁବସମାଜ। ତେଣୁ ଯୁବପିଢ଼ିଙ୍କଠାରୁ ଦେଶ ବହୁତ କିଛି ଆଶା ରଖିଛି। ଶିକ୍ଷାର ପ୍ରଗତି ପାଇଁ ପ୍ରାଣନାଥ ଦେଖିଥିବା ସ୍ୱପ୍ନକୁ ସାକାର କରିବା ସମସ୍ତଙ୍କ ଉତ୍ତରଦାୟିତ୍ୱ। ଉତ୍ତମ ଛାତ୍ର ନିର୍ମାଣ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ସଭାପତିତ୍ୱ ଭାଷଣରେ ମିତ୍ର କହିଲେ, ସମସ୍ତ ଭିତ୍ତିଭୂମି ଥାଇ ମଧ ଏହି ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ହୋଇ ନ ପାରିବା କ୍ଷୋଭର ବିଷୟ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ସ୍ୱାଗତ ଭାଷଣରେ ମହାବିଦ୍ୟାଳୟର ଗୌରବମୟ ଇତିହାସ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷ ଡ. ପ୍ରତାପ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ପ୍ରାଣନାଥ ସମ୍ମାନ ଏବଂ ସାହିତ୍ୟିକ ଦାସ ବେନହୁରଙ୍କୁ ମଞ୍ଜରୀ ଦେବୀ ସମ୍ମାନରେ ସମ୍ମାନିତ କରାଯାଇଛି। ପରମ୍ପରା ଅନୁଯାୟୀ, କଲେଜର ପୂର୍ବତନ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଉପାଧ୍ୟକ୍ଷ ଡ. ପ୍ରଣବ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ସଂସଦର ୮ ଜଣ ପୂର୍ବତନ ଛାତ୍ର, ବରିଷ୍ଠ ସିନେ ସାମ୍ବାଦିକ ଦିଲୀପ ହାଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ କଳା, ବିଜ୍ଞାନ ଓ ବାଣିଜ୍ୟରେ ଶ୍ରେଷ୍ଠ ସ୍ନାତକମାନଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ, ମହାବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର, ବିଭିନ୍ନ ବିଭାଗର ଟପ୍ପରମାନଙ୍କୁ ପୁରସ୍କୃତ କରାଯାଇଛି। ୨୫ ବର୍ଷ ଧରି ସେବା ଯୋଗାଇଆସୁଥିବା ୨୫ ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ୍, ପୂର୍ବତନ ଛାତ୍ର, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ‘ପିଲାଙ୍କୁ ଉତ୍ତମ ସଂସ୍କାର ଦିଅ’



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଖୋର୍ଦ୍ଧା, ୨୮।୧ (ପ୍ରଭାତ ପାଣିଗ୍ରାହୀ)

## ହିନ୍ଦୁ ଏକତା ମହାଯଜ୍ଞ ଓ ସମ୍ମିଳନୀ

ଖୋର୍ଦ୍ଧା ଉପକଣ୍ଠ ଗଡ଼ହଳଦିଆ ନିକଟ ଭଗବାନପୁର (କୁଆପୁଟ) ମା’ ମଙ୍ଗଳାଙ୍କ ପୀଠରେ ମଙ୍ଗଳବାର ସମଗ୍ର ହିନ୍ଦୁ ସମାଜ ଆନୁକୂଲ୍ୟରେ ହିନ୍ଦୁ ଏକତା ମହାଯଜ୍ଞ ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମା’ଙ୍କ ପୀଠରେ ମହାଯଜ୍ଞ ସହ ହନୁମାନ ଚାଳିଶା ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର, ବେଦପାଠ କରାଯାଇଥିଲା। ସେନା ନିବୃତ୍ତ ଅଧିକାରୀ ସମରେନ୍ଦ୍ର ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ ସେନା ଅଧିକାରୀ କର୍ଣ୍ଣେଲ ଡା. ଶରତ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ଆର୍‌ଏସ୍‌ଏସ୍ ଜିଲା ପ୍ରଚାରକ ରାଜେଶ୍ୱର ରାଉତ ମୁଖ୍ୟବକ୍ତା, ପ୍ରଫେସର ଅଶୋକ ନନ୍ଦ, ଶିକ୍ଷାବିତ୍ ପୁରୁଷୋତ୍ତମ ମିଶ୍ର, ରାମଚନ୍ଦ୍ର ମିଶ୍ର, ଗୁଣନିଧି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସାହୁ ମଞ୍ଚ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ରାଉତ ପଞ୍ଚ ପରିବର୍ତ୍ତନ ଓ ସ୍ୱଦେଶୀ ବିଚାର, ରାଷ୍ଟ୍ର ନିର୍ମାଣରେ ପରିବାର ଏବଂ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। କାହାଣୀ ମାଧ୍ୟମରେ ପିଲାଙ୍କ ମନରେ ଆତ୍ମବିଶ୍ୱାସ ଭରିବା ସହ ପରିବାରରେ ସଂସ୍କୃତି, ପରମ୍ପରା ବଜାୟ ରଖିବାକୁ କହିଥିଲେ। ପିଲାଙ୍କୁ ପାଠପଢା ସହ ଉତ୍ତମ ସଂସ୍କାର, ନିଜ ସଂସ୍କୃତି ସହ ପରିଚୟ କରାଇବା ଦାୟିତ୍ୱ ପିତାମାତାଙ୍କର ରହିଛି। ପରିବାରରେ ଏକତ୍ୱ ଭାବ, ଭାବର ଆଦାନପ୍ରଦାନ ସହ ସାହିପଡ଼ିଶାରେ ଉତ୍ତମ ବୁଝାମଣା, ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଭାତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

# କୁହୁଡ଼ି ଷଡ଼ଦୁର୍ଗ ଯାଦବ ସମାଜର ବାର୍ଷିକ ସମ୍ମିଳନୀ

ଟାଙ୍ଗୀ, ୨୮।୧ (ରଘୁନାଥ ସାହୁ)

କୁହୁଡ଼ି ଷଡ଼ଦୁର୍ଗ ଯାଦବ ସମାଜର ବାର୍ଷିକ ସମ୍ମିଳନୀ ଚଣ୍ଡେଶ୍ୱର ନିକଟସ୍ଥ ବ୍ରାହ୍ମଣୀ ଦେବୀ ପୀଠ ଠାରେ ସଭାପତି ରଜନୀକାନ୍ତ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଦେଶ ଯଥା କୁହୁଡ଼ି, ରଣପୁର, ବାଣପୁର, ନିରାକାରପୁର, ପୁରୀ, ଅଟ୍ରି, ଖୋର୍ଦ୍ଧା, କାଠଖଣ୍ଡିଆର କର୍ମକର୍ତ୍ତା ଯୋଗଦେଇଥିଲେ। ଆଠଦେଶର ସଭାପତି ଗଗନ ବିହାରୀ ବେହେରାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସଙ୍ଗଠନ ପରିଚାଳନା କମିଟିର ସଦସ୍ୟମାନଙ୍କ ମଧରେ ସମନ୍ୱୟ ରଖି ସଙ୍ଗଠନକୁ ଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା। ସମ୍ପାଦକ ଲୋକନାଥ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କମିଟି ସଦସ୍ୟ ଗୋଲଖ ଦାସ, ଶ୍ରୀଧର ବେହେରା, ଦୁର୍ଯ୍ୟୋଧନ ବେହେରା, ପଞ୍ଚୁ ବେହେରା, ମୋହନ ବେହେରା, ସୁକାନ୍ତ ବେହେରା, ନବକିଶୋର ବେହେରା, ସଞ୍ଜୟ ବେହେରା, ପବିତ୍ର ସାମନ୍ତରାୟ, କୈଳାସ ବେହେରା, ଯୋଗେନ୍ଦ୍ର ବେହେରା, ଚୈତନ ବେହେରା, ପାଣ୍ଡବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାହିତ୍ୟ ପରିଷଦର ନୂତନ କାର୍ଯ୍ୟକାରିଣୀ

ଖୋର୍ଦ୍ଧା, ୨୮।୧ (ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରୀୟ ବିଚାରଧାରାର ସାରସ୍ୱତ ମଞ୍ଚ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶାର ବାର୍ଷିକ ସାଧାରଣ ସଭା ତଥା ନୂତନ କାର୍ଯ୍ୟକାରିଣୀ ଗଠନ ପ୍ରକ୍ରିୟା ଭୁବନେଶ୍ୱରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ଡ.ସନ୍ତୋଷ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଷଦର ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ନାଇଜର ପୂର୍ବତନ କୁଳସଚିବ ତଥା ସାହିତ୍ୟିକ ଡ. ଅଭୟ କୁମାର ନାୟକ ପୁନଃ ଅଧ୍ୟକ୍ଷଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଉପାଧ୍ୟକ୍ଷ ଭାବେ ଡ. ସ୍ୱରପ୍ରିୟା ମିଶ୍ର ଓ ଡ. ପ୍ରକାଶ ଚନ୍ଦ୍ର ପାଣଗ୍ରାହୀ, ସାଧାରଣ ସମ୍ପାଦକ ଭାବେ ଡ.ସନ୍ତୋଷ କୁମାର ମହାପାତ୍ର, ସଙ୍ଗଠନ ସମ୍ପାଦକ ଭାବେ ନାରାୟଣ ନାୟକ, ସମ୍ପାଦକଭାବେ ରାମକୃଷ୍ଣ ତ୍ରିପାଠୀ, ରାଜେନ୍ଦ୍ର କୁମାର ରଥ, ଇଂ. ସତ୍ୟଜିତ ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ଶୈଳେଶ ମହାପାତ୍ର ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟଭାବେ ସଞ୍ଜୁକ୍ତା ପରିଚ୍ଛା, ଡ.କଲ୍ୟାଣୀ ମିଶ୍ର, ମନୋଜ ନାୟକ, କରୁଣାକର ପାଟଶାଣୀ, ବାହାଦୁର ପାଟଶାଣୀ, ଡ. ଶିବପ୍ରିୟା ମିଶ୍ର, ଡ. ରମାକାନ୍ତ ମହାନ୍ତ, ଦେବୀ ପ୍ରସାଦ କର, ଗିରିଜା ଶଙ୍କର ରଥ, ଏ.ସନ୍ତୋଷ କୁମାର ପାତ୍ର, ଡ. ପ୍ରମୋଦିନୀ ଜେନା, ରଘୁନାଥ ଓଝା ମନୋନୀତ ହୋଇଛନ୍ତି। ଏଥିସହ ସାହିତ୍ୟର ବିଭିନ୍ନ ବିଭାଗର ପ୍ରାନ୍ତ ପ୍ରମୁଖମାନଙ୍କ ନାମ ଘୋଷଣା କରାଯାଇଛି। ସାହିତ୍ୟିକ ତଥା ପରିଷଦର ବରିଷ୍ଠ ଆଜୀବନ ସଦସ୍ୟ ହରିହର କର ଏବଂ ସୁଧା ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିଲେ।

# ବୋଲଗଡ଼ ବିଡିଓଙ୍କ ବଦଳି ଦାବିରେ ଶୋଭାଯାତ୍ରା


ଅଞ୍ଚଳବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସାଧାରଣତନ୍ତ୍ର ଦିବସ ପାଳନରେ ବିବାଦ ଘଟଣା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର

ବୋଲଗଡ଼, ୨୮।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଉପୁଜିଥିବା ବିବାଦ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ତାଙ୍କର ବଦଳି ଦାବିରେ ବୁଧବାର ବୋଲଗଡ଼ ବ୍ଲକ ଅଞ୍ଚଳର ୭୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ମନ୍ଦିର, ବ୍ଲକ କାର୍ଯ୍ୟାଳୟ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିଡିଓ କୁଣ୍ଡୁଙ୍କ ସ୍ୱେଚ୍ଛାଚାରିତା ଓ ମନୋମୁଖୀ କାର୍ଯ୍ୟକଳାପ ନେଇ ଶୋଭାଯାତ୍ରାରେ ସାମିଲ ଥିବା ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ସାମାଜିକ ସଂଗଠନ, ଓକିଲ ସଂଘ, ବଣିକ ମହାସଂଘ, ବୁଦ୍ଧିଜୀବୀ, ସଚେତନ ନାଗରିକମାନେ ଏକ ପ୍ରତିବାଦ ସଭା କରିଥିଲେ। ଦୀର୍ଘବର୍ଷ ଧରି ବ୍ଲକ ପ୍ରଶାସନ ଆବାହକତ୍ୱରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଆସୁଥିଲା। ତେବେ ଚଳିତବର୍ଷ ବ୍ଲକ ପ୍ରଶାସନ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ସମ୍ମିଳିତ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ୟବସ୍ଥା କରି ନ ଥିବାବେଳେ ଉତ୍ସବରେ ବିଡିଓ ଅନୁପସ୍ଥିତ ରହିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉତ୍ସବରେ ଉପସ୍ଥିତ ଅତିଥିମାନଙ୍କ ପ୍ରତି ଅସମ୍ମାନ ଏବଂ ସାଧାରଣତନ୍ତ୍ର ଦିବସର ଗୌରବକୁ କ୍ଷୁର୍ଣ୍ଣ କରିଥିବା ନେଇ ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ବିଡିଓଙ୍କ ବଦଳି ପାଇଁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ବିଜୟ କୁମାର ସେଠୀଙ୍କୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ସାଧାରଣତନ୍ତ୍ର ଦିବସ ପାଳନରେ ଅବ୍ୟବସ୍ଥା ଓ ପରମ୍ପରା ଭଙ୍ଗ ନେଇ ଉକ୍ତଦିନ ଏକ ବୈଠକରେ ଅଞ୍ଚଳବାସୀଙ୍କ ପକ୍ଷରୁ ବିଡିଓଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ ହେବା ସହ ବୋଲଗଡ଼ ଥାନାରେ ଅଭିଯୋଗ କରାଯାଇଥିଲା।

# ବେଆଇନ ମୋରମ ଚାଲାଣ: ହାଇୱା ଜବତ, ଚାଳକ ଗିରଫ

ଯାଁଳା, ୨୮।୧ (ବୁଲା ବାରିକ)

ଇନ୍‌ଫୋଭ୍ୟାଲି ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଚୋରା ମୋରମ ବୋଝେଇ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା ବୈଦେଶ୍ୱର ଥାନା ଅଧୀନ ନୂଆଗାଁର ନିରଞ୍ଜନ ଦାସ। ସୂଚନା ଅନୁସାରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲା। ସେହି ସମୟରେ ଏକ ହାଇୱା ଯୋଗେ ମୋରମ ଚୋରାଚାଲାଣ ହେଉଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପାଟ୍ରୋଲିଂ ଦଳ ତୁରନ୍ତ ଟ୍ରକ୍‌ର ପିଛା କରିଥିଲା। ହାଇୱାଟି ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ଡ୍ରାଇଭରଙ୍କୁ କାବୁ କରିଥିଲା। କାଗଜପତ୍ର ଯାଞ୍ଚ କରିବାବେଳେ ବେଆଇନ ଭାବେ ଗାଡ଼ିଟି ଅଲକର ମୌଜାରୁ ଚୋରା ମୋରମ ଚାଲାଣ କରୁଥିବା ଜଣାପଡ଼ିଥିଲା। ପୋଲିସ କାଗଜପତ୍ର ଓ ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା।

# ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଖୋର୍ଦ୍ଧା, ୨୮।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଚିକିତ୍ସାଳୟରେ କର୍ମଚାରୀମାନେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଉତ୍ତମ ସେବା ଯୋଗାଇବା ପରିବର୍ତ୍ତେ ଦୁର୍ବ୍ୟବହାର କରୁଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓ ଆଣ୍ଡ ପିଏଚ୍) ଡା. ସଞ୍ଜୟ ରାୟଙ୍କ ନିକଟରେ ଜଣେ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଗୁରୁଜଙ୍ଗର ଲିଙ୍ଗରାଜ କଅଁରଙ୍କ ମା’ ଜଣେ ବରିଷ୍ଠ ନାଗରିକ। ତାଙ୍କ ଦେହ ଖରାପ ହେବାରୁ ଗତ ଜାନୁଆରୀ ୮ରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ମା’ଙ୍କ ଗ୍ଲୁକୋଜ ପରୀକ୍ଷା କରାଯାଇଥିଲା। ତାଙ୍କ ଖାଦ୍ୟ ପୂର୍ବ ଓ ପର ରକ୍ତ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର କର୍ମଚାରୀ ରକ୍ତ ନମୁନା ନେଇଥିଲେ। ପରୀକ୍ଷା କରାଯାଇଥିବା ଅନ୍ୟ ରିପୋର୍ଟ ପାଇଥିବାବେଳେ ବ୍ଲଡ ସୁଗାର ଏଫ୍‌ବିଏସ୍ ଏବଂ ପିପିବିଏସ୍ ରିପୋର୍ଟ ଦିଆଯାଇନଥିଲା। ପରବର୍ତ୍ତୀ ସମୟରେ ସେ ରିପୋର୍ଟ ପାଇଁ ଯୋଗାଯୋଗ କରିବାବେଳେ ରୋଗୀଙ୍କୁ ପୁଣିଥରେ ଆଣିବା ପାଇଁ କୁହାଯାଇଥିଲା। ତେବେ ପୂର୍ବରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିବା ବେଳେ ପୁଣି କାହିଁକି ଆଣିବି ବୋଲି ଲିଙ୍ଗରାଜ ପ୍ରଶ୍ନ କରିବାରୁ ତାଙ୍କୁ କର୍ମଚାରୀ ଦୁର୍ବ୍ୟବହାର କରିବା ସହ ଯାହାକୁ କହିବ କୁହ, ମୋର କେହି କିଛି କରିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ଏନେଇ ଲିଙ୍ଗରାଜ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକଙ୍କୁ ଅଭିଯୋଗ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓ ଆଣ୍ଡ ପିଏଚ୍) ଡା. ସଞ୍ଜୟ ରାୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ନବଜ୍ୟୋତି ପାଠାଗାରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ନବଜ୍ୟୋତି ପାଠାଗାରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବେଗୁନିଆ, ୨୮।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ ଛିକୋସ୍ଥିତ ନବଜ୍ୟୋତି ପାଠାଗାରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଠାଗାର ପରିସରରେ ଦୁଇଦିନ ଧରି ପାଳିତ ହୋଇଯାଇଛି। ରବିବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମାନସ ରଞ୍ଜନ ବାହୁବଳେନ୍ଦ୍ର, ଯୋଗେଶ୍ୱର ଛୋଟରାୟ, ସାଧୁଚରଣ ଚମ୍ପତି ଏବଂ ସଞ୍ଜୟ କୁମାର ବାହୁବଳେନ୍ଦ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହିମାଂଶୁ ଶେଖର ସାହୁ ମଞ୍ଚ ପରିଚାଳନା କରିଥିଲେ। ରାଜକିଶୋର ପଟ୍ଟନାୟକ, ମହମ୍ମଦ ଇଲିୟାସ ମୋହସିନ ଖାଁଙ୍କ ସହିତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ବିବରଣୀ ପାଠ କରିଥିଲେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସୋମବାର ଉଦ୍‌ଯାପନୀ ଦିବସରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଏବଂ ଅରବିନ୍ଦ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସସ୍ମିତା କୁମାରୀ ମହାପାତ୍ର, ପୂର୍ବତନ ସରପଞ୍ଚ ସୁରେଶ କୁମାର ସାହୁ, ରୂପକାନ୍ତି ସାହୁ, ରାଜକିଶୋର ପଟ୍ଟନାୟକ, ସମିତିସଭ୍ୟା ଅଞ୍ଜଳି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଲିଙ୍ଗରାଜ ପରମଗୁରୁ ମଞ୍ଚ ପରିଚାଳନା କରିଥିବାବେଳେ ଗୁଲୁ ବାରିକ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମୁଖ୍ୟ ଅତିଥି ବିଧାୟକ ସାହୁ ୭ ଦିନ ମଧ୍ୟରେ ପାଠାଗାରକୁ ୫୦ହଜାର ଟଙ୍କା ବହି କିଣିବା ପାଇଁ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭାଗୀରଥି ପ୍ରଧାନ, ଅଜୟ କୁମାର ସାହୁ, ବିଭୂତି ଭୂଷଣ ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ମାନସ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ମା’ ଭୈରବୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଭଦ୍ରକ

ନିରାକାରପୁର, ୨୮।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ପଞ୍ଚାୟତର କାଶୀପୁର ଖେଳପଡ଼ିଆରେ ମା’ ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ୪୩ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବୁଧବାର କିଟ୍ ଆଫ୍ରିକାନ ଏକାଦଶ ଭୁବନେଶ୍ୱର ଓ ୟୁନାଇଟେଡ୍ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖେଳର ଦ୍ୱିତୀୟାର୍ଦ୍ଧରେ ୧–୦ ଗୋଲରେ କିଟ୍ ଆଫ୍ରିକାନ ଦଳକୁ ହରାଇ ଭଦ୍ରକ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଏମ୍.ଏସ୍. ବାଗ ପରିଚାଳନା କରିଥିବାବେଳେ ଲାଇନରେ ଆଲୋକ ଦେହୁରୀ, ଶିବ ପ୍ରସାଦ ସାମନ୍ତରାୟ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଭାବେ ହୃଦାନନ୍ଦ ମହତରାୟ, ଖେଳ ପ୍ରଶିକ୍ଷକ ପ୍ରମୋଦ କୁମାର ଦାସ, ଗୋଲ ଜଜ୍ ଭାବେ ଗଙ୍ଗାଧର ପାଇକରାୟ ଓ ଗଙ୍ଗାଧର ପଟ୍ଟନାୟକ, ମ୍ୟାଚ କମିଶନରଭାବେ ଅକ୍ଷୟ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, ଶିକ୍ଷାବିତ୍ ଗଙ୍ଗାଧର ତ୍ରିପାଠୀ, ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସନ୍ତୋଷ କୁମାର ଦଳେଇ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସିପିଏମ୍ ନେତା ବିଧୁଭୂଷଣ ମହାରଣା, ଦେବବ୍ରତ ଦାଶ, ଲଛମନ ନାୟକ ପ୍ରମୁଖ ଯୋଗଦେଇଥିଲେ। କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ନୃସିଂହ କୁମାର ଦଳେଇ ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ ସୋମନାଥ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପାଇକରାୟ, ନବକିଶୋର ବରାଳ, ଟୁଟିଆ ଦାସ, ମାଧବ ପାଟଶାଣୀ, ଶରତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ କିଶୋର କ୍ଲବ ଭୁବନେଶ୍ୱର ଓ ଶାନ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ ସୁଦର୍ଶନ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୫୫ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଗଣେଶ୍ୱର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିବିରରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନର ପ୍ରିୟଙ୍କା ରାଉତରାୟ, ଅଧାପକ ବିରଞ୍ଚି କୁମାର ମହାପାତ୍ରଙ୍କ ସମେତ ସମସ୍ତ ଅଧାପିକା ଓ ଅଧାପକ ଯୋଗଦେଇଥିଲେ। ଶେଷରେ ଅଧାପିକା ରୂପାନନ୍ଦା କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମସ୍ତ ପ୍ରଶିକ୍ଷାର୍ଥୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ।

**ସଂକ୍ଷେପରେ**

## ପାଣି ମେଶିନ ଚୋରି କରି ୨ ଗିରଫ

ଖୁଣ୍ଟୁଣୀ,୨୮।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ମାଧପୁରଠାରେ ଥିବା ଗୋପବନ୍ଧୁ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ ପରିସରରୁ ଏକ ବୋରିଂ ଭିତରୁ ସବମର୍ସିବୁଲ ପାଣି ମେଶିନ ଚୋରି କରିବା ଅଭିଯୋଗରେ ବୁଧବାର ଖୁଣ୍ଟୁଣୀ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ମାଧପୁର ଗ୍ରାମ ଲୋଧା ସାହିର ସୁକୁଟା ଓରଫ ଅୟେଶକାନ୍ତ ନାଏକ ଓ ରଘୁଆ ଓରଫ ରଘୁନାଥ ନାଏକ। ଆଇଆଇସି ଜହର ଆବେଦିନଙ୍କ ସୂଚନା ମୁତାବକ ମଙ୍ଗଳବାର ରାତିରେ ଜିମସାର ପରିସରରେ ଥିବା ପାଣି ପମ୍ପକୁ ଦୁର୍ବୃତ୍ତମାନେ ଭାଙ୍ଗି ତା ଭିତରେ ଥିବା ସବମର୍ସିବୁଲ ପମ୍ପ ଚୋରି କରି ନେଇଥିଲେ। କର୍ତ୍ତୃପକ୍ଷ ଜାଣିବା ପରେ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଖୁଣ୍ଟୁଣୀ ପୋଲିସର ଏକ ମାମଲା (ନଂ.୨୫/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଲୋଧାସାହିରୁ ତାଙ୍କ ଘରୁ ଗିରଫ କରି ଚୋରି ସବମର୍ସିବୁଲ ପାଣି ମୋଟରକୁ ଜବତ କରିଛି ବୋଲି ଆଇଆଇସି ଆବେଦିନ କହିଛନ୍ତି।

## ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

ଖୁଣ୍ଟୁଣୀ,୨୮।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପ୍ରେକ୍ଷାଳୟ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ଶଶୀଭୂଷଣ ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଛାତ୍ରୀଛାତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଖବରଦାତା ଶତେକାନ୍ତ ବେହେରା, ବିପିନ ବିହାରୀ ପ୍ରଧାନ, ଗୌରହରି ମହାନ୍ତି, ନୃସିଂହ ଚରଣ ସାହୁ, ମହେନ୍ଦ୍ର ପରିଡା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ରାଧାନାଥ ରଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଂସ୍କୃତ ବିଭାଗ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ କୁନ୍ତଳା ବେଉରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଅମିତ ରଞ୍ଜନ ମିଶ୍ର, ଇଂଲିଶ ବିଭାଗ ମୁଖ୍ୟ ଜିତେନ୍ଦ୍ର ପ୍ରଧାନ, ରାଜନୀତି ବିଭାଗ ମୁଖ୍ୟ ଡ. ମନୋରଞ୍ଜନ ନାୟକ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଯୁଗଜ୍ୟୋତି ସ୍ୱାଇଁ, ଶିକ୍ଷା ବିଭାଗର ମୁଖ୍ୟ ସାଗରିକା ରାଉତଙ୍କ ସମେତ ସମସ୍ତ ଅଧାପିକାଅଧାପକ, କର୍ମଚାରୀ ପରିଚାଳନା ଓ ସହଯୋଗ କରିଥିଲେ।

# ୨ ମାସ ହେବ ଚିକିତ୍ସା ନ ପାଇ ରୋଗୀ ହଟହଟା

କଟକ,୨୮।୧(ଶିଳ୍ପା ପ୍ରିୟଦର୍ଶିନୀ)



**ଏସ୍‌ସିବିରେ ଚିକିତ୍ସା ଅବହେଳା**

- ହୋଇପାରିଲାନି ଏମ୍‌ଆର୍‌ଆଇ, ଅସ୍ତ୍ରୋପଚାର
- ଔଷଧ ଦେଇ ହାତ ଝାଡ଼ିଲେ ଡାକ୍ତର
- ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଲେ ରୋଗୀ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ରୋଗୀଙ୍କୁ ମିଳିଲାନି ଉପଯୁକ୍ତ ଚିକିତ୍ସା। ମେଡିକାଲ ଅର୍ଥୋପେଡିକ ବିଭାଗକୁ ଦୁଇ ମାସ ଧାଇଁଥିଲେ ମଧ୍ୟ କେବଳ ଔଷଧ ଖାଇବାକୁ ଡାକ୍ତର ପରାମର୍ଶ ଦେଉଥିଲେ। ଅନ୍ୟପକ୍ଷେ ରୋଗୀଙ୍କ ଅଣ୍ଟାରେ ଯନ୍ତ୍ରଣା ବଢ଼ିବାକୁ ଲାଗୁଥିଲା। ଏପରିକି ଯନ୍ତ୍ରଣା ଅଧିକ ହେବାରୁ ରୋଗୀ ଘରୋଇ ହସ୍ପିଟାଲରେ ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର କରାଇବା ଘଟଣା ଏବେ ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ଜଗତ୍‌ସିଂପୁରସ୍ଥିତ ରଘୁନାଥପୁର ଅଞ୍ଚଳର ପୁରୁଷୋତ୍ତମ ଦାସ (୫୪) ଦୁଇ ମାସରୁ ଅଧିକ ସମୟ ହେବ ଅଣ୍ଟାରେ ଯନ୍ତ୍ରଣା ହେବାରୁ ଏସ୍‌ସିବି ମେଡିକାଲକୁ ଆସିଥିଲେ। ପ୍ରଥମେ ମେଡିସିନ ବିଭାଗ ପରେ ତାଙ୍କୁ ଅର୍ଥୋପେଡ଼ିକ ବିଭାଗକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ପ୍ରଥମେ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଯନ୍ତ୍ରଣା ନ କମିବାରୁ ପୁରୁଷୋତ୍ତମ ବହୁଥର ଏସ୍‌ସିବିର ଉକ୍ତ ବିଭାଗରେ ଡାକ୍ତର ଦେଖାଇଥିଲେ ମଧ୍ୟ କେବଳ ଔଷଧ ଖାଇବାକୁ କୁହାଯାଇଥିଲା। ବାରମ୍ବାର ଯନ୍ତ୍ରଣା ହେବାରୁ ପୁରୁଷୋତ୍ତମ ଡାକ୍ତରଙ୍କୁ ଏମ୍‌ଆରଆଇ କରାଇବା ପାଇଁ ପ୍ରେସ୍‌କ୍ରିପ୍‌ଶନ୍ (ଚିଠା)ରେ ଲେଖିବାକୁ କହିଥିଲେ। ହେଲେ ଡାକ୍ତର ମନା କରିଦେଇଥିଲେ। ଯନ୍ତ୍ରଣା ଅଧିକ ହେବାରୁ ସହି ନ ପାରି ପୁରୁଷୋତ୍ତମ ଘରୋଇ କ୍ଲିନିକ୍‌ରେ ଦେଖାଇଥିଲେ। ଡାକ୍ତର ତାଙ୍କୁ ଏମ୍‌ଆର୍‌ଆଇ କରିବାକୁ ପରାମର୍ଶ ଦେଇଥିଲେ। ଘରୋଇ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଏମ୍‌ଆର୍‌ଆଇ କରିବା ପୁରୁଷୋତ୍ତମଙ୍କ ପକ୍ଷରେ ସମ୍ଭବପର ହୋଇ ନ ଥିବାରୁ ସେ ପୁନର୍ବାର ଏସ୍‌ସିବିର ଉକ୍ତ ବିଭାଗକୁ ଯାଇଥିଲେ। ଡାକ୍ତର ଦେଖାଇ ଏମ୍‌ଆର୍‌ଆଇ କରାଇବା ପାଇଁ ଲେଖିବାକୁ କହିଥିଲେ, ହେଲେ ଡାକ୍ତର ଲେଖି ନ ଥିଲେ। ଫଳରେ ବାଧ୍ୟ ହୋଇ ସ୍ୱାସ୍ଥ୍ୟବୀମା କାର୍ଡ ସାହାଯ୍ୟରେ ଘରୋଇ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଏମ୍‌ଆରଆଇ କରାଇଥିଲେ। ଏହି ରିପୋର୍ଟରେ ପୁରୁଷୋତ୍ତମଙ୍କ ଅଣ୍ଟା ହାଡ଼ ଦବି ଥିବା ସ୍ପଷ୍ଟ ହୋଇଥିଲା। ପରେ ଡାକ୍ତରଙ୍କ ପରାମର୍ଶରେ ଘରୋଇ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି।

ସୂଚନାଥାଉକି, ଏସ୍‌ସିବିରେ ଡାକ୍ତର ଦେଖାଠାରୁ ଆରମ୍ଭ କରି ସମସ୍ତ ପରୀକ୍ଷା ନିଃଶୁଳ୍କରେ କରାଯାଇଥାଏ। ହେଲେ ଏଠାରେ ପରୀକ୍ଷା କରାଇବାକୁ ହେଲେ ମେଡିକାଲ ଟିକେଟ ବା ଚିଠାରେ ଡାକ୍ତରଙ୍କ ଲେଖା ଆବଶ୍ୟକ। ବିନା ଡାକ୍ତରଙ୍କ ଲେଖାରେ ଏଠାରେ କୌଣସି ପରୀକ୍ଷା କରାଯାଇ ପାରିବନାହିଁ ବୋଲି ନିୟମ ରହିଛି। ତେବେ ଏସ୍‌ସିବି ମେଡିକାଲକୁ ଭରସା କରି ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ କେବଳ ଏମ୍‌ଆର୍‌ଆଇ କରିବାକୁ ରୋଗୀ ୨ମାସ କଲବଲ ହେବା ଘଟଣା ଉନ୍ନତମାନର ଚିକିତ୍ସା କ୍ଷେତ୍ରରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଏସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଚୌଦ୍ୱାର,୨୮।୧(ଆଶୁତୋଷ ଦାସ)

**କ୍ଷତିପୂରଣ ପୂରଣ ପରେ ରାସ୍ତାରୋକୋ ହଟିଲା**

ସ୍ଥାନୀୟ ଇମ୍ଫା କାରଖାନାରେ କାମ କରୁଥିବାବେଳେ ଜଣେ ଶ୍ରମିକଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତ ଚାଙ୍ଗୁଡ଼ିଆ ଗ୍ରାମର ରାକେଶ ମୁଦୁଲି (୩୬)। ଏହାକୁ ନେଇ କାରଖାନା ପରିସରରେ ତୀବ୍ର ଉତ୍ତେଜନ ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। କାରଖାନା କର୍ତ୍ତୃପକ୍ଷ ଓ ବିକ୍ଷୋଭକାରୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ କମ୍ପାନୀରେ ଚାକିରି ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ସାଢ଼େ ୯ଟାରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ ରାକେଶ ବୁଧବାର ପୂର୍ବାହ୍ନରେ କାରଖାନା ଭିତରେ ଉପର ଅଂଶରେ ୱେଲଡିଂ କାର୍ଯ୍ୟ କରୁଥିବାବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ। ନିକଟରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଇଏସ୍‌ଆଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ କମ୍ପାନୀରେ ଚାକିରି ଦେବା ଦାବିରେ ଅପରାହ୍ନ ୨ଟାରେ ମୃତଦେହ କାରଖାନା ଗେଟ ସମ୍ମୁଖ ରାସ୍ତାରେ ରଖି ପରିବାର ଲୋକେ ଧରଣାରେ ବସିଥିଲେ। ଖବର ପାଇ ଚାଙ୍ଗୁଡ଼ିଆ ଗ୍ରାମ ସହିତ ପଞ୍ଚାୟତରୁ ଶହଶହ ସଂଖ୍ୟାରେ ଲୋକ ପହଞ୍ଚି ରାସ୍ତାରେ ବାଇକ୍ ଓ ସ୍କୁଟର ରଖି କଳିଙ୍ଗଛକ-ଚାରବାଟିଆ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଦୀର୍ଘ ସମୟ ପାଇଁ ଅଟକି ରହିବା ସହିତ ଉକ୍ତ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଖବର ପାଇ କମିଶନରେଟ ପୋଲିସର ଜୋନ୍-୧ ଏସିପି ଅରୁଣ ସ୍ୱାଇଁ, ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ଆନ୍ଦୋଳନରୁ ଓହରିବା ପାଇଁ ଅନୁରୋଧ କରୁଥିଲେହେଁ ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଟଳ ରହିଛନ୍ତି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ମଧ ଲୋକମାନଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ।



ଟାଙ୍ଗୀ ପଦ୍ମିନୀ ବିହାର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଡ୍ରିମ୍ସ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜ କିଶୋର ମହାନ୍ତି)

## ଛାତ୍ରୀଙ୍କୁ ବଳାତ୍କାର କରି ବାଳସୁଧାର ଗୃହକୁ ଗଲେ ନାବାଳକ

କଟକ,୨୮।୧(କାର୍ତ୍ତିକ ସାହୁ)

କଟକ ସହରରେ ଜଣେ ସ୍କୁଲ ଛାତ୍ରୀଙ୍କୁ ବଳାତ୍କାର କରି ଜଣେ ନାବାଳକ ଧରାପଡ଼ିଛନ୍ତି। କଟକ ମହିଳା ଥାନା ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଧରିବା ପରେ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ବୁଧବାର ହାଜର କରିଥିଲା। ପରେ ନାବାଳକଙ୍କୁ ଅନୁଗୋଳସ୍ଥିତ ବାଲ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କଟକ ସହରାଞ୍ଚଳ ପୋଲିସ ଜୋନ୍ ୩ ଅଞ୍ଚଳରେ ପୀଡ଼ିତା ୧୨ ବର୍ଷୀୟା ଛାତ୍ରୀଙ୍କ ଘର। ଧରାପଡ଼ିଥିବା କଟକ ଗ୍ରାମାଞ୍ଚଳର ୧୭ ବର୍ଷୀୟ ନାବାଳକ ପୀଡ଼ିତାଙ୍କ ଘର ନିକଟରେ ରହନ୍ତି। ଗତ ୩ ମାସ ତଳେ ପରସ୍ପର ମଧ୍ୟରେ ପରିଚୟ ହୋଇଥିଲା। ଏହାପରେ ନାବାଳକ ବାରମ୍ବାର ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ୨୭ ତାରିଖରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ନାବାଳକଙ୍କୁ ଧରିଥିବା ମହିଳା ଥାନା ଆଇଆଇସି ବିଉଟି ମହାନ୍ତି ସୂଚନା ଦେଇଛନ୍ତି।

## ଡ. ଅରୁଣ ଚନ୍ଦ୍ର ସାହୁଙ୍କୁ ବିଜ୍ଞାନ ପ୍ରଚାର ସମିତିର ହୀରକ ଜୟନ୍ତୀ ସମ୍ମାନ



ଡ. ଅରୁଣ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଉଛି।

କଟକ,୨୮।୧(କାର୍ତ୍ତିକ ସାହୁ)

ବିଜ୍ଞାନ ପ୍ରଚାର ସମିତିର ୭୬ତମ ବାର୍ଷିକୋତ୍ସବରେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପଦରୁ ଅବସରପ୍ରାପ୍ତ ଡ. ଅରୁଣ ଚନ୍ଦ୍ର ସାହୁଙ୍କୁ ଅନୁଷ୍ଠାନର ହୀରକ ଜୟନ୍ତୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଫେସର ସାହୁଙ୍କ ସାମଗ୍ରିକ ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା ତଥା କୃତି ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରଫେସର ସାହୁ ଓଡ଼ିଶା ବିଜ୍ଞାନ ଏକାଡେମୀରୁ ପ୍ରାଣକୃଷ୍ଣ ପରିଡା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର, ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର, ଓଡ଼ିଶା ଉଦ୍ଭିଦ ବିଜ୍ଞାନ ସମିତି ମହେଶ ପ୍ରସାଦ ପୁରୋହିତ ମେମୋରିଆଲ ପୁରସ୍କାର, ଓଡ଼ିଶା ପରିବେଶ ସମିତି ଡା. ବି. ସି. ପଣ୍ଡା ମେମୋରିଆଲ ପୁରସ୍କାର ଆଦି ସମ୍ମାନ ପ୍ରାପ୍ତ ହୋଇଛନ୍ତି। ତାଙ୍କର ଏଯାବତ୍ ୬୬ ଖଣ୍ଡ ପୁସ୍ତକ ମଧ୍ୟରୁ ୨୫ଟି ଜନପ୍ରିୟ ବିଜ୍ଞାନ, ବୈଜ୍ଞାନିକ ଉପନ୍ୟାସ, କବିତା ଓ ଗଳ୍ପ ସଙ୍କଳ୍ପ ଓ ୪୧ଟି ହେଉଛି ରାଜ୍ୟ ତଥା ଜାତୀୟସ୍ତରର ଜୀବବିଜ୍ଞାନ ପାଠ୍ୟପୁସ୍ତକ। ତାଙ୍କ ଅଧୀନରେ ଗବେଷଣା କରି ୧୦ଜଣ ଗବେଷକ ପି.ଏଚ୍‌ଡି. ଓ ଏମ୍.ଫିଲ. ଉପାଧିପ୍ରାପ୍ତ ହୋଇଛନ୍ତି। ଆମେରିକାର ମାରକ୍ୟୁସ୍ ହୁଜ୍ ହୁ ଇନ୍ ଦି ୱାର୍ଲ୍ଡର ପାଞ୍ଚଟି ସଂସ୍କରଣ ଓ ମାର୍‌କ୍ୟୁସ୍ ହୁଜ୍ ହି ଇନ୍ ଦି ଏସିଆର ୨ଟି ସଂସ୍କରଣରେ ତାଙ୍କର ରିସର୍ଚ୍ଚ ବାୟୋଗ୍ରାଫି ସ୍ଥାନିତ ହୋଇଛି।

## ସଡ଼କ ସୁରକ୍ଷା ପାଇଁ ସଚେତନତା ଲୋଡ଼ା: ଜଷ୍ଟିସ ଏ.ଏସ୍. ନାଇଡୁ

କଟକ,୨୮।୧(କାର୍ତ୍ତିକ ସାହୁ)



ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକମରେ ଉପସ୍ଥିତ ଅତିଥି।

ସ୍ୱେଚ୍ଛାସେବୀ ସଙ୍ଗଠନ 'ତ୍ରିଧାରା' ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ସଭା ଓ ମର୍ଯ୍ୟାଦାଜନକ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ ରେଭେନ୍‌ଶା କଲିଜିଏଟ ସ୍କୁଲଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ଏ.ଏସ. ନାଇଡୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମସ୍ତେ ସଚେତନ ହେଲେ ସଡ଼କ ସୁରକ୍ଷା ସମ୍ଭବ ବୋଲି କହିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ପରିବହନ କମିଶନର ଇନ୍ଦ୍ରମଣି ନାଏକ ସଡ଼କ ସୁରକ୍ଷାର ଆବଶ୍ୟକତା ଓ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରିବହନ ବିଭାଗର ସେକ୍ରେଟାରୀ ଶିବ ଟପୋ ଗାଡ଼ି ଡ୍ରାଇଭରମାନେ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦବାରିକସଡ଼କସୁରକ୍ଷା ପାଠ୍ୟକ୍ରମ ବ୍ୟାପକ ଭାବରେ ଶିକ୍ଷାନୁଷ୍ଠାନରେ ପଢ଼ା ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ, ପୁରୀର ପୂର୍ବତନ ଆର୍‌ଟିଓ ରବିନ ପଟ୍ଟନାୟକ ଓ ରେଭେନ୍‌ଶା କଲିଜିଏଟ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କୁ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ତମ୍ଭକାର ଡ. ସତ୍ୟ ରାୟ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ରାଜସ୍ୱ ପର୍ଷଦ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ

କଟକ,୨୮।୧(କାର୍ତ୍ତିକ ସାହୁ)

ରାଜସ୍ୱ ପର୍ଷଦ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଜସ୍ୱ ପର୍ଷଦର ଅର୍ଥ ପରାମର୍ଶଦାତା ସୁବ୍ରତ ଶତପଥୀ ଜାତୀୟ ପତାକା ଉତ୍ତୋଳନ କରି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ଅତିରିକ୍ତ ସଚିବ ଅତସୀ ଦାସ, ଅନୀତା ପାତ୍ର, ଯୁଗ୍ମ ସଚିବ ବସନ୍ତ କୁମାର ସେଠୀ, ଉପ ସଚିବ ହେମଲତା ବାହାଲିଆ, ଅନୁ ସଚିବ ସୁଲତାନ ଖାନ୍, କୋର୍ଟ ଅଫିସର ଅରବିନ୍ଦ ସ୍ୱାଇଁ, ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସେଲ ସିଦ୍ଧାର୍ଥ ଶଙ୍କର ଦାସ, ଉପବିଭାଗ ଅଧିକାରୀ ଜଗଦୀଶ ପଟ୍ଟନାୟକଙ୍କ ସମେତ ବସନ୍ତ କୁମାର ହାତୀ, ଗଗନ ବିହାରୀ ପଟ୍ଟନାୟକ, ତୁଷାର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶିବରାତ୍ରି ଜାଗର ମେଳା ପାଇଁ ପ୍ରସ୍ତୁତି ବୈଠକ

କଟକ ସଦର,୨୮।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଶୈବପୀଠ ପରମହଂସ ନାଥ ଦେବଙ୍କ ପୀଠରେ ଆସନ୍ତା ଫେବୃଆରୀ ୧୫ରେ ହେବାକୁ ଥିବା ଶିବରାତ୍ରି ସହ ଜାଗର ମେଳା ସୁପରିଚାଳନା ପାଇଁ ମନ୍ଦିର ପରିସରରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ, ପରମହଂସ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ପାତ୍ର, ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ, କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ, ୪୨ ମୌଜା ଥାନା ଅଧିକାରୀ ହେମନ୍ତ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ୨୯ ତାରିଖରେ ନିଲାମ ପ୍ରକ୍ରିୟା ଶେଷ ହେବ ବୋଲି ମନ୍ଦିର ପରିଚାଳନା କମିଟି ସଭ୍ୟ ଶରତ କୁମାର ରଥ, ସନ୍ତୋଷ ରଥ ସୂଚନା ଦେଇଥିଲେ। ଆଇନଶୃଙ୍ଖଳା ପାଇଁ ପାଇଁ ଚଳିତବର୍ଷ ୫ ପ୍ଲାଟୁନ ପୋଲିସ ମୁତୟନ ପାଇଁ ଡିସିପିଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି କନ୍ଦରପୁର ଥାନା ଅଧିକାରୀ ସେଠୀ କହିଥିଲେ। ବୈଠକରେ ସୁଶୀଲ କୁମାର ଦଳେଇ, ସୁବୋଧ ବେହେରା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଲୀ, ହୃଷୀକେଶ ଜେନା,ସୁରେଶ ଜେନା, ଅନିରୁଦ୍ଧ ରାଉଳ, ଲକ୍ଷ୍ମୀଧର ରାଉତ, ସୁରେଶ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




ଶିବରାତ୍ରି ଜାଗର ମେଳା ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

## ସେବାୟତଙ୍କ ଜମି ଉପରେ ରାସ୍ତା ନିର୍ମାଣ କରିବା ମହଙ୍ଗା ପଡ଼ିଲା

ଖୁଣ୍ଟୁଣୀ,୨୮।୧(ସଚ୍ଚିଦାନନ୍ଦ ପଣ୍ଡା)

**ଉପଜିଲାପାଳଙ୍କ ଉପସ୍ଥିତିରେ ରାସ୍ତା ଭଙ୍ଗାଗଲା**

ଆଠଗଡ଼ ବ୍ଲକ ମଞ୍ଜେଶ୍ୱର ପଞ୍ଚାୟତ ପାଇକେରାପୁର ମାହାଲରେ ଥିବା ଖାତା ନଂ. ୧୪୭ରେ ଆଠଗଡ଼ ରାଜାଙ୍କ ଦ୍ୱାରା ପ୍ରଦତ୍ତ ଧବଳେଶ୍ୱର ପୂଜକ ସମାଜର ୯ ଏକର ୩୦ ଡେସିମିଲ ଚାଷ ଜମି ଉପରେ କେତେଜଣ ଜମି ମାଫିଆ ବେଆଇନ ଭାବେ ରାସ୍ତା ନିର୍ମାଣ କରିବା ମହଙ୍ଗା ପଡ଼ିଛି। ଖବର ପାଇ ବୁଧବାର ଆଠଗଡ଼ ଦେବୋତ୍ତର ମୁଖ୍ୟ ତଥା ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଜମି ଉପରେ ଯାଇଥିବା ବେଆଇନ ରାସ୍ତାକୁ ବୁଲ୍‌ଡୋଜର ସାହାଯ୍ୟରେ ଭାଙ୍ଗି ଦେଇଛନ୍ତି। ରାଜରାଜୁଡା ଅମଳରୁ ଧବଳେଶ୍ୱର ପୂଜକ ସମାଜର କେତେଜଣ ପୂଜକଙ୍କୁ ଧବଳେଶ୍ୱର ମହାପ୍ରଭୁଙ୍କ ପୂଜା କରିବା ପାଇଁ ପାଇକେରାପୁରଠାରେ ଥିବା ୯ ଏକର ୩୦ ଡେସିମିଲ ଜମି ପ୍ରଦାନ କରାଯାଇଥିଲା। ହେଲେ ଏହା ପଛରେ ଥିବା ଜମିକୁ ଚଢ଼ା ଦାମରେ ବିକ୍ରିକରି ମୁନାଫା ପାଇବା ପାଇଁ ପାଇକେରାପୁରର କେତେଜଣ ଜମି ମାଫିଆ ଏହି ଜମି ନିକଟକୁ ରାସ୍ତା ନେବା ପାଇଁ ପୂଜକମାନଙ୍କ ଅଜ୍ଞାତରେ ତାଙ୍କ ଜମି ଉପରେ ଜୋର ଜବରଦସ୍ତ ରାତାରାତି ରାସ୍ତା ନିର୍ମାଣ କରି ଦେଇଥିଲେ। ଏ ବିଷୟରେ ଉପଜିଲାପାଳ ଅବଗତ ହେବା ପରେ ବୁଧବାର ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁ, ଗୁରୁଡ଼ିଝାଟିଆ ଥାନା ଅଧିକାରୀ ଶୁଭେନ୍ଦୁ ମିଶ୍ର, ଧବଳେଶ୍ୱର ବିଟ୍ ଅଧିକାରୀ ଗିରୀଶ ମହାନ୍ତିଙ୍କ ସହିତ ପୋଲିସ ସହାୟତାରେ ବୁଲ୍‌ଡୋଜର ଲଗାଇ ଜମି ଉପରୁ ରାସ୍ତାକୁ ଭାଙ୍ଗି ଦେଇଥିଲେ। ଏହି ସମୟରେ ମାଫିଆମାନେ ସେଠାରେ ପହଞ୍ଚି ଉପଜିଲାପାଳଙ୍କୁ ଅନୁରୋଧ କରି ତାଙ୍କ ପଥର, ଚିପ୍‌ସ ଓ ବାଲି ସେମାନେ ୩ ଦିନ ମଧ୍ୟରେ ଉଠାଇ ନେବେ ବୋଲି ଅନୁମତି ମାଗିଥିଲେ। ଉପଜିଲାପାଳ ଶର୍ମା ସେମାନଙ୍କୁ ୩ଦିନ ସମୟ ଦେବା ସହ ତାଗିଦ କରିଛନ୍ତି। ଯଦି ୩ଦିନ ମଧ୍ୟରେ ଏହା ନ ଉଠାନ୍ତି ତେବେ ପ୍ରଶାସନ ତାକୁ ନଷ୍ଟ କରିଦେବ ବୋଲି ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାସ୍ତା ଉଠିବା ପରେ ପୂଜକ ସମାଜଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।



ଉପଜିଲାପାଳଙ୍କ ଉପସ୍ଥିତିରେ ବୁଲ୍‌ଡୋଜର ଦ୍ୱାରା ରାସ୍ତା ଭଙ୍ଗାଯାଉଛି।

# ଓଡ଼ିଶା ବନ୍ଦ: ମିଶ୍ରିତ ପ୍ରଭାବ






ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ନବନିର୍ମାଣ କୃଷକ ସଙ୍ଗଠନର ସଂଯୋଜକ ଅକ୍ଷୟ କୁମାରଙ୍କ ସହ ପୋଲିସ ଆଲୋଚନା କରୁଛି (ବାମ)। ସଙ୍ଗଠନ କର୍ମକର୍ତ୍ତାଙ୍କ ରାସ୍ତାରୋକୋ।

ଭୁବନେଶ୍ୱର, ୨୮।୧(ସୁନିତ୍ ମିଶ୍ର)

ଧାନମଣ୍ଡି ନ ଖୋଲିବା, ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ନ ମିଳିବା, ଟାଟା ପାୱାର ପକ୍ଷରୁ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟ କରାଯିବା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନାଁରେ ଜନସାଧାରଣଙ୍କୁ ହଇରାଣ କରିବା ଆଦି ପ୍ରତିବାଦରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ୮ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ କରିଥିବାବେଳେ ବିଜେଡି ପରୋକ୍ଷରେ ସମର୍ଥନ ଜଣାଇଥିଲା। ଭୁବନେଶ୍ୱର, କଟକ, ବାଲେଶ୍ୱର, ସମ୍ବଲପୁର ଏବଂ ରାଉରକେଲା ଭଳି ବଡ଼ ବଡ଼ ସହରରେ ବନ୍ଦର ପ୍ରଭାବ କିଛିଟା ଦେଖିବାକୁ ମିଳିଥିବାବେଳେ ଅନ୍ୟ ସ୍ଥାନରେ ଜନଜୀବନ ପ୍ରାୟତଃ ସ୍ୱାଭାବିକ ରହିଥିଲା। ସକାଳ ପ୍ରାୟ ୬ଟା ବେଳକୁ ଆନ୍ଦୋଳନକାରୀମାନେ ମାଷ୍ଟରକ୍ୟାଣ୍ଟିନ, ରେଲୱେ ଷ୍ଟେଶନ, ରସୁଲଗଡ଼ ବାଇପାସ୍, ବରମୁଣ୍ଡା ଅଞ୍ଚଳ ଏବଂ ଲିଙ୍ଗିପୁର ଛକ ଅଞ୍ଚଳରେ ଗାଡିମୋଟର ଅଟକାଇଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ବିଶାଳ ବାଇକ୍ ରାଲି ବାହାର କରାଯାଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପରିକ୍ରମା କରିବା ସଙ୍ଗେସଙ୍ଗେ ଦୋକାନ ବଜାର ବନ୍ଦ କରିବାକୁ ଅନୁରୋଧ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଏପରିକି ସଙ୍ଗଠନର କେତେଜଣ କାର୍ଯ୍ୟକର୍ତ୍ତା ଖୋଲାଥିବା ଦୋକାନରେ ପଶି ଜିନିଷ ପତ୍ର ଫିଙ୍ଗାଫିଙ୍ଗି କରିବା ସହିତ ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲେ। ଫଳରେ ନିଜର ସୁରକ୍ଷା ପାଇଁ ବହୁ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବସ୍ ଓ ଅନ୍ୟାନ୍ୟ ଗାଡ଼ିମୋଟର ପ୍ରାୟତଃ ବନ୍ଦ କରିଦେଇଥିଲେ। ଫଳରେ ଅନେକ ଯାତ୍ରୀ ଯିବାଆସିବା ଲାଗି ହଇରାଣ ମଧ୍ୟ ହୋଇଥିଲେ। ଭୁବନେଶ୍ୱରରେ ବନ୍ଦ ଯୋଗୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗାଡ଼ିମୋଟର ଚଳାଚଳ ପ୍ରାୟତଃ କମ୍ ଥିଲା। ରାଜଧାନୀର ପ୍ରାୟ ସବୁ ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଅନ୍ୟପଟେ ରାଜ୍ୟର ଅନ୍ୟ ସହରଗୁଡ଼ିକର କିଛି କିଛି ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। କହିବାକୁ ଗଲେ ବନ୍ଦ ପାଳନର ପ୍ରଭାବ ସେମିତି ଅନୁଭବ ହୋଇ ନ ଥିବାବେଳେ ମିଶ୍ରପ୍ରଭାବ ପକାଇଛି। ଅପରପକ୍ଷରେ ବନ୍ଦର ପ୍ରଭାବ ସରକାରଙ୍କ ଉପରେ ଚାପ ପକାଇଛି ବୋଲି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ କୁହାଯାଇଛି।



କଟକ ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍।

ନବ ନିର୍ମାଣ କୃଷକ ସଙ୍ଗଠନର କର୍ମୀମାନେ ଭୁବନେଶ୍ୱରର କିଛି ସ୍ଥାନରେ ପ୍ରତିବାଦ କରିବା ସମୟରେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ଆନ୍ଦୋଳନକାରୀଙ୍କ ଗାଡ଼ି ମଧ୍ୟ ପୋଲିସ ଟେକି ନେଇଥିଲା। ଅନ୍ୟପଟେ ଜରୁରିକାଳୀନ ସେବାରେ ସେପରି କିଛି ବାଧା ସୃଷ୍ଟି ହୋଇ ନ ଥିଲା। ଦିନ ୧୨ଟା ବେଳକୁ ଗାଡ଼ିମୋଟର ଚଳାଚଳ ଧୀରେ ଧୀରେ ବୃଦ୍ଧି ପାଇଥିଲା। ସବୁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ ଚାଲିଥିଲା। ଏହି ଅବସରରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ, ଚାଷୀଙ୍କ ସମସ୍ୟାର ସମାଧାନ ଲାଗି ନେତା ଓ ଅମଲା କେହି ଆଗ୍ରହୀ ନୁହନ୍ତି। ସରକାର କେବଳ ତାଙ୍କ ଭାଷଣରେ ମଣ୍ଡି ଠିକ୍ ଚାଲୁଛି ବୋଲି ପ୍ରଚାର କରୁଛନ୍ତି। ସରକାରଙ୍କ ଏଭଳି ମିଥ୍ୟା ବାହୁସ୍ଫୋଟ ଚାଷୀଙ୍କ ଅଧିକ କ୍ଷତି କରିବା ଲାଗି ଉଦ୍ଦିଷ୍ଟ। ରାଜ୍ୟ ସରକାର ତୁରନ୍ତ ସ୍ୱତନ୍ତ୍ର ବୈଠକ ଡକାଇ ଏହାର ତଦନ୍ତ ଲାଗି ସ୍କ୍ୱାଡ୍ ପଠାଇ ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହାସହ ସ୍ମାର୍ଟ ମିଟର ନାଁରେ ଟାଟା ପାୱାରର ଶୋଷଣକୁ ବନ୍ଦ କରାଯାଉ ବୋଲି ଅକ୍ଷୟ କୁମାର କହିଛନ୍ତି। ଅନ୍ୟପଟେ ବନ୍ଦ ପାଳନ ଡାକରାକୁ ଦିନକ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ପକ୍ଷରୁ ତାଙ୍କ ଦଳ ସମର୍ଥନ କରିବ ବୋଲି କହିଥିଲେ। ଜିଲାସ୍ତରରେ ବନ୍ଦ ପାଳନକୁ ସମର୍ଥନ ଦେବାକୁ କହିଥିଲେ। ହେଲେ ବନ୍ଦ ପାଳନ ସମୟରେ କଂଗ୍ରେସ ଯୁବ ଓ ଛାତ୍ର ସଙ୍ଗଠନର ସହଯୋଗ କିମ୍ବା ଦଳର ବରିଷ୍ଠ ନେତାମାନଙ୍କୁ ରାସ୍ତା ଉପରେ ଦେଖିବାକୁ ମିଳି ନ ଥିଲା। କଂଗ୍ରେସ ସମର୍ଥନ କେବଳ ଯାହା ସଭାପତିଙ୍କ ଘୋଷଣା ଏବଂ ଏହାର ପ୍ରଭାବରୁ ଅନୁଭବ କରିହେଲା ବୋଲି ଚର୍ଚ୍ଚା ହେଉଛି।

ବନ୍ଦ ପାଳନ ସମୟରେ କାଳେ କୌଣସି ସମସ୍ୟା ସୃଷ୍ଟି ହେବ, ସେଥିଲାଗି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବାହାରେ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ବାସଭବନ ପାଖାପାଖି ପୂର୍ବ ତୁଳନାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ନେଇ ଭାଜପା ବରିଷ୍ଠ ନେତା ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, କୃଷକ ଆନ୍ଦୋଳନ ସୁପର ଫ୍ଲପ୍ ହେଇଛି। ରାଜ୍ୟର କୌଣସି ଜାଗାରେ ବି କୃଷକ ସେମାନଙ୍କ ସହିତ ବାହାରି ନାହାନ୍ତି। ଚାଷୀ ରାସ୍ତାକୁ ଓହ୍ଲାଇ ନାହାନ୍ତି। ତେଣୁ ନବ ନିର୍ମାଣ କୃଷକ ସଙ୍ଗଠନର ବନ୍ଦ ଡାକରା ଫ୍ଲପ୍ ହୋଇଯାଇଛି। ଚାଷୀମାନେ ସରକାରଙ୍କ ସହିତ ଅଛନ୍ତି। ସେମାନେ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ମଙ୍ଗଳବାର ସୁଦ୍ଧା ରାଜ୍ୟରେ ୩୭ ଲକ୍ଷ ୯୧ ହଜାର ୨୨୫ ମେଟ୍ରିକ ଟନ୍ ଧାନ କିଣାଗଲାଣି। କେତେଗୁଡ଼ିଏ ଜିଲାରେ ଧାନକିଣା ସରିଗଲାଣି। ଧାନକିଣା ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

## ବନ୍ଦ ପୂର୍ବରୁ ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୋଲିସ



ପୋଲିସ ଆନ୍ଦୋଳନକାରୀଙ୍କ ବାଇକ୍‌କୁ ଉଠାଇ ନେଉଛି।

ଭୁବନେଶ୍ୱର,୨୮।୧(ତ୍ରିନାଥ ମହାନ୍ତି)

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ୮ ଘଣ୍ଟିଆ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣଭାବେ ସଫଳ ହୋଇଛି। ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲାରେ ବନ୍ଦର ପ୍ରଭାବ ଆଂଶିକ ଭାବେ ପଡ଼ିଛି। ରାଜଧାନୀର ପ୍ରମୁଖ ଛକ ମାଷ୍ଟରକ୍ୟାଣ୍ଟିନ, ରୁପାଲି,ଏଜି, ରାଜମହଲ ଛକରେ ଆନ୍ଦୋଳନକାରୀମାନେ ଗାଡିମୋଟରକୁ ଅଟକାଇଥିଲେ। ହେଲେ ବାକି ଛକଗୁଡ଼ିକରେ ଅଟୋ ଏବଂ ଅନ୍ୟ ଗାଡ଼ିଗୁଡ଼ିକ ଗଡୁଥିବାର ଦେଖିବାକୁ ମିଳିଥିଲା। ଆନ୍ଦୋଳନ ପୂର୍ବରୁ ନେତାମାନଙ୍କୁ ଉଠାଇ ନେଇ ପୋଲିସ ଅଟକ ରଖିବା ସହ ସେମାନଙ୍କ ଗାଡ଼ିକୁ ଉଠାଇ ନେଇଥିଲା। ଫଳରେ ଆନ୍ଦୋଳନକାରୀମାନେ ଏକାଧିକ ସ୍ଥାନରେ ବିକ୍ଷୋଭ କରିପାରି ନ ଥିଲେ। ବିଭିନ୍ନ ରାଜନୈତିକ ଦଳ ଏହି ବନ୍ଦକୁ ସମର୍ଥନ କରିଥିଲେ ମଧ୍ୟ ଆନ୍ଦୋଳନରେ ଭାଗ ନେଇ ନ ଥିବାରୁ ବନ୍ଦର ପ୍ରଭାବ ଏତେଟା ପଡ଼ି ନ ଥିଲା। ସକାଳ ୧୦ଟାରେ ମାଷ୍ଟରକ୍ୟାଣ୍ଟିନ୍ ଏବଂ ଅନ୍ୟ ଛକରେ ରାସ୍ତା ବନ୍ଦ କରୁଥିବା ୫୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଇଥିଲା। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ଯେ, ଯେଉଁମାନେ ଲୋକଙ୍କୁ ହଇରାଣ କରି ଗାଡି ମୋଟରକୁ ବନ୍ଦ କରୁଛନ୍ତି ସେମାନଙ୍କୁ ଗିରଫ କରୁଛୁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୁଡୁ



@ ଜନ୍ମେଜୟ



@ ମଞ୍ଜୁଲତା



@ ସତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଧାନକିଣା ଅଭିଯୋଗର ତୁରନ୍ତ ସମାଧାନ ନିର୍ଦ୍ଦେଶ



ଖାଦ୍ୟ ଯୋଗାଣ ନିଗମଠାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଧାନକିଣା ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।

### ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଦର୍ଶନ କଲେ ମନ୍ତ୍ରୀ

ଭୁବନେଶ୍ୱର,୨୮।୧
(ସୁଚିସ୍ମିତା ସାହୁ)

ରାଜ୍ୟରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଷଦଠାରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଚାଲୁରହିଛି। ଏହି କେନ୍ଦ୍ରଗୁଡ଼ିକୁ ମନ୍ତ୍ରୀ ପାତ୍ର ବୁଧବାର ବୁଲି ଦେଖିବା ସହ ବ୍ୟବସ୍ଥାର ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି। ଏଥିସହ ମଣ୍ଡିରେ ଧାନକିଣା ପ୍ରକ୍ରିୟା, ସିସିଟିଭି ବ୍ୟବସ୍ଥାର ଅନୁଧ୍ୟାନ, ମଣ୍ଡିରୁ ମିଲ୍ ଯାଉଥିବା ଗାଡ଼ିର ଟ୍ରାକିଂ ଏବଂ ଲାଇଭ୍ ଫୁଟେଜ୍ ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ତଦାରଖ କରିଥିଲେ। ଏତଦ୍‌ବ୍ୟତୀତ ଚାଷୀ, ମଣ୍ଡିରେ ନିୟୋଜିତ ଅଧିକାରୀ ଓ ନୋଡାଲ ଅଫିସରଙ୍କ ସହ ମନ୍ତ୍ରୀ କଥା ହେବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଚାଷୀମାନେ ଟୋଲ୍ ଫ୍ରି ନଂ.୧୯୬୭ ମାଧ୍ୟମରେ ଧାନକିଣା ସମ୍ପନ୍ଧୀୟ ଯେକୌଣସି ଅଭିଯୋଗ କରିପାରୁଛନ୍ତି। ପ୍ରତ୍ୟକ୍ଷ ଭାବେ ସେମାନେ କିପରି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିପାରୁଛନ୍ତି, ସେନେଇ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି କେନ୍ଦ୍ରର ବିଭିନ୍ନ କାର୍ଯ୍ୟକାରିତା ଓ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ।

## ଆର୍‌ଆଇ, ଅମିନ ନିଯୁକ୍ତି ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର,୨୮।୧
(ସୁଚିସ୍ମିତା ସାହୁ)

ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର, ଭିଲେଜ ଏଗ୍ରିକଲଚରାଲ ୱାର୍କର, ଜୁନିଅର ଆସିଷ୍ଟାଣ୍ଟ, ଷ୍ଟାଟିଷ୍ଟିକାଲ ଫିଲ୍ଡ ସର୍ଭେୟର, ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଏକ୍ସସାଇଜ୍ କନ୍‌ଷ୍ଟେବଲ୍ ନିଯୁକ୍ତି ପରୀକ୍ଷା ପାଇଁ ଆବେଦନ ଅବଧି ବୃଦ୍ଧି ହୋଇଛି। ପଞ୍ଜୀକରଣ ଅବଧିକୁ ଫେବୃଆରୀ ୧୫ ଯାଏ ବୃଦ୍ଧି କରାଯାଇଥିବାବେଳେ ୨୨ତାରିଖ ମଧ୍ୟରେ ଆବେଦନ କରିପାରିବେ ବୋଲି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବାରମ୍ବାର ୱେବ୍‌ସାଇଟ୍ ବିଭ୍ରାଟ ପାଇଁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରୁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ନୂତନ ଭାବେ ପଞ୍ଜୀକରଣ କରିବାକୁ ଚାହୁଁଥିବା ପ୍ରାର୍ଥୀଙ୍କୁ ନାକେଦମ୍ ହେବାକୁ ପଡୁଛି। ସମସ୍ତ ତଥ୍ୟ ଦାଖଲ ପରେ ହିଁ ୱେବସାଇଟ୍ କ୍ରାସ୍ ହୋଇଯାଉଛି। ଫଳରେ ଆବେଦନ ଅବଧି ବଢ଼ିଥିଲେ ମଧ୍ୟ ଆବେଦନ କରିପାରିବା ନେଇ ଆଶାୟୀମାନେ ସନ୍ଦିହାନ ଅଛନ୍ତି।

## ଓଜେଇଇ ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୨୮।୧(ସୁଚିସ୍ମିତା ସାହୁ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)– ୨୦୨୬ ପାଇଁ ବୁଧବାରଠାରୁ ଆବେଦନ ଆରମ୍ଭ ହୋଇଛି। ମାର୍ଚ୍ଚ ୨୨ ଆବେଦନର ଶେଷ ତାରିଖ ରହିଛି। ଏପ୍ରିଲରେ ଆବେଦନକାରୀଙ୍କୁ ଆଡ୍‌ମିଟ କାର୍ଡ ମିଳିବ। ମେ'୪ରୁ ପରୀକ୍ଷା ଆରମ୍ଭ ହୋଇ ୯ ଯାଏ ଚାଲିବ। କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ମୋଡ୍‌ରେ ପରୀକ୍ଷା କରାଯିବ। ଆବେଦନକାରୀମାନେ ଓଜେଇଇ ୱେବ୍‌ସାଇଟ www.ojee.nic.inରେ ଆବେଦନ କରିବା ସହ ସମସ୍ତ ସୂଚନା ପାଇପାରିବେ ବୋଲି ଓଜେଇଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ବି ଫାର୍ମ, ନର୍ସିଂ(ବିଏସ୍‌ସି ନର୍ସିଂ, ପୋଷ୍ଟ ବିଏସ୍‌ସି ନର୍ସିଂ, ପୋଷ୍ଟ ଡିପ୍ଲୋମା ନର୍ସିଂ,ଏମ୍‌ଏସ୍‌ସି ନର୍ସିଂ), ଏମ୍‌ସିଏ, ଏମ୍‌ଏସ୍‌ସି(କମ୍ପ୍ୟୁଟର ସାଇନ୍ସ), ଏମ୍‌ବିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ବି. କ୍ୟାଟ, ଏମ୍.ଟେକ୍, ଏମ୍.ଟେକ୍(ପାର୍ଟଟାଇମ୍), ଏମ୍. ଆର୍କ, ଏମ୍.ପ୍ଲାନ, ଏମ୍.ଫାର୍ମ, ଲାଟେରାଲ ଏଣ୍ଟ୍ରି ଟୁ ବି.ଟେକ୍ ଏବଂ ବି, ଫାର୍ମ, ଲାଟେରାଲ ଏଣ୍ଟ୍ରି ଇନ୍ ବି.ଟେକ୍/ବି. ଫାର୍ମା କୋର୍ସରେ ନାମଲେଖା ପାଇଁ ଓଜେଇଇ ହେବ। ର୍‍ୟାଙ୍କ୍‌ଧାରୀମାନେ ସରକାରୀ, ଘରୋଇ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନାମ ଲେଖାଇପାରିବେ। ଯେଉଁ ଛାତ୍ରୀଛାତ୍ର ବାହାର ରାଜ୍ୟର ହୋଇଥିବେ ସେମାନଙ୍କୁ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖା ସୁଯୋଗ ମିଳିବ ନାହିଁ। କେବଳ ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ। ତେବେ ବି.ଟେକ୍, ବି. ଆର୍କ, ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍‌ସି, ବି.ପ୍ଲାନ୍, ଏମ୍‌ବିବିଏସ୍, ବିଡିଏସ୍, ବିଏଏମ୍‌ଏସ୍, ବିଏଚ୍‌ଏମ୍‌ଏସ୍ କୋର୍ସରେ ସରକାରୀ ଓ ବେସରକାରୀ କଲେଜରେ ନାମଲେଖା ପାଇଁ ଜେଇଇ ମେନ୍ ୨୦୨୬ ପରୀକ୍ଷା/ନିଟ୍ ୟୁଜି ୨୦୨୬ ପରୀକ୍ଷା ଦେବାକୁ ହେବ।

## ମଡେଲ ଯୁବ ଗ୍ରାମସଭା ପ୍ରତିଯୋଗିତାରେ ଓଡ଼ିଶା ଦ୍ୱିତୀୟ



ଇଏମ୍‌ଆର୍‌ଏସ୍ ହିର୍ଲିର ଛାତ୍ରୀଛାତ୍ର, ଅଧକ୍ଷ ଏବଂ ଗାଇଡ୍ ଶିକ୍ଷକମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୮।୧(ସୁଚିସ୍ମିତା ସାହୁ)

କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟସ୍ତରୀୟ ମଡେଲ ଯୁବ ଗ୍ରାମସଭା(ଏମ୍‌ୱାଇଜିଏସ୍) ପ୍ରତିଯୋଗିତା ବୁଧବାର ନୂଆଦିଲ୍ଲୀ ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶାରୁ ଭାଗ ନେଇଥିବା ନବରଙ୍ଗପୁର ଜିଲାର ହିର୍ଲି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ(ଇଏମ୍‌ଆର୍‌ସି) ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦେଶର ପ୍ରାୟ ୨୦୦ଟି ଇଏମ୍‌ଆର୍‌ଏସ୍ ମଧ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ଲାଗି ଇଏମ୍‌ଆର୍‌ଏସ୍ ହିର୍ଲିର ଛାତ୍ରୀଛାତ୍ର, ଅଧକ୍ଷ ଏବଂ ଗାଇଡ୍ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ପୁରସ୍କାର ବାବଦକୁ ଏକ ସ୍ମାରକୀ ସହିତ ୭୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ସଫଳତା ଓଡ଼ିଶାର ସମସ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମାଜ ଏବଂ ସମଗ୍ର ଓଡ଼ିଶା ରାଜ୍ୟ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଏହି ସଫଳତା ଆଦିବାସୀ ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ନାଗରିକ ସଚେତନତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିତ କରିବ। ତେବେ ଏହି ସଫଳତା ପାଇଁ ଛାତ୍ରୀଛାତ୍ରମାନେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବା. ପରମେଶ୍ୱରନ, ଓଏମଟିଇଏସ ସଚିବ ସୁରେନ୍ଦ୍ର କୁମାର ମୀନା ଏବଂ ନୋଡାଲ ଅଧିକାରୀ ପ୍ରଣତି ପାତ୍ରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରଙ୍ଗେଇଲୁଣ୍ଡାରେ ହେବ ଡ୍ରୋନ୍ ପ୍ରଶିକ୍ଷଣ, ପରୀକ୍ଷଣ କେନ୍ଦ୍ର

- ‘ୱିଙ୍ଗ୍‌ସ ଇଣ୍ଡିଆ’ରେ ଓଡ଼ିଶା ଟେକ୍ସ ଫ୍ଲାଇଟ୍ ପାଭିଲିୟନ
- ମହିଳା ନେତୃତ୍ୱ ଓ ଦକ୍ଷତାଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ
- ମୟୂରଭଞ୍ଜ ଦାଣ୍ଡବୋଷ ବିମାନବନ୍ଦରରେ ହେବ ‘ଫ୍ଲାଇଂ ଟ୍ରେନିଂ ଅର୍ଗାନାଇଜେଶନ’

ଭୁବନେଶ୍ୱର, ୨୮।୧ (ଅନୁରାଧା ମହାରଣା)

ମୟୂରଭଞ୍ଜର ଦାଣ୍ଡବୋଷ ବିମାନବନ୍ଦରଠାରେ ଏକ ‘ଫ୍ଲାଇଙ୍ଗ ଟ୍ରେନିଂ ଅର୍ଗାନାଇଜେସନ’ ଓ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ଏକ ଡ୍ରୋନ ପ୍ରଶିକ୍ଷଣ ଏବଂ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ହାଇଦ୍ରାବାଦର ବେଗୁମପେଟଠାରେ ଆୟୋଜିତ ଏସିଆର ସବୁଠାରୁ ବଡ଼ ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ରମ ‘ୱିଙ୍ଗସ ଇଣ୍ଡିଆ ୨୦୨୬’ରେ ଦୁଇଟି ସଂସ୍ଥା ସହ ଏନେଇ ରାଜ୍ୟ ସରକାରୀ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ‘ୱିଙ୍ଗସ ଇଣ୍ଡିଆ ୨୦୨୬’ରେ ଓଡ଼ିଶାର ଅଂଶ ଗ୍ରହଣ କରିଥିବାବେଳେ ପାଭିଲିୟନର ବିଷୟବସ୍ତୁ ଓଡ଼ିଶା ଟେକ୍ସ ଫ୍ଲାଇଟ୍ ରଖାଯାଇଛି। ଓଡ଼ିଶା ଷ୍ଟଲରେ ପରିଦର୍ଶକମାନେ ଅନୁଭବ କରୁଛନ୍ତି ଯେ କିଭଳି ପ୍ରଗତିଶୀଳ ନୀତି, ଆଞ୍ଚଳିକ ଓ ଆନ୍ତର୍ଜାତୀୟ ଯୋଗାଯୋଗର ସମ୍ପ୍ରସାରଣ, ଦକ୍ଷତା ବିକାଶ ଏବଂ




ଦୀର୍ଘକାଳୀନ ଭିତ୍ତିଭୂମି ଯୋଜନା ମାଧ୍ୟମରେ ରାଜ୍ୟ ଏକ ଭବିଷ୍ୟତ-ଉପଯୋଗୀ, ଅନ୍ତର୍ଭୁକ୍ତୀକରଣ ଏବଂ ନିବେଶ-ଅନୁକୂଳ ବିମାନ ଚଳାଚଳ ବ୍ୟବସ୍ଥା ଗଠନ କରୁଛି। ଏହି ପାଭିଲିୟନରେ ଓଡ଼ିଶାର ‘ସମସ୍ତଙ୍କ ପାଇଁ ବିମାନ ଚଳାଚଳ’ ଦୂରଦୃଷ୍ଟିକୁ ପ୍ରଦର୍ଶିତ କରାଯାଇଛି। ଏଥିରେ ବିମାନବନ୍ଦର ବିକାଶ, ବିମାନ ଚଳାଚଳ ପ୍ରଶିକ୍ଷଣ, ଡ୍ରୋନ ଇକୋସିଷ୍ଟମ, ମରାମତି ଏବଂ ରକ୍ଷଣାବେକ୍ଷଣ(ଏମ୍‌ଆର୍‌ଓ) ସମ୍ଭାବନା ଏବଂ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଥିବା ସୁଯୋଗଗୁଡ଼ିକୁ ହାଇଲାଇଟ କରାଯାଇଛି, ଯାହା ‘ବିକଶିତ ଓଡ଼ିଶା ୨୦୩୬’ ଏବଂ ‘ବିକଶିତ ଭାରତ ୨୦୪୭’ର ରୋଡମ୍ୟାପ ସହ ଜଡ଼ିତ। ଏହି ଅବସରରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ‘ବିମାନ ଚଳାଚଳ କ୍ଷେତ୍ରରେ ମହିଳା’ ଶୀର୍ଷକ ରାଉଣ୍ଡ ଟେବୁଲ ଅଧିବେଶନରେ ଆଲୋଚକ ଭାବେ ଯୋଗ ଦେଇ କହିଥିଲେ, ରାଜ୍ୟର ମୁଖ୍ୟ ଲକ୍ଷ୍ୟ ହେଉଛି ଝିଅମାନଙ୍କୁ ସେମାନଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରୁ ବିମାନ ଚଳାଚଳ କ୍ଷେତ୍ରରେ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିବା। ବିଭିନ୍ନ ବିଭାଗ ଏବଂ ଅଂଶୀଦାରମାନଙ୍କ ସମନ୍ୱୟରେ ଏଭଳି ଏକ ପରିବେଶ ସୃଷ୍ଟି କରାଯାଉଛି ଯେଉଁଠାରେ ମହିଳାମାନେ ଏହି କ୍ଷେତ୍ରରେ ପ୍ରବେଶ କରିବା ସହ ଅଭିବୃଦ୍ଧି ହାସଲ କରି ନେତୃତ୍ୱ ନେଇପାରିବେ। ଦକ୍ଷତା ବିକାଶ ଆଭିମୁଖ୍ୟକୁ ଆଗକୁ ବଢ଼ାଇବା ପାଇଁ, ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଆଜି ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଲକେମିଷ୍ଟ ଆଭିଏଶନ୍ ସହ ସ୍ୱାକ୍ଷରିତ ଏମ୍‌ଓୟୁ ଅନୁଯାୟୀ, ମୟୂରଭଞ୍ଜର ଦାଣ୍ଡବୋଷ ବିମାନବନ୍ଦରଠାରେ ଏକ ‘ଫ୍ଲାଇଙ୍ଗ ଟ୍ରେନିଂ ଅର୍ଗାନାଇଜେସନ’ ପ୍ରତିଷ୍ଠା କରାଯିବ, ଯେଉଁଠାରେ ବାର୍ଷିକ ପ୍ରାୟ ୫୦ ଜଣ ପାଇଲଟଙ୍କୁ ପ୍ରଶିକ୍ଷଣ ଦିଆଯିବ। ବନଭି ଏରୋ ସହ ଅନ୍ୟ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି, ଯାହା ମାଧ୍ୟମରେ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ଏକ ଡ୍ରୋନ ପ୍ରଶିକ୍ଷଣ ଏବଂ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ଓଡ଼ିଶାର ପ୍ରଥମ ଏଭଳି କେନ୍ଦ୍ର ହେବ ଏବଂ ଏଠାରେ ବାର୍ଷିକ ୧୦୦ରୁ ଅଧିକ ଡ୍ରୋନ ପାଇଲଟଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। ଏହି ସମସ୍ତ ପଦକ୍ଷେପ ଓଡ଼ିଶାର ବିମାନ ଚଳାଚଳ କ୍ଷେତ୍ରକୁ ସଶକ୍ତ କରିବା ସହ ଆଞ୍ଚଳିକ ସଂଯୋଗୀକରଣ ଏବଂ ସମୂହ ବିକାଶକୁ ସୁନିଶ୍ଚିତ କରିବ। ଜାନୁଆରୀ ୩୧ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ।

# ଗଠନ ହେବ ବିଶ୍ୱ ସ୍ୱାସ୍ଥ୍ୟ ଫୋରମ୍



ଭୁବନେଶ୍ୱର, ୨୮।୧ (ଅନୁରାଧା ମହାରଣା)

ସାରା ବିଶ୍ୱରେ ସ୍ୱାସ୍ଥ୍ୟ ଚିକିତ୍ସାର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଭାରତରେ ଥିବା ମୌଳିକ ଚିକିତ୍ସା ଯେପରିକି, ଆୟୁର୍ବେଦିକ୍, ନେଚରପାଥି, ଏଲୋପାଥି, ହୋମିଓପାଥି ତଥା ସମସ୍ତ ପାରମ୍ପରିକ ଚିକିତ୍ସା ପଦ୍ଧତିର ମିଳିତ ସହଯୋଗରେ ଏକ ବିଶ୍ୱ ସ୍ୱାସ୍ଥ୍ୟ ଫୋରମ ଗଠନ କରିବା ପାଇଁ କେନ୍ଦ୍ର ସରକାରଙ୍କର ଆୟୁଷ ମନ୍ତ୍ରଣାଳୟ ଅଣ୍ଟା ଭିଡିଛି। ଗୋଆ ମୁଖ୍ୟମନ୍ତ୍ରୀଙ୍କ ସଭାପତିତ୍ୱରେ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ପର୍କିତ ବିସ୍ତୃତ ଜ୍ଞାନ ଥିବା ୨୧ଜଣ ବ୍ୟକ୍ତିଙ୍କୁ ନେଇ ଗୋଆରେ ଏକ ସମ୍ମିଳନୀ କରାଯାଇଥିବାବେଳେ ଏଥିରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ନିମନ୍ତ୍ରିତ କରାଯାଇଥିଲା। କ୍ୟାନ୍‌ସର, ବ୍ରେନ୍ ଡେଡ୍‌ର ପୂର୍ବାବସ୍ଥା ଆଦି ରୋଗ ଭଳି ଦୀର୍ଘଦିନ ଧରି ମଣିଷ ଶରୀରରେ ବ୍ୟାପୁଥିବା ରୋଗକୁ ସମ୍ପୂର୍ଣ୍ଣ ନିରାକରଣ କରିବା ପାଇଁ ଆୟୁଷ ମନ୍ତ୍ରଣାଳୟର ସହଯୋଗରେ ଏହା କାର୍ଯ୍ୟ କରିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ଏହି ସମ୍ମିଳନୀରେ ବାବା ରାମଦେବ, ଆଚାର୍ଯ୍ୟ ବାଲକ୍ରିଷ୍ଣା, କେରଳ ଆଡିସନାଲ ଚିଫ୍ ସେକ୍ରେଟାରି, ଆୟୁଷର ସେକ୍ରେଟାରି, ଆୟୁର୍ବେଦିକ୍ କାଉନ୍‌ସିଲ ଚେୟାରମ୍ୟାନ୍, ଏନ୍‌ଏମ୍‌ସି ନିର୍ଦ୍ଦେଶକ ରାଜେଶ ଶର୍ମା ପ୍ରମୁଖ କରିଥିଲେ। ଏହି ଚିକିତ୍ସା ପଦ୍ଧତି ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏଲୋପାଥିକ୍ ମେଡିସିନ୍ ସହ ସଂଯୁକ୍ତ କରାଯିବା ସହ ଭାରତରେ ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ଏକ ନବଦିଗନ୍ତ ଆସିବ ବୋଲି ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି।


## ୧୬ତମ ଜନ୍ମଦିନ ଶୁଭେଚ୍ଛା



ହେତଲ ଦେବତା (ରୋଲି)
ମୀନା ବଜାର, ଢେଙ୍କାନାଳ
୧୬ବର୍ଷର ଜନ୍ମଦିନ ଅବସରରେ ମହାପ୍ରଭୁଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପ୍ରାର୍ଥନା। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଆଶୀର୍ବାଦ ସହ:-
ଅଜା, ଆଈ, ମାମୁ ଓ ଦେବତା ପରିବାର। ଏଲି ଏବଂ ରାଜୁ ମାମା।
ଧ-୩୨୨୧


# ଦୁବାଇ ଗଲ୍‌ଫ ଫୁଡ୍‌ରେ ଓଡ଼ିଶାର ଫାର୍ମ ବି’




କଟକ, ୨୮।୧ (କାର୍ତ୍ତିକ ସାହୁ)

ଦୁବାଇରେ ସୋମବାରଠାରୁ ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ଗଲ୍‌ଫ ଫୁଡ୍ ପ୍ରଦର୍ଶନୀରେ ଓଡ଼ିଶାର ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପୋଦ୍ୟୋଗ ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ ଲିମିଟେଡ୍ (ଫାର୍ମ ବି) ଯୋଗଦେଇଛି। ଦେଶବିଦେଶର ବହୁ ପ୍ରସିଦ୍ଧ ଖାଦ୍ୟ ଉତ୍ପାଦ ଗୋଷ୍ଠୀ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ, ବୈଦେଶିକ ପ୍ରତିନିଧିମଣ୍ଡଳୀଙ୍କ ସହିତ ଶିଳ୍ପ ଏବଂ ଉଦ୍ୟୋଗ ଜଗତର ଜଣାଶୁଣା କମ୍ପାନୀ ସମୂହ ଏଥିରେ ଅଂଶଗ୍ରହଣ କରିଛନ୍ତି। ଫାର୍ମ-ବି’ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶିକା ରଶ୍ମୀ ସାହୁ ଏହି ଅନ୍ତରାଷ୍ଟ୍ରୀୟ ଖାଦ୍ୟ ମେଳାରେ ଯୋଗଦେଇଛନ୍ତି। ଫାର୍ମ ବି’ ଦ୍ୱାରା ପ୍ରସ୍ତୁତ ଗୁଣାତ୍ମକମାନର ଦେଶୀ ଛତୁଆ, ମଲ୍ଟିଗ୍ରେନ୍ ଛତୁଆ, ବିଭିନ୍ନ ପ୍ରକାରର କୁକିଜ୍, ଡାଲିଆ, ଓଟସ୍, ମୁସୋଲି, କ୍ରଂଚି ଚକୋବାଇଟ୍‌ସ ଇତ୍ୟାଦି ବହୁ ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ଏଥିରେ ସ୍ଥାନ ପାଇଛି। ବିଶ୍ୱ ବଜାରରେ ଫାର୍ମ-ବି’ର ଏହି ଗୁଣବତ୍ତା, ପୁଷ୍ଟିସାରଯୁକ୍ତ ଖାଦ୍ୟସାମଗ୍ରୀ ବିଦେଶୀ ଗ୍ରାହକମାନଙ୍କ ପାଖରେ ବେଶ୍ ମନପସନ୍ଦ ହୋଇଥିବା ଜଣାପଡ଼ିଛି। ଗଲ୍‌ଫ ଫୁଡ୍‌ରେ ଫାର୍ମ-ବି’ର ଯୋଗଦାନ ଦେଶବିଦେଶର କ୍ରେତାଙ୍କ ସହିତ ଜଡ଼ିତ ହେବା, ରପ୍ତାନି ସୁଯୋଗ ସୃଷ୍ଟି କରିବା ଏବଂ ରଣନୈତିକ ବାଣିଜ୍ୟ ସହଭାଗିତା ନିର୍ମାଣ କରିବାର ଲକ୍ଷ୍ୟ ରଖିଛି। ଏହାଦ୍ୱାରା ବିଶ୍ୱ ଖାଦ୍ୟ ବଜାରରେ ଫାର୍ମ-ବି’ ବ୍ରାଣ୍ଡର ପରିଚୟକୁ ବିସ୍ତାର କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କହିଛନ୍ତି ଓଡ଼ିଶାର ଯୁବ ଶିଳ୍ପୋଦ୍ୟୋଗୀ ରଶ୍ମୀ ସାହୁ।

# ଟାଙ୍ଗୀରେ ମହିନ୍ଦ୍ରା ଟ୍ରକ ଓ ବସ ଡିଭିଜନର ୱାର୍କଶପ୍



ଭୁବନେଶ୍ୱର, ୨୮।୧ (ଅନୁରାଧା ମହାରଣା)

ମହିନ୍ଦ୍ରା ଟ୍ରକ ଓ ବସ ଡିଭିଜନର ଏକ ନୂତନ ୱାର୍କଶପ୍ କଟକ ଜିଲାର ଟାଙ୍ଗୀଠାରେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ମହିନ୍ଦ୍ରା କମ୍ପାନୀର ବାଣିଜ୍ୟକ ମୁଖ୍ୟ ଡ. ଭେଙ୍କଟ ଶ୍ରୀନିବାସ ଓ ଉପସଭାପତି ସତୀଶ ମାଚିରାଜୁଙ୍କ ସମେତ ମଧୁର ଶର୍ମା, ସୁରେଶ ଗଣପତି, ସଞ୍ଜୟ ଶର୍ମାଙ୍କ ଓ ଓଡିଶାର ପ୍ରମୁଖ ଟ୍ରକ ଓ ବସ ଡିଭିଜନର ମହିନ୍ଦ୍ରା ଡିଲର ମାନେ ଉପସ୍ଥିତ ଥିଲେ। ଏହି ୱାର୍କଶପ୍‌ଟି କଟକ ସମେତ ଓଡିଶାର ୧୦ଟି ଜିଲା ଯଥା, ଯାଜପୁର, ଭଦ୍ରକ ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ,ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲା ପାଇଁ ଏହିଠାରୁ ସେବା ଉପଲବ୍ଧ କରାଯିବ ବୋଲି ମା ଦୁର୍ଗା ଅଟୋଟେକ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ ଶୁଭେନ୍ଦୁ କୁମାର ବେହେରା ଜଣାଇଛନ୍ତି। ଏହି ଅବସରରେ ମହିନ୍ଦ୍ରା କମ୍ପାନୀର ଫ୍ୟୁରୋ-୮ ନାମକ ଏକ ଟ୍ରକ ଅନାବରଣ କରାଯାଇଥିଲା।


# Classified Everyday
0674-2580101, 9692975378




## REAL ESTATE

## SALE

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429. D-3194

ପୁରୀ ଅଠରନଳା ଛକଠାରୁ ୧୦୦ମିଟର ମଧ୍ୟରେ ୫ଟି ସ୍ଥିତିବାନ ବାସଘରଯୋଗ୍ୟ ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 8917271741/ 6371040227 ଉକ୍ତ ପ୍ଲଟ୍‌କୁ ଲାଗି ୧୨ଟି ଆପାର୍ଟମେଣ୍ଟ ତିଆରି କରାଯାଇ ବିକ୍ରି ହେବ। Studio apartment approximate 380sqft- 14ଲକ୍ଷ, 1BHK approximate 550sqft. 19ଲକ୍ଷ। ଯୋଗାଯୋଗ- 9040622080. D-76954

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



## CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190




Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059 / 7656969134. D-3166

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ଶ୍ରୀମତୀ ସ୍ନେହଲତା ରାଉତ, ବୟସ 39, ସ୍ୱାମୀ- ମନ୍ମଥ କୁମାର ମଲିଆ, ଠିକଣା- S-2-183, ନୀଳାଦ୍ରି ବିହାର, ପୋ.- ଶୈଳଶ୍ରୀ ବିହାର, ଥାନା- ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- 751021. ଏତଦ୍ୱାରା ନୋଟାରୀ ଭୁବନେଶ୍ୱରଙ୍କ ନିକଟରେ କରିଥିବା ସତ୍ୟପାଠ ଜରିଆରେ ଜଣାଉଅଛିକି ମୋର ଏକ ଲିଜ୍ ଡିଡ୍ (ପଟ୍ଟା କବଲା) ଯାହାର ନଂ.11082209939 ଅଟେ। ଖଣ୍ଡଗିରି ସବରେଜିଷ୍ଟ୍ରିଙ୍କ ନିକଟରେ ଗତ ତା୧୩।୦୭।୨୦୨୨ରିଖରେ ରେଜିଷ୍ଟ୍ରି ହୋଇଥିଲା। ତାହା ସତ୍ୟନାରାୟଣ ମିଶ୍ରଙ୍କ ପକ୍ଷେ କରାଯାଇଥିଲା। ସେହି ଲିଜ୍ ଡିଡ୍‌ଟି ମୁଁ ରହୁଥିବା ନୀଳାଦ୍ରି ବିହାର ଠାରୁ ନାଲକୋ ସ୍କୋୟାର ମଧ୍ୟରେ ଗତ ତା।୧୪।୦୧।୨୦୨୬ରି ଖରେ ଆସୁଥିବା ସମୟରେ କେଉଁଆଡେ ହଜିଯାଇଅଛି। ଏହାକୁ ଯଦି କେହି ଅପବ୍ୟବହାର/misuse କରନ୍ତି ସେଥିପାଇଁ ଆମେ ଦାୟୀ ରହିବୁ ନାହିଁ। ଧ-୩୦୨୪

## AFFIDAVIT

By virtue of an affidavit Regd. No.- 3127, before the Executive Magistrate, Bari, on dated 03.12.2025, I, NIHAR RANJAN SAHOO, S/o.- SRIDHARA SAHOO, At- Benjarapur, P.O.- Mandari, P.S.- Bari Ramachandrapur, Dist.- Jajpur, PIN- 755003 declare that I have changed my minor daughter's name from AURORA SAHOO NIHAR RANJAN SAHOO to AURORA SAHOO. Henceforth, she will be known as AURORA SAHOO for all purpose. D-3025

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

### ଦ୍ୱିତୀୟ ପୁଣ୍ୟତିଥି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ତୃପ୍ତୀମୟୀ ଜେନା
ସ୍ୱା.- ପ୍ରଶାନ୍ତ କୁମାର ଜେନା
ଆବିର୍ଭାବ: ୦୧।୦୪।୧୯୬୪
ତିରୋଧାନ: ୨୦।୦୨।୨୦୨୪
ଭାଗୀରଥି ବିହାର, ଗୁଡିଆନାଳୀ, ଢେଙ୍କାନାଳ
ବିଧିର ବିଧାନ ଅନୁସାରେ ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା। ସାଂସାରିକ ଯାତ୍ରାରେ ତୁମର ସ୍ନେହ, ସମର୍ପଣ ଏବଂ ଭଲପାଇବା ଆମ ପାଇଁ ଅମୃତସମ। ତୁମ ହସ ଏବଂ ଆଦର ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଭବ କରୁଅଛୁ। ତୁମର ସ୍ମୃତି ଆମ ହୃଦୟରେ ଅମର ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା।
ଶୋକସନ୍ତପ୍ତ:- ହତଭାଗ୍ୟ ସ୍ୱାମୀ, ଝିଅ- ସୋନି, ମୋନି, ଗୁଡୁ ସହିତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୦୨୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବାସୁଦେବ ଗରାବଡୁ
(୧୯୩୩-୨୦୨୦)
ବଡ଼ଦାଣ୍ଡ ସାହି, ଓଲ୍ଡ ଟାଉନ୍, ପୁରୁଣା ଭୁବନେଶ୍ୱର
ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜ, ମା’ ଗୋପାଳୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ।
ଆଶୀର୍ବାଦାକାଂକ୍ଷୀ: ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୬୦୯୨

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସତ୍ୟନାରାୟଣ ପଣ୍ଡା
Flat No. 401, Niladri Mansion 2, Niladri Bihar, Bhubaneswar
ଆବିର୍ଭାବ : ୦୫।୦୩।୧୯୬୨
ତିରୋଧାନ : ୧୮।୦୧।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୭୬୦୯୧

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋବିନ୍ଦ ସାହୁ
କୁମାରୀ, ଜାରକା, ଧର୍ମଶାଳା
ଆବିର୍ଭାବ- ୦୬।୦୫।୧୯୬୧
ତିରୋଧାନ- ୧୯।୦୧।୨୦୨୬
ତୁମେ ଆମ୍ଭମାନଙ୍କୁ ଛାଡିଯିବା ୧୧ଦିନ ବିତିଲାଣି। ତୁମ ବିୟୋଗ ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ବଡଭାଇ- ଅନାଦି ସାହୁ, ପୁତ୍ର:ପୁତ୍ରବଧୂ- ରାଜକିଶୋର- ମିନି, ରତିକାନ୍ତ- ରଜନୀ, ନିର୍ମଳ- ସୁଜାତା, ବିଭୁ, ବିଶ୍ୱେଶ୍ୱର, ଝିଅ- କ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୩୨୨୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ବିଦ୍ୟୁଲତା ଜେନା
ଗଡ଼ସାହି, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ- ୦୧।୦୧।୧୯୪୭
ତିରୋଧାନ- ୦୬।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଜେନା ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୩୦୨୩

ଧରିତ୍ରୀ DHARITRI
### Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, ୨୮।୧ (ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ଗଣତନ୍ତ୍ରର ରକ୍ଷା ନିମନ୍ତେ ଗଣତନ୍ତ୍ରର ମହନୀୟତା, ସ୍ୱତନ୍ତ୍ରତା, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ସହ ୭୭ ବର୍ଷର ଏହି ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ଭବିଷ୍ୟତ ଆଜିର ଯୁବପିଢିଙ୍କୁ ପ୍ରୋତ୍ସାହିତ କରୁ ବୋଲି ଆଶା ପୋଷଣ କରିବା ସହ ସାହସ ଓ ଉଦ୍ୟମ ଦ୍ୱାରା ହିଁ ସଫଳତାର ଶିଡ଼ି ଚଢି ପାରିବ ବୋଲି ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିବିକ୍ରମ ଷଡଙ୍ଗୀ ବକ୍ତବ୍ୟରେ ସ୍ୱାଧୀନୋତ୍ତର ଭାରତର ଯୁବଶକ୍ତି ଭାରତର ଉର୍ଦ୍ଧ୍ୱଗତିତାକୁ ସାକାର କରିବାରେ ଗୁରୁଦାୟିତ୍ୱ ନିଅନ୍ତୁ, କାରଣ ଛାତ୍ର ହେଉଛି ରାଷ୍ଟ୍ରର ଶକ୍ତି ବୋଲି ମତ ପୋଷଣ କରିଥିଲେ। ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ କହିଥିଲେ, ଶୃଙ୍ଖଳା ହିଁ ଭବିଷ୍ୟତର ଚାବିକାଠି ବୋଲି ଛାତ୍ରୀଛାତ୍ରଙ୍କୁ କହିବା ସହ ଶୃଙ୍ଖଳା ଏଭଳି ଏକ ଅସ୍ତ୍ର ଯାହା ତୁମର ଭବିଷ୍ୟତ ଜୀବନ ସହ ସମଗ୍ର ଦେଶକୁ ପରିବର୍ତ୍ତନ କରିଦେଇପାରିବ ବୋଲି ନିଜର ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ତଥା ଆବାସିକ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନିସ୍ ଶିକ୍ଷାନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, ୨୮।୧ (ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣକରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଅଧ୍ୟକ୍ଷ ଡ. ରାସେଶ ସ୍ୱାଇଁ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ, ଉପାଧ୍ୟକ୍ଷ ପ୍ରଫେସର ଇନ୍ଦ୍ରଜିତ ଦାସ, ଏମ୍‌ବିଏ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ନୋରା

# ଦୋଛକିରେ ନୋରା

ନୋରା ଫତେହି ଏବେ କ'ଣ କରିବେ ଜାଣିପାରୁନାହାନ୍ତି। ଗୋଟିଏ ପଟେ ଯେଉଁ ସୁଯୋଗଟି ମିଳିଛି ତାକୁ ଛାଡିବାକୁ ଇଚ୍ଛା ହେଉନି। ହେଲେ ସେପଟେ ଏଥିରେ ଟିକେ କେଁ ରହିଯାଇଛି। ତେବେ ତାହା କ'ଣ ଜାଣିବେନି ? କଥା କ'ଣ କି ନୋରାଙ୍କୁ ନିକଟରେ ଏକ ନୂଆ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଅଫର ମିଳିଛି। ଭୂମିକାଟି ସିନା ଛୋଟ, ହେଲେ ସେଥିରେ କେତୋଟି ବୋଲ୍ଡ ସିନ୍ ରହିଛି। ଆଉ ଏହାକୁ ନେଇ ଦୋଛକିରେ ପଡିଛନ୍ତି ଏହି ଅଭିନେତ୍ରୀ। ତା'ସହ ପୁଣି ତାଙ୍କୁ ଏକ ଆଇଟମ୍ ନମ୍ବରରେ ନାଚିବାକୁ ପଡିବ। ଏ ବିଷୟରେ ନୋରା କହନ୍ତି, ''ଏହି ନୂଆ ସିନେମାରେ ମୋର ଭୂମିକାଟି ଛୋଟ। ହେଲେ ସେଥିରେ କେତୋଟି ଗରମା ଗରମ ସିନ୍ ଦେବାକୁ ପଡିବ। ତା'ସହ ପୁଣି ଏକ ଆଇଟମ ନମ୍ବର ମଧ୍ୟ ରହିଛି। ତେଣୁ ଏହି ଅଫରକୁ ଗ୍ରହଣ କରିବି ନା ମନା କରିବି ଜାଣିପାରୁନାହିଁ। ଅବଶ୍ୟ ଏବେ ମୋ ହାତରେ ପାଖାପାଖି ଦୁଇ ସପ୍ତାହ ସମୟ ରହିଛି ଆଉ ତା' ଭିତରେ ପ୍ରଯୋଜନା ସଂସ୍ଥାକୁ ମୋର ଶେଷ ନିଷ୍ପତ୍ତି ଜଣାଇବାକୁ ପଡିବ।'' ସେପଟେ ଶୁଣିବାକୁ ମିଳୁଛି ଯେ ଏଭଳି ଶଟ୍ ପାଇଁ ତାଙ୍କୁ କୁଆଡେ ଅଧିକ ପାରିଶ୍ରମିକ ମିଳିବ। ହେଲେ ଏକଥାକୁ ନେଇ ମୁହଁ ଖୋଲୁନାହାନ୍ତି ନୋରା। ତେବେ ଏହି ଅଫରକୁ ନୋରା ଗ୍ରହଣ କରୁଛନ୍ତି କି ନାହିଁ ତାହା ଖୁବ୍ ଶୀଘ୍ର ଜଣାପଡିଯିବ। ନୋରାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ରୋର୍ : ଦ ଟାଇଗର୍ସ ଅଫ ଦ ସୁନ୍ଦରବନ୍ସ'। ହେଲେ ଏହି ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଏହାବ୍ୟତୀତ ସେ କେତୋଟି ତାମିଲ ଏବଂ ମାଲୟାଲମ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି।

# କେବଳ ବରୁଣ

ଯାହା କୁହନ୍ତୁନା କାହିଁକି ଆଲିଆ ଭଟ୍ଟଙ୍କ ଆଇଡିଆକୁ ମାନିବାକୁ ପଡିବ। କେତେବେଳେ କେମିତିକା ଗୁଳି ମାରିଲେ ତାହା ତାଙ୍କ କ୍ୟାରିୟରକୁ ମାଇଲେଜ ଦେବ ତାହା ତାଙ୍କୁ ଭଲ ଭାବରେ ମାଲୁମ। ଦେଖୁନାହାନ୍ତି ସେ କେମିତି 'ବର୍ଡର ୨' ଦେଖିବା ପରେ ସେ କେମିତି ବରୁଣ ଧାବନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଏହି ଫିଲ୍ମଟି ଦେଖିବା ପରେ ସେ କହିଛନ୍ତି,''ବରୁଣ 'ବର୍ଡର ୨'ଫିଲ୍ମରେ ଯେଉଁ ରୋଲ ତୁଲାଇଛନ୍ତି ତାହାକୁ ଆଉ କେହି ଠିକ୍ ଭାବରେ ନେଇ ଆଣି ଥୋଇ ପାରି ନ ଥାନ୍ତେ। ଏ ନେଇ ମୁଁ ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ ହେବ। ଶୁଣିବାକୁ ମିଳୁଛି ଯେ ବରୁଣ ଅଭିନୟ କରିବାକୁ ଯାଉ ଥିବା ନୂଆ ସିନେମାରେ ମୁଁ କୁଆଡେ ନାୟିକା ସାଜିବି। କିନ୍ତୁ ମୋତେ ଏ ପର୍ଯ୍ୟନ୍ତ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ କିଛି ସୂଚନା ଦିଆଯାଇ ନାହିଁ। ଯଦି ମୋତେ ଏଭଳି ଅଫର ମିଳେ ତାହାକୁ କେବେ ହାତଛଡା କରିବି ନାହିଁ। ଏଭଳି ଅଫର କେବଳ ମିଳିବାକୁ ଅପେକ୍ଷା କରିଛି।'' ତେବେ ଏହି ଅଫର ସତ କି ନାହିଁ ତାହା ଖୁବ ଶୀଘ୍ର ଜଣାପଡିବ।


ଆଲିଆ

# ସଲମାନ୍ ନ ଥିଲେ ପ୍ରଥମ ଚଏସ୍

ଥରେ ମନେ ପକାନ୍ତୁ ନା ରାଜଶ୍ରୀ ପ୍ରଡକ୍ସନ ପ୍ରା.ଲି. ବ୍ୟାନରରେ ପ୍ରସ୍ତୁତ 'ମୈନେ ପ୍ୟାର୍ କିୟା' ଫିଲ୍ମକୁ। ଉକ୍ତ ସିନେମାରେ ସଲମାନ୍ ଖାନ୍ ନାୟକ ଭାବରେ ବ୍ରେକ୍ ପାଇଥିଲେ। ସୁରଜ ବରଜ୍ୟାତାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ବକ୍ସ ଅଫିସରେ ଆଶାତୀତ ବିଜନେସ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଗୋଟିଏ କଥା ଜାଣିନ୍ତି ? ଏହି ସିନେମାରେ କିଏ ନାୟକ ସାଜିବ ପ୍ରଥମେ ସେ ନେଇ ସଲମାନଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ଏ ନେଇ ପ୍ରଥମେ ଆମୀର ଖାନ୍ଙ୍କ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ କେତେକ କାରଣରୁ ଆମୀର ଅଫରଟିକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେତେବେଳେ ନିର୍ଦ୍ଦେଶକ ସଲମାନଙ୍କ ବିଷୟରେ ଚିନ୍ତା କରିବା ସହ ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରିଥିଲେ। ଆଉ ଏଭଳି ସୁଯୋଗକୁ ହାତଛଡା କରି ନ ଥିଲେ ସଲମାନ୍। ଆଉ ପରେ ଯାହା ଘଟିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏଥିରେ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଥିଲେ ନବାଗତା ଭାଗ୍ୟଶ୍ରୀ। ଏହି ସିନେମାର କାହାଣୀ, ସଂଳାପ, ଉପସ୍ଥାପନା ବ୍ୟତୀତ ଗୀତଗୁଡିକ ବେଶ୍ ଶ୍ରୁତିମଧୁର ଥିଲା। ଏଗୁଡିକୁ ସ୍ୱର ଦେଇଥିଲେ ରାମ-ଲକ୍ଷ୍ମଣ। ୧୯୮୯ ଡିସେମ୍ବର ୨୯ରେ ରିଲିଜ ହୋଇଥିବା ଏହି ଫିଲ୍ମର ବଜେଟ୍ ଥିଲା ମାତ୍ର ଏକ କୋଟି। ହେଲେ ଚିତ୍ରଟି ୪୫କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।



# ଜ୍ୟୋତି ଯାହା ଚାହୁଁଥିଲେ...

କୁଣ୍ଡଳିରେ କ'ଣ ଲେଖାଥାଏ ତାହା କେହି ଜାଣି ନ ଥାନ୍ତି। କିଛି ଘଟିବା ପରେ ଭାବନ୍ତି 'ଏଇଆ ବୋଧେ ମୋ ଭାଗ୍ୟ ବା କୁଣ୍ଡଳିରେ ଲେଖାଥିଲା।' ସେଭଳି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'କୁଣ୍ଡଳି'। ତା'ସହ ଏହାର କାହାଣୀରେ ରହସ୍ୟ ରୋମାଞ୍ଚ ଭରିରହିଛି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ନବାଗତା ବିଜୟଲକ୍ଷ୍ମୀ ନାୟକ। ନିର୍ଦ୍ଦେଶକ ସାଜିଛନ୍ତି ରୋହନଜିତ ଦାଶ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜ୍ଞାନ ବେହେରା। ଚିତ୍ରଟିର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଶୁଭ୍ରାଂଶୁ ଶେଖର ମହାପାତ୍ର। କାହାଣୀ ସହ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ। ଥଣ୍ଡରପିକ୍ସେଲ ଫିଲ୍ମସ ଏବଂ ଆମରା ମ୍ୟୁଜିକର ମିଳିତ ସହଯୋଗରେ ଏହାକୁ ପ୍ରସ୍ତୁତ କରାଯାଉଛି। ଏହାର ମୁଖ୍ୟ ଭୂମିକାରେ ଜ୍ୟୋତି ନାୟକ ଅଭିନୟ କରିଥିବା ବେଳେ ନବାଗତ ମୃଣ୍ମୟ, ଅନନ୍ୟା ଦାଶ ଏବଂ ଜସ୍ମିନ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବେ। ''ଏହି ବିଗ୍ ବଜେଟ୍ ଫିଲ୍ମର ଶୁଟିଂ ସମୟରେ ସବୁ ଦିଗ ପ୍ରତି ଆବଶ୍ୟକ ମୁତାବକ ଧ୍ୟାନ ଦିଆଯିବ ଏବଂ ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ବୋଲି କହନ୍ତି ନିର୍ଦ୍ଦେଶକ। ଫିଲ୍ମଟିର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ।


ଜ୍ୟୋତି

# ଆସିବାକୁ ଶୁଭ ଦିନ

ନୂଆ ଓଡ଼ିଆ ସିନେମା 'ପରୀ' ଚଳିତ ମାସ ୩୦ରେ ରିଲିଜ ହେବାକୁ ଯାଉଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଶିଶୁ କଳାକାର ଦିବ୍ୟାଂଶୀ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଓମ୍ ଶାନ୍ତି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ। ଏହି ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। ଅବଶ୍ୟ ଏହାପୂର୍ବରୁ ସେ 'ଅତି ଜମା ଭଲ ନୁହେଁ', 'ପାରି କରିବେ ମୋ ଭୋଳା ଶଙ୍କର ୩', 'ଚୋରି ଚୋରି ବୋହୂ ଚୋରି' ଏବଂ 'ବାଲିଯାତ୍ରା' ସିନେମାରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରି ନିଜ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ପ୍ରମୋଦ ପରିଡା ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ। ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ଡା. ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ନୀଳମଣି ସାହୁ, ସୌମ୍ୟ ପ୍ରକାଶ ଦାସ ଅଧିକାରୀ, ଗୁଲ୍ଲୁ, ଜଗନ୍ନାଥ ସାହୁ, ଏବଂ ରୋଶନ ଭରଦ୍ୱାଜ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

# କଥା ପରମ୍ପରାର

ଅନେକ କଳା ପରମ୍ପରା ଦିନକୁ ଦିନ ହଜିଯାଉଛି। ଆଉ ସେହି ପୁରୁଣା ପରମ୍ପରାକୁ ପୁଣି ଥରେ ଜନସାଧାରଣଙ୍କ ମାନସପଟରେ ଉଜ୍ଜୀବିତ କରିବା ଲାଗି ପ୍ରୟାସ କରାଯାଉଛି। ପ୍ରାୟ ଲୋପ ପାଇଯାଉଥିବା ସେଭଳି କିଛି ପରମ୍ପରାର ଝଲକ୍ ଏହି ନୂଆ ସିନେମାରେ ଦେଖିବାକୁ ମିଳିବ। ହଁ, ସେଭଳି ଏକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ସପନର ଆର ପାରି ଗାଁ'। ଏ ବିନୋଦିନୀ କ୍ରିଏସନ୍ସ ଡ୍ରିମ୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସସ୍ମିତା ପାଢ଼ୀ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଓମ ପ୍ରକାଶ ରାଉତରାୟ। ଖାସ୍ କଥା ହେଲା, ଏହାର ନାୟକ ସାଜିଛନ୍ତି ବିଶ୍ୱରୂପ ମିଶ୍ର। ଏ ବିଷୟରେ ସେ କହନ୍ତି, ''ଏହି ଫିଲ୍ମର କାହାଣୀ ଚୟନ କରିବାକୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ଠିକ୍ ଭାବରେ ତୁଲାଇଛି। ତା'ସହ କାହାଣୀକୁ ପିକ୍ଚରାଇଜେଶନ କରାଯିବା ବେଳେ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି। ପ୍ରତ୍ୟେକ କଳାକାର ନିଜ ନିଜ ଭୂମିକାକୁ ତୁଲାଇବାକୁ କମ୍ ପରିଶ୍ରମ କରିନାହାନ୍ତି। କେବଳ କାହାଣୀ ନୁହେଁ, ଏହାର ଗୀତଗୁଡିକ ମଧ୍ୟ ଶ୍ରୋତାଙ୍କୁ ପ୍ରଭାବିତ କରିବ।'' ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ। ସଂଳାପ ଲେଖିଛନ୍ତି ଜୀତେନ୍ଦ୍ର ବରାଳ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ ଏବଂ ଶାନ୍ତନୁ ନାୟକ। ବିଶ୍ୱରୂପଙ୍କ ବ୍ୟତୀତ ଏଥିରେ ବିଭିନ୍ନ ଭୂମିକାରେ ବିଦୁସ୍ମିତା ମନ୍ତ୍ରୀ, ଶୁଭଲକ୍ଷ୍ମୀ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରୁତି ଖଣ୍ଡେଲୱାଲ, ଗୌରୀ ମହାପାତ୍ର, ସାଇଶ୍ରୀ, ସୌମିକ ଏବଂ କାଳୀ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ରିଲିଜ ପରେ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


'ସପନର ଆରପାରି ଗାଁ' ଫିଲ୍ମରେ ବିଶ୍ୱରୂପ

# ଜଙ୍ଗଲ ଜଳୁଛେ

'ଜଙ୍ଗଲ ଜଲୁଛେ' ଏଭଳି ଏକ ଟାଇଟଲକୁ ନେଇ ନିର୍ମିତ ହେଉଛି ଓଡ଼ିଆ ତଥା କୋରାପୁଟିଆ ଫିଲ୍ମ। କାହାଣୀ ଅନୁସାରେ ଜଣେ ନିଶାଗ୍ରସ୍ତ ବ୍ୟକ୍ତି କେବଳ ନିଜ ପରିବାରର କ୍ଷତି କରେନା ଏହାଦ୍ୱାରା ସମାଜ ମଧ୍ୟ ପ୍ରଭାବିତ ହୁଏ। ତେବେ ଏହାର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବ। ଏସ୍‌ସିଟିଏସ୍ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାରଣା। ଉକ୍ତ ସିନେମାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କୁମାର ଲାବା। କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ପଙ୍କଜ ଜାଲ୍, ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା ଏବଂ ସଂଯୁକ୍ତା ମହାନ୍ତି। ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁବ୍ରତା ନାୟକ, ଶ୍ରଦ୍ଧା ମହାରଣା, ମିଟୁ ମିଥୁନ, ବିନ୍ଦୁ ମଲିକ ଏବଂ ମୁନା ମୋଦି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଭାବି ନ ଥିଲେ ଦିଶା

ଦିଶା ପଟାନିଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା ଏକ ତେଲୁଗୁ ଫିଲ୍ମରୁ। ଏହାର ଟାଇଟଲ ଥିଲା 'ଲୋଫର'। ୨୦୧୫ରେ ରିଲିଜ ହୋଇଥିବା ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ଠିକ ଏହାର ପର ବର୍ଷ ଅର୍ଥାତ ୨୦୧୬ରେ ସେ ବଲିଉଡରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ଥିଲା 'ଏମଏସ ଧୋନୀ : ଦ ଅନଟୋଲ୍ଡ ଷ୍ଟୋରି' (୨୦୧୬)। ଏଥିରେ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ। ଚିତ୍ରଟି ମଧ୍ୟ ହିଟ ହୋଇଥିଲା। ନିଜ କ୍ୟାରିୟର ଆରମ୍ଭରୁ ବ୍ୟାକ ଟୁ ବ୍ୟାକ ଦୁଇଟି ସିନେମା ହିଟ୍ ହେବା ପରେ ୨୦୧୭ରେ ଜ୍ୟାକି ଚାନ୍ଙ୍କ 'କୁଙ୍ଗ ଫୁ ଯୋଗା' ମଧ୍ୟ ଦର୍ଶକାଦୃତ ହୋଇଥିଲା। ଫଳରେ ଲଗାତର ତିନି ବର୍ଷ ଦିଶାଙ୍କ ଅଭିନୀତ ତିନୋଟି ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥିଲା। ତା'ପରେ ଦିଶା ଆଉ ପଛକୁ ଫେରି ଚାହିଁ ନ ଥିଲେ।


ଦିଶା

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୯/୨୦୨୬ Bhubaneswar, Thursday, January 29/ 2026







# ନ୍ୟୁଜିଲାଣ୍ଡ ଜିତିଲା ଚତୁର୍ଥ ଟି୨୦



ଶଟ୍ ଖେଳିବା ଅବସରରେ ଟିମ୍ ଶିଫର୍ଟ।

**ବିଶାଖାପାଟଣା, ୨୮।୧ (ପି.ଟି.)**

ସ୍ଥାନୀୟ ଏସିଏ-ଭିଡିସିଏ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ସିରିଜ୍‌ର ଚତୁର୍ଥ ଟି୨୦ କ୍ରିକେଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ଭାରତକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ୍ କରିଥିଲା। ଜବାବରେ ଭାରତ ୧୮.୪ ଓଭରରେ ୧୬୫ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଏହି ମ୍ୟାଚ୍‌ର ଫଳାଫଳ ପରେ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଭାରତ ୩-୧ରେ ଅଗ୍ରଣୀ ରହିଛି। ଏହି ମ୍ୟାଚ୍‌ରେ ରିଙ୍କୁ ସିଂ ୪ କ୍ୟାଚ୍ ନେଇଥିଲେ, ଯାହାକି ଅନ୍ତର୍ଜାତୀୟ ଟି୨୦ରେ ଭାରତ ପାଇଁ ମିଳିତ ସର୍ବାଧିକ। ତାଙ୍କ ପୂର୍ବରୁ ଅଜିଙ୍କ୍ୟ ରାହାନେ ୨୦୧୪ରେ ଏଜ୍‌ବାଷ୍ଟନଠାରେ ଇଂଲଣ୍ଡ ବିପକ୍ଷରେ ସମାନ ସଂଖ୍ୟକ କ୍ୟାଚ୍ ନେଇଥିଲେ। ବଡ଼ ଟାର୍ଗେଟ୍ ଥିବାବେଳେ ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା (୦) ଓ ଇନ୍‌ଫର୍ମ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୮ ରନ୍‌ରେ ଆଉଟ୍ ହେବାରୁ ଭାରତ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ସଞ୍ଜୁ ସାମ୍‌ସନ(୨୪)ଙ୍କ ସଂଘର୍ଷ ଜାରି ରହିଥିବାବେଳେ ହାର୍ଦ୍ଦିକ୍ ପାଣ୍ଡ୍ୟା ଫେଲ୍ ମାରିଥିଲେ। ଶିବମ୍ ଦୁବେ ୨୩ ବଲ୍‌ରୁ ୬୫ ରନ୍‌ର ସାହସିକ ଇନିଂସ୍ ଖେଳିଥିଲେ ହେଁ ତାହା ଭାରତ ବିଜୟ ପାଇଁ ପର୍ଯ୍ୟାପ୍ତ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ସର୍ବାଧିକ ୩ଟି ଓ ଇଶ୍ ସୋଧି ୨ଟି ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡକୁ ଡେଭନ କନ୍‌ୱେ ଓ ଟିମ୍ ସିଫର୍ଟଙ୍କ ଓପନିଂ ଯୋଡ଼ି ୮.୨ ଓଭରରେ ୧୦୦ ରନ୍‌ର ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। କନ୍‌ୱେ ୨୩ ବଲ୍‌ରେ ୪୪ ଓ ସିଫର୍ଟ ୩୬ ବଲରେ ୬୨ ରନ୍ କରି ଆଉଟ୍ ହୋଇଥିଲେ। ଶେଷଭାଗରେ ଡାରିଲ ମିଚେଲ ୧୮ ବଲ୍‌ରେ ବିସ୍ଫୋରକ ୩୯ ରନ୍ କରି ଦଳୀୟ ସ୍କୋରକୁ ୨୧୫ରେ ପହଞ୍ଚାଇ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୫/୭ (ଟିମ୍ ସିଫର୍ଟ-୬୨, ଡେଭନ କନ୍‌ୱେ-୪୪, ଡାରିଲ ମିଚେଲ-୩୯*, ଅର୍ଶଦୀପ ସିଂ-୨/୩୩, କୁଲଦୀପ ଯାଦବ-୨/୩୯, ଯଶପ୍ରୀତ୍ ବୁମ୍‌ରା-୧/୩୮, ରବି ବିଷ୍ଣୋଇ-୧/୪୯)। ଭାରତ ୧୮.୪ ଓଭରରେ ୧୬୫/ଅଲ୍‌ଆଉଟ (ଶିବମ୍ ଦୁବେ-୬୫, ରିଙ୍କୁ ସିଂ-୩୯, ମିଚେଲ ସାଣ୍ଟନର-୩/୨୬, ଇଶ୍ ସୋଧି-୨/୪୬, ଜ୍ୟାକବ ଡୁଫି-୨/୩୩, ମ୍ୟାଟ୍ ହେନ୍‌ରି-୧/୨୪, ଜ୍ୟାକ୍ ଫୋକ୍ସ-୧/୨୯)।



ମହିଳା ଟି୨୦ ବିଶ୍ୱକପ୍ ଯୋଗ୍ୟତା ହାସଲ ପରେ ଆନନ୍ଦରେ ଉଲ୍ଲସିତ ନେଦରଲାଣ୍ଡ୍‌ସର ଖେଳାଳିମାନେ।

# ନେଦରଲାଣ୍ଡ୍‌ସକୁ ମହିଳା ଟି୨୦ ବିଶ୍ୱକପ୍ ଯୋଗ୍ୟତା

**କାଠମାଣ୍ଡୁ, ୨୮।୧ (ପି.ଟି.)**

ଆସନ୍ତା ଜୁଲାଇରେ ଇଂଲଣ୍ଡରେ ହେବାକୁଥିବା ମହିଳା ଟି୨୦ ବିଶ୍ୱକପ୍ ଲାଗି ଏଠାରେ ଚାଲିଥିବା କ୍ୱାଲିଫାୟରର ସୁପର-୬ ପର୍ଯ୍ୟାୟ ଜରିଆରେ ବାଂଲାଦେଶ ଓ ନେଦରଲାଣ୍ଡ୍‌ସ ବୁଧବାର ସେମାନଙ୍କ ଯୋଗ୍ୟତା ହାସଲ କରିଛନ୍ତି।

ୟୁଏସ୍‌ଏକୁ ଡିଏଲ୍‌ଏସ୍ ମେଥଡ୍‌ରେ ୨୧ ରନ୍‌ରେ ପରାସ୍ତକରି ନେଦରଲାଣ୍ଡ୍‌ସ ପ୍ରଥମଥର ପାଇଁ ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। ମ୍ୟାଚ୍‌ରେ ଆମେରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୯ ରନ୍ କରିଥିଲା। ଜବାବରେ ନେଦରଲାଣ୍ଡ୍‌ସ ୧୨ ଓଭର ସୁଦ୍ଧା ୨ ଉଇକେଟ ହରାଇ ୯୦ ରନ୍ କରିବା ପରେ ବର୍ଷା ବାଧକ ସାଜିଥିଲା। ପରେ ଡିଏଲ୍‌ଏସ୍ ମେଥଡ୍‌ରେ ନେଦରଲାଣ୍ଡ୍‌ସ ୨୧ ରନ୍‌ରେ ବିଜୟୀ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ୩୯ ରନ୍‌ରେ ଥାଇଲାଣ୍ଡକୁ ପରାସ୍ତକରି ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିଛି। ବାଂଲାଦେଶ ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୮ ଉଇକେଟ ହରାଇ ୧୬୫ ରନ୍‌କରିଥିଲା। ଜବାବରେ ଥାଇଲାଣ୍ଡ ଶେଷପର୍ଯ୍ୟନ୍ତ ଖେଳି ୮ ଉଇକେଟ ହରାଇ ୧୨୬ ରନ୍ କରିବାକୁ ସକ୍ଷମ ହୋଇଥିଲା।

# କିନାନ୍‌ରେ ଆଜିଠୁ ଓଡ଼ିଶା-ଝାଡ଼ଖଣ୍ଡ

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ବିସିସିଆଇର ସବୁଠାରୁ ସମ୍ମାନଜନକ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ସିଜନ ୨୦୨୫-୨୬ର ଅନ୍ତିମ ଲିଗ୍ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ଏହି କ୍ରମରେ ଏଲିଟ ଗ୍ରୁପ୍ 'ଏ'ରେ ଓଡ଼ିଶା ଏହାର ଶେଷ ମ୍ୟାଚ୍ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ। ଜାମ୍‌ସେଦ୍‌ପୁରର କିନାନ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ। ଚଳିତ ସିଜନରେ ଓଡ଼ିଶା ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ୬ ମ୍ୟାଚ୍‌ରୁ ମାତ୍ର ଗୋଟିଏ ବିଜୟ, ୪ ପରାଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇ ୮ ଦଳବିଶିଷ୍ଟ ଗ୍ରୁପ୍ 'ଏ' ଟେବୁଲରେ ୭ମ ସ୍ଥାନରେ ରହିଛି। ତେଣୁ ସମ୍ମାନ ରକ୍ଷାଲାଗି ମିଳିଥିବା ଶେଷ ସୁଯୋଗର ସଦୁପଯୋଗ କରିବାକୁ ଚାହିଁବ ନିଶ୍ଚିତ। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ୬ ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇଥିବାବେଳେ ୨ଟି ଡ୍ର ରଖିଛି ଏବଂ ମାତ୍ର ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଛି। ୨୪ ପଏଣ୍ଟ ସହିତ ଏହି ଦଳ ଟେବୁଲର ତୃତୀୟ ସ୍ଥାନରେ ରହିଛି। ତେଣୁ ଘରୋଇ ପରିବେଶ ଏବଂ ଚଳିତ ସିଜନର ପ୍ରଦର୍ଶନ ଦୃଷ୍ଟିରୁ ଏହି ମ୍ୟାଚ୍‌ରେ ଝାଡ଼ଖଣ୍ଡର ପଲା ଭାରି ରହିବ।

ବରୋଦା ନିକଟରୁ ୭ ଉଇକେଟରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ବର୍ଷା ବାଧାପ୍ରାପ୍ତ ଉତ୍ତରପ୍ରଦେଶ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌କୁ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ତେବେ ପରବର୍ତ୍ତୀ ୨ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ନିକଟରୁ ଏକ ଇନିଂସ୍ ୫୦ ରନ୍ ଏବଂ ବିଦର୍ଭଠାରୁ ୧୦୦ ରନ୍‌ରେ ପରାଜିତ ହୋଇଥିଲା। ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍‌କୁ ୨୯୯ ରନ୍‌ରେ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଦୀର୍ଘ ଦେଢ଼ମାସର ବ୍ରେକ୍ ପରେ ଅନୁଷ୍ଠିତ ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ୨୦୭ ରନ୍‌ରେ ପରାଜିତ ହୋଇ ଟେବୁଲର ତଳକୁ ଖସିଥିଲା। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ନିଜର ୬ ମ୍ୟାଚ୍ ମଧ୍ୟରେ ତାମିଲନାଡୁ, ନାଗାଲାଣ୍ଡ ଓ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ଜିତିଥିବାବେଳେ କେବଳ ଆନ୍ଧ୍ରପ୍ରଦେଶ ନିକଟରୁ ପରାଜିତ ହୋଇଛି। ବିଦର୍ଭ ଓ ବରୋଦା ବିପକ୍ଷ ଅନ୍ୟ ୨ ମ୍ୟାଚ୍‌କୁ ଡ୍ର ରଖିଛି। ତେଣୁ ଆଗାମୀ ମ୍ୟାଚ୍‌ରେ ଓଡ଼ିଶା ଦଳ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ନିଶ୍ଚିତ।

ରେକର୍ଡ ଅନୁସାରେ ଦୁଇ ଦଳ ମଧ୍ୟରେ ଶେଷ ୫ଟି ମୁକାବିଲାକୁ ଦେଖିଲେ ଝାଡ଼ଖଣ୍ଡ ୨ଟି ମ୍ୟାଚ୍ ଜିତିଛି ଏବଂ ୨ଟି ଡ୍ର ରହିଛି। ଓଡ଼ିଶା ଶେଷଥର ପାଇଁ ୨୦୧୩ରେ ବିଜୟ ସ୍ୱାଦ ଚାଖିଛି।

# ଜାତୀୟ ଜୁନିୟର ବୋସିଆରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ପାରା ସ୍ପୋର୍ଟ୍ସର ଅନ୍ୟତମ ଇଭେଣ୍ଟ ଜାତୀୟ ଜୁନିୟର ବୋସିଆ ଚାମ୍ପିୟନଶିପ୍ ଗୁଜରାଟର ଅହମଦାବାଦ୍‌ଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁଯାଉଛି। ଫେବୃଆରୀ ୨ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକ ୧୭ଜଣିଆ ଦଳ ଭାଗନେବ। ଏହି ଦଳରେ ୧୧ ଆଥ୍‌ଲେଟ୍‌ଙ୍କ ସହ କୋଚିଂ ଷ୍ଟାଫ୍ ସାମିଲ ରହିବେ। କୋଚ୍ କୋଲା ଜଗନ୍ନାଥ ରେଡ୍ଡୀ ଓ ମ୍ୟାନେଜର ରାକେଶ ଚନ୍ଦ୍ର ବେହେରା ଦଳ ସହ ଅହମଦାବାଦ୍ ଯାତ୍ରା କରିଛନ୍ତି। ରାଜ୍ୟ ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# କିଟ୍‌ରେ ଆନ୍ତଃଜୋନ୍ ବିଶ୍ୱବିଦ୍ୟାଳୟ ମହିଳା ହକି



ଖେଳାଳିଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ପରସରରେ ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ମହିଳା ହକି ଚାମ୍ପିୟନଶିପ୍ ବୁଧବାର ଆରମ୍ଭ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପଦ୍ମଶ୍ରୀ ସର୍ଦ୍ଦାର ବଳଦେବ ସିଂ, ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ଆକାଂକ୍ଷା ପ୍ରଜାପତି, ଏସ୍.ଏସ୍. ରୟ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୧୬ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଆନ୍ତଃଜୋନ୍ ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୮ଟି ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିବେ। ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଏଥର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ୧୧-୦ ଗୋଲରେ ୟୁନିଭର୍ସିଟି ଅଫ୍ ମହୀଶୂରକୁ ଏବଂ କିଟ୍ ୬-୧ରେ ମାଡ୍ରାସକୁ ହରାଇ ଅଭିଯାନ ଆରମ୍ଭ କରିଛି।

# ସେମିରେ ଜୋକୋଭିଚ-ସିନର

**ମେଲ୍‌ବୋର୍ନ, ୨୮।୧**

ଚଳିତ ବର୍ଷର ପ୍ରଥମ ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସର ପୁରୁଷ ସିଙ୍ଗଲ୍ସରେ ବୁଧବାର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶୁକ୍ରବାର ଖେଳାଯିବାକୁ ଥିବା ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଟେନିସ୍ ଲିଜେଣ୍ଡ ନୋଭାକ ଜୋକୋଭିଚ୍-ଡିଫେଣ୍ଡିଂ ଚାମ୍ପିୟନ ଜାନିକ ସିନର ଓ ୱାର୍ଲ୍ଡ ନଂ-୧ କାର୍ଲୋସ ଅଲ୍‌କାରାଜ-

**ଅଷ୍ଟ୍ରେଲିଆନ୍ ଓପନ**

ତୃତୀୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍ ପରସ୍ପରକୁ ଭେଟିବେ।

ବୁଧବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସିନର ୬-୩, ୬-୪, ୬-୪ ସେଟ୍‌ରେ ଅଷ୍ଟମ ସିଡ୍ ବେନ୍ ଶେଲଟନଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ୩୮ ବର୍ଷୀୟ ଜୋକୋଭିଚ୍ ପ୍ରଥମ ଦୁଇ ସେଟ୍ (୪-୬, ୩-୬)ରେ ପଛୁଆ ରହିଥିବା ବେଳେ ତୃତୀୟ ସେଟ୍ ମଧ୍ୟରୁ ତାଙ୍କ ପ୍ରତିପକ୍ଷ ଖେଳାଳି ଇଟାଲୀର ଲୋରେଞ୍ଜୋ ମୁସେଟି ଇଞ୍ଜୁରି ଯୋଗୁ ମ୍ୟାଚ୍‌ରୁ ଓହରି ଯାଇଥିଲେ।

ମହିଳା ସିଙ୍ଗଲ୍ସରେ ଷଷ୍ଠ ସିଡ୍ ଜେସିକା ପେଗୁଲା ଓ ପୂର୍ବତନ ୱିମ୍ବେଲଡନ୍ ଚାମ୍ପିୟନ ଏଲିନା ରିବାକିନା ସେମିଫାଇନାଲରେ ପରସ୍ପରକୁ ଭେଟିବେ। କ୍ୱାର୍ଟର ଫାଇନାଲରେ ପେଗୁଲା ୬-୨, ୭-୬(୭/୧) ସେଟ୍‌ରେ ଚତୁର୍ଥ ସିଡ୍ ଆମାଣ୍ଡା ଆନିସିମୋଭାଙ୍କୁ ଓ ରିବାକିନା ୭-୫, ୬-୧ ସେଟ୍‌ରେ ୬ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରିଛନ୍ତି।



ମ୍ୟାଚ ଜିତିବାପରେ ଖୁସିରେ ଡେଇଁ ପଡ଼ିଛନ୍ତି ଜାନିକ ସିନର।

## ଆମେ ଟେନିସ୍ ଖେଳାଳି ନା ଚିଡ଼ିଆଖାନା ପଶୁ: ସ୍ୱିଟେକ୍

ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଆମେରିକାର ୨୧ ବର୍ଷୀୟ କୋକୋ ଗଫ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପରାଜିତ ହେବା ପରେ ଲକର ରୁମ୍ ପାଖ ଚଟାଣରେ ନିଜ ରାକେଟ୍‌କୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହେବାପରେ ଖେଳାଳିଙ୍କ ଗୋପନୀୟତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଚର୍ଚ୍ଚାରେ ୬ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଇଗା ସ୍ୱିଟେକ୍ ସାମିଲ ହୋଇଛନ୍ତି।

ଖେଳାଳିଙ୍କ ଗୋପନୀୟତାକୁ ନେଇ ଚର୍ଚ୍ଚା ହେବା ଦରକାର। ଲକର ରୁମ୍‌ଠାରୁ କୋର୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନ କ୍ୟାମେରା କଭରେଜ୍‌ରେ ରହୁଥିବାରୁ ଖେଳାଳିଙ୍କୁ ନିଜ ବିରକ୍ତି ପ୍ରକାଶ କରିବା ପାଇଁ ସ୍ଥାନ ମିଳୁନାହିଁ। ଆମେ ଟେନିସ୍ ଖେଳାଳି ନା ଚିଡ଼ିଆଖାନାର ପଶୁ। କାରଣ ଆମେ କିଛି ବି କଲେ ସେମାନେ ଦେଖୁଛନ୍ତି। ଏହା ଅତିରଞ୍ଜିତ ହୋଇଯାଉଛି। କିନ୍ତୁ ଖେଳାଳିଙ୍କୁ ପ୍ରିଭେସି ଦିଆଯିବା ଭଲ ହେବ। କାରଣ ମୁଁ ମ୍ୟାଚ୍ ଖେଳିବାକୁ କୋର୍ଟକୁ ଯିବା ପୂର୍ବରୁ ପ୍ରାକ୍ଟିସ୍ କରିବାକୁ ପସନ୍ଦ କରେ, ତାହା ପୁଣି ଲୋକଙ୍କଠାରୁ ଦୂରରେ। ଏଣୁ ଖେଳାଳିଙ୍କୁ କିଛି ପ୍ରିଭେସି ଏରିଆ ଦିଆଯିବା ଦରକାର ବୋଲି ସ୍ୱିଟେକ୍ କହିଛନ୍ତି।

# ଅତୀତ ସ୍ମୃତି ଉଜ୍ଜୀବିତ କଲେ ଖେଳାଳି



କିଶୋର କ୍ଲବ୍‌ର ପୁରାତନ ଖେଳାଳି ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ଗତ ତିନି ଦଶନ୍ଧି ଧରି କିଶୋର କ୍ଲବ୍ ପକ୍ଷରୁ ପ୍ରତିନିଧିତ୍ୱ କରି ଫୁଟ୍‌ବଲ ଆରେନାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଖେଳାଳିଙ୍କ ବନ୍ଧୁମିଳନ ନିକଟରେ ୟୁନିଟ୍-୧ସ୍ଥିତ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଖାପାଖି ୧୦୦ ଖେଳାଳି ଏଥିରେ ସାମିଲ ହୋଇଥିଲେ। ଏହି ଖେଳାଳିମାନେ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ଅନେକ ଟ୍ରଫି ହାସଲ କରିବା ସହ ୧୯୯୮ରୁ ୨୦୦୫ ମଧ୍ୟରେ ସର୍ବଭାରତୀୟ ଟୁର୍ନାମେଣ୍ଟରେ ନେପାଳ, ସମସ୍ତିପୁର, ଚକ୍ରଧରପୁର, ଔରଙ୍ଗାବାଦ୍ ଆଦି ସ୍ଥାନରେ ଖେଳି କ୍ଲବ୍ ଲାଗି ସୁନାମ ଅର୍ଜନ କରିଥିଲେ। କ୍ଲବ୍‌ର ଅନେକ ଖେଳାଳି ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫିରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ସିଘୁ ମାରାଣ୍ଡି, ଲକ୍ଷ୍ମଣ ମୁର୍ମୁ ଓ ଇର୍ମାନ୍ ଖାଁଙ୍କ ପରି ଖେଳାଳି ଭାରତୀୟ ୟୁଥ୍ ଏବଂ ସବ୍‌ଜୁନିୟର ଦଳରେ ଭାରତୀୟ ଦଳରୁ ଖେଳିଥିଲେ। ଏହି କ୍ଲବ୍‌ରେ ଖେଳିବା ଦ୍ୱାରା ଅନେକ ଖେଳାଳିଙ୍କ କ୍ୟାରିୟର ବଦଳି ଯାଇଥିଲା। ତେଣୁ ଉପସ୍ଥିତ ଖେଳାଳିମାନେ କିଶୋର କ୍ଲବ୍ ସମ୍ପାଦକ ସୌମ୍ୟରଞ୍ଜନ ପରିଜାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ରାଜେନ୍ଦ୍ର ପ୍ରସାଦ ସିଂ, ସରୋଜ ଦାସ, ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ପୂର୍ବତନ ଖେଳାଳିମାନେ କିଶୋର କ୍ଲବ ସହିତ ସେମାନଙ୍କ ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ। ସଭାପତି ସୁଦାମ ଚରଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଶୋକ କୁମାର ମହାନ୍ତି।


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ